ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୮/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 8/2025 Page 16 ₹ 7.00

୫୧ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 104 ମୂଲ୍ୟ ₹୭/-

DSPL-412



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅନ୍ତର୍ଜାତୀୟ
ମହିଳା ଦିବସ ଅବସରରେ

ସୁଭଦ୍ରା
ଦ୍ୱିତୀୟ କିସ୍ତି

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ପ୍ରାୟ ୧ କୋଟି ହିତାଧିକାରୀଙ୍କୁ
ପାଖାପାଖି ୫ ହଜାର କୋଟି ଟଙ୍କାର
ଆର୍ଥିକ ସହାୟତା ପ୍ରଦାନ

୮ ମାର୍ଚ୍ଚ ୨୦୨୫ | ବ୍ରହ୍ମପୁର



OIPR-33001/13/0079/2425

କୋଟିଏ ମହିଳା ଗୋଟିଏ କଥା,
ସଭିଙ୍କ ମୁହଁରେ ବିକାଶ ଗାଥା

ଘରେ ଘରେ ସୁଭଦ୍ରା

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

# ହାତୀ, ଡ୍ରାଗନକୁ ନଚାଇବା ଏକମାତ୍ର ବିକଳ୍ପ

## ଟ୍ରମ୍ପଙ୍କ ଟାରିଫ୍ ବିରୋଧରେ ଭାରତକୁ ଚାଇନାର ପରୋକ୍ଷ ଆହ୍ୱାନ

ବେଜିଂ/ୱାଶିଂଟନ୍/ନୂଆଦିଲ୍ଲୀ,୭।୩

ହାତୀ ଓ ଡ୍ରାଗନ୍‌କୁ ନୃତ୍ୟ କରାଇ ପରସ୍ପରର ସଫଳତା ପ୍ରତି ଅବଦାନ ହିଁ ଭାରତ-ଚାଇନା ସମ୍ପର୍କ ପାଇଁ 'ଏକମାତ୍ର ଉପଯୁକ୍ତ ବିକଳ୍ପ' ବୋଲି ଶୁକ୍ରବାର ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି। ପୂର୍ବ ଲଦାଖରୁ ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ସୈନ୍ୟ ପ୍ରତ୍ୟାହାର ସହ ୪ ବର୍ଷର ଅଚଳାବସ୍ଥା ଦୂର ପରେ ଦୁଇ ପଡ଼ୋଶୀ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ୟାଙ୍ଗ୍ ଏକ ସକାରାତ୍ମକ ପଦକ୍ଷେପ ବୋଲି ସ୍ୱୀକାର କରିଛନ୍ତି। ସେ ଆହୁରି କହିଛନ୍ତି, ଆମେ ପରସ୍ପରକୁ ଅଣଦେଖା ପରିବର୍ତ୍ତେ ସମର୍ଥନ କରିବା ନେଇ ଅନେକ ବାସ୍ତବ କାରଣ ରହିଛି ବୋଲି ଶାସକ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ପ୍ରଭାବଶାଳୀ ପଲିଟିକାଲ ବ୍ୟୁରୋ ସଦସ୍ୟ ଥିବା ୟାଙ୍ଗ୍ ବେଜିଂରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରତକୁ ଆହ୍ୱାନ ଦେଇଛନ୍ତି। ଚାଇନା ପକ୍ଷରୁ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି, ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ୱାଶିଂଟନ୍ ଓ ବେଜିଂ ପରସ୍ପର ବିରୋଧୀ ବାଣିଜ୍ୟିକ ଯୁଦ୍ଧରେ ନିୟୋଜିତ ରହିଛନ୍ତି। ତେଣୁ ଏହାକୁ ଟ୍ରମ୍ପଙ୍କ ଟାରିଫ୍‌ର ମୁକାବିଲା ପାଇଁ ଭାରତକୁ ଚାଇନାର ପରୋକ୍ଷ ଆହ୍ୱାନ ରୂପେ ବିବେଚନା କରାଯାଉଛି।


ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି

୨୦୨୦ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଏସିଆର ଦୁଇ ଶକ୍ତିଶାଳୀ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷକୁ ନେଇ ସମ୍ପର୍କରେ ଉପୁଜିଥିବା ତିକ୍ତତା ଗତବର୍ଷ ସେନା ପ୍ରତ୍ୟାହାର ସହ ଏକପ୍ରକାର ଦୂର ହୋଇଥିବାବେଳେ ଚାଇନା ପକ୍ଷରୁ ଏପରି ମନ୍ତବ୍ୟ ଆସିଛି। ଗତ ଅକ୍ଟୋବର ୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସାକ୍ଷାତ୍ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ଓ ବିକାଶ ପାଇଁ ଏକ ରଣନୈତିକ ମାର୍ଗଦର୍ଶନ ପ୍ରଦାନ କରିଛି। ସୀମାରେ ଶାନ୍ତି ବଜାୟ ରଖି ବିବାଦର ସମାଧାନ ସକାଶେ ଦୁଇ ପ୍ରାଚୀନ ସଭ୍ୟତା ଭାରତ ଏବଂ ଚାଇନାର ପର୍ଯ୍ୟାପ୍ତ ଜ୍ଞାନ ଓ ସାମର୍ଥ୍ୟ ରହିଛି। ଦ୍ୱିପାକ୍ଷିକ ସମ୍ପର୍କକୁ ଆମେ କେବେହେଲେ ସୀମାକୁ ନେଇ ଉଠୁଥିବା ପ୍ରଶ୍ନରେ ଆବଦ୍ଧ କରି ରଖିବା ଅନୁଚିତ। ଏକାଧିପତ୍ୱ ଓ କ୍ଷମତା ରାଜନୀତି ବିରୋଧରେ ନେତୃତ୍ୱ ନେବା ପାଇଁ ଗ୍ଲୋବାଲ୍ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୂପେ ଭାରତ ଓ ଚାଇନାର ଉତ୍ତରଦାୟିତ୍ୱ ରହିଛି ବୋଲି ପରୋକ୍ଷରେ ଆମେରିକାକୁ ଟାର୍ଗେଟ କରି ୟାଙ୍ଗ୍ କହିଛନ୍ତି। ଚାଇନାର ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବାବେଳେ ନ୍ୟାଶନାଲ ପିପୁଲ୍ସ କଂଗ୍ରେସ ମିଟ୍‌ରେ ସେ କହିଛନ୍ତି, ୨୦୨୫ରେ ଭାରତ ଓ ଚାଇନା କୂଟନୈତିକ ସମ୍ପର୍କକୁ ୭୫ ବର୍ଷ ପୂରିଛି। ସ୍ଥିର ବିକାଶ ସକାଶେ ଭାରତ ସହ କାର୍ଯ୍ୟ କରିବା ପାଇଁ ଚାଇନା ପ୍ରସ୍ତୁତ। ଏସିଆର ଦୁଇ ବୃହତ୍ ଅର୍ଥନୀତି ଏକାଠି ହେଲେ ଅନ୍ତର୍ଜାତୀୟ ସମ୍ପର୍କର ଗଣତାନ୍ତ୍ରିକୀକରଣ ଏବଂ ଗ୍ଲୋବାଲ୍ ସାଉଥ୍‌ର ସୁଦୃଢ଼ୀକରଣ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରିବ।

### ଆମେରିକା-ଚାଇନା ଟାରିଫ୍ ଯୁଦ୍ଧ

ଚାଇନାରୁ ଆମେରିକାକୁ ରପ୍ତାନି ସାମଗ୍ରୀ ଉପରେ ୧୦ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର ଏକ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ନିଶା ସାମଗ୍ରୀରେ ବ୍ୟବହୃତ ଫେଣ୍ଟାନିଲ୍ ରପ୍ତାନି ନିୟନ୍ତ୍ରଣରେ ଚାଇନାର ବିଫଳତା ଯୋଗୁ ଆମେରିକାରେ ସଙ୍କଟ ସୃଷ୍ଟି ହୋଇଥିବା ଦର୍ଶାଇ ହ୍ୱାଇଟ୍ ହାଉସ୍ ଆମଦାନୀ ଶୁଳ୍କରେ ଏହି ବୃଦ୍ଧିକୁ ଏକ ପ୍ରତିଶୋଧମୂଳକ ଟିକସ ଭାବେ ଅଭିହିତ କରିଛି। ଏଥିରେ ଉତ୍କ୍ଷିପ୍ତ ଚାଇନାର ଆମେରିକାସ୍ଥିତ ଦୂତାବାସ ୨୪ ଘଣ୍ଟା ଭିତରେ ଜବାବ ଦେଲା, ଯଦି ଆମେରିକା ଯୁଦ୍ଧ ଚାହେଁ, ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ପ୍ରସ୍ତୁତ ; ତାହା ଟାରିଫ୍ ହେଉ କି ବାଣିଜ୍ୟ ଅଥବା ଆଉ ଯେଉଁ ପ୍ରକାରେ। ଟ୍ରମ୍ପଙ୍କ ଟାରିଫ୍‌କୁ ଜବାବ ଦେବାକୁ ଯାଇ ବେଜିଂ କେତେକ ଆମେରିକୀୟ କୃଷିଜାତ ସାମଗ୍ରୀ ଉପରେ ୧୫% ପର୍ଯ୍ୟନ୍ତ ଟିକସ କଷିଛି, ଯାହାକି ଆସନ୍ତା ସପ୍ତାହରୁ ଲାଗୁ ହେବ। ଏପରି କି ଆମେରିକାର ଟରିଫ୍‌କୁ ଏକତରଫା ଦର୍ଶାଇ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ରେ ମଧ୍ୟ ଚାଇନା ଅଭିଯୋଗ ଦାଖଲ କରିଛି। ଏହା ଡବ୍ଲ୍ୟୁଟିଓର ନିୟମକୁ ଉଲ୍ଲଂଘନ କରିବା ସହ ଚାଇନା-ଆମେରିକାର ଅର୍ଥନୈତିକ ଓ ବାଣିଜ୍ୟିକ ସହଯୋଗର ମୂଳଦୁଆକୁ ନ୍ୟୂନ କରିଦେଇଛି ବୋଲି ବେଜିଂ କହିଛି। ଫେଣ୍ଟାନିଲ୍ ରପ୍ତାନିକୁ ଟାରିଫ୍ ବୃଦ୍ଧି ସକାଶେ ଏକ ଫାଲ୍ତୁ ବାହାନା ବୋଲି କହିଛି। ଡବ୍ଲ୍ୟୁଟିଓ ନିର୍ଦ୍ଦେଶକ ଏନ୍‌ଗୋଜି ଓକୋଞ୍ଜୋ ଶୁକ୍ରବାର ଆମେରିକାର ବାଣିଜ୍ୟିକ ସହଯୋଗୀମାନଙ୍କୁ ଆଲୋଚନା ଜରିଆରେ ୱାଶିଂଟନ୍‌ର ଟାରିଫ୍ ପ୍ରସଙ୍ଗର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି।

## ଭାରତ ଅତ୍ୟନ୍ତ ଉଚ୍ଚ ଟାରିଫ୍ ରାଷ୍ଟ୍ର: ଟ୍ରମ୍ପ


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଭାରତକୁ ପୁଣିଥରେ 'ଅତ୍ୟନ୍ତ ଉଚ୍ଚ ଟାରିଫ୍ ରାଷ୍ଟ୍ର' ରୂପେ ଅଭିହିତ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଭାରତ ଓ ଚାଇନା ସମେତ ଅନ୍ୟ ଦେଶଗୁଡ଼ିକ ଉପରେ ରେସିପ୍ରୋକାଲ ଟାରିଫ୍ (ପାଲଟା ଶୁଳ୍କ) ଆସନ୍ତା ଏପ୍ରିଲ ୨ରୁ ଲାଗୁ ହେବ। ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ଆଉ କେତେକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିବା ଅବସରରେ ଟ୍ରମ୍ପ କହିଛନ୍ତି, କାନାଡା ଆମେରିକୀୟ ଦୁଗ୍ଧ ଉତ୍ପାଦ ଉପରେ ୨୫୦% ଟାରିଫ୍ କଷୁଛି। ଆମେ ସେମାନଙ୍କଠାରୁ କାଠ ଆମଦାନୀ କରିବୁ ନାହିଁ। ନୂଆ ଟାରିଫ୍ ଆମେରିକା ଅର୍ଥନୀତି ପାଇଁ ଗେମ୍ ଚେଞ୍ଜର ହେବାକୁ ଯାଉଛି। ବିଶ୍ୱର ସବୁ ଦେଶ ଆମକୁ ଠକି ଆସିଥିବାରୁ ବର୍ତ୍ତମାନ ସେମାନେ ଆମ ଉପରେ ଯେତେ (୧୫୦-୨୦୦%) ଟିକସ କଷିବେ ଆମେ ମଧ୍ୟ ସେମାନଙ୍କ ଉପରେ ଅନୁରୂପ ଟାରିଫ୍ ଲଗାଇବୁ। ପ୍ରକାଶ ଯେ, ଟ୍ରମ୍ପ ନିଜ ପ୍ରଥମ ଶାସନ କାଳରେ ମଧ୍ୟ ଭାରତକୁ 'ଟାରିଫ୍ ରାଷ୍ଟ୍ର' କହି ସମାଲୋଚନା କରିଥିଲେ।

## ସଂକ୍ଷେପରେ

### ୩ ଦିନିଆ ରିମାଣ୍ଡରେ ରାନ୍ୟା ରାଓ

**ବେଙ୍ଗାଲୁରୁ ଏୟାରପୋର୍ଟ ଏସ୍‌ଓପିରେ ପରିବର୍ତ୍ତନ ହେବ**



ବେଙ୍ଗାଲୁରୁ, ୭।୩ (ପି.ଟି.)

ସୁନା ଚୋରାଚାଲାଣ ମାମଲାରେ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ୩ ଦିନିଆ ରିମାଣ୍ଡରେ ପଠାଯାଇଛି। ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ)ର ଯୁକ୍ତି ପରେ ବେଙ୍ଗାଲୁରୁସ୍ଥିତ ଇକୋନୋମିକ୍ ଅଫେନ୍ସ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାନ୍ୟାଙ୍କୁ ଜେରା ସମୟରେ ଏକ ବଡ଼ ସୁନା ଚୋରାଚାଲାଣ ଗ୍ୟାଙ୍ଗ ସହ ତାଙ୍କ ସମ୍ପର୍କ ସମ୍ବନ୍ଧରେ ଜଣାପଡ଼ିପାରେ ବୋଲି ଡିଆର୍‌ଆଇର ଓକିଲ କହିଥିଲେ। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ପାଇଁ ରହିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)ରେ ବଡ଼ଧରଣର ପରିବର୍ତ୍ତନ କରିବା ପାଇଁ କର୍ଣ୍ଣାଟକ ସରକାର ପ୍ରସ୍ତୁତ ହେଉଛନ୍ତି। ବେଙ୍ଗାଲୁରୁ ଏୟାରପୋର୍ଟର ଏସ୍‌ଓପି ଅନୁଯାୟୀ, ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କ ପରିବାରବର୍ଗଙ୍କୁ ବିମାନବନ୍ଦରରେ ମିଳୁଥିବା 'ପ୍ରୋଟୋକଲ ଷ୍ଟାଫ୍' ସୁବିଧାକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଥିବା କର୍ଣ୍ଣାଟକ ଗୃହ ମନ୍ତ୍ରୀ ଜି. ପରମେଶ୍ୱରା କହିଛନ୍ତି।

### ବାୟୁସେନା ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ

ପଞ୍ଚକୁଲା, ୭।୩

ଭାରତୀୟ ବାୟୁସେନାର ଲଢ଼ୁଆ ବିମାନ ଜାଗୁଆର ଶୁକ୍ରବାର ହରିୟାଣାର ପଞ୍ଚକୁଲା ଜିଲା ଅଧୀନ ପାହାଡ଼ିଆ ଅଞ୍ଚଳ ମୋରନୀସ୍ଥିତ ବାଲଦୱାଲା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଶିକ୍ଷଣ ପାଇଁ ଏହି ଫାଇଟର ବିମାନ ହରିୟାଣାର ଅମ୍ବାଲା ଏୟାରବେସ୍‌ରୁ ଉଡ଼ାଣ କରିଥିଲା। ତେବେ ଦୁର୍ଘଟଣାବେଳେ ପାଇଲଟ ଜଣକ ସୁରକ୍ଷିତ ଭାବେ ପାରାସ୍ୟୁଟରେ ଅବତରଣ କରି ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ଦୁର୍ଘଟଣା ନେଇ ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ତେବେ ବୈଷୟିକ ତ୍ରୁଟି ଯୋଗୁ ଏହି ବିମାନ ଦୁର୍ଘଟଣା ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି।

### ଏନ୍‌ସିଡବ୍ଲ୍ୟୁକୁ କ୍ଷମା ମାଗିଲେ ଆଲ୍ଲାହାବାଦିଆ


ରଣବୀର ଆଲ୍ଲାହାବାଦିଆ

ନୂଆଦିଲ୍ଲୀ, ୭।୩ (ପି.ଟି.)

ୟୁଟ୍ୟୁବ୍ ଶୋ' ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ଚର୍ଚ୍ଚିତ ୟୁଟ୍ୟୁବର୍ ରଣବୀର ଆଲ୍ଲାହାବାଦିଆ ଓ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଶୁକ୍ରବାର ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ)କୁ ଲିଖିତ ଭାବେ କ୍ଷମା ମାଗିଛନ୍ତି। ଏନେଇ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ବିଜୟା ରାହାଟକର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଏହି ମାମଲାର ଅଧିକ ତଦନ୍ତ ପାଇଁ ଶୁକ୍ରବାର ଗୁଆହାଟୀ ପୋଲିସ କ୍ରାଇମବ୍ରାଞ୍ଚ ସମ୍ମୁଖରେ ଆଲ୍ଲାହାବାଦିଆ ହାଜର ହୋଇଛନ୍ତି। ଘଟଣାକୁ ନେଇ ଗୁଆହାଟୀ କ୍ରାଇମବ୍ରାଞ୍ଚ ପୋଲିସ ତାଙ୍କୁ ପରଚାଉଚରା କରିଥିଲା। ଗତ ୧୦ରେ ଗୁଆହାଟୀ ପୋଲିସ ପକ୍ଷରୁ ଆଲ୍ଲାହାବାଦିଆଙ୍କ ନାଁରେ ମାମଲା ରୁଜୁ କରାଯାଇଥିଲା।


ବେଲ୍‌ଜିଅମ୍‌ର ବ୍ରସେଲ୍ସରେ ୟୁକ୍ରେନ୍ ଓ ୟୁରୋପୀୟ ପ୍ରତିରକ୍ଷା ସମ୍ପର୍କରେ ଆଲୋଚନା ପାଇଁ ୟୁରୋପୀୟ ସଂଘ ନେତାଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ୟୁରୋପିଆନ୍ କାଉନ୍‌ସିଲ ପ୍ରେସିଡେଣ୍ଟ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପିଆନ୍ କମିଶନ୍ ଅଧ୍ୟକ୍ଷା ଉର୍ସୁଲା ଭନ୍‌ଡେର୍ ୟେଲେନ୍। ୟୁକ୍ରେନ୍‌କୁ ସାମରିକ ସହାୟତା ବୃଦ୍ଧି ନେଇ ୟୁରୋପୀୟ ନେତାମାନେ ସହମତି ପ୍ରକାଶ କରିଛନ୍ତି।

## ତହଉର ରାଣାଙ୍କ ପ୍ରତ୍ୟର୍ପଣ ପଥ ସୁଗମ

**ଆମେରିକା ସୁପ୍ରିମକୋର୍ଟରେ ସ୍ଥଗିତାଦେଶ ପିଟିଶନ ଖାରଜ**



ୱାଶିଂଟନ୍,୭।୩

୨୬/୧୧ ମୁମ୍ବାଇ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହଉର ରାଣାଙ୍କୁ ପ୍ରତ୍ୟର୍ପିତ କରି ଭାରତକୁ ଆଣିବା ଦିଗରେ ନୂଆଦିଲ୍ଲୀର ପଥ ଏକପ୍ରକାର ସୁଗମ ହୋଇଛି। ପାକିସ୍ତାନୀ ସେନାର ପୂର୍ବତନ ଡାକ୍ତର ରାଣା ନିଜ ପ୍ରତ୍ୟର୍ପଣ ବିରୋଧରେ ଆମେରିକା ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ସେଥିରେ ରାଣା ଧର୍ମ ଓ ସ୍ୱାସ୍ଥ୍ୟ କାର୍ଡ ଖେଳି ଉଲ୍ଲେଖ କରିଥିଲେ, ଜଣେ ମୁସଲମାନ ହୋଇଥିବାରୁ ତାଙ୍କୁ ପ୍ରତ୍ୟର୍ପଣ କରାଗଲେ ଭାରତରେ ସେ ନିର୍ଯାତନା ସହି ନ ପାରି ପ୍ରାଣ ହରାଇବେ। ତେଣୁ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ଜାରି କରାଯାଉ ବୋଲି ଗୁରୁବାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ଭାରତକୁ ପ୍ରତ୍ୟର୍ପଣର ଅର୍ଥ ମୃତ୍ୟୁ ଦଣ୍ଡାଦେଶ ବୋଲି ରାଣା ଉଲ୍ଲେଖ କରିଥିଲେ। ତେବେ ସୁପ୍ରିମକୋର୍ଟ ବିଚାରପତି ଆସୋସିଏଟ୍ ଜଷ୍ଟିସ୍ ଏଲେନା କଗାନ୍ ତାଙ୍କ ଜରୁରୀ ଆବେଦନକୁ ଖାରଜ କରିଦେଇଛନ୍ତି। ପିଟିଶନ ଖାରଜ ହେବା ପରେ ରାଣାଙ୍କ ଓକିଲ ତତ୍କାଳ ପ୍ରଧାନ ବିଚାରପତି ଜନ୍ ରବର୍ଟ୍ସଙ୍କ ନିକଟରେ ଅପିଲ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ ବେଳେ ରାଣାଙ୍କ ପ୍ରତ୍ୟର୍ପଣ ନେଇ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେଠାକାର ପରରାଷ୍ଟ୍ର ବିଭାଗ ମଧ୍ୟ ଏନେଇ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲା। ଏହି ଦୃଷ୍ଟିରୁ ରାଣାଙ୍କ ପ୍ରତ୍ୟର୍ପଣକୁ ଚିଫ୍ ଜଷ୍ଟିସ୍ ମଞ୍ଜୁରୀ ଦେଇପାରନ୍ତି ବୋଲି କୁହାଯାଉଛି।

ପ୍ରକାଶ ଯେ, ୨୦୦୮ ମୁମ୍ବାଇ ଆକ୍ରମଣରେ ୬ ଆମେରିକୀୟଙ୍କ ସମେତ ୧୭୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣର ଷଡ଼ଯନ୍ତ୍ରକାରୀ ଲଷ୍କର ଆତଙ୍କବାଦୀ ଡେଭିଡ୍ କୋଲ୍‌ମ୍ୟାନ୍ ହେଡ୍‌ଲିଙ୍କ ସହ ରାଣାଙ୍କ ସମ୍ପୃକ୍ତି ନେଇ ପୂର୍ବରୁ ଆମେରିକା କୋର୍ଟରେ ଦୋଷ ପ୍ରମାଣିତ ହୋଇସାରିଛି। ୨୦୦୯ରେ ଶିକାଗୋରେ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ତାଙ୍କୁ ଗିରଫ କରିଥିଲା। ରାଣା ବର୍ତ୍ତମାନ ଲସ୍‌ଆଞ୍ଜେଲ୍ସର ମେଟ୍ରୋପଲିଟାନ୍ ଡିଟେନ୍ସନ ସେଣ୍ଟରରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି।

### ଏଲନ୍ ମସ୍କଙ୍କ ପକ୍ଷଚ୍ଛେଦନ କଲେ ଟ୍ରମ୍ପ

**ୱାଶିଂଟନ, ୭।୩:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ପରାମର୍ଶଦାତା ଏଲନ ମସ୍କ ଓ ତାଙ୍କ ଦ୍ୱାରା ପରିଚାଳିତ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପାଇଁ ଏକ ରେଖା ଟାଣିଛନ୍ତି। ଏହାଦ୍ୱାରା ଟ୍ରମ୍ପ ପ୍ରଶାସନରେ ମସ୍କଙ୍କ ଅଧିକାର ସୀମିତ ହୋଇଯାଇଛି। କ୍ୟାବିନେଟ୍ ବୈଠକରେ ଟ୍ରମ୍ପ କହିଛନ୍ତି, ଫେଡେରାଲ ଗଭର୍ନମେଣ୍ଟରେ ମସ୍କ ଏବଂ 'ଡିଓଜିଇ'ର କେବଳ ପରାମର୍ଶଦାତା ଭାବେ ଭୂମିକା ରହିଛି। ବିଭିନ୍ନ ବିଭାଗରେ କର୍ମଚାରୀଙ୍କ ନିଯୁକ୍ତି ଏବଂ ବରଖାସ୍ତ ନେଇ ଏକତରଫା ନିଷ୍ପତ୍ତି ନେବାରେ ମସ୍କଙ୍କର ଭୂମିକା ନାହିଁ।




### ଧରାବୀ ପ୍ରକଳ୍ପ ଉପରେ ରୋକ୍ ଲଗାଇବାକୁ ମନାକଲେ ସୁପ୍ରିମକୋର୍ଟ

ବେଙ୍ଗାଲୁରୁ, ୭।୩

ବିଶ୍ୱର ସର୍ବବୃହତ୍ ବସ୍ତିଗୁଡ଼ିକ ମଧ୍ୟରୁ ଅନ୍ୟତମ ମୁମ୍ବାଇର ଧରାବୀରେ ଚାଲିଥିବା ରିଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟକୁ ନେଇ ସୁପ୍ରିମକୋର୍ଟ ବିଲିୟନେୟାର ବ୍ୟବସାୟୀ ଗୌତମ ଆଦାନୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଆଦାନୀ ଗ୍ରୁପ୍ ଦ୍ୱାରା ପରିଚାଳିତ ଏହି ପ୍ରକଳ୍ପ ଉପରେ ରୋକ୍ ଲଗାଯିବନାହିଁ ବୋଲି ଶୁକ୍ରବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ଧରାବୀ ରିଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟକୁ ମହାରାଷ୍ଟ୍ର ସରକାର ଆଦାନୀ ଗ୍ରୁପ୍‌କୁ ଦେବା ନେଇ କରିଥିବା ନିଷ୍ପତ୍ତିକୁ ଦୁବାଇର ସେକ୍‌ଲିଙ୍କ ଟେକ୍ନୋଲୋଜିସ୍ କମ୍ପାନୀ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ ପ୍ରଥମେ ମହାରାଷ୍ଟ୍ର ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସେକ୍‌ଲିଙ୍କ ଟେକ୍ନୋଲୋଜିସ୍ କମ୍ପାନୀ ପକ୍ଷରୁ କରାଯାଇଥିବା ଆବେଦନକୁ ନେଇ ମହାରାଷ୍ଟ୍ର ସରକାର ଓ ଆଦାନୀ ପ୍ରପର୍ଟିଜ୍ ପ୍ରାଇଭେଟ ଲିମିଟେଡ୍‌କୁ ଜବାବ ମାଗିଛନ୍ତି।

### ଫ୍ଲାଇଟରେ ଉଲଗ୍ନ ହେଲେ ମହିଳା

ୱାଶିଂଟନ, ୭।୩

ଆମେରିକାର ହ୍ୟୁଷ୍ଟନ୍‌ସ୍ଥିତ ଏୟାରପୋର୍ଟ ରନ୍‌ୱେରୁ ଶୁକ୍ରବାର ସାଉଥ୍ ୱେଷ୍ଟ ଏୟାରଲାଇନ୍ସର ଏକ ବିମାନ ଟେକ୍ ଅଫ୍ କରୁଥିବା ସମୟରେ ଜଣେ ମହିଳା ଯାତ୍ରୀ ଓହ୍ଲାଇବା ପାଇଁ ଜିଦ୍‌ରେ ଉଲଗ୍ନ ହୋଇ ହଙ୍ଗାମା କରିଥିଲେ। ସେ ଚିତ୍କାର କରି ବିମାନର କ୍ରିଡ ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ମହିଳାଙ୍କର ଏହି ହାଇଭୋଲଟେଜ୍ ଡ୍ରାମା ୨୫ ମିନିଟ ଧରି ଚାଲିଥିଲା। ସ୍ଥିତି ବିଗିଡ଼ିବାରୁ ବିମାନଟିକୁ ପୁନର୍ବାର ହ୍ୟୁଷ୍ଟନ ଏୟାରପୋର୍ଟକୁ ଫେରିବାକୁ ପଡ଼ିଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା।

## ଫୁରସତ୍

### ବୟସ୍କା ସେଲୁନ୍ ମାଲିକ @୧୦୮

**ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ**


ଟୋକିଓ

ଜାପାନର ପୂର୍ବବର୍ତ୍ତୀ ଟୋଚିଗି ରାଜ୍ୟ ନାକାଗାୱା ସହରରେ ୧୦୮ ବର୍ଷୀୟା ମହିଳା ଶିତ୍‌ସୁଇ ହାକୋଇଶି ବିଶ୍ୱର ସବୁଠାରୁ ବୟସ୍କ କାର୍ଯ୍ୟରତ ମହିଳା ବାରିକ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ପାଇଛନ୍ତି। ଗୁରୁବାର ନାକାଗାୱା ସହରରେ ଥିବା ହାକୋଇଶିଙ୍କ ସେଲୁନରେ ଜିଡବ୍ଲ୍ୟୁଆର୍‌ର ଅଧିକାରୀମାନେ ତାଙ୍କୁ ସବୁଠାରୁ ବୟସ୍କ ମହିଳା ବାରିକ ଭାବେ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ମୁହୂର୍ତ୍ତକୁ ହାକୋଇଶିଙ୍କ ନିୟମିତ ଗ୍ରାହକ ଏବଂ ସ୍ଥାନୀୟ ଲୋକେ ମିଶି କେକ୍ କାଟି ସେଲିବ୍ରେଟ୍ କରିଥିଲେ। ସେହିପରି ଏହି ବିଶେଷ ମୁହୂର୍ତ୍ତ ପାଇଁ ହାକୋଇଶିଙ୍କ ସେଲୁନକୁ ବିଭିନ୍ନ ପ୍ରକାର ଫୁଲରେ ସଜାଯାଇଥିଲା।


ନିଜ ସେଲୁନ୍‌ରେ ଶିତ୍‌ସୁଇ ହାକୋଇଶି।

୧୯୧୬ରେ ହାକୋଇଶି ନାକାଗାୱାରେ ଜନ୍ମ ଗ୍ରହଣ କରିଥିଲେ। ୧୯୩୬ରେ ମାତ୍ର ୨୦ ବର୍ଷ ବୟସରେ ସେଲୁନ ଖୋଲିବା ପାଇଁ ତାଙ୍କୁ ଲାଇସେନ୍ସ ମିଳିଥିଲା। ତାଙ୍କ ସ୍ୱାମୀ ମଧ୍ୟ ଜଣେ କେଶ କଟାଳି ଥିଲେ। ସେ ସ୍ୱାମୀଙ୍କ ସହ ମିଶି ଜାପାନର ରାଜଧାନୀ ଟୋକିଓରେ ନିଜ ପ୍ରଥମ ସେଲୁନ ଖୋଲିଥିଲେ। ତେବେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବେଳେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାସହ ସେ ନିଜ ଦୋକାନ ମଧ୍ୟ ହରାଇଥିଲେ। ଫଳରେ ହାକୋଇଶି ନିଜ ବାପଘର ନାକାଗାୱାକୁ ଫେରି ଆସିଥିଲେ। ସେ ନାକାଗାୱାରେ ନୂତନ ସେଲୁନ ଆରମ୍ଭ କରି ନିଜ ୨ ପିଲାଙ୍କ ଲାଳନ ପୋଷଣ କରିଥିଲେ। ଏହି ସେଲୁନ ବର୍ତ୍ତମାନ ମଧ୍ୟ ଚାଲିଛି। ଜିଡବ୍ଲ୍ୟୁଆର୍‌ରେ ସ୍ଥାନ ପାଇ ହାକୋଇଶି କହିଛନ୍ତି, ନିଜ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ତାଙ୍କୁ ଆଶ୍ୱସ୍ତି ମିଳିଥାଏ। ଏହି ସମୟକୁ ସେ ଖୁବ୍ ଉପଭୋଗ କରିଥାନ୍ତି। ତେଣୁ ବର୍ତ୍ତମାନ ସେ ଏହି ସେବାରୁ ନିବୃତ୍ତ ରହିବା ନେଇ ଚିନ୍ତା କରିନାହାନ୍ତି ବୋଲି ହାକୋଇଶି କହିଛନ୍ତି। ଯେପର୍ଯ୍ୟନ୍ତ ତାଙ୍କ ସେଲୁନକୁ ଗ୍ରାହକ ଆସୁଥିବେ, ସେଯାଏ ସେ ସେମାନଙ୍କୁ ସେବା ପ୍ରଦାନ କରି ଚାଲୁଥିବେ ବୋଲି ଏହି ବୟସ୍କା କେଶ କଟାଳି କହିଛନ୍ତି। ପ୍ରକାଶ ଯେ, ୨୦୨୧ ମାର୍ଚ୍ଚରେ ଟୋକିଓ ଅଲିମ୍ପିକ୍ସ ପାଇଁ କରାଯାଇଥିବା ମଶାଲ ରିଲେରେ ଅଂଶଗ୍ରହଣ କରିବାକୁ ହାକୋଇଶିଙ୍କୁ ସୁଯୋଗ ମିଳିଥିଲା।

### 'ସ୍ତ୍ରୀ ୨'ର ରେକର୍ଡ ଭାଙ୍ଗିଲା 'ଛାବା'


ଭିକି କୌଶଲ

ମୁମ୍ବାଇ

ଗତ ୧୪ ତାରିଖରେ ରିଲିଜ୍ ହୋଇଥିବା ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ 'ଛାବା' ଫିଲ୍ମର ବ୍ୟବସାୟ ବିଶ୍ୱବ୍ୟାପୀ ୬୫୦ କୋଟି ଟଙ୍କା ଟପିଛି। ରିଲିଜ୍ ହେବାର ୩ ସପ୍ତାହ ବିତିଯିବା ପରେ କେବଳ ଭାରତୀୟ ସିନେମା ହଲ୍‌ଗୁଡ଼ିକରୁ ଏହି ଫିଲ୍ମର ରୋଜଗାର ୫୦୦ କୋଟିର ନିକଟତର ହୋଇଛି। ତୃତୀୟ ସପ୍ତାହରେ ଏହି ଫିଲ୍ମ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ 'ସ୍ତ୍ରୀ ୨' ଫିଲ୍ମ ଏବଂ ଅଭିନେତା ପ୍ରଭାସଙ୍କ 'ବାହୁବଳୀ ୨' ଫିଲ୍ମକୁ ପଛରେ ପକାଇଛି।

ଟ୍ରେଡ୍ ଆନାଲିଷ୍ଟ ତରୁଣ ଆଦର୍ଶ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, ରିଲିଜ୍ ହେବାର ତୃତୀୟ ସପ୍ତାହରେ 'ଛାବା' ଫିଲ୍ମ ୨ଟି ବଡ଼ ଫିଲ୍ମର ରେକର୍ଡକୁ ପଛରେ ପକାଇଛି। 'ସ୍ତ୍ରୀ ୨' ଫିଲ୍ମ ତୃତୀୟ ସପ୍ତାହରେ ଭାରତୀୟ ବକ୍ସ ଅଫିସରୁ ୭୨.୮୩ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ 'ବାହୁବଳୀ ୨' ଫିଲ୍ମ ସମାନ ଅବଧି ମଧ୍ୟରେ ନିଜ ହିନ୍ଦୀ ଭର୍ସନରୁ ୬୯.୭୫ କୋଟି ଟଙ୍କା ସଂଗ୍ରହ କରିଥିଲା। ତେବେ 'ଛାବା' ଫିଲ୍ମ ରିଲିଜ୍ ହେବାର ତୃତୀୟ ସପ୍ତାହରେ ୮୪.୯୪ କୋଟି ଟଙ୍କା ସଂଗ୍ରହକରି ଏହି ୨ ଫିଲ୍ମର ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୮/୨୦୨୫ Bhubaneswar, Saturday, March 8/2025

# ଏଫ୍‌ଆଇଆର୍ ଗ୍ରହଣ ନ କଲେ ସସ୍‌ପେଣ୍ଡ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୩
(ସୂର୍ଯ୍ୟକାନ୍ତ ବେହେରା)

**୧୫ ଥାନାର ନୂତନ ଗୃହ ଉଦ୍‌ଘାଟିତ**

ଅନେକ ସମୟରେ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ଏତଲା କପିକୁ ପୋଲିସ ଅବହେଳା କରି ରଖି ନ ଥାଏ। ଏପରିକି ଦୁର୍ବ୍ୟବହାର ମଧ୍ୟ କରିଥାନ୍ତି। ଫଳରେ ସାଧାରଣ ଲୋକେ ନ୍ୟାୟରୁ ବଞ୍ଚିତ ହୋଇ ବହୁ ହଇରାଣ ହୋଇଥାନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ଥିବା ସମୟରେ ୨୦୧୯ରୁ ୨୦୨୪ ମଧ୍ୟରେ ☞ପୃଷ୍ଠା–୯

## ଆଜି ସୁଭଦ୍ରାର ଦ୍ୱିତୀୟ କିସ୍ତି ପାଇବେ ୧କୋଟି ୬୪ ହଜାର ହିତାଧିକାରୀ

ଭୁବନେଶ୍ୱର, (ବନ୍ଦନା ସେଠୀ)/
ଛତ୍ରପୁର, ୭।୩ (ସନ୍ତୋଷ ପାଢ଼ୀ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶନିବାର ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା। ପାଞ୍ଚଟି ପର୍ଯ୍ୟାୟରେ ମୋଟ ୧କୋଟି ୬୪ ହଜାର ମହିଳା ପ୍ରଥମ କିସ୍ତି ପାଇଥିବାବେଳେ ଶନିବାର ଗୋଟିଏ ଦିନରେ ସମସ୍ତ ହିତାଧିକାରୀଙ୍କ ଖାତାକୁ ଦ୍ୱିତୀୟ କିସ୍ତି ଟଙ୍କା ଯିବ। ଗଞ୍ଜାମ ଜିଲାର ବ୍ରହ୍ମପୁର ବିବେକ ବିହାରଠାରେ ☞ପୃଷ୍ଠା–୯

**ଆଜିର ସମ୍ପାଦକୀୟ**

ପୁରୁଣା ମାମଲାରେ ଏଫ୍‌ଆଇଆର୍












# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୱାକାଥନ, ସ୍ଥାନ: ମେଫେୟାର, ସମୟ: ସକାଳ ୬ଟା ୩୦।
- ଆଲିଶା ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପଦଯାତ୍ରା, ସ୍ଥାନ: ପ୍ଲଟ ନଂ. ୧୨୯୪, ସିଆର୍‌ପି ଛକ, ସମୟ: ସକାଳ ୭ଟା।
- ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ହସ୍ତତନ୍ତ ପଦଯାତ୍ରା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ସକାଳ ୭ଟା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ହାଇଟେକ ମେଡିକାଲ ଓ ହସ୍ପିଟାଲ ଅଡିଟୋରିୟମ, ସ୍ଥାନ: ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ, ସମେଇଗାଡ଼ିଆ, ମଞ୍ଚେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା କଂଗ୍ରେସ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ଶାନ୍ତିଧାମ ଫାଉଣ୍ଡେଶନ , ସ୍ଥାନ: ଗୀତଗୋବିନ୍ଦ ଭବନ, ଦି ଓଡ଼ିଶା ଓମେନ୍‌ସ ଆସୋସିଏଶନ ଫର୍ ଦି ଭିଜୁଆଲି ହ୍ୟାଣ୍ଡିକାପ୍‌ଡ, ସ୍ଥାନ: ବୁଦ୍ଧ ବିହାର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ଓ ସଭା, ସ୍ଥାନ: ଏଆଇଏସ୍‌ଏଫ୍ କାର୍ଯ୍ୟାଳୟ, ୟୁନିଟ୍-୬, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସିଆଇଟିୟୁ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ସିପିଏମ୍ ପାର୍ଟି ଅଫିସ ପ୍ରାଙ୍ଗଣ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ସୋସାଇଟି ଫର୍ ନେଚର, ଏଡୁକେଶନ ଆଣ୍ଡ ହେଲ୍‌ଥ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଅର୍ଗାନାଇଜେଶନ ପରିସର, ମେଫେୟାର ନଗର, ସାଲିଆ ସାହି, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ଟା।
- ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଙ୍ଗଠନ ଓ ଘରୋଇ ମହିଳା ଶ୍ରମିକ ୟୁନିଅନ ପକ୍ଷରୁ ଆଲୋଚନା ସଭା, ସ୍ଥାନ: ଇନକିଲାବ ଭବନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଏଏଏଫ୍‌ଏସ୍‌ଏ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅନନ୍ୟା ଅତୁଳନୀୟା ୨.୦ କାର୍ଯ୍ୟକ୍ରମ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ଖାରବେଳ ନଗର, ସମୟ: ଅପରାହ୍ନ ୪ଟା।
- ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: କନ୍‌ଭେନଶନ ସେଣ୍ଟର, ଲୋକସେବା ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ଅପରାହ୍ନ ୫ଟା।
- ଆରୋହଣର ୩୩ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାର୍ଷିକ ସାଂସ୍କୃତିକ ଓ ଶୈକ୍ଷିକ ମହୋତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: କଟକ ଦେଓ୍ୱାନୀ ଅଦାଲତ ପରିସର, ସମୟ: ପୂର୍ବାହ୍ନ ୧୦ଟା। ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରେଭେନ୍‌ଶା ରେଡ଼ିଓ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ବିଜେଡି ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଗାନ୍ଧୀ ସ୍ମୃତି ପଡ଼ିଆ, ନିଜିଗଡ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଭୀପ୍‌ସା ଓ ସୁଲତା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀଭବନ, ସମୟ : ଅପରାହ୍ନ ୪ଟା।
- ରେବା ରାଓ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ-ସାହିତ୍ୟ ଲେଖକ ସମାବେଶ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ମେରିଆ ବଜାରସ୍ଥିତ ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: କଟକ ଟାଉନ୍ ହଲ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ମହିଳା ଦିବସ ଅବସରରେ ପଦଯାତ୍ରା, ସ୍ଥାନ: ସମବାୟ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦।
- ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା।
- କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ସଂଘ ପକ୍ଷରୁ ଫଳ ବଣ୍ଟନ, ସ୍ଥାନ: ସଂକ୍ରାମକ ଚିକିତ୍ସାଳୟ, ରେଡ୍‌କ୍ରସ ରୋଡ, ସମୟ: ସକାଳ ୯ଟା।
- ଦି ବେଲ ପକ୍ଷରୁ ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ବିଆଇ ହଲିଡେ ହୋମ, ଭିଆଇପି ରୋଡ, ସମୟ: ସକାଳ ୯ଟା।
- ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର, ସ୍ଥାନ: ମହାବିଦ୍ୟାଳୟ ପରିସରସ୍ଥ ଓଡ଼ିଆ ବିଭାଗ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ମ୍ୟୁନିସିପାଲଟି ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ପୌର ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଲୋଚନାଚକ୍ର ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୫ଟା।
- ମହାତ୍ମା ଗାନ୍ଧୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା

- ଟାଉନ ପୋଲିସ ପକ୍ଷରୁ ଆମ ପୋଲିସ ସମନ୍ୱୟ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ବାସନ୍ତୀ ଦେବୀ ପାଠାଗାର, ଜେଲରୋଡ୍, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ଶ୍ରୀଭଗବତ ବାସୁଦେବଙ୍କ ବାର୍ଷିକ ମେଳା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ସାନପଲ୍ଲା, ଭାଲିଆବାଡ଼ି, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।

## ଭଦ୍ରକ

- ଅନ୍ତର୍ଜାତୀୟ ମହିଳାଦିବସ ପାଳନ ଓ ପଦଯାତ୍ରା, ସ୍ଥାନ: ଡିଆର୍‌ସିଏସ୍ ଅଫିସ, ବାଇପାସ, ଭଦ୍ରକ, ସମୟ: ସକାଳ ୭ଟା।
- ଜନଔଷଧି ଦିବସ ପାଳନ, ସ୍ଥାନ: ଜନଔଷଧି କେନ୍ଦ୍ର, କଚେରୀ ବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: କାଳି ପଡିଆ, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ ସକାଳ ୮ଟା।
- ମୟୂରଭଞ୍ଜର ଅନାଲୋଚିତ ମୁକ୍ତି ସଂଗ୍ରାମର ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ରୋଟାରି କ୍ଲବ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ସୁଭଦ୍ରା ୨ୟ କିସ୍ତିର ଶୁଭାରମ୍ଭ, ସ୍ଥାନ: ବିବେକ ବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଗଞ୍ଜାମ

- ବିଶ୍ୱ ମହିଳା ଦିବସ, ସ୍ଥାନ: ମିଶନ ଶକ୍ତି ଭବନ ଗୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଲୋକ ଅଦାଲତ, ସ୍ଥାନ: ଭଞ୍ଜନଗର କୋର୍ଟ ପରିସର, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ବାଲିଗୁଡା ବନବାସୀ ସେବା ସମିତି ପରିସର, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ନୌବାଣିଜ୍ୟ ସେଣ୍ଟର, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଜଗତଗୁରୁ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଗହ୍ମାଶିଖର, ଡେରା, ରାଜନଗର, ସମୟ: ସକାଳ ୬ଟା।

## ଯାଜପୁର

- ଯାଜପୁର ଜିଲା ମହୋତ୍ସବ-୨୦୨୫ର ଦ୍ୱିତୀୟ ଦିବସରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ରୋଡ ଏନ.ସି ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପଦଯାତ୍ରା, ସ୍ଥାନ: ନୟାଗଡ଼ ତ୍ରିନାଥ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା୧୫।

## ରାୟଗଡ଼ା

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଓ କର୍ମଶାଳା, ସ୍ଥାନ: ଜିଲା ପରିଷଦ କନ୍‌ଫରେନ୍ସ ହଲ୍, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା।

## ସମ୍ବଲପୁର

- ଜିଲାପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ , ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ବଣ୍ଟନ ଉତ୍ସବ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦।

## ରାଉରକେଲା

- ଆରାଧ୍ୟା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଜଗଦା ଲୋକନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ବିରଜାପାଲୀ ନୂତନ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଡାହିଜିରା ଅମାତ ପଡା, ସମୟ: ସକାଳ ୯ଟା ୩୦।

## ବରଗଡ଼

- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କନକବିରା, ଭଟଲି, ସମୟ: ସକାଳ ୮ଟା।
- ସୁଭଦ୍ରା ଯୋଜନା ସହାୟତା ବଣ୍ଟନ ସମାରୋହ,ସ୍ଥାନ: ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼,ସମୟ:ସକାଳ ୯ଟା।

## କଳାହାଣ୍ଡି

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦। ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଆର୍ନ୍ତଜାତିକ ମହିଳା ଦିବସ ପାଳନ,ସ୍ଥାନ: କଚେରୀ ଖେଳ ପଡ଼ିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଢାମାଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: କଣ୍ଢାମାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସନ୍ଧ୍ୟା ୭ଟା

## ଦେବଗଡ଼

- ସୁଭଦ୍ରା ଅଧୀନରେ ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ଦେବଗଡ଼, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ବାଲ୍ମୀକି ରାମାୟଣ ପାରାୟଣ,ସ୍ଥାନ: ଭାଲୁଢୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା ,ସ୍ଥାନ: ଟିକିରାପଡ଼ା, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ ଟା।

## ନୂଆପଡ଼ା

- ୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ତୁକଳା ଗାଁ, ସମୟ: ସକାଳ ୮ଟା।
- ଆନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ଥଣ୍ଡା କାଶ ଭୁତାଣୁ ଜନିତ ରୋଗ ନିମନ୍ତେ ପ୍ରାଥମିକ ଚିକିତ୍ସା, ସ୍ଥାନ: କପିଳାସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ମାସିକ ବାଲ୍ମୀକିରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ଯୋଜନା କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପରୁ ଶୁଭଫଳ ମିଳିବ। ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବା ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତି ଦେଖାଦେଇପାରେ।

**ବୃଷ** ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ କରିବେ ନାହିଁ। ସ୍ଥଗିତ କାମକୁ ଅନ୍ୟମାନଙ୍କ ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ମୃଗଶିରା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ଆଶା ରହିଛି। ସାମାଜିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ** ବନ୍ଧୁଙ୍କ ସହଯୋଗ ଲାଭକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧ ପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ଆଶଙ୍କା ରହିଛି। ପୁନର୍ବସୁ ନକ୍ଷତ୍ର ବାଣିଜ୍ୟ ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ** ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବାରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିଛକୁ ସତ ମନେକରି ଭୁଲ୍ ମାର୍ଗ ଅନୁସରଣ କରିବା ଦ୍ୱାରା ପଶ୍ଚାତ୍ତେ ଅନୁତପ୍ତ କରିବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ଶିକ୍ଷା, ଗବେଷଣା, ପରୀକ୍ଷାରେ ସଫଳତା ହାସଲ କରିବେ।

**ସିଂହ** ନିଜର ଚେଷ୍ଟା ଓ ସାମର୍ଥ୍ୟରୁ ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସି ରହିବେ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମନାନ୍ତର ଦେଖାଦେବ ମାତ୍ର ପରିବହନ ସେତେଟା ସନ୍ତୋଷଜନକ ହେବନାହିଁ। ପୂର୍ବାଫାଲଗୁନୀ ନକ୍ଷତ୍ରର ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଂକଟଜନକ ସ୍ଥିତି ଉପୁଜିପାରେ।

**କନ୍ୟା** ଦୀର୍ଘଦିନର ଆଶା ପୂରଣ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସମର୍ଥନ ପାଇବେ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ରର ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** କର୍ମକ୍ଷେତ୍ରରେ କିଛି ନୂଆ କରିବାକୁ ଚିନ୍ତାକରି ପାରନ୍ତି। ଆଧ୍ୟାତ୍ମିକତା ତଥା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିୟୋଜିତ ହେଲେ ପ୍ରଶଂସିତ ହେବେ। ଅନ୍ୟମାନଙ୍କ ବାରମ୍ବାର ତାଗିଦା ଫଳରେ ବିବାଦୀୟ ସ୍ଥିତିରୁ ନିବୃତ୍ତ ରହିବେ। ବିଶାଖା ନକ୍ଷତ୍ର ସକାଶେ କଳା, ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ସୁନାମ ମିଳିବାର ସୂଚନା ରହିଛି।

**ବିଛା** ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅଧିକାଂଶ ସମୟ ଘର ନିକଟରୁ ଦୂରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଅନୁରାଧା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟାରେ ପଡ଼ିପାରନ୍ତି। ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବାର ଆଶା ରହିଛି।

**ଧନୁ** ଶୁଭେଚ୍ଛୁଙ୍କ ଅନୁକମ୍ପା ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟିରେ ସହାୟକ ହେବ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଯୋଗୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବ। ମୂଳା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।


**ମକର** ବନ୍ଧୁଙ୍କ ଅନୁରୋଧରେ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ । ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ପରିବାରରେ ଅସାବଧାନତାବଶତଃ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ଆନୁଷ୍ଠାନିକ କାର୍ଯ୍ୟରେ ପ୍ରତିବନ୍ଧକ ଦୂରେଇଯିବାର ସମ୍ଭାବନା ରହିଛି।

**କୁମ୍ଭ** କିଛି ଭଲ ଓ କିଛି ମନ୍ଦ ମଧ୍ୟରେ ଦିନଟି କଟିବ। ବ୍ୟବସାୟରେ ଶିଥିଳତା ଦେଖାଦେବା ସାଙ୍ଗକୁ ରପ୍ତାନି ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଶତଭିଷା ନକ୍ଷତ୍ରର ଆର୍ଥିକ ଉନ୍ନତି, ନୂତନ କର୍ମାରମ୍ଭ ଓ କିଛି ପ୍ରାପ୍ୟ ହାତପଇଠ ହୋଇପାରେ ।

**ମୀନ** ଆଜି ଆପଣ ଯାହାକୁ ଯାହା କହିବେ କିମ୍ବା କରିବେ ତାହା ସମସ୍ତ ଆପଣଙ୍କ ବିପକ୍ଷରେ ଯାଇପାରେ। ଉତ୍ତରଭାଦ୍ର ନକ୍ଷତ୍ର ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ।

ଆଜି ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ଫାଲ୍‌ଗୁନ ଶୁକ୍ଳ ନବମୀ ଯୁକ୍ତ ଦଶମୀ, ଶନିବାର। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୯ ମି. ଗତେ ୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୧ ଗତେ ଘ.୧୦।୨୯ ମଧ୍ୟେ ରାହୁ କାଳ।

# ଅନ୍ତର୍ଜାତୀୟ ମହିଳା ଦିବସ



# ସମର୍ଥ

ଆଜି ଅନ୍ତର୍ଜାତୀୟ ମହିଳା ଦିବସ। ଏହି ଅବସରରେ ନିଜସ୍ୱ ପ୍ରଚେଷ୍ଟା ବଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଆଉ ଅନେକଙ୍କୁ ରୋଜଗାର ଦେବାରେ ସମର୍ଥ ହୋଇଥିବା କେତେକ ମହିଳାଙ୍କ ସମ୍ପର୍କରେ ପ୍ରତିବେଦନ।

## ପରିଚୟ ଦେଇଛି ପିଲା ଦିନର ଆଗ୍ରହ

ପିଲାବେଳେ କଳା ଏବଂ ହସ୍ତଶିଳ୍ପ ପ୍ରତି ତାଙ୍କର ଥିଲା ଅହେତୁକ ଆଗ୍ରହ। ମାଟି, ବାଉଁଶ, ଅଦରକାରୀ କପଡା ଇତ୍ୟାଦି ବ୍ୟବହାର କରି ପୋଷାକ, ଅଳଙ୍କାର ତିଆରି କରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେହି କାର୍ଯ୍ୟ ତାଙ୍କୁ ଆଣି ଦେଇଛି ପ୍ରତିଷ୍ଠା। ତାଙ୍କ ପ୍ରସ୍ତୁତ ସାମଗ୍ରୀର ଚାହିଦା ଦେଶ ବିଦେଶରେ ରହିଥିବାବେଳେ ସେ ଏହି କାର୍ଯ୍ୟରେ କେତେଜଣଙ୍କୁ ରୋଜଗାରକ୍ଷମ ହେବାର ବାଟ ଦେଖାଇଛନ୍ତି। ସେହି ମହିଳା ଜଣକ ହେଲେ ପ୍ରିୟଦର୍ଶିନୀ ଦାସ। କଟକରେ ଜନ୍ମିତା ପ୍ରିୟଦର୍ଶିନୀଙ୍କ ପାଇଁ ଏହି ସବୁ କଳା, ହସ୍ତଶିଳ୍ପ କାର୍ଯ୍ୟଲାଗି ତାଙ୍କ ମା' କଲ୍ୟାଣୀ ଦାସ ଥିଲେ ମାର୍ଗଦର୍ଶିକା। ବାପା ଅମ୍ବୁଜ କୁମାର ଦାସ ମଧ୍ୟ ତାଙ୍କୁ ଉତ୍ସାହିତ କରିଥିଲେ। ଏ ସମ୍ପର୍କରେ ପ୍ରିୟଦର୍ଶିନୀ ପିଲାବେଳେ ଏହି ଉତ୍ପାଦଗୁଡ଼ିକ ପାଇଁ ପ୍ରଶଂସା ମିଳୁ ନ ଥିଲେ ବି ଏହାର ପ୍ରସ୍ତୁତିରୁ ବିରତ ହୋଇନଥିଲି। କଲେଜରେ ପଢୁଥିବାବେଳେ ବହୁତ ଆପ୍ଲିକ କାମ କରୁଥିଲି। ବିବାହ ପରେ, ଏସବୁ କାମରୁ ଆଗ୍ରହ କମିବାକୁ ଲାଗିଲା। ଯେତେବେଳେ ଲୋକେ ସ୍ଥାୟୀ ଫ୍ୟାଶନ ବିଷୟରେ କଥାବାର୍ତ୍ତା ଆରମ୍ଭ କଲେ, ମୋର ସ୍ୱାମୀ ଡ. ବିନୟ ଜେନା ମୋତେ ପୁଣି କାମ ଆରମ୍ଭ କରିବାକୁ କହିଲେ। ସେ ହୁଏତ ମୋ କାମର ଗୁରୁତ୍ୱ ବିଳମ୍ବରେ ବୁଝିପାରିଥିଲେ। ୨୦୧୭ରେ ପୁଣି ଏହି କାର୍ଯ୍ୟ ଆରମ୍ଭ କଲି। ମୋର ପରିବେଶ ଅନୁକୂଳ ଅଳଙ୍କାର ଏବଂ ଆସେସରିଜ୍ ବିଷୟରେ ଧୀରେ ଧୀରେ ଲୋକେ ଜାଣିବାକୁ ପାଇଲେ। କର୍ପୋରେଟ୍, ଏନ୍‌ଜିଓ ଏବଂ ବିଭିନ୍ନ ପ୍ରତିଷ୍ଠାନଗୁଡ଼ିକ ମୋତେ ତାଲିମ ଦେବା ପାଇଁ ନିମନ୍ତ୍ରଣ କରିବା ଆରମ୍ଭ କଲେ। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ସମେତ ଜାପାନ, କାନାଡା, ଆମେରିକା, ୟୁକେ ଏବଂ ଜର୍ମାନୀରୁ ଅର୍ଡର ପାଇ କାମ କଲି। ଏହା ମୋତେ ସୁବର୍ଣ୍ଣ ଘାସ, ଡୋକ୍ରା, ଅଳିଆ କାଠ, ବାଉଁଶ, ଓଡ଼ିଶା ହସ୍ତତନ୍ତ କପଡ଼ା, ବିଭିନ୍ନ ପ୍ରାକୃତିକ ବିହନ ଏବଂ ପ୍ରାକୃତିକ ରଙ୍ଗ ଭଳି ନୂତନ ସାମଗ୍ରୀ ଉପରେ ଆହୁରି ପରୀକ୍ଷଣ କରିବାକୁ ଉତ୍ସାହିତ କରିଥିଲା। ପରବର୍ତ୍ତୀ ସମୟରେ ଜୀବିକା ନିର୍ବାହ ପାଇଁ ସଂଘର୍ଷ କରୁଥିବା ଗ୍ରାମୀଣ ଏବଂ ଆଦିବାସୀ ମହିଳାଙ୍କୁ ତାଲିମ ଦେବାକୁ ନିଷ୍ପତ୍ତି ନେଲି। ଏପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୩୫୦ରୁ ଅଧିକ ମହିଳାଙ୍କୁ ତାଲିମ ଦେଇଛି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏହି ସବୁଜ କୌଶଳ ମାଧ୍ୟମରେ ରୋଜଗାରକ୍ଷମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏବେ ଅନେକ ପ୍ରଶିକ୍ଷକ ମଧ୍ୟ ହୋଇଛନ୍ତି। ବର୍ତ୍ତମାନ ମୋର ଭୁବନେଶ୍ୱରସ୍ଥିତ ପଟିଆରେ ନିଜସ୍ୱ କର୍ମଶାଳା ଏବଂ ଏକ ପ୍ରଦର୍ଶନ ୟୁନିଟ୍ ଅଛି। ଯେଉଁଠାରେ ୭ ଜଣ କାମ କରୁଛନ୍ତି । ଭବିଷ୍ୟତରେ ଏହାକୁ ଏକ ଆଧୁନିକ ୟୁନିଟ୍‌ରେ ପରିଣତ କରିବାର ଯୋଜନା ଅଛି । ଏଥିସହିତ ଆବଶ୍ୟକ କରୁଥିବା ମହିଳାମାନଙ୍କୁ ଦକ୍ଷତା ତାଲିମ ଦେବାଲାଗି ଯୋଜନା ରଖିଛି।



ପ୍ରିୟଦର୍ଶିନୀ ଦାସ

**-ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର**

## ଅନନ୍ୟ ପ୍ରେରଣା ଅନୀତା ବାଗ

ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇବି ହାର ମାନି ନାହାଁନ୍ତି। ବରଂ ନିଜ ଦୁଃଖକଷ୍ଟକୁ ଭୁଲି ସମାଜ ପାଇଁ କାମ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏଭଳି ଜଣେ ମହିଳା ହେଉଛନ୍ତି ସମ୍ବଲପୁର ଦଲଦଲିପଡ଼ାର ଅନିତା ବାଗ। ସମ୍ବଲପୁର କ୍ଷେତରାଜପୁର ରେଳଷ୍ଟେଶନ ନିକଟରେ ଥିବା ଦଲଦଲିପଡ଼ାର ଅଧିକାଂଶ ପରିବାର ଅନୁସୂଚିତ ଜାତିର। ସହର ମଝିରେ ରହିଥିଲେ ବି ଶିକ୍ଷା ସ୍ୱାସ୍ଥ୍ୟଠାରୁ ଏଠାକାର ଲୋକେ ବଞ୍ଚିତ। ଏଭଳି ସ୍ଥିତିରେ ଲୋକଙ୍କ ପାଇଁ ସବୁବେଳେ ସହାୟତାର ହାତ ବଢାଇବାକୁ ଆଗେଇ ଆସିଛନ୍ତି ଅଙ୍ଗନୱାଡ଼ି କର୍ମୀ ଅନିତା। ତାଙ୍କ ନେତୃତ୍ୱରେ ପରିଚାଳିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆୱାର ହେଲ୍ପିଂ ହେଣ୍ଡ' ଅଞ୍ଚଳ ପାଇଁ ନୂଆ ବାଟ ଦେଖାଇଛି। ଅନିତାଙ୍କ ବ୍ୟକ୍ତିଗତ ଜୀବନ ଅନେକ ଦୁଃଖ କଷ୍ଟରେ କଟିଛି। ୨୦୦୮ ମସିହାରୁ ତାଙ୍କ ସ୍ୱାମୀ ଅଜୟ ସୁନା ରାଉରକେଲା ଯିବା ବାଟରେ ନିଖୋଜ ରହିଛନ୍ତି। ଏହାପରେ ସେ ନିଜେ ସଂଘର୍ଷ କରି ପାଠ ପଢି ଏମ୍‌ଏସ୍‌ଡବ୍ଲ୍ୟୁ ପାଠ୍ୟକ୍ରମରେ ମାଷ୍ଟର ଡିଗ୍ରୀ ହାସଲ କରିବା ସହ ଅଙ୍ଗନୱାଡି କର୍ମୀ ଭାବେ ଯୋଗଦେଇଥିଲେ। ନିଜ ଚେଷ୍ଟାରେ ବଡ ଝିଅକୁ ଭିସୁଟ୍‌ରେ ଏମ୍‌ଟେକ୍ ଦ୍ୱିତୀୟ ବର୍ଷ ଏବଂ ସାନ ଝିଅକୁ ଆଇନ ପାଠପଢ଼ାଇବାରେ ସକ୍ଷମ ହୋଇଛନ୍ତି । ଅନିତ କେବଳ ନିଜ ପରିବାର ପାଇଁ ସ୍ୱପ୍ନ ଦେଖିନାହାନ୍ତି ବରଂ ପଡ଼ାର ପୁଅଝିଅଙ୍କୁ ପାଠ ପଢାଇ ଶିକ୍ଷିତ ଏବଂ ସ୍ୱାବଲମ୍ବୀ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ତାଙ୍କ ଅପା କବିତା ବାଗ ଏବଂ ଅନ୍ୟ ମହିଳାଙ୍କୁ ନେଇ ୨୦୧୨ରେ ସେ ଆରମ୍ଭ କରିଥିଲେ ଉକ୍ତ ସଙ୍ଗଠନ। ନିଜସ୍ୱ ସମ୍ବଳରେ କାମ କରୁଥିବା ଏହି ସଙ୍ଗଠନ ୨୦୧୪ରେ ଜଣ୍ଡିସ୍ ବ୍ୟାପିବା ସମୟରେ ପ୍ରଶଂସନୀୟ କାମ କରି ଚର୍ଚ୍ଚାକୁ ଆସିପାରିଥିଲା। ଦଲଦଲି ପଡ଼ାର ୩୦ରୁ ଅଧିକ ଜଣ୍ଡିସ ଆକ୍ରାନ୍ତ ପରିବାରକୁ ଯାଇ ସଂଗଠନର ସଦସ୍ୟାମାନେ ଫୁଟା ପାଣି ବାଣ୍ଟିଥିଲେ। ପଡ଼ାରେ ବ୍ଲିଚିଂ ପାଉଡର ସିଞ୍ଚନ ସହ ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟ ଲୋକଙ୍କ ଘରେ କାମ କରୁଥିବା ପୁଅଝିଅଙ୍କୁ ହେଲ୍ପିଂ ହ୍ୟାଣ୍ଡ କାଗଜ ଠୁଙ୍ଗା ତିଆରି, ମସଲା ପ୍ୟାକିଂ, ସିଲେଇ ତାଲିମ ଦେଇ ସ୍ୱାବଲମ୍ବୀ କରିପାରିଛନ୍ତି। ଏପର୍ଯ୍ୟନ୍ତ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇ ନିଜ ଗୋଡରେ ଛିଡା ହେବାର ବାଟ ଦେଖାଇଛନ୍ତି। ଏବେ ମଧ୍ୟ ୫୦ ଜଣ ଝିଅପୁଅଙ୍କୁ ସନ୍ଧ୍ୟାରେ ପାଠ ପଢାଇବାର ବ୍ୟବସ୍ଥା କରିଛନ୍ତି । ସେମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ମଧ୍ୟ ଦିଆଯାଉଛି। ସୁସ୍ଥ ଜୀବନଯାପନ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପଦକ୍ଷେପ ହାତକୁ ନେଇଛନ୍ତି। ବିପରୀତ ପରିସ୍ଥିତରେ ନିଜ ପରିବାରକୁ ଶିକ୍ଷିତ କରିବା ସହ ପୁରା ପଡ଼ାକୁ ସ୍ୱାବଲମ୍ବୀ କରିବା ଦିଗରେ ବହୁ ବର୍ଷ ହେବ କାର୍ଯ୍ୟ କରୁଛନ୍ତି ଅନିତା। ତାଙ୍କ କାର୍ଯ୍ୟରେ ଏବେ ୨୦ରୁ ଅଧିକ ମହିଳା ଏବଂ ପୁରୁଷ ସହଯୋଗ କରିଆସୁଛନ୍ତି।



ଅନିତା ବାଗ

**-ଭବାନୀ ଶଙ୍କର ଭୋଇ, ସମ୍ବଲପୁର**

## ଟ୍ୟୁଶନ ଶିକ୍ଷୟିତ୍ରୀରୁ ରିସର୍ଟ ମାଲିକ



ରେଣୁବାଳା ସାହୁ

ଜଣେ ଟ୍ୟୁଶନ ଶିକ୍ଷୟିତ୍ରୀରୁ କାର୍ଯ୍ୟ ଆରମ୍ଭ କରି ଏବେ ଏକ ରିସର୍ଟର ମାଲିକ ହେବା ସହ ସଫଳ ଶିଳ୍ପପତି ହୋଇ କନ୍ଧମାଳ ଜିଲା ଦାରିଙ୍ଗବାଡି ସମେତ ରାଜ୍ୟ ଓ ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ରେଣୁବାଳା ସାହୁ। ରେଣୁବାଳାଙ୍କ ସ୍ୱାମୀ ପ୍ରଦୀପ କୁମାର ସାହୁ ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିଲେ। ଜଣଙ୍କ ରୋଜଗାରରେ ପରିବାର ଚଳାଇବାରେ ସମସ୍ୟା ଉପୁଜିବାରୁ ରେଣୁବାଳା ଦାରିଙ୍ଗବାଡ଼ି ବଜାରର କେତେକ ଛାତ୍ରୀଛାତ୍ରଙ୍କୁ ନେଇ ଟ୍ୟୁଶନ ପଢ଼ାଇବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଏକ ଲେଡିଜ କର୍ନର ଖୋଲି ବ୍ୟବସାୟ କରିଥିଲେ। ଏହି ସମୟରେ ସେ ସ୍ୱପ୍ନ ଦେଖିବା ଆରମ୍ଭ କଲେ, କିଭଳି ବଡ଼ ଧରଣର ବ୍ୟବସାୟ କରିବେ। ସେତେବେଳେ ସେ ଚିନ୍ତା କଲେ ଦାରିଙ୍ଗବାଡ଼ିକୁ ଦୈନିକ ଶହଶହ ପର୍ଯ୍ୟଟକ ଆସୁଛନ୍ତି। ରାତ୍ରିଯାପନ ପାଇଁ କୌଣସି ସୁବିଧା ନ ଥିବାରୁ ସେ ଏକ ହୋଟେଲ ସ୍ଥାପନ ଲାଗି ଯୋଜନା କଲେ। ତେଣୁ ସେହି ଅନୁଯାୟୀ ଜମି କିଣିବା ସହ ଋଣ ଆଣି ହୋଟେଲ ଖୋଲିଲେ ରେଣୁବାଳା। ହୋଟେଲ ଭଲରେ ଚାଲିଲା। ଏହା ପରେ ସେ ପାହାଡ଼ିଆ ଅଞ୍ଚଳରେ ୩ଟି କଟେଜ ପ୍ରସ୍ତୁତ କରି ରିସର୍ଟର ସ୍ୱପ୍ନ ଦେଖିଥିଲେ। ଆଉ କଠିନ ପରିଶ୍ରମ ସହ ନିଷ୍ଠାର ସହ କାର୍ଯ୍ୟକରି ତାକୁ ରିସର୍ଟରେ ପରିଣତ କରିବାକୁ ସକ୍ଷମ ହେଲେ। ଏଥିସହ ଟ୍ୟୁଶନ ଶିକ୍ଷୟିତ୍ରୀରୁ ଏବେ ଜଣେ ଶିଳ୍ପପତି ଭାବେ ସେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

**-ଅରୁଣ ସାହୁ ,ଦାରିଙ୍ଗବାଡି**

## ଡିଲିମିଟେଶନ୍: ମୋହନ ମାଝୀଙ୍କ ସମେତ ୭ ମୁଖ୍ୟମନ୍ତ୍ରୀଙ୍କୁ ଡାକିଲେ ଷ୍ଟାଲିନ୍

ଚେନ୍ନାଇ,୭।୩

କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧକରି ରାଜନୈତିକ ଦଳଗୁଡ଼ିକୁ ନେଇ ଗଠନ ହେବାକୁ ଥିବା ମିଳିତ କାର୍ଯ୍ୟାନୁଷ୍ଠାନ କମିଟିରେ ଯୋଗଦେବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ୭ ରାଜ୍ୟର ପ୍ରତିପକ୍ଷଙ୍କୁ ପତ୍ର ଲେଖିଛନ୍ତି। ଏହି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପଶ୍ଚିମବଙ୍ଗର ମମତା ବାନାର୍ଜୀ ଓ ପଞ୍ଜାବର ଭଗୱନ୍ତ ମାନ୍। ଅନ୍ୟ ମୁଖ୍ୟମନ୍ତ୍ରୀମାନେ ହେଲେ କେରଳର ପିନାରାୟୀ ବିଜୟନ୍, କର୍ଣ୍ଣାଟକର ସିଦ୍ଧାରାମାୟା, ତେଲଙ୍ଗାନାର ରେଭନ୍ତ ରେଡ୍ଡୀ ଏବଂ ଆନ୍ଧ୍ରପ୍ରଦେଶର ଏନ୍. ଚନ୍ଦ୍ରବାବୁ ନାଇଡୁ। ଏତଦ୍‌ବ୍ୟତୀତ ଏହି ରାଜ୍ୟଗୁଡ଼ିକର ଉଭୟ ଅଣଭାଜପା ଦଳ ଏବଂ ଭାଜପାର କେତେଜଣ ବରିଷ୍ଠ ନେତାଙ୍କୁ ମଧ୍ୟ ଷ୍ଟାଲିନ୍ ଆମନ୍ତ୍ରଣ କରିଛନ୍ତି। ମାର୍ଚ୍ଚ ୨୨ରେ ଚେନ୍ନାଇରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସୀମା ପୁନଃ ନିର୍ଦ୍ଧାରଣ ସଂକ୍ରାନ୍ତରେ ମିଳିତ କାର୍ଯ୍ୟାନୁଷ୍ଠାନ କମିଟି (ଜେଏସି) ଗଠନ କରାଯିବା ସହ ଭବିଷ୍ୟତ ସାମୂହିକ କାର୍ଯ୍ୟପନ୍ଥାର ରୂପରେଖ ସ୍ଥିର କରାଯିବ।

ଏନେଇ ଶୁକ୍ରବାର ଷ୍ଟାଲିନ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଡିଲିମିଟେଶନ୍ ହେଉଛି ସଂଘୀୟ ସହଯୋଗିତା ଉପରେ ଖୋଲା ଆକ୍ରମଣ। ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ଓ ସୁଶାସନ ନିଶ୍ଚିତ କରିଥିବା ରାଜ୍ୟଗୁଡ଼ିକୁ ଡିଲିମିଟେଶନ୍ ଜରିଆରେ


ଏମ୍.କେ. ଷ୍ଟାଲିନ୍

ଦଣ୍ଡିତ କରାଯାଉଛି। ସଂସଦରେ ଆମ ସ୍ୱରକୁ ଚପାଇ ଦିଆଯାଉଛି। ଏହି ଅଗଣତାନ୍ତ୍ରିକ ଅନ୍ୟାୟକୁ ଆମେ ବରଦାସ୍ତ କରିବୁ ନାହିଁ। ଉପରୋକ୍ତ ମୁଖ୍ୟମନ୍ତ୍ରୀମାନଙ୍କୁ ମୁଁ ପତ୍ର ଲେଖି ଚେନ୍ନାଇରେ ହେବାକୁ ଥିବା ଜେଏସିର ପ୍ରଥମ ବୈଠକକୁ ନିମନ୍ତ୍ରଣ କରିଛି। କେନ୍ଦ୍ରର ଅନୁପଯୁକ୍ତ କାର୍ଯ୍ୟ ବିରୋଧରେ ସାଲିସବିହୀନ ଲଢ଼େଇ ପାଇଁ ଆହ୍ୱାନ ଦେଇଛି। ଆସନ୍ତୁ ଆମେ ପୃଥକ୍ ରାଜନୈତିକ ଦଳ ଭାବେ ନୁହେଁ, ବରଂ ଆମ ଲୋକଙ୍କ ଭବିଷ୍ୟତର ସୁରକ୍ଷାଦାତା ରୂପେ ଏକାଠି ହେବା ବୋଲି ଷ୍ଟାଲିନ୍ ନିଜ ପୋଷ୍ଟରେ ଆହ୍ୱାନ ଦେଇଛନ୍ତି।

ପ୍ରକାଶ ଯେ, ଆସନ୍ତାବର୍ଷ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଷ୍ଟାଲିନ୍ ଓ ତାଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର କେନ୍ଦ୍ରର ହିନ୍ଦୀ ଲଦାଯିବା ଅଭିଯାନ ☞ପୃଷ୍ଠା-୯

## ବିଜୁ, ମହିଳା ପ୍ରସଙ୍ଗ ନେଇ ବିଧାନସଭା ଅଚଳ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)



■ ବିରୋଧୀଙ୍କ ହୋହଲ୍ଲାରେ ୪୬ ମିନିଟ୍ ଚାଲିଲା ଗୃହ
■ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି, ଗାନ୍ଧୀମୂର୍ତ୍ତି ତଳେ କଂଗ୍ରେସର ପ୍ରତିବାଦ
■ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲେ ବିଜେଡି ସଦସ୍ୟ
■ ହୋହଲ୍ଲା ଭିତରେ ୩୯ ଷ୍ଟାଣ୍ଡିଂ କମିଟିର ବାର୍ଷିକ ରିପୋର୍ଟ ଉପସ୍ଥାପିତ

ପ୍ରବଳ ହଟ୍ଟଗୋଳ ଭିତରେ ସପ୍ତଦଶ ବିଧାନସଭାର ୩ୟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନଟି ଶେଷ ହୋଇଛି। ଦିନକ ଯାକରେ ମୋଟ୍ ୪୬ ମିନିଟ୍ ପାଇଁ ଗୃହ କାର୍ଯ୍ୟ ଚାଲିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭହେବା ମାତ୍ରେ ବିରୋଧୀ ଦଳ ବିଜେଡିର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା ଏବଂ ନାରାବାଜି ଆରମ୍ଭ କରିଦେଇଥିଲେ। ସମାନ ଭାବେ କଂଗ୍ରେସ ସଦସ୍ୟମାନେ ମଧ୍ୟ ଗୃହ ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ମାର୍ଚ୍ଚ ୫ ତଥା ବିଜୁ ଜୟନ୍ତୀରେ ପାଳନ ହୋଇ ଆସୁଥିବା ରାଜ୍ୟ ପଞ୍ଚାୟତିରାଜ ଦିବସର ତାରିଖ ଏପ୍ରିଲ ୨୪ ତାରିଖକୁ ଭାଜପା ସରକାର ପରିବର୍ତ୍ତନ କରିଦେଇଥିବା ଘଟଣାର ବିରୋଧକରି ବିଜେଡି ଜୋର୍‌ଦାର ନାରାବାଜି କରିଥିଲା। ତୁରନ୍ତ ସରକାର ଏହି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ସେହିପରି ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ୁଛି ଏବଂ ମହିଳାମାନେ ଏଠାରେ ସୁରକ୍ଷିତ ନୁହନ୍ତି ବୋଲି କହି କଂଗ୍ରେସ ସଦସ୍ୟମାନେ ହୋହଲ୍ଲା କରିଥିଲେ। ବିରୋଧୀ ଦଳର ଏଭଳି ହୋହଲ୍ଲା ଭିତରେ ଗୃହ କାର୍ଯ୍ୟ ମାତ୍ର ୬ ମିନିଟ୍ ଚାଲିବା ପରେ ୧୦ଟା ୩୬ ମିନିଟ୍‌ରେ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ଗୃହରୁ ବାହାରି ସିଧା ବିଧାନସଭା ପରିସରରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାର ବିଫଳ ହୋଇଥିବା ଦର୍ଶାଇ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ୧୨ଟା ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ପୁଣି ଥରେ ସମାନ ପ୍ରସଙ୍ଗରେ ବିଜେଡି ☞ପୃଷ୍ଠା-୯

## ଭାରତର ଶ୍ରମ ବଜାର ବାହାରେ ୮୯ ନିଯୁତ ସହରୀ ମହିଳା

**୨୦୨୩-୨୪ ରିପୋର୍ଟ**

ନୂଆଦିଲ୍ଲୀ,୭।୩

୨୦୨୩-୨୪ରେ ଦେଶର ଶ୍ରମ ବଜାରରେ ସହରୀ ମହିଳାଙ୍କ ଭାଗୀଦାରିରେ ପୂର୍ବ ୬ ବର୍ଷ ତୁଳନାରେ ୧୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହାସତ୍ତ୍ୱେ ସହରାଞ୍ଚଳରେ ବସବାସ କରୁଥିବା ୮୯ ନିଯୁତରୁ ଅଧିକ ମହିଳା ନିଯୁକ୍ତି ପାଇ ନ ଥିଲେ ବୋଲି ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚେନ୍ନାଇସ୍ଥିତ ଗ୍ରେଟ୍ ଲେକ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପ୍ରକାଶିତ 'ଇଣ୍ଡିଆଜ୍ ଜେଣ୍ଡର ଏମ୍ପ୍ଲୟମେଣ୍ଟ ପାରାଡକ୍ସ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଶିକ୍ଷିତା ମହିଳାଙ୍କ ଦକ୍ଷତାର ଉପଯୁକ୍ତ ବିନିଯୋଗ ହୋଇପାରୁ ନାହିଁ, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଭାରତ ୧୯ ନିଯୁତରୁ ଅଧିକ ସହରୀ ଶିକ୍ଷିତାଙ୍କ ଦକ୍ଷତାକୁ ଉପଯୋଗ କରିବାରେ ବିଫଳ ହୋଇଥିବା ରିପୋର୍ଟରେ କୁହାଯାଇଛି।

## ସାମୁଦ୍ରିକ, ଆକାଶମାର୍ଗରେ ଆକ୍ରମଣ ବନ୍ଦକରୁ ରୁଷିଆ: ଜେଲେନ୍‌ସ୍କି

**ଟ୍ରମ୍ପଙ୍କ ଚାପରେ ଅସ୍ତ୍ରବିରତି ପାଇଁ ନଇଁଲେ ୟୁକ୍ରେନ୍ ରାଷ୍ଟ୍ରପତି**

କିଭ୍,୭।୩

୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆ ଶୁକ୍ରବାର ଏହାର ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ପୁଣି ଟାର୍ଗେଟ କରିଛି। ରୁଷୀୟ ସୈନ୍ୟଙ୍କ ରାତିଅଧିଆ ଡ୍ରୋନ୍ ଓ ମିଶାଇଲ୍ ମାଡ଼ରେ ୧୦ରୁ ଅଧିକ ୟୁକ୍ରେନୀୟ ଆହତ ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୟୁକ୍ରେନୀୟ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଶାନ୍ତି ପ୍ରସ୍ତାବ ଗ୍ରହଣ କରି ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇବା ସକାଶେ କିଭ୍‌କୁ ସାମରିକ ଓ ଗୋଇନ୍ଦା ସହାୟତା ବନ୍ଦ ଘୋଷଣା କରିବା ପରେ ରୁଷିଆ ଏହି ଆକ୍ରମଣ କରିଛି। ଆମେରିକୀୟ ଗୋଇନ୍ଦା ବିନା ୟୁକ୍ରେନ୍ ଆତ୍ମରକ୍ଷା ସହ ରୁଷିଆକୁ ଜବାବ ଦେବାକୁ ଅକ୍ଷମ। କାରଣ କିଭ୍‌ର ସାମରିକ ଦକ୍ଷତା ହ୍ରାସ ପାଇଛି।

ଏହି ପୃଷ୍ଠଭୂମିରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ଆକାଶ ମାର୍ଗ ଓ ସାମୁଦ୍ରିକ ପଥରେ ଯୁଦ୍ଧବିରତିର ଆହ୍ୱାନ ଦେଇଛନ୍ତି। ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଜେଲେନ୍‌ସ୍କି କହିଛନ୍ତି, ସମୁଦ୍ର ଓ ୟୁକ୍ରେନ୍ ଆକାଶରେ ନୀରବତା ରହିବା ଜରୁରୀ। ଯୁଦ୍ଧାବସାନ ଓ ଶାନ୍ତି ଚୁକ୍ତି ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ରୁଷିଆ ପ୍ରଥମେ ☞ପୃଷ୍ଠା-୯

## ରୁଷିଆକୁ ଟ୍ରମ୍ପଙ୍କ ଟାରିଫ୍ ଧମକ

ୱାଶିଂଟନ୍,୭।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୟୁକ୍ରେନୀୟ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ହ୍ୱାଇଟ୍ ହାଉସ୍‌ରେ କଥା କଟାକଟି ହେବା ପରେ ରୁଷିଆକୁ ଟାରିଫ୍ ଧମକ ଦେଇଛନ୍ତି। ୟୁକ୍ରେନ୍ ସହ ଯୁଦ୍ଧବିରତି ଏବଂ ଶାନ୍ତି ଚୁକ୍ତି ନ କରିବା ପର୍ଯ୍ୟନ୍ତ ରୁଷିଆ ବିରୋଧରେ ଧରଣର କଟକଣା ଓ ଟାରିଫ୍ ଲଗାଇବାକୁ ଚିନ୍ତା କରୁଥିବା ସେ କହିଛନ୍ତି। ୟୁକ୍ରେନ୍ ଆକ୍ରମଣ ପରଠୁ ଆମେରିକା, ବ୍ରିଟେନ୍ ଓ ୟୁରୋପ ପକ୍ଷରୁ ରୁଷିଆ ଉପରେ ୨୧,୦୦୦ରୁ ଉର୍ଦ୍ଧ୍ୱ କଟକଣା ଜାରି କରାଗଲାଣି।



ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ସ୍ଖଳନଶୀଳତା। ବିସ୍ତୃତ ବିଶ୍ୱବଲୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଞ୍ଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ



# ପୁରୁଣା ମାମଲାରେ ଏଫ୍‌ଆଇଆର୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅପ୍ରତ୍ୟାଶିତ ଘଟଣାକ୍ରମରେ ବିତ୍ତୀୟ କ୍ଷେତ୍ରରେ ଏକ ରୋମାଞ୍ଚକର ମୋଡ଼ ଦେଖିବାକୁ ମିଳିଛି। ମୁମ୍ବାଇର ଏକ କୋର୍ଟ ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରି ବୁଚ୍‌ଙ୍କ ବିରୋଧରେ ୧୯୯୪ର ଏକ ନିୟାମକ ତ୍ରୁଟି ଅଭିଯୋଗକୁ ନେଇ ଏଫ୍‌ଆଇଆର୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଦିଗକୁ ବିଚାର କରି ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ନିକଟରେ ଭୁଲ୍ ପ୍ରତିକ୍ରିୟାଗୁଡ଼ିକ ପାଇଁ ବୁଚ୍ ଚର୍ଚ୍ଚାରେ ରହି ଆସିଛନ୍ତି। ପ୍ରଥମେ ହିଣ୍ଡେନବର୍ଗ ରିସର୍ଚ୍ଚ ଅଭିଯୋଗ କରିଥିଲା ଯେ, ତାଙ୍କର ଏବଂ ତାଙ୍କ ସ୍ୱାମୀଙ୍କର ଆଦାନୀ କମ୍ପାନୀ ସହ ସମ୍ପର୍କ ଥିବା ବିଦେଶୀ ସଂସ୍ଥାଗୁଡ଼ିକରେ ଅଂଶଧନ ରହିଥିଲା। ତେବେ ବୁଚ୍ ସମସ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ତା' ପରେ କଂଗ୍ରେସ ଦାବି କରିଥିଲା ଯେ, ସେବିର ଯାଞ୍ଚରେ ଥିବା ଗୋଟିଏ କମ୍ପାନୀରୁ ରେଣ୍ଟାଲ ଇନକମ୍ (ଭଡ଼ାସୂତ୍ରରୁ ଆୟ)କରିଥିବାବେଳେ ଆଇସିଆଇସିଆଇ ବ୍ୟାଙ୍କ ଛାଡ଼ିବା ପରେ ମଧ୍ୟ ଏଯାବତ୍ ତାହାର ଷ୍ଟକ ଅପ୍‌ସନରୁ ଲାଭ ପାଉଛନ୍ତି। ଏହାର ଜବାବରେ ଆଇସିଆଇସିଆଇ ଜଣାଇଥିଲା ଯେ, ସାଧାରଣ ସେବାନିବୃତ୍ତ ଲାଭ ବ୍ୟତୀତ କୌଣସି ଅର୍ଥ ଦିଆଯାଇ ନାହିଁ। ଏପରି କି ସେବି ମଧ୍ୟରେ, ବିଷୟଗୁଡ଼ିକ ପୂରା ଠିକ୍ ନ ଥିଲା। ରିପୋର୍ଟରୁ ଜଣାପଡ଼ିଛି, ତାଙ୍କ କାର୍ଯ୍ୟକାଳ ଶେଷ ବେଳକୁ କର୍ମଚାରୀମାନେ ବେଆଇନ କାର୍ଯ୍ୟ ପାଇଁ ବିରୋଧ ପ୍ରଦର୍ଶନ କରିଥିଲେ ଏବଂ ସେ ଛାଡ଼ିଲା ପରେ ତାଙ୍କୁ କୌଣସି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇ ନ ଥିଲା। ଏଣୁ ଏହି ଏଫ୍‌ଆଇଆର୍ ହେଉଛି ଏକ ଲମ୍ବା ସମୟର ହିସାବ ନା ଉଦ୍ଦେଶ୍ୟମୂଳକ ଭାବେ ଦୃଷ୍ଟି ହଟାଇବା କାର୍ଯ୍ୟ ? ଏକ ୩୦ ବର୍ଷ ତଳର ମାମଲାକୁ ଏବେ କାହିଁକି ସାମ୍ନାକୁ ଅଣାଯାଇଛି ? ଏହି ଘଟଣାରେ ନିୟାମକ ତ୍ରୁଟି ଓ ବୃହତ୍ କ୍ଷମତା ମଧ୍ୟରେ ସଂଘର୍ଷକୁ ଅଧିକ ସୂଚିତ କରୁଛି କି?

### ନେତୃତ୍ୱରେ ଦୁଇ ମହିଳା

ଦିଲ୍ଲୀର କ୍ଷମତା ପରିସରରେ ଏବେ ନୂଆ ଗତିଶୀଳତା ଦେଖିବାକୁ ମିଳିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସଚିବ ଭାବେ ଆଇଏଏସ୍ ଅଧିକାରୀ ମଧୁ ରାଣୀଙ୍କୁ ଟେଓଟିଆ ନିଯୁକ୍ତି ଦିଆଯାଇଛି। ପ୍ରମୁଖ ନେତୃତ୍ୱ ତୁଲାଇବାରେ ଦୁଇ ମହିଳା ରହିବା ଶାସନ ଶୈଳୀରେ ପରିବର୍ତ୍ତନକୁ ସୂଚିତ କରୁଛି କି? ଦିଲ୍ଲୀ ଭଳି ଏକ ଜଟିଳ ସହର ପାଇଁ ଦୃଢ଼ ନେତୃତ୍ୱ ହିଁ ଗୁରୁତ୍ୱପୂର୍ଣ୍ଣ, ଯେଉଁଠି ବହୁ ସମୟରେ ଶାସନ ହିଁ ରାଜ୍ୟ ଓ କେନ୍ଦ୍ରର ଯୁଦ୍ଧ କ୍ଷେତ୍ର ପାଲଟିଛି। ତେବେ ଭାଜପାର ଡବଲ ଇଞ୍ଜିନ ସରକାର ପାଇଁ ଏବେ କୌଣସି ସମସ୍ୟା ଉପୁଜି ନ ପାରେ। ରାଜନୈତିକ ଦକ୍ଷତା ପାଇଁ ରେଖା ଗୁପ୍ତା ବେଶ୍ ଜଣାଶୁଣା ଏବଂ ଏବେ ତାଙ୍କ ପାଖରେ ଅଭିଜ୍ଞ ଅମଲାତନ୍ତ୍ରୀ ଟେଓଟିଆ ରହିଲେ। ସେ ପ୍ରଶାସନରେ ବିଶେଷକରି ସ୍ୱାସ୍ଥ୍ୟ ନୀତି କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଏଣୁ ସେ ଶାସନରେ ନୀତି ନିର୍ଦ୍ଧାରଣ ତଥା ତାହାର ସଞ୍ଚାଳନ ଦୃଷ୍ଟିକୋଣ ଆପଣାଇ ପାରିବେ। କିନ୍ତୁ ତାହା କ'ଣ ପ୍ରକୃତ ପରିବର୍ତ୍ତନ ଆଣିବ? ଇତିହାସରେ ଦେଖାଯାଇଛି, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସାମାଜିକ କଲ୍ୟାଣ କ୍ଷେତ୍ରରେ ଉତ୍ତମ ନୀତି ଆଣିବାରେ ମହିଳାଙ୍କ ନେତୃତ୍ୱର ସମ୍ପର୍କ ରହିଛି। ତେବେ ଏହି ଦୁଇ ମହିଳା କ'ଣ ଏସବୁ ବିଷୟକୁ ଅଗ୍ରାଧିକାର ଦେବେ ? ପୂର୍ବବର୍ତ୍ତୀ ମହିଳାଙ୍କ ତୁଳନାରେ ସେମାନଙ୍କ ନେତୃତ୍ୱ ଶୈଳୀ ଭିନ୍ନ ହେବ କି? ଆଉ ଏକ ପ୍ରଶ୍ନ ଉଠୁଛି, ଦାୟିତ୍ୱରେ ରହି ଏହି ଦୁଇ ମହିଳା ଦୀର୍ଘଦିନର ଅମଲାତନ୍ତ୍ରିକ ଓ ରାଜନୈତିକ ପଦାନୁକ୍ରମର ମୁକାବିଲା କରିବେ ନା ସେସବୁକୁ ଦୃଢ଼ କରିବେ। ଦିଲ୍ଲୀର ନେତୃତ୍ୱ ନୀତି କୈନ୍ଦ୍ରିକ ହୋଇଥିବାରୁ କ୍ଷମତା ଲଢ଼େଇକୁ ନିୟନ୍ତ୍ରଣ କରିବା ସେମାନଙ୍କ ପାଇଁ ବଡ଼ କାମ।

### ଦକ୍ଷତାକୁ ପ୍ରାଥମିକତା

ପୂର୍ବତନ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨( ପିଏସ୍-୨) ଭାବେ ନିଯୁକ୍ତ ହୋଇଛନ୍ତି । ପିଏମ୍‌ଓରେ ଡ. ପି.କେ. ମିଶ୍ର ମଧ୍ୟ ପ୍ରମୁଖ ସଚିବ-୧( ପିଏସ୍-୧) ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏହା ଏକ କ୍ରମିକ ପରିବର୍ତ୍ତନ କିମ୍ବା ମିଶ୍ର ଛାଡ଼ିବା ପରେ ତାଙ୍କ ସ୍ଥାନରେ ଦାସ ରହିଥାଆନ୍ତେ କିମ୍ବା ଜଣେ ବିଶ୍ୱସ୍ତ ସହଯୋଗୀ ଭାବେ ଦାସଙ୍କ ନିଯୁକ୍ତି କାର୍ମିକ ବ୍ୟାପାରରେ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା ମିଶ୍ରଙ୍କ ସ୍ଥିତିକୁ ମଜଭୁତ କରୁଛି କି, ତାହାକୁ ନେଇ ବାବୁମାନେ ଆଶ୍ଚର୍ଯ୍ୟପ୍ରକଟ କରୁଛନ୍ତି। ବାସ୍ତବରେ ଏହାର ରହସ୍ୟ ସ୍ପଷ୍ଟ ଜଣାପଡୁନାହିଁ। ତଥାକଥିତ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଜଣେ ମାକ୍ରୋ ଇକୋନୋମିକ୍ସ ବିଶେଷଜ୍ଞଙ୍କ ସହ ବିତ୍ତୀୟ ତଥା ପ୍ରଶାସନିକ କ୍ଷେତ୍ରରେ ସଫଳ ପ୍ରଦର୍ଶନ କରିଥିବା ଜଣେ ଅଧିକାରୀଙ୍କୁ ଆଣିବା ପିଏମ୍‌ଓକୁ ମଜଭୁତ କରିଛି। ଦାସଙ୍କ ବହୁମୁଖୀ ଭାଷାଗତ ପ୍ରତିଭା ଶୀର୍ଷରେ ଥିବା ଜଟିଳ କ୍ଷମତା ଗତିଶୀଳତାକୁ ସଞ୍ଚାଳନ କରିବାରେ ମଧ୍ୟ ସାହାଯ୍ୟ କରିପାରେ। କେତେକେ ଆକଳନ କରନ୍ତି ଯେ, ଏହା ଅର୍ଥ ମନ୍ତ୍ରଣାଳୟର ପ୍ରଭାବକୁ ଦୁର୍ବଳ କରିପାରେ। ଆଉ କେତେଜଣ କହନ୍ତି, ତାମିଲନାଡୁ କ୍ୟାଡରର ଉଭୟ ଦାସ ଓ କ୍ୟାବିନେଟ ସଚିବ ଡ. ଟି.ଭି. ସୋମନାଥନ ଏକାଠି କାମ କରୁଥିବାରୁ ପିଏମ୍‌ଓ ଓ ଅମଲାତନ୍ତ୍ରୀ ମଧ୍ୟରେ ସମନ୍ୱୟ ବଢ଼ିପାରେ। ପିଏମ୍‌ଓର ପରାମର୍ଶଦାତାଙ୍କ ଅନୁଯାୟୀ, ସେମାନଙ୍କ ଦାୟିରେ ପରିବର୍ତ୍ତନ ହୋଇପାରେ, କିନ୍ତୁ ତାହା କମିବାର ସମ୍ଭାବନା ନାହିଁ। ବୃହତ୍ ଯୋଜନା ବିଷୟକୁ ବିଚାରକୁ ନେଲେ ଜଣାପଡୁଛି ଯେ, ପିଏମ୍‌ଓରେ ଶାସନକୁ ସୁବ୍ୟବସ୍ଥିତ ଓ ମଜଭୁତ କରିବା ପାଇଁ ମୋଦି ସରକାରଙ୍କର ଏବକାର ପ୍ରୟାସର ଏହି ପଦକ୍ଷେପ ଏକ ଅଂଶ । ଏହା ମଧ୍ୟ ନିଶ୍ଚିତ କରୁଛି ଯେ, ବ୍ୟକ୍ତିଗତ ସ୍ଥିତି ତୁଳନାରେ ଦକ୍ଷତାକୁ ପ୍ରାଥମିକତା ଦିଆଯାଉଛି।

Email: dilipcherian@gmail.com

# ସଙ୍କଟରେ ଜୀବନ



ବୈକୁଣ୍ଠନାଥ ମିଶ୍ର

ଜଳବାୟୁ ପରିବର୍ତ୍ତନର ବିଭୀଷିକା ବିଶ୍ୱବାସୀ ଅଙ୍ଗେ ନିଭାଇବାକୁ ଆରମ୍ଭ କଲେଣି। ଅନାବୃଷ୍ଟି, ଅତିବୃଷ୍ଟି, ମରୁଡ଼ି, ବନ୍ୟା, ଫସଲହାନି, ଜଙ୍ଗଲକ୍ଷୟ ଓ ନାନାପ୍ରକାର ବୃକ୍ଷଲତା ତଥା ଜୀବଜନ୍ତୁଙ୍କର ବିଲୁପ୍ତିର ମୂଳରେ ଜଳବାୟୁ ପରିବର୍ତ୍ତନଜନିତ ଅନିୟମିତତା ନିହିତ। କିଛିବର୍ଷ ତଳେ ମିଳିତ ଜାତିସଂଘ ଉଦ୍‌ବେଗ ପ୍ରକାଶ କରି ବିଶ୍ୱ ସମୁଦାୟକୁ ଚେତାବନୀ ଦେଇଥିଲା ଯେ ପ୍ରତ୍ୟେକ ଦେଶ ବୈଶ୍ୱିକ ହାରାହାରି ତାପମାତ୍ରାକୁ ୧.୫ ଡିଗ୍ରୀ ହ୍ରାସ କରନ୍ତୁ ଓ ଏଥିପାଇଁ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ପୃଥିବୀ ଖୁବ୍‌ଶୀଘ୍ର ଘୋର ବିପତ୍ତିର ସମ୍ମୁଖୀନ ହେବ। ବ୍ୟାପକ ଶିଳ୍ପାୟନ, ଜଙ୍ଗଲକ୍ଷୟ, ଦ୍ରୁତ ସହରୀକରଣ ଓ ମନୁଷ୍ୟର ଆଡମ୍ବରପୂର୍ଣ୍ଣ ଜୀବନଶୈଳୀ ମାନବ ସଭ୍ୟତାର ଧ୍ୱଂସସାଧନକୁ ଆମନ୍ତ୍ରଣ କରୁଛି। ସରକାର, ପ୍ରଜ୍ଞାଶୀଳ ବ୍ୟକ୍ତିବିଶେଷ ତଥା ସମାଜର ପୁରୋଭାଗର ଲୋକେ ଯେତେବେଳେ ଏ ନିଷ୍ଠୁର ସତ୍ୟକୁ ଉପେକ୍ଷା କରିଚାଲିଛନ୍ତି ସାଧାରଣ ମଣିଷଟି କେବଳ ତାହାହିଁ ଅନୁକରଣ କରୁଛି। ଗାଡ଼ି ମୋଟର ମଣିଷ ପାଇଁ ଏତେ ଅପରିହାର୍ଯ୍ୟ ହୋଇପଡ଼ିଛି ଯେ, ଏହା ବ୍ୟତିରେକେ ଜୀବନଯାତ୍ରା ସତେଯେପରି ବନ୍ଦ ହୋଇଯିବ। ପ୍ରତିଦିନ ବ୍ୟାପକ ଇନ୍ଧନର ଦହନ ଯୋଗୁ କାର୍ବନ ମନୋକ୍ସାଇଡ୍ ପରି ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ବିଷ ଲେପନ ପ୍ରକ୍ରିୟାକୁ ଅଧିକ ଜଟିଳ କରୁଛି ଜାଣି ମଧ୍ୟ ଆମେ ଏଥିରୁ ନିବୃତ୍ତ ହୋଇପାରୁ ନାହୁଁ। ସାଧାରଣ ଦୂରତାକୁ ଅତିକ୍ରମ କରିବା ପାଇଁ ଯାନ ବ୍ୟବହାର କରୁଛୁ। ଏଥିରେ ଆର୍ଥିକ କ୍ଷତି ସହ ପାରିବେଶିକ ଅସନ୍ତୁଳନ ଉଗ୍ରରୂପ ଧାରଣ କରୁଛି। ସାଇକେଲ ଚାଳନା ଓ ପଦଯାତ୍ରା ଭଳି ଶାରୀରିକ ବ୍ୟାୟାମରୁ ଆମେ ଦୂରେଇ ଯାଉଛୁ।

ଯେଉଁସବୁ ସୌଖୀନ ଉପକରଣ ବ୍ୟବହାରରେ ଆମେ ଅଭ୍ୟସ୍ତ ହୋଇଗଲୁଣି ସେଥିରୁ ମୁକ୍ତି ପାଇବା କଷ୍ଟ। ନିଜକୁ ବିକଶିତ ବୋଲି ପ୍ରଚାର କରୁଥିବା ବେଳେ ଆମେ ତୁଚ୍ଛା ବିନାଶକୁ ଆମନ୍ତ୍ରଣ କରୁଛୁ। ପ୍ରକୃତି ଉପରେ ଚାଲିଛି କୃତ୍ରିମତାର ରାଜତ୍ୱ। ବିବିଧ ପାନମସଲା ଗୁଟ୍‌ଖାର କୁପରିଣାମ ଏହାର ସୃଷ୍ଟି ସମୟରେ କ'ଣ ଜଣା ନଥିଲା ? ମାତ୍ର ଥରେ ଏଥିରେ ଅଭ୍ୟସ୍ତ ହେଲାପରେ ଏଥିରୁ ନିବୃତ୍ତ ହେବା ସହଜ ନୁହେଁ। ଆରମ୍ଭରୁ ତା'ର ଉତ୍ପାଦନକୁ ନିଷିଦ୍ଧ କରିବାର ଆବଶ୍ୟକତା ଥିଲା। ମାତ୍ର ତାହା ନକରି ଏହାର ପ୍ୟାକେଟ୍ ଉପରେ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଲେଖିଦେଇ ଏହାର ବ୍ୟାପ୍ତିକୁ ପ୍ରୋତ୍ସାହନ ଧର୍ମକୁ ଆଖିଠାର ସଦୃଶ। ବର୍ତ୍ତମାନ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାରକୁ ନିଷିଦ୍ଧ କରିବା ଅନ୍ୟତମ ସମସ୍ୟା। ଏହାର ବିକଳ୍ପ ଚିନ୍ତାକରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ। ବିକଳ୍ପ ବ୍ୟବସ୍ଥା ହୁଏତ ପ୍ଲାଷ୍ଟିକ ଓ ପଲିଥିନ୍‌ର ବ୍ୟବହାର ମାତ୍ରାକୁ ହ୍ରାସ କରିପାରେ। ସରକାରୀ ପ୍ରୋତ୍ସାହନରେ ସବୁକିଛି ପ୍ରଚଳିତ ହେଉଛି। ମାତ୍ର ତା'ର ଭୟାବହ



ପରିଣତିକୁ ଆକଳନ କରି ଓ ପରିବେଶ ବିଜ୍ଞାନୀଙ୍କ ଚେତାବନୀ ପାଇ ସେଥିରୁ ନିବୃତ୍ତ ହେଲା ବେଳକୁ ନେଡିଗୁଡ଼ କହୁଣିରେ ପହଞ୍ଚିସାରିଛି। ବାର୍ଷିକ ପ୍ରାୟ ସାତହଜାର କୋଟି ଟଙ୍କାର ରାଜସ୍ୱ ହାତଛଡ଼ା ହେବା ଭୟରେ ସରକାର ମଦକୁ ନିଷେଧ କରୁନାହାନ୍ତି। କିନ୍ତୁ ପରୋକ୍ଷରେ ମଦ୍ୟପାନ ଜନିତ କ୍ଷତି ମିଳୁଥିବା ରାଜସ୍ୱ ତୁଳନାରେ ଯଥେଷ୍ଟ ଅଧିକ ହେଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ନ ଦେବା ପରିତାପର ବିଷୟ। ସମସ୍ତ ସାମାଜିକ ଅସନ୍ତୁଳନ, ଚାରିତ୍ରିକ ସ୍ଖଳନ, ପରପୀଡ଼ନ, ନୀତିହୀନ ଆଚରଣ ତଥା ନାରୀ ଅମର୍ଯ୍ୟାଦା ମୂଳରେ ଯେ ସେହି ମଦ୍ୟପାନର ଭୂମିକା ଲୁଚି ରହିଛି ଏହା ଅନସ୍ୱୀକାର୍ଯ୍ୟ।

ପଲିଥିନ୍ କଥା ଯଦି ବିଚାରକୁ ନେବା ତେବେ ସେଥିରେ ଥିବା ପ୍ରଚ୍ଛନ୍ନ ସରକାରୀ ଉଦାରତା ନଜରକୁ ଆସିବ। ପଲିଥିନ୍ ସାଧାରଣ ମଣିଷ ବ୍ୟବହାର କରେ ସତ ; କିନ୍ତୁ ତାକୁ ସେ ଉଦ୍ଭାବନ କରିନାହିଁ। ପ୍ରଥମରୁ ଏହାର ଉତ୍ପାଦନକୁ ନିୟନ୍ତ୍ରିତ କରିବାର ଥିଲା। ତା' ହୋଇଥିଲେ ଖୋଟଶିଳ୍ପ ପରି ଅର୍ଥକରୀ ଉଦ୍ୟୋଗ ବିଲୁପ୍ତିରୁ ମୁକ୍ତ ହୋଇଥାନ୍ତା। ଘରେ ଘରେ ଖୋଟର କୁଟୀରଶିଳ୍ପ ଆଜି ମଧ୍ୟ ଉଜ୍ଜୀବିତ ଥାନ୍ତା। ଧାନ ପରେ ନଳିତା ଚାଷକୁ ଅଣଖାଦ୍ୟ ଅର୍ଥକରୀ ଫସଲର ମାନ୍ୟତା ମିଳିଥାନ୍ତା। ଗ୍ରାମୀଣ ମହିଳା ଅବସର ସମୟରେ ଖୋଟ ଓ ସୂତାରୁ ପ୍ରସ୍ତୁତ ନାନା କାରୁକାର୍ଯ୍ୟଭରା ବ୍ୟାଗ୍, କାଗଜ ପ୍ରସ୍ତୁତ ଠୁଙ୍ଗା, ବିଲରୁ ମିଳୁଥିବା କାଇଁଚ, ବେଣା, ଜୁଣ୍ଡରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜର ଆବଶ୍ୟକତା ପରିପୂରଣ ସହ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିପାରୁଥାନ୍ତା। ପଲିଥିନ୍‌ର ବ୍ୟବହାର ଆମକୁ ଏତେ ମୋହଗ୍ରସ୍ତ କରିଛି ଯେ, ତାକୁ ପରିହାର କରିବାର ଚିନ୍ତା ଆମକୁ ଉଦ୍ଭଟ ମନେ ହେଉଛି। ବିନା ପଲିଥିନରେ ଜୀବନ କେତେ ଶୃଙ୍ଖଳିତ ଥିଲା ଓ ପରିବେଶ କିପରି ଅନୁକୂଳ ଥିଲା ସେକଥା ଚିନ୍ତା କରିବାର ସାମର୍ଥ୍ୟ ଆଜିର ଯୁବବର୍ଗର ନାହିଁ।

ସାରା ପୃଥିବୀ ଆଜି ପ୍ରଦୂଷଣର କରାଳ ପଞ୍ଝାରେ କବଳିତ। ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଅବିକଶିତ ଓ ବିକାଶୋନ୍ମୁଖୀ ଦେଶଗୁଡ଼ିକର ଯେତିକି ଦାୟିତ୍ୱ ରହିଛି, ବିକଶିତ ରାଷ୍ଟ୍ରଗୁଡ଼ିକର ତା'ଠାରୁ ଅଧିକ ଦାୟିତ୍ୱ ରହିବା କଥା। ମାତ୍ର ସେପରି କିଛି ହେଉନାହିଁ କିମ୍ବା ହେବାର ମଧ୍ୟ ସମ୍ଭାବନା ନାହିଁ। ପକ୍କାଘର, ପକ୍‌କା ସଡ଼କ, ସେତୁ ସହ ତୈଳ ଇନ୍ଧନଯୁକ୍ତ ଯାନବାହନ, ତଥା ଘରେ ନାନାବିଧ ବୈଦ୍ୟୁତିକ ଉପାଦାନ ବ୍ୟବହାରରେ ମଣିଷ ଏତେ ଜଡ଼ିତ ଯେ ତାହାର ବ୍ୟବହାରହୀନତା ବା ସଂକୁଚିତ ବ୍ୟବହାର କଥା ମଣିଷ କଳ୍ପନା କରିପାରୁନାହିଁ। ଭାରତ ଭଳି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଅନୁସନ୍ଧାନ କରି କେତେକ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେଲେଣି। ଅଣପାରମ୍ପରିକ ତଥା ଅକ୍ଷୟଶକ୍ତି ଯଥା ସୂର୍ଯ୍ୟରଶ୍ମି ଓ ପବନଶକ୍ତି କାର୍ଯ୍ୟକ୍ଷମ କରିବା କ୍ଷେତ୍ରରେ ଆମେ ସମାନ ଅଗ୍ରଗତି କରିଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ପରି। ବିକଶିତ ବୃହତ୍ ଶକ୍ତିଗୁଡିକର ଏଥିରେ ଗୁରୁଦାୟିତ୍ୱ ରହିଛି।

ଜୈବିକ, ଅଜୈବିକ ଓ ସାଂସ୍କୃତିକ ଏହି ତିନି ପ୍ରକାର ପରିବେଶ ମଧ୍ୟରୁ ମଣିଷର ଜୀବନ ଧାରଣ ପାଇଁ ଯେଉଁ ପରିବେଶ ଆବଶ୍ୟକ ତାହା ଜୈବ ପରିବେଶ। ଉତ୍ତମ ଜୀବନ ଯାପନ ନିମିତ୍ତ ସ୍ୱଚ୍ଛତା, ପରିମଳ, ବିଶୁଦ୍ଧ ଜଳ ଓ ବାୟୁ ଇତ୍ୟାଦିର ସୁଲଭତା ଅଜୈବ ବା ଜଡ଼ ପରିବେଶର ଅନ୍ତର୍ଭୁକ୍ତ। ସେହିପରି ମନୁଷ୍ୟର ଆଚରଣ, ପୂଜ୍ୟପୂଜନ, ନାରୀଜାତି ପ୍ରତି ସମ୍ମାନ, ମାତୃଭାଷାର ଉନ୍ନତୀକରଣ ଓ ମାନବିକ ମୂଲ୍ୟବୋଧ ପ୍ରତିପାଦନ ଇତ୍ୟାଦି ସମସ୍ତ ସୁସ୍ଥ ସାମାଜିକତା ସାଂସ୍କୃତିକ ପରିବେଶର ଅନ୍ତର୍ଭୁକ୍ତ। ଏ ତିନୋଟିଯାକ ପରିବେଶ ସୁରକ୍ଷାରେ ଆଧୁନିକ ମଣିଷର କାର୍ପଣ୍ୟ ପୃଥିବୀ ତଥା ପ୍ରକୃତି ପାଇଁ କ୍ଷତିକାରକ। ବୃକ୍ଷରାଜିର ବିଲୋପନ ସବୁଜ ପୃଥିବୀ ଗଠନର ପରିପନ୍ଥୀ। ପ୍ରସିଦ୍ଧ ବୈଜ୍ଞାନିକ ରୁଷ ଇଞ୍ଜିନୟର ତାଙ୍କ ଚେତାବନୀ ମୂଳକ ପ୍ରବନ୍ଧରେ ମାନବଜାତିକୁ ସତର୍କ କରାଇଦେଇଛନ୍ତି ଯେ ଆମେ ଅନ୍ୟୂନ ଦୁଇଟି ବୃକ୍ଷରୋପଣ କରି ତାକୁ ପରିପୁଷ୍ଟ କରିପାରିଲେ ଗୋଟିଏ ଗଛ କାଟିପାରିବା। ନଚେତ୍ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ପୃଥିବୀ କେବଳ ମରୁଭୂମିରେ ରୂପାନ୍ତରିତ ହେବ ନାହିଁ ବରଂ ବଞ୍ଚିବାର ସର୍ବନିମ୍ନ ଆବଶ୍ୟକତା ଅମ୍ଳଜାନ ଅଭାବରୁ ଆମେ ଅକାଳ ମୃତ୍ୟୁକୁ ସାମ୍ନା କରିବା।

ଅଶୋଧିତ ଜଳ, ପ୍ରଦୂଷିତ ବାୟୁ, ପ୍ରତିକୂଳ ପାଣିପାଗର ବିଭୀଷିକା ସହ ଅପମିଶ୍ରିତ ଖାଦ୍ୟ ଗ୍ରହଣ ମଣିଷ ଜୀବନ ପ୍ରତି ଏକ ସତର୍କ ଘଣ୍ଟି। କେବଳ ଏତିକି ନୁହେଁ ଉଚ୍ଚ ପାର୍ବତ୍ୟାଞ୍ଚଳରୁ ପାହାଡ଼ ପର୍ବତ ଚୂର୍ଣ୍ଣ କରି କ୍ଷୁଦ୍ର ପ୍ରସ୍ତର ଖଣ୍ଡ ବୋହିଆଣି ଆମେ ସମତଳ ତଥା ଉପକୂଳ ଅଞ୍ଚଳରେ ଯେଉଁସବୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରୁଛୁ ତାହା ହୁଏତ ସଭ୍ୟତାର ଅଗ୍ରଗତି ନିମିତ୍ତ ଆବଶ୍ୟକ ହୋଇପାରେ ; ମାତ୍ର ଏହାଦ୍ୱାରା ପ୍ରକୃତିର ଭାରସାମ୍ୟ ଉପରେ ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ। ବନ୍ୟା, ବାତ୍ୟା, ମରୁଡ଼ି, ବଜ୍ରପାତ ଓ ସର୍ବୋପରି ଭୂମିକମ୍ପକୁ କିପରି ପ୍ରତିହତ କରାଯାଇପାରିବ ସେ ସମ୍ବନ୍ଧରେ ବୈଜ୍ଞାନିକ ଅନୁସନ୍ଧାନ ଜାରି ରହିଥିଲେ ମଧ୍ୟ ଏହାର ସମାଧାନ ଏତେ ସହଜ ମନେ ହେଉନାହିଁ। କେବଳ ବ୍ୟାପକ ବୃକ୍ଷରୋପଣ ଓ ତା'ର ପରିପାଳନ କିଛି ମାତ୍ରାରେ ଏହାକୁ ପ୍ରତିହତ କରିବାରେ ସକ୍ଷମ ହେବ। ସତରେ ମଣିଷ ଜୀବନ ଆଜି ସଙ୍କଟରେ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ:୯୯୩୭୪୫୦୫୪୦**

# ପିତା ଓ ପିତା



ଡ. ଆରତି କର

ଚପଳ ବୟସ ବାବୁଲାର। ଚଗଲାମିରେ ସୀମା ଟପିଗଲାଣି। ସାହି ପଡ଼ିଶାଙ୍କର ସବୁବେଳେ ଅଭିଯୋଗ। ବୋଉ ଭାରି ବ୍ୟସ୍ତ। କେତେ ବୁଝାଏ। ବାପା ଦିନେ ରାଗି ପିଟି ପକାଇଲେ। ବାବୁଲାର ମନ ଖରାପ। ଘରୁ ବାହାରି ପଳାଇଲା। ସନ୍ଧ୍ୟା ହେଲାଣି, ଘରେ ସମସ୍ତେ ବ୍ୟସ୍ତ। ଘର-ବାହାର, ବନ୍ଧୁ ଘର ସବୁ ଖୋଜା ସରିଲାଣି , ବାବୁଲା ମିଳୁନି। ଚାଷବନ୍ଦୀ ଘର, ଗାଇ-ବଳଦ ଗୁହାଳରେ ବନ୍ଧା ହେଲେ, ବାପା ଗୋରୁଙ୍କ ଆଗରେ ପକାଇବାକୁ ଛଣ ଆଣୁଛନ୍ତି, ଆଖିରେ ଆଖିଏ ଲୁହ, ସ୍ୱତଃ ପାଟିରୁ ବାହାରୁଛି ବାପାରେ କୁଆଡ଼େ ଗଲୁ, ଆ-ଆ-ରେ ଧନ, ମୁଁ ତତେ ଜମା ମାରିବିନି। ଉପରୁ ଖସ୍ ଖସ୍ ଶୁଭିଲା, କ'ଣ ବୋଲି ଦେଖନ୍ତେ ବାବୁଲା ଛଣ ଭାଡ଼ି ଭିତରେ। ଧରିଲେ ବାପା ବାବୁଲାର ଚୁଟିକୁ, ଆଉ ପିଟି ଦେଇଗଲେ। କହି ଚାଲିଥାନ୍ତି- ବଦମାସ୍ ଏଇଠି ଲୁଚିଛି, ସକାଳୁ କାନ୍ଦବୋବାଳି, ଖିଆପିଆ ସବୁ ବନ୍ଦ। ବାବୁଲା ବୁଝି ପାରୁନଥିଲା ଏବେ ମତେ ନ ପାଇ କାନ୍ଦୁଥିଲେ, ପୁଣି ପାଇକରି ଏ ନିଘୁଞ୍ଚ ମାଡ଼ !

ପ୍ରକୃତରେ ବାପାଙ୍କୁ ବୁଝିବା କଷ୍ଟ। ପିଲାବେଳେ ଉଦୁଉଦିଆ ଖରାବେଳେ ବୁଢ଼ାଟିଏ ଝୁଲାଟିଏ ପକାଇ ଧୁଡୁକି ବଜାଇ ଭିକ ମାଗେ ଓ ଗୀତଟିଏ ଗାଏ- ନିମ ସିନା ଲାଗେ ପାଟିକୁ ପିତାଲୋ ପେଟରେ ଅମୃତ ଲଡୁ / ଆମ୍ବ ସିନା ଲାଗେ ପାଟିକୁ ମିଠା ସେ ପେଟ କରେ ଘୁଡୁଘୁଡୁ। ପ୍ରକୃତରେ ଆଦ୍ୟ ଜୀବନରେ ବାପାଙ୍କର ଅନେକ କଥା ପିତା ଲାଗେ, ନିମ ପାଟିକୁ ଲାଗିଲା ପରି । କିନ୍ତୁ ପରବର୍ତ୍ତୀ ସମୟରେ ମଣିଷ ଉପଲବ୍ଧି କରେ ବାପାଙ୍କର ସେ ତାଡ଼ନାର ମୂଲ୍ୟ।

ଚାଳିଶି ପଚାଶ ବର୍ଷ ପୂର୍ବକୁ ଫେରିଗଲେ ଆମେ ଦେଖିବା ବାପା ମା'ଙ୍କର ପାଞ୍ଚରୁ ସାତ ସନ୍ତାନସନ୍ତତି ଥିଲେ। ବାପା ଏକମାତ୍ର ରୋଜଗାର କରି ନିଜର ବୃଦ୍ଧ ବାପା-ମା, ବନ୍ଧୁ-ବାନ୍ଧବ ଓ ସ୍ତ୍ରୀ, ପିଲାଙ୍କୁ ଚଳାଉଥିଲେ। ଶତକଡ଼ା ନବେ ପ୍ରତିଶତ ପରିବାରରେ ଅଭାବ ଲାଗି ରହୁଥିଲା ମାତ୍ର ବାପା ବୁଢ଼ା ହେଲାପରେ ଘରେ ରହୁଥିଲେ, ପିଲାମାନଙ୍କ ଯତ୍ନରେ ଆଉ ସେବାରେ। ବୁଦ୍ଧି ହେଲା ପରେ ପିଲାମାନେ ବୁଝି ଯାଉଥିଲେ ପିତା ଆଦୌ ପିତା ନୁହନ୍ତି।

ବର୍ତ୍ତମାନ ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଓ ଗୋଟିଏ ପିଲା। କୌଣସି ବାପା ତା'ର ପିଲାକୁ ଶାସନ କରିବାର ଦେଖାଯାଉନି। ଅଖଣ୍ଡ ସ୍ୱାଧୀନତା, ପିଲାର ସବୁ ଅଳି ଅର୍ଦ୍ଦଳି ଅଚିରେ ପୂରଣ ହେଉଛି। ପଇସାର ଅଭାବ ନାହିଁ, ଶିକ୍ଷା ବ୍ୟବସାୟୀମାନେ ପଇସା ବଦଳରେ ଡିଗ୍ରୀ ଦେବାକୁ ଆଗଭର। ବାପାଙ୍କର ପୁଅ ପାଇଁ ବେଶ୍ ହାତଖୋଲା। ବାବୁ ପାଠ ପଢ଼ି ଚାକିରି କଲେ ବାଙ୍ଗାଲୋର୍, ବମ୍ବେ ଅବା ପୁଣେରେ। ବାପାଙ୍କର ମଧ୍ୟ ସଫଳ ପିତା ବୋଲି ଗର୍ବ, ମାତ୍ର ପୁଅ ତାଙ୍କ ପରିବାର ଧରି ସିଆଡ଼େ। ସମୟ ଆସେ ବାପା ରୁହନ୍ତି ବୃଦ୍ଧାଶ୍ରମରେ। ସେତେବେଳେ ସିନା ପିଲାମାନେ ବୁଦ୍ଧି ହେଲା ପରେ ବୁଝି ପାରୁଥିଲେ ପିତା କେବେ ପିତା ହୋଇ ନ ପାରନ୍ତି, ଏବେ କିନ୍ତୁ ପିଲାମାନଙ୍କର ବୁଦ୍ଧି ହେଲା ପରେ ତାଙ୍କୁ ପିତାମାନେ ଭାରି ପିତା ଲାଗୁଛନ୍ତି।

ମଦନ ଓ ସନାତନ ଦୁଇ ବନ୍ଧୁ। ମଦନ ସପ୍ତମ ଶ୍ରେଣୀ ପରେ ପାଠରେ ଡୋରି ବାନ୍ଧି ଚାଷ କଲା। ସନାତନ ଶିକ୍ଷକ ଚାକିରି କରି ହେଡ୍‌ମାଷ୍ଟର ପଦବୀରୁ ଅବସର ନେଲେ। ଦୁହେଁ ଗାଁରେ



ପୈତୃକ ଘରେ ରହୁଛନ୍ତି। ମଦନର ପୁଅ ମାଟ୍ରିକ୍ ଫେଲ୍ ହୋଇ ବାପା ସାଙ୍ଗରେ ଚାଷକାମରେ ସାମିଲ ହୋଇ ଘର ସଂସାର କରି ଗାଁ ଘରେ ରହିଲା। ସନାତନ ବାବୁ ପ୍ରୋଭିଡେଣ୍ଟ ଫଣ୍ଡ ଉଠାଇ ବେସରକାରୀ କଲେଜରେ ପୁଅକୁ ଇଞ୍ଜିନିୟରିଂ ପାଠ ପଢ଼ାଇଲେ। ପୁଅ ପାସ୍ କରି ବାଙ୍ଗାଲୋର୍‌ରେ ଚାକିରି କଲେ ଓ ସ୍ତ୍ରୀ ପିଲାଙ୍କୁ ଧରି ଚାକିରି କ୍ଷେତ୍ରରେ ରହିଲେ। ଗାଆଁକୁ ଆସନ୍ତିନି କହିଲେ ଚଳେ।

ଏବେ ଦୁହେଁ ମଦନ ଓ ସନାତନ ଅତିକ୍ରାନ୍ତ ବୟସରେ, ଦେହ ଭଲ ରହୁନି। ସନାତନ ବାବୁ ସପତ୍ନିକ ବାଙ୍ଗାଲୋର୍ ଗଲେ ପୁଅ ପାଖକୁ, କିଛି ଦିନ ସେଠି କଟାଇବେ, ଦେହ ଦେଖାଇବେ। ଘରୁ ଯିବାର ଆଠ ଦିନ ହୋଇନି, ସନାତନ ବାବୁ ଫେରି ଆସିଲେଣି ପୁଅ ପାଖରୁ।

ଖରାବେଳ, ଦାଣ୍ଡ ପିଣ୍ଡାରେ ମଦନ ବସିଛନ୍ତି, ପୁଅ କହୁଛି - ବା, ଆଜି ବିଲକୁ କାହିଁକି ଗଲୁ, କେତେ ମନା କରିଛି ଆଉ କାମ କରନା, ପିଣ୍ଡା ଉପରେ ବସ। ଦାଣ୍ଡରେ ବନ୍ଧୁ ସନାତନଙ୍କୁ ଦେଖି ମଦନ ପଚାରୁଛନ୍ତି - ଭାଇ କ'ଣ ଏତେ ଜଲଦି ପଳାଇ ଆସିଲ, ଦେହ ଦେଖାଇଲ ତ ? କାନ୍ଦି ପକାଇଲେ ସନାତନ, ମୋ ପୁଅ କହିଲା, ସେଠାରେ ଡାକ୍ତର ନ ଦେଖାଇ ଏଠାକୁ ଆସିଲେ କାହିଁକି, ଆମେ କ'ଣ ଡାକ୍ତର ? ପଇସା ଯଦି ଦରକାର ଥିଲା କହିଲେନି। ବୋହୂ ପୁଅର କଥାକୁ ସମର୍ଥନ କରୁଥାଏ। ସତେଯେପରି ଆମେ ସେମାନଙ୍କ ପାଖରେ ପହଞ୍ଚି ମସ୍ତବଡ଼ ଭୁଲ୍ କରିଦେଇଛୁ।

ଆଉରଙ୍ଗଜେବ ଭାଇମାନଙ୍କୁ ବିନାଶ କରି ପିତା ଶାହାଜାହାନଙ୍କୁ କାରାଗାରରେ ନିକ୍ଷେପ କରି ସିଂହାସନ ଅଧିକାର କରିଥିଲେ। ଶୁଣାଯାଏ ଶାହାଜାହାନ ଅଧିକ ଦିନ ବଞ୍ଚି ରହିବାରୁ ଆଉରଙ୍ଗଜେବ ତାଙ୍କୁ ଦିଆଯାଉଥିବା ପିଇବା ପାଣି ପ୍ରତ୍ୟହ କମାଇ ଦେଉଥିଲେ। କାରାଗାରରେ ତୃଷ୍ଣାରେ ଆତୁର ଶାହାଜାହାନ ସେଦିନ କହିଥିଲେ, ଧନ୍ୟ ହିନ୍ଦୁସ୍ଥାନ, ଧନ୍ୟ ତା'ର ସନାତନ ପରମ୍ପରା, ଯେଉଁଠି ପରଲୋକଗତ ପିତା ଓ ପିତୃ ପୁରୁଷଙ୍କୁ ପୁଅ ପିଣ୍ଡ ପାଣି ପ୍ରଦାନ କରେ। ଆଉ ମୋର ପୁଅ ଜୀବନ୍ତ ବାପକୁ ପାଣି ଟୋପେ ଦେଉନି।

ପରିଣତ ବୟସରେ ପିତାଙ୍କ ପ୍ରତି ପୁତ୍ରଙ୍କର ଆଚରଣର ସ୍ଖଳନକୁ ଲକ୍ଷ୍ୟକରି ସମାଜକୁ ସଚେତନ କରିବା ପାଇଁ ବ୍ୟାସକବି, ଫକୀରମୋହନଙ୍କ ଲେଖନୀରୁ ଝରି ପଡ଼ିଥିଲା କାଳଜୟୀ ଗଳ୍ପ 'ଡାକମୁନ୍‌ସୀ'। ବାପ ହରିସିଂ ପେଟକୁ ଗଣ୍ଡେ ଭଲ ନ ଖାଇ, ଖଣ୍ଡେ ଭଲ ନ ପିନ୍ଧି, ବାପା-ମା ଉଭୟଙ୍କୁ ସ୍ନେହ ଦେଇ ପୁତ୍ର ଗୋପାଳକୁ ଇଂଲିଶ ଦୁଇ ଅକ୍ଷର ପଢ଼ାଇ ହାକିମହୁକୁମାଙ୍କ ସୁପାରିସ୍‌ରେ ପୁଅକୁ ପୋଷ୍ଟମାଷ୍ଟର ସଜାଇ ପାରିଲା। ମାତ୍ର ପୋଷ୍ଟ ମାଷ୍ଟର ବାବୁ ବାପା ହରିସିଂଙ୍କ କଷ୍ଟ ବୁଝିବା ତ ଦୂରର କଥା ବରଂ ପ୍ରବଳ ଥଣ୍ଡା ଜ୍ୱରରେ ବାପା କାଶୁଥିବା ବେଳେ ବାବୁ ପିଅନକୁ ଆଦେଶ ଦଅନ୍ତି ବୁଢ଼ାଟାକୁ କିଆବୁଦାରେ ଫୋପାଡ଼ି ଦେଇ ଆସ। ଇତିମଧ୍ୟରେ ଶହେରୁ ଊର୍ଦ୍ଧ୍ୱ ବର୍ଷ ବିତିଗଲାଣି। ବଢ଼ି ଚାଲିଥିବା ବୃଦ୍ଧାଶ୍ରମଗୁଡ଼ିକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଗୋପାଳମାନଙ୍କ ସଂଖ୍ୟା ଚକ୍ରବୃଦ୍ଧି ହାରରେ ବଢ଼ି ଚାଲିଛି।

କଥାରେ ଅଛି ଉଧାର ମାଣକ ପାଞ୍ଚ ପା। ଆଜିର ପୁଅ ତା' ବାପ ପରି ଦିନେ ବୁଢ଼ା ହେବ। ତା' ପୁଅ ବି ବଡ଼ ହେବ। ନିଜେ ଯଦି ଗୋପାଳ ଭୂମିକାରେ ଥାଏ, ତେବେ ତା' ପୁଅ ଯେ ଗୋପାଳ ନ ହେବ କିଏ କହିବ। ସାଧୁ, ସାବଧାନ, ବେଳ ଥାଉ ଥାଉ ପିତାର ଅର୍ଥ ବୁଝିବା ଦରକାର। ପରିଣତ ବୟସରେ ପିତାମାନେ ପୁଅବୋହୂଙ୍କୁ ପିତା ଲାଗିବା ଅଧ୍ୟାୟ ଅତ୍ୟନ୍ତ ହୃଦୟ ବିଦାରକ।

**ଶତାବ୍ଦୀ ନଗର, ଭୁବନେଶ୍ୱର**
**ମୋ:୮୮୪୭୮୯୨୬୭୨**

## ଏଇ ଭାରତରେ

ପ୍ଲାଷ୍ଟିକ ବ୍ୟବହାର ଏବେ ପରିବେଶକୁ ପ୍ରଦୂଷିତ କରିବାରେ ଲାଗିଛି। ଏହା ମଣିଷ, ପ୍ରାଣୀ ଓ ଜଳଚର ଜୀବଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏଣୁ ପ୍ଲାଷ୍ଟିକ ପ୍ରଦୂଷଣ ଦୂର କରିବା ଲାଗି ବିଭିନ୍ନ ବର୍ଜ୍ୟରୁ ଏହାର ବିକଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ରେହା କୋଠାରି ଓ ରିଶିକା ରେଡ୍ଡୀ। ଏହି ଦୁଇ ମହିଳା ଉଦ୍ୟୋଗୀ କଫି, ଛତୁ, କଦଳୀ ଚୋପା, ଟମାଟୋ ବର୍ଜ୍ୟରୁ ପରିବେଶ ଉପଯୋଗୀ ପ୍ୟାକେଜିଂ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ସେମାନେ ୨୦୨୦ରେ 'ଦି ମେଣ୍ଡ୍ ପ୍ୟାକେଜିଂ' କମ୍ପାନୀ ପ୍ରତିଷ୍ଠା କରି ପ୍ୟାକେଜିଂ ସାମଗ୍ରୀ ତିଆରି କରୁଛନ୍ତି। ଏହିସବୁ ସାମଗ୍ରୀ ସହଜରେ ଓ କମ୍ ସମୟରେ ମାଟିରେ ମିଶି ଯାଉଛି। ଲକ୍‌ଡାଉନ ସମୟରେ ସମସ୍ତେ ଘରକୁ ସାମଗ୍ରୀ ମଗାଇବା ଯୋଗୁ ପ୍ୟାକେଜିଂ ବର୍ଜ୍ୟ ବଢ଼ିଯାଇଥିଲା, ଯାହାକୁ ଲକ୍ଷ୍ୟ କରିଥିଲେ ରେହା ଓ ରିଶିକା। ପରେ ଏହାର ସମାଧାନ ପାଇଁ ଉପାୟ ଖୋଜିବା ଲାଗି ଗବେଷଣା ଆରମ୍ଭ କରିଦେଇଥିଲେ। ରିଶିକାଙ୍କ ପରିବାର ପ୍ରିଣ୍ଟିଂ ବିଜନେସ ସହ ଜଡ଼ିତ ଥିବା ଯୋଗ ତାଙ୍କୁ ଗବେଷଣାରେ ସଫଳ ହେବା ସହଜ ହୋଇପାରିଲା। ଏବେ କମ୍ପାନୀରେ ୭୦ରୁ ଅଧିକ ପ୍ରକାର ଉତ୍ପାଦ ପ୍ରସ୍ତୁତ ହେଉଛି। କମ୍ପାନୀ ୨୮୦ ଜଣ ଭେଣ୍ଡରଙ୍କ ସହ କାମ କରି ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଏକ ମଜଭୁତ ଯୋଗାଣ ନେଟ୍‌ୱର୍କ ପ୍ରତିଷ୍ଠା କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୭୬

- କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପାଇଁ ଏକ ସମାନ ଭିତ୍ତିଭୂମି ସ୍ଥାପନ ନିମନ୍ତେ ଏକ ଜାତୀୟ ଇକ୍ୟୁଇଟି ପାଣ୍ଠି ଗଠନକ ରାଯାଇଛି।
- ହରିଆଣାର କର୍ଣ୍ଣଲ ଜିଲାର ବସ୍ତର ଗ୍ରାମଠାରେ ଗ୍ରାଣ୍ଟଟ୍ରଙ୍କ ରୋଡ୍ ଉପରେ ହରିଆଣା ରୋଡ୍ ଓୟେଜର ଦୁଇଟି ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ ଯାତ୍ରୀ ନିହତ।

## ଚିରନ୍ତନୀ

ଜଳର ଏ ଯେ କଳ-ବେଦନା
ତୁଟାଇ ତବ ସବୁ ସାଧନା
ଝିଲ୍ଲୀ ଭେକ ଚଉପାଶରେ କାନ୍ଦଇ
ପରାଣ ମନ ନିଗଡ଼ ପାଶେ ବାନ୍ଧଇ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 5 | | | | 6 | | 1 |
| | | | | 2 | | 3 | | |
| | | | 4 | | | | | |
| 4 | | | 9 | 1 | | 2 | | 5 |
| 7 | | 9 | | | | | | |
| | 8 | | | 4 | | | | |
| | | | 1 | | | | | |
| 3 | | 6 | | | | | 2 | |
| 9 | | | | | 5 | 4 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 9 | 4 | 5 | 6 | 3 | 8 | 7 |
| 8 | 6 | 4 | 3 | 9 | 7 | 1 | 2 | 5 |
| 7 | 5 | 3 | 8 | 1 | 2 | 4 | 6 | 9 |
| 6 | 4 | 5 | 9 | 8 | 1 | 2 | 7 | 3 |
| 9 | 3 | 1 | 2 | 7 | 5 | 6 | 4 | 8 |
| 2 | 8 | 7 | 6 | 4 | 3 | 5 | 9 | 1 |
| 4 | 9 | 2 | 5 | 3 | 8 | 7 | 1 | 6 |
| 3 | 7 | 6 | 1 | 2 | 9 | 8 | 5 | 4 |
| 5 | 1 | 8 | 7 | 6 | 4 | 9 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିରାଶ୍ରୟଙ୍କୁ ସହାୟତା ମିଳୁ

ମହାଶୟ,

ରାଜ୍ୟର ସବୁ ଜିଲାରେ ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉ। ଏଥିରେ ଅବହେଳିତ, ଦୁର୍ବଳ ଶ୍ରେଣୀର ଝିଅପୁଅଙ୍କୁ ଅନ୍ତର୍ଭୁକ୍ତ କରାଯାଉ। ଫଳରେ ଆର୍ଥିକ, ସାମାଜିକ ଏବଂ ପାରିବାରିକ କ୍ଷେତ୍ରରେ ଥିବା ସମସ୍ୟା ସୁଧୁରିପାରିବ। ପାଠପଢ଼ା ଖର୍ଚ୍ଚ ମଧ୍ୟ ମାସିକ ଚାରି ହଜାର ଟଙ୍କା ସହାୟକ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ଚିହ୍ନଟ ପ୍ରକ୍ରିୟାରେ ପ୍ରକୃତ ସୁବିଧା ହିତାଧିକାରୀଙ୍କୁ ମିଳିପାରିବ। ଏଥିରେ ବାଛବିଚାର ନ କରି ଅଧିକରୁ ଅଧିକ ପିଲାଙ୍କୁ ସୁଯୋଗ ଦିଆଯାଉ। ଫଳରେ ପିଲାମାନେ ଉଚ୍ଚଶିକ୍ଷା ପାଇ ସଶକ୍ତ ହୋଇପାରିବେ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଭଦ୍ରା: ନାରୀ ଶକ୍ତିର ଅପୂର୍ବ ଅଭ୍ୟୁଦୟ



**ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓ ଅଖ୍ୟାତ ପୁରପଲ୍ଲୀରେ ବାସ କରୁଥିବା ସମସ୍ତ ମହିଳାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ସତରେ ଚଳିତ ବର୍ଷର ବିଷୟବସ୍ତୁ ସହିତ ପୂରା ଖାପଖାଉଛି ଆମ ସୁଭଦ୍ରା। Accelerated Action ବା ତ୍ୱରିତ କାର୍ଯ୍ୟାନୁଷ୍ଠାନ ବିଷୟବସ୍ତୁକୁ ନେଇ ବିଶ୍ୱ ଚର୍ଚ୍ଚା କରୁଥିବା ବେଳେ ଆମ ସରକାରଙ୍କ ସୁଭଦ୍ରା ଯୋଜନା ତାହାର ଏକ ଅବିକଳ ଉଦାହରଣ। ରାଜ୍ୟ ସରକାରଙ୍କ ମାତ୍ର ୯ ମାସ ମଧ୍ୟରେ ସୁଭଦ୍ରା କୋଟିଏ ମହିଳାଙ୍କ ପାଖରେ ଯେଉଁଭଳି ଢଙ୍ଗରେ ସର୍ବଗ୍ରହଣୀୟ, ତାହାର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ ନୀତି ପ୍ରଣୟନକାରୀମାନେ ମଧ୍ୟ ସେତିକି ପ୍ରଶଂସାର ପାତ୍ର ଏବଂ ହିତାଧିକାରୀଙ୍କ ସରକାରଙ୍କ ଉପରେ ବିଶ୍ୱାସ ଓ ଭରସା ଏହାକୁ ଦ୍ୱିଗୁଣିତ କରିଛି।

ମହିଳାମାନେ ସର୍ବଦା ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବିଶେଷକରି କୃଷି, ବିଜ୍ଞାନ, କମ୍ପ୍ୟୁଟର ଓ କ୍ଷୁଦ୍ର ଉଦ୍ୟୋଗରେ ସେମାନଙ୍କ ଅବଦାନ ସବୁଠାରୁ ଅଧିକ। ସମାଜର ପ୍ରତିବନ୍ଧକର ବେଡ଼ିକୁ ସଫଳତାର ସହ ଗ୍ରହଣ କରି ନିଜ ସମୃଦ୍ଧିରେ ଆଗେଇ ଚାଲିଥିବା ନାରୀ ଶକ୍ତି ଇଟା ସିମେଣ୍ଟର ତିଆରି ଘରକୁ ଜୀବନ୍ତ ମନ୍ଦିର ଭାବେ ଗଢ଼ିତୋଳିବା କଥାକୁ କେହି ଅଣଦେଖା କରିପାରିବେ ନାହିଁ।

ଯେକୌଣସି ଦାୟିତ୍ୱବାନ୍ ସରକାର ଏହାକୁ ହୃଦୟଙ୍ଗମ କରିବା ଆବଶ୍ୟକ ଯେ ମହିଳାମାନେ ଆମ ସମାଜର ଅଧା ଅଂଶ ଏବଂ ସେମାନଙ୍କ ଅବଦାନ ବିନା ବିକଶିତ ସମାଜର ପରିକଳ୍ପନା କରିବା ଅସମ୍ଭବ। ଆମ ସରକାର କ୍ଷମତାକୁ ଆସିବା ପରେ କେବଳ ଏହି ସତ୍ୟକୁ ସ୍ୱୀକାର କରିଛନ୍ତି ତା' ନୁହେଁ ବରଂ ଆମ ବିକଶିତ ଓ ଭିଜନର ଏହାକୁ ଏକ ପ୍ରମୁଖ ଉପାଦାନ ଭାବେ ବିକାଶର ମୂଳପିଣ୍ଡ ଭାବେ ଗ୍ରହଣ କରିଛନ୍ତି। ଆମେ ଏହାକୁ ନିର୍ବାଚନର ଇସ୍ତାହାରର ଏକ ପ୍ରମୁଖ ଅଂଶ କରିଥିଲୁ ଏବଂ ଏହା କହିବା ଏବେ ଠିକ୍ ହେବ ଯେ, ରାଜ୍ୟବାସୀ ଆମ ପରିକଳ୍ପନା ଓ ଆମ ସ୍ୱପ୍ନକୁ ଖୁସିରେ ଆପଣେଇ ନେଇଛନ୍ତି। ମହିଳାଙ୍କ ହାତରେ କ୍ଷମତା, ଅର୍ଥନୈତିକ ବ୍ୟବସ୍ଥା ଟେକି ଦେବାରେ ବିଶ୍ୱାସ ରଖନ୍ତି ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ମୋଦୀ ଗ୍ୟାରେଣ୍ଟି ପୂରଣ କରିବାର ଲକ୍ଷ୍ୟ ନେଇ ନୂଆ ସରକାର ଗଠନର ପରେ ପରେ ହିଁ ୨୦୨୪ ମସିହା ଜୁନ୍ ୧୨ ତାରିଖରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ମାର୍ଗଦର୍ଶନରେ ଇତିହାସର ସର୍ବବୃହତ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସୁଭଦ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ହିସାବରେ ମୋତେ ଏହି ଯୋଜନା ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ୩ ମାସରେ ଯୋଜନାର ସମସ୍ତ ବିବରଣୀ ଯେପରିକି ବିସ୍ତୃତ ମାର୍ଗଦର୍ଶିକା, ମାନକ କାର୍ଯ୍ୟ ପ୍ରଣାଳୀ (sop), ଆର୍ଥିକ ବଜେଟ, କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀ ଇତ୍ୟାଦି ପ୍ରସ୍ତୁତ କରିବା ପାଇଁ ବିଭାଗର ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା।

ଏହି ସମୟସୀମା ମଧ୍ୟରେ ମାର୍ଗଦର୍ଶିକା ପ୍ରଣୟନ କଲାବେଳେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶର ଅନେକ ମହିଳା ସଶକ୍ତୀକରଣ ଯୋଜନା ଉପରେ ବିଶଦ୍ ଅଧ୍ୟୟନ କରାଯାଇଥିଲା। ଯୋଜନାର ମୌଳିକ ରୂପରେଖକୁ ନିରୂପଣ କରିବା ନିମନ୍ତେ ଆମେ ପ୍ରଥମରୁ ହିଁ ବିସ୍ତୃତ ଆଲୋଚନା କରିଥିଲୁ ଏବଂ ସ୍ପଷ୍ଟ ହୋଇଥିଲୁ ଯେ ଧାର୍ଯ୍ୟଲକ୍ଷିତ ସମୂହଙ୍କ ଆବଶ୍ୟକତାକୁ ଗୁରୁତ୍ୱ ନ ଦେଲେ ଏହି ଯୋଜନା ମଧ୍ୟ ତୃଣମୂଳ ସ୍ତର ସହିତ ସମ୍ପର୍କ ନ ଥିବା କେବଳ ଆଉ ଏକ ସରକାରୀ ଯୋଜନା ହୋଇ ରହିଯିବ।

ଏହି ପରିପ୍ରେକ୍ଷୀରେ ରାଜ୍ୟର ୧୦ଟି ଜିଲାରେ ମହିଳାମାନଙ୍କ ଆବଶ୍ୟକତା ଏବଂ ସରକାରଙ୍କଠାରୁ ଆଶା ସମ୍ପର୍କରେ ମତାମତ ସଂଗ୍ରହ କରି ହିତାଧିକାରୀମାନଙ୍କ ନିମନ୍ତେ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁ ବୁଦ୍ଧିଜୀବୀ ମହିଳାମାନଙ୍କ ଦିଗଦର୍ଶନ କ୍ରମେ ଯୋଜନାର ମୂଳ ସ୍ତମ୍ଭ ଯଥା ଧାର୍ଯ୍ୟ ବୟସସୀମା ଓ ଯୋଜନାର ସହାୟତା ରାଶିକୁ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବା ଆଦି ଧାରଣାକୁ ରୂପରେଖ ଦିଆଯାଇପାରିଛି। ଆଜି ଏହି ଲେଖା ମାଧ୍ୟମରେ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ପ୍ରମୁଖ ଦୁଇଟି ସ୍ତମ୍ଭ ଉପରେ ହିଁ ସମ୍ପୂର୍ଣ୍ଣ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଇଛି।

ଯେହେତୁ ଆର୍ଥିକ ଦୃଷ୍ଟିକୋଣରୁ ୨୧ରୁ ୬୦ ବୟସସୀମା ଅଧିକ କାର୍ଯ୍ୟକ୍ଷମ ଓ ଅଧିକାଂଶ କର୍ମଜୀବୀ ମହିଳା ଏହି ବୟସସୀମା ଅନ୍ତର୍ଗତ, ଆମେ ଏହାକୁ ଆମର ପ୍ରସ୍ତାବିତ ବୟସସୀମା ଭାବେ ପ୍ରଣୟନ କରିଥିଲୁ। ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଆମେ ଯୋଜନାର ପ୍ରଥମ ସ୍ତମ୍ଭ ଭାବେ ଏହାକୁ ଗ୍ରହଣ କରିଥିଲୁ। ଦ୍ୱିତୀୟ ପ୍ରମୁଖ ପରାମର୍ଶ ଅନୁସାରେ ଯୋଜନାର ସହାୟତା ରାଶିକୁ ସିଧାସଳଖ ହିତାଧିକାରୀଙ୍କ ଏକକଧାରକ ବ୍ୟାଙ୍କ ଆକାଉଣ୍ଟରେ ପଠାଇବା ନିମନ୍ତେ (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) କୁ କାର୍ଯ୍ୟକାରୀ କରିବା ହିଁ ଆମ ପାଇଁ ସ୍ପଷ୍ଟ ବିକଳ୍ପ ଥିଲା। ଏହି ଦୁଇଟି ସ୍ତମ୍ଭକୁ ଗୁରୁତ୍ୱ ଦେଇ ସ୍ୱଚ୍ଛଳ ହିତାଧିକାରୀଙ୍କୁ ବାଦ ଦେଇ ଯୋଗ୍ୟ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତିକୁ ସର୍ବାଧିକ କରିବା ଉଦ୍ଦେଶ୍ୟରେ ଯୋଜନାର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ କ୍ୟାବିନେଟଠାରୁ ଆରମ୍ଭକରି ବିଭାଗୀୟ ଆଲୋଚନା ପର୍ଯ୍ୟନ୍ତ ବୈଠକର ଏକ ଶୃଙ୍ଖଳା ମାଧ୍ୟମରେ ଯୋଜନାର ମୂଳଦୁଆକୁ ଆହୁରି ସଶକ୍ତ କରାଯାଇଥିଲା। ଶେଷ ହିତାଧିକାରୀଙ୍କ ପାଖରେ ସୁଭଦ୍ରା ପହଞ୍ଚାଇବାର ସଫଳ ଯୋଜନା ପ୍ରସ୍ତୁତ କରାଯାଇଥିଲା।

ମୌଳିକ ଢାଞ୍ଚାକୁ ଦୃଷ୍ଟିରେ ରଖି ଉପଲବ୍ଧ ଜନଗଣନା ତଥ୍ୟ ଏବଂ ନିର୍ବାଚନ ଡାଟାବେସ ଆଧାରରେ ଯୋଜନା ଅନ୍ତର୍ଗତ ବୟସସୀମା ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ଏହି ତାଲିକା ବିଭାଗ ଦ୍ୱାରା କଠୋର ଯାଞ୍ଚ ହେଲା ପରେ ହିତାଧିକାରୀଙ୍କ ସଂଖ୍ୟା ଆନୁମାନିକ ଏକ କୋଟିରୁ ଟିକିଏ ଅଧିକ ଥିଲା ଏବଂ ଏହି ଯୋଜନାର ବଜେଟ ପ୍ରକ୍ରିୟା ପାଇଁ ସମସ୍ତ ଅଂଶୀଦାରଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୪-୨୫ ପାଇଁ ୧୧ ହଜାର କୋଟିସହ ଏହି ଯୋଜନା ପାଇଁ ମୋଟ ୫୫ ହଜାର କୋଟି ଅର୍ଥ ବ୍ୟୟବରାଦ କରାଯାଇଥିଲା, ଯାହାଫଳରେ ସୁଭଦ୍ରା ଓ ଇତିହାସରେ ଏଯାବତ କାର୍ଯ୍ୟକାରୀ ହୋଇଥିବା ସବୁଠାରୁ ବୃହତ ମହିଳା ସଶକ୍ତୀକରଣ ଯୋଜନା ଭାବେ ପରିଗଣିତ ହୋଇପାରିଛି।

ହିତାଧିକାରୀ ଚୟନଠାରୁ ଆରମ୍ଭକରି ସହାୟତା ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ପହଞ୍ଚିବା ପର୍ଯ୍ୟନ୍ତ ତଥା ଆବେଦନକାରୀଙ୍କ ସମସ୍ତ ପ୍ରକ୍ରିୟା ସରଳ କରିବା, ସଚ୍ଛତା ଅବଲମ୍ବନ କରିବା, ଉଭୟ ରାଜ୍ୟ ଓ ଦେଶର ପ୍ରଗତିରେ ସହାୟକ ହେଲାଭଳି ନାଗରିକମାନଙ୍କ ମଧ୍ୟରେ ପ୍ରଗତିଶୀଳ ଗୁଣଗୁଡ଼ିକୁ ବିକଶିତ କରିବା ଓ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ତ୍ରୁଟିମୁକ୍ତ କରିବା ଆଦି ସମସ୍ତ ପ୍ରକ୍ରିୟାରେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବାରେ ସୁଭଦ୍ରା ଯୋଜନା ହେଉଛି ସମଗ୍ର ଦେଶ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ।

ସମୁଦାୟ ଜନସଂଖ୍ୟାର ସବୁଠାରୁ ଦୁର୍ବଳ ବର୍ଗ ସମୂହ ବର୍ଷ ବର୍ଷ ଧରି NFSA ଅଧୀନରେ ଅନ୍ତର୍ଗତ ହେଇଆସୁଛନ୍ତି ଏବଂ ରାଜ୍ୟଗୁଡ଼ିକ ପ୍ରାୟତଃ ନିଜସ୍ୱ ପଦକ୍ଷେପ ବଳରେ ସେମାନଙ୍କ ଅଭାବକୁ ପୂରଣ କରିଆସୁଛନ୍ତି। ସେ ପ୍ରକ୍ରିୟାରେ ସୁଭଦ୍ରା ଯୋଜନା ପ୍ରଥମେ ଏହି ସମୂହ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ପ୍ରାଥମିକତା ଦେଇଥିଲା। ପୂର୍ବାନୁମାନ ଅନୁଯାୟୀ ଏହି ଯୋଜନାର ଅଧିକାଂଶ ହିତାଧିକାରୀ ଏହି ସମୂହରୁ ହିଁ ଚିହ୍ନଟ ହୋଇଥିଲେ। କେବଳ ସେତିକି ନୁହେଁ, NFSA/SFSA ବାହାରେ ଥିବା ଲୋକଙ୍କୁ ସତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ସୁଭଦ୍ରା ଯୋଜନାର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି।

ରାଜ୍ୟର ସମସ୍ତ ନାଗରିକଙ୍କ କଥାକୁ ଗୁରୁତ୍ୱ ଦେବା ସହ ଆବେଦନକାରୀଙ୍କ ଅନ୍ତର୍ଭୁକ୍ତି ନିଷ୍ପତ୍ତିରେ ଏହାକୁ ପ୍ରତିଫଳିତ କରିବା ପାଇଁ ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସମାଜ କଲ୍ୟାଣ ସଂସ୍ଥାର ସଦସ୍ୟମାନଙ୍କୁ ମଧ୍ୟ ସୁଭଦ୍ରା ନିର୍ଦ୍ଦେଶାବଳୀ ଗଠନ କମିଟିରେ ସଦସ୍ୟ ଭାବେ ସାମିଲ କରାଯାଇଥିଲା।

ଇଲେକ୍ଟ୍ରୋନିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ଓ କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (OCAC) ସୁଭଦ୍ରାର ଆଇଟି କାର୍ଯ୍ୟାନ୍ୱୟନରେ ଆମର ସହଭାଗିତା ହୋଇଛି। ୧ କୋଟିରୁ ଅଧିକ ଆନୁମାନିକ ମହିଳା ହିତାଧିକାରୀଙ୍କ ଡାଟା ପରିଚାଳନା କରିବା ପାଇଁ ଏକ ସକ୍ଷମ ପୋର୍ଟାଲ ପ୍ରସ୍ତୁତ କରିବାରେ OCAC ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ମଧ୍ୟ ସହଜ ଓ ସରଳ କରିପାରିଛି। ଯୋଜନା ଆରମ୍ଭର ମାତ୍ର କିଛି ଦିନ ମଧ୍ୟରେ ରାଜ୍ୟର ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ମାଧ୍ୟମରେ ୬୦ ଲକ୍ଷରୁ ଅଧିକ ପଞ୍ଜୀକରଣ ହେବା ଏକ ଉଲ୍ଲେଖନୀୟ ବିଷୟ।

ସୁଭଦ୍ରା ସଚେତନତା ରଥ, ସୁଭଦ୍ରା ସ୍ୱାଗତ ପଦଯାତ୍ରା ଏବଂ ଅନ୍ୟାନ୍ୟ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଯୋଜନାର ନିର୍ଦ୍ଦେଶାବଳୀ କୋଣ ଅନୁକୋଣେ ପହଞ୍ଚେଇବା ଓ ସେମାନଙ୍କୁ ସଚେତନ କରିବାରେ ମନ୍ତ୍ରିମଣ୍ଡଳଠୁ ଆରମ୍ଭକରି ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକର ସାମୂହିକ ଅଂଶଗ୍ରହଣ ଅତ୍ୟନ୍ତ ପ୍ରଶଂସନୀୟ। ଏହି ଯୋଜନାର କାର୍ଯ୍ୟକାରିତା ଆମ ସରକାରଙ୍କ team work ଗୁଣକୁ ପ୍ରତିଫଳିତ କରୁଛି।

ପ୍ରଯୁକ୍ତିବିଦ୍ୟାକୁ ଠିକ୍ ଭାବରେ ଉପଯୋଗ କରିପାରିଲେ, ଗାଁର ଅପାଠୁଆ ଜନସଂଖ୍ୟା ମଧ୍ୟ ଏହାର ବ୍ୟବହାର କରିପାରିବେ, ସୁଭଦ୍ରାର ୧ କୋଟି ୮ ହଜାରରୁ ଅଧିକ ପଞ୍ଜୀକରଣ ଏହାକୁ ପ୍ରମାଣିତ କରୁଛି।

ସୁଭଦ୍ରା ଯୋଜନାରେ ବହୁବିଧ ଅଂଶୀଦାରଙ୍କ ସମ୍ପୃକ୍ତି ସତ୍ତ୍ୱେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (NPCI) ଓ ଡିବିଟି ପ୍ରକ୍ରିୟା ପାଇଁ ଆଧାର ପେମେଣ୍ଟ ବ୍ରିଜ ସିଷ୍ଟମ (ABPS) ଯୋଜନାର ଆର୍ଥିକ ନେଣଦେଣ ସହଜ ଓ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

ଯେକୌଣସି ବଡ଼ ପଦକ୍ଷେପର କାର୍ଯ୍ୟାନ୍ୱୟନ ପରି ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ମଧ୍ୟ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ, କିନ୍ତୁ ଆମ ସମସ୍ତଙ୍କ team work ଏବଂ ଆମର ସ୍ପଷ୍ଟ ଉଦ୍ଦେଶ୍ୟ ସବୁ ଆହ୍ୱାନକୁ ସମ୍ମୁଖୀନ କରିବା ପାଇଁ ଆମକୁ ସାହସ ଯୋଗାଇଥିଲା।

ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ମଧ୍ୟ ପ୍ରତ୍ୟେକ ଆବେଦନକାରୀଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କୁ ଆବଶ୍ୟକ ସାହାଯ୍ୟ ଯୋଗାଇଦେବାରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କମ୍ୟୁନିଟି ସାପୋର୍ଟ ଷ୍ଟାଫ, ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ଗୁଡ଼ିକର ଅବଦାନ ଅତୁଳନୀୟ।

ଆମ ସରକାର ଗଠନ ହେବାର ମାତ୍ର ୬ ମାସ ମଧ୍ୟରେ ଏକ ଯୋଜନା ମାଧ୍ୟମରେ ୯୮ ଲକ୍ଷ ୩୦ ହଜାର ହିତାଧିକାରୀଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ସାମିଲ କରିପାରିବା ଆମ ପାଇଁ ଏକ ବହୁତ ବଡ଼ ସଫଳତା ଭାବେ ପରିପ୍ରକାଶ ହୋଇପାରିଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟାହତି ପୂର୍ବରୁ ୨ ଲକ୍ଷ ୩୪ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡ଼ି ସୁଭଦ୍ରା ୧ କୋଟି ୬୪ ହଜାର ମହିଳାଙ୍କ ପାଖରେ ପହଞ୍ଚିଛି।

ଡିଜିଟାଲ ୱାଲେଟରେ ସିଧାସଳଖ ଅର୍ଥ ରାଶି ପ୍ରଦାନ କରିବା ଓ ଡିଜିଟାଲ ଆର୍ଥିକ କାରବାରକୁ ପ୍ରୋତ୍ସାହିତ କରି କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା (CBDC)କୁ ଗ୍ରହଣ କରିବାରେ ଭାରତରେ ପ୍ରଥମ ଯୋଜନା ଭାବେ ସୁଭଦ୍ରା ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଡିଜିଟାଲ ଇଣ୍ଡିଆ ସ୍ୱପ୍ନକୁ ସାକାର କରିବା ନିମନ୍ତେ ସମଗ୍ର ଦେଶ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।

ଗୌରବର ବିଷୟ ଯେ ଚଳିତ ବର୍ଷ ମାର୍ଚ୍ଚ ୮, ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ଉପଲକ୍ଷେ ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ। ରାଖୀ ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିବା ଆମ ସରକାରଙ୍କ ମହିଳାମାନଙ୍କ ବିକାଶ ଓ ମହିଳାମାନଙ୍କ ଦ୍ୱାରା ବିକାଶର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ବିଭିନ୍ନ ରିପୋର୍ଟ ଦ୍ୱାରା ଏହା ସ୍ପଷ୍ଟ କରାଯାଇଛି ଯେ, ମହିଳାମାନଙ୍କୁ ଆର୍ଥିକ ସହାୟତା ରାଜ୍ୟ ତଥା ଦେଶର ଅର୍ଥନୀତି ଉପରେ ଏକ ସକାରାତ୍ମକ ଓ ଗୁଣାତ୍ମକ ପ୍ରଭାବ ସୁନିଶ୍ଚିତ କରେ। ଅର୍ଥନୈତିକ ସର୍ଭେ ୨୦୨୪-୨୫ ଅନୁଯାୟୀ, ସରକାରଙ୍କ ପ୍ରମୁଖ ଯୋଜନା କାର୍ଯ୍ୟାନ୍ୱୟନର ପାଞ୍ଚ ବର୍ଷ ଅବଧିରେ ୧ ଲକ୍ଷ କୋଟି ଟଙ୍କାରୁ ୧.୫ ଲକ୍ଷ କୋଟି ଟଙ୍କା ମଧ୍ୟରେ ଅର୍ଥନୀତି ସମ୍ଭବ ହୋଇପାରିବ।

ସମକାଳୀନ ମୂଲ୍ୟାଙ୍କନ ସହିତ ଯୋଜନାର ପ୍ରଭାବ ବିଷୟରେ ବିସ୍ତୃତ ବିବରଣୀ ପାଇବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଆଇଆଇଏମ୍ ସମ୍ବଲପୁର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି।

ମହିଳାମାନଙ୍କର ଅପୂରଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ନିଃସର୍ତ୍ତ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ସୁଭଦ୍ରା ରାଜ୍ୟର ପ୍ରତ୍ୟେକ ମହିଳାଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହା ମହିଳାଙ୍କୁ କ୍ଷୁଦ୍ର ଉଦ୍ୟୋଗୀ କରିବାରେ ସକ୍ଷମ କରି ଉଦ୍ୟୋଗୀ ସମନ୍ୱିତ ଲକ୍ଷପତି ହେବାର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୋତ୍ସାହିତ କରିବ।

ଯୋଜନା ସମ୍ବନ୍ଧୀୟ ସମସ୍ତ ସୂଚନା ଶୁଣିବା ପାଇଁ ଓ ମହିଳାମାନଙ୍କ ସନ୍ଦେହ ଦୂର କରିବା ଲାଗି କୁହ ସୁଭଦ୍ରା ଓ ଶୁଣ ସୁଭଦ୍ରା ଆଦି ଦୁଇଟି ଉତ୍ସର୍ଗୀକୃତ ପ୍ରତିକ୍ରିୟା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

ଉଦ୍ୟୋଗିତାର ଯାତ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନେଉଥିବା ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ମଧ୍ୟ ବୁଝାମଣା ପତ୍ର ସ୍ୱାକ୍ଷରିତ କରାଯାଇଛି। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଁ ଦୃଢ଼ନିଶ୍ଚିତ ଅଛି ଯେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ମା' ଭଉଣୀମାନଙ୍କର ଉଦ୍ୟୋଗୀ ହେବାର ସ୍ୱପ୍ନକୁ ମଧ୍ୟ ପୂରଣ କରିବ। ବିକଶିତ ଓ ମୂଳପିଣ୍ଡ ହେବ ସୁଭଦ୍ରା ଯୋଜନା।

ମା' ଭଉଣୀମାନଙ୍କ ପାଇଁ ନାରୀଶକ୍ତିର ଅଭ୍ୟୁଦୟ ଏହି ମାତ୍ର ଆରମ୍ଭ ହେଲା। ଆଗକୁ ଆହୁରି ଅନେକ ରାସ୍ତା ଅତିକ୍ରମ କରିବା ପାଇଁ ଅଛି। ଆସୁଥିବା ନୂଆ ପିଢ଼ି ପାଇଁ ଉତ୍କର୍ଷ ଓ ଗଢ଼ିବାର ସ୍ୱପ୍ନକୁ ପୂରଣ କରିବାର ଅଛି। ସୁଭଦ୍ରାକୁ ଘରେ ଘରେ ପହଞ୍ଚାଇଥିବା ଓ ମହିଳାଙ୍କ ବିକାଶରେ ସହଭାଗିତା ସାଜିଥିବା ସମସ୍ତ ବନ୍ଧୁଙ୍କୁ ସହୃଦୟତାର ସହିତ ଧନ୍ୟବାଦ ଜଣାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
SALES EXECUTIVE
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

ବିବାହ ମଣ୍ଡପ ରେ କାମ କରିବା ପାଇଁ କର୍ମଚାରୀ ଆବଶ୍ୟକ । ରହିବା ଖାଇବା ମାଗଣା । ବେତନ-6000/-
9861061013, 9114299462.

REQUIREMENT
T.P HOTEL
Market Square, Grand Road, Puri, Odisha
Requires Boys / Girls for Restaurant & Hotels
(1) INDIAN, CHINESE AND SOUTH INDIAN CHEF
(2) STEWARD BOY
(3) HOUSE KEEPING STAFF
(4) HELPER FOR KITCHEN
(5) FRONT OFFICE BOY
Pl. Contact following No.:
9437037032, 9937057190

See Career Appointment on every Wednesday & Saturday

WANTED
ଭୁବନେଶ୍ୱର IRC Village (ନୟାପଲ୍ଲୀ) ସ୍ଥିତ ଶିକ୍ଷାନୁଷ୍ଠାନ ନିମନ୍ତେ PRO, Front Office Clerk, DEO, ଡ୍ରାଇଭର (Bus/Car), ହାଉସ କିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
Plot No.1480, IRC Village
Contact:9040009727,8456845313

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| LAYOUT DESIGNERS (ADVERTISEMENT) | ▸ Candidate should have expertise in Ad Layout & Designing of pages for print media.<br>▸ Minimum 3 years + experience in print media.<br>▸ Proficiency in InDesign, Photoshop, MS Office & CorelDRAW is a must.<br>▸ Well-versed in Odia, English & Hindi typing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com




## ଗ୍ରୀଷ୍ମପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିର୍ଦ୍ଦେଶ

**ଭୁବନେଶ୍ୱର,୭।୩(ବନ୍ଦନା ସେଠୀ)**


ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଏହି ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ କିପରି ଏହାର ପ୍ରତିକାର ଓ ମୁକାବିଲା କରାଯାଇପାରିବ ସେନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏନେଇ ମନ୍ତ୍ରୀ ଆଭାସି ମାଧ୍ୟମରେ ଜିଲାପାଳମାନଙ୍କ ସହ ଆଲୋଚନା କରି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ କହିଛନ୍ତି। ଗ୍ରୀଷ୍ମ ପ୍ରବାହର ଆଗୁଆ ସୂଚନା ଆଧାରରେ ବିଦ୍ୟାଳୟର ସମୟ ପରିବର୍ତ୍ତନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କେବଳ ସକାଳବେଳା ଖୋଲା ରଖିବା ସହ ପାନୀୟ ଜଳ ବ୍ୟବସ୍ଥା, ଆବଶ୍ୟକ ପରିମାଣର ଓଆର୍ଏସ୍ ପ୍ୟାକେଟ୍ ଯୋଗାଇଦେବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ କୁହାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସଦର ମହକୁମା ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ। ବନାଗ୍ନିରୁ ବନ୍ୟପ୍ରାଣୀ, ପକ୍ଷୀଙ୍କୁ ରକ୍ଷା କରିବା ପାଇଁ ସଚେତନତା ସୃଷ୍ଟି ସହ ଚିଡ଼ିଆଖାନାଗୁଡ଼ିକରେ ବନ୍ୟପ୍ରାଣୀଙ୍କ ପାଇଁ ପିଇବା ପାଣି ରଖିବା ଲାଗି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ, ଭାରତୀୟ ପାଣିପାଗ ବିଭାଗ ଆଞ୍ଚଳିକ ଶାଖାର ବରିଷ୍ଠ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀଙ୍କ ସହ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ୧୫ ଦିନରେ ଥରେ କିଟ୍‌ରେ ତର୍ଜମା କରିବ ଟିମ୍

**ଭୁବନେଶ୍ୱର,୭।୩(ଅନୁରାଧା ମହାରଣା)**

କିଟ୍ ଘଟଣା ନେଇ ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିଛନ୍ତି। କଂଗ୍ରେସ ସଦସ୍ୟ ତାରାବାହିନୀ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, କିଟ୍ ଘଟଣାରେ ମୋଟ ୧୦ ଜଣ ଗିରଫ ହୋଇଛନ୍ତି। ଅସଦାଚରଣ କରିଥିବା କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। କିଟ୍ ପ୍ରତିଷ୍ଠାତା ଅଚ୍ୟୁତଙ୍କ ସମେତ ୧୩ ଜଣଙ୍କୁ ଉଚ୍ଚସ୍ତରୀୟ କମିଟି ପଚରାଉଚରା କରୁଛି। ୪ ପ୍ରଫେସରଙ୍କୁ ନେଇ କମିଟି ଗଠନ ହୋଇଛି। କମିଟିରେ ଉତ୍କଳ ବିଶ୍ୱବିଦ୍ୟାଳୟର ୨ ପ୍ରଫେସର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୨ ପ୍ରଫେସର ରହିଛନ୍ତି। ପ୍ରତି ୧୫ ଦିନରେ ଥରେ କିଟ୍ ଗସ୍ତ କରି ଟିମ୍ ତର୍ଜମା କରିବ ବୋଲି ମନ୍ତ୍ରୀ କହିଛନ୍ତି।



**ମହାପ୍ରଭୁଙ୍କ ହେଲା ବଡ଼ମହାସ୍ନାନ**

**ପୁରୀ,(ଅଜିତ୍ କୁମାର ମହାନ୍ତି):** ଶ୍ରୀମନ୍ଦିରରେ ଶୁକ୍ରବାର ରାତିରେ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ହୋଇଛି। ସନ୍ଧ୍ୟାରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ଭିତରକାଠ ଦର୍ଶନ ଆରମ୍ଭ ହୋଇଥିଲା। ତେବେ ମଇଲମ ଶେଷ ପରେ ଶ୍ରୀମନ୍ଦିର ଧୁକୁଡ଼ି ଦ୍ୱାର ନିକଟରେ ଜଣେ ମହିଳା ବାନ୍ତି କରିଦେଇଥିବା ଦେଖିବାକୁ ମିଳିଥିଲା। ଫଳରେ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଇ ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ବଡ଼ମହାସ୍ନାନ ପରେ ପୁଣି ସମସ୍ତ ନୀତି ଓ ଦର୍ଶନ ସ୍ୱାଭାବିକ ହୋଇଥିଲା। ତେବେ ଅନ୍ୟାନ୍ୟ ନୀତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ଘଟିଥିଲା।

# ‘ୟୁନିଫର୍ମ ସର୍ଭିସକୁ ସେବାର ଏକ ମାଧ୍ୟମ ଭାବେ ଗ୍ରହଣ କରନ୍ତୁ’

## ପୋଲିସ ଶିକ୍ଷାନବୀଶଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

- ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଶିକ୍ଷାନବୀଶ ଦୀକ୍ଷାନ୍ତ ସମାରୋହ
- ଦୁର୍ନୀତି, କ୍ଷମତାର ଅପବ୍ୟବହାରକୁ ବରଦାସ୍ତ କରାଯିବ ନାହିଁ


ଭୁବନେଶ୍ୱର, ୭।୩ (ସୂର୍ଯ୍ୟକାନ୍ତ ବେହେରା)


ପାସିଙ୍ଗ୍ ଆଉଟ୍ ପରେଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିବାଦନ ଗ୍ରହଣ କରୁଛନ୍ତି।

ପୋଲିସ ଚାକିରିରେ ନିଜ ବ୍ୟକ୍ତିଗତ ଜୀବନରେ ଅନେକ ତ୍ୟାଗ ଦେବାକୁ ପଡିଥାଏ। ସାଧାରଣତଃ ଗରିବ, ମହିଳା ଏବଂ ପିଲାଙ୍କ ସୁରକ୍ଷା ପୋଲିସ ଉପରେ ନିର୍ଭର କରେ। ତେଣୁ ୟୁନିଫର୍ମ ସର୍ଭିସକୁ ଗର୍ବ ଓ ଜନସାଧାରଣଙ୍କ ସେବାର ଏକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ସଦା ସର୍ବଦା ପ୍ରସ୍ତୁତ ହେବା ସହ ସାଧାରଣ ଲୋକଙ୍କ ବିଶ୍ୱାସ ଭାଜନ ହେବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀରେ ୮ମ ଉପ-ଆରକ୍ଷୀ ଅଧୀକ୍ଷକ ଓ ୧୨ତମ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେବା ସହ ଆୟୋଜିତ ପାସିଙ୍ଗ୍ ଆଉଟ୍ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବା ୪ଜଣ ଉପଆରକ୍ଷୀ ଅଧୀକ୍ଷକ ଓ ୧୭୧ଜଣ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶଙ୍କ ମଧ୍ୟରୁ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଅଧିକାରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାନବୀଶଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଆମ ସରକାର ଶପଥ ନେଇଛନ୍ତି, ସେ ଦିଗରେ ଆପଣମାନେ ମୁଖ୍ୟ ଭୂମିକା ତୁଲାଇବେ। ସାଧାରଣ ଜନତାଙ୍କୁ ଉତ୍ତମ ସେବା, ଅପରାଧ ନିୟନ୍ତ୍ରଣ ଓ ଅନୁସନ୍ଧାନର ଦକ୍ଷତା, ନ୍ୟାୟ ପ୍ରଦାନ, ଜନତାଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ମାଓବାଦୀ ଦମନ ଆଦି କ୍ଷେତ୍ରରେ ପୋଲିସ ବାହିନୀର ନେତୃତ୍ୱ ନେବେ। ଏହାସହ ସାଇବର ଅପରାଧର ମୂଳୋତ୍ପାଟନ କରିବାରେ ସକ୍ଷମ ହେବେ। ଅପରାଧୀମାନେ ହାଇ-ଟେକ୍ ହେଉଥିବାରୁ ଅପରାଧ ରୋକିବା ପାଇଁ ପୋଲିସ ମଧ୍ୟ ଆଧୁନିକ ତଦନ୍ତ ପ୍ରକ୍ରିୟା ଏବଂ ଟେକ୍ନୋଲୋଜି ଆପଣାଇବା ଆବଶ୍ୟକ। ପୋଲିସର ଆଧୁନିକୀକରଣ ଓ ପୋଲିସ ବ୍ୟବସ୍ଥାର ସଂସ୍କାର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପୋଲିସ କର୍ମଚାରୀଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ସରକାର ଅବଗତ ଥିବାରୁ ସେମାନଙ୍କ ପାଇଁ କଲ୍ୟାଣମୂଳକ ପଦକ୍ଷେପ ନେବାକୁ ଆମ ସରକାର ଯତ୍ନବାନ ଅଛନ୍ତି। ଲୋକବଳ ଅଭାବରୁ ପୋଲିସ ଚାପଗ୍ରସ୍ତ ରହୁଛି। ଏହି ସମସ୍ୟା ଦୂର ହେବା ସହ ପୋଲିସ ପ୍ରଶିକ୍ଷଣକୁ ଆହୁରି ଗତିଶୀଳ ଓ ଲୋକାଭିମୁଖୀ କରିବା ପାଇଁ ଆଗାମୀ ଦିନରେ ତାଲିମ ଭିତ୍ତିଭୂମି ବିକାଶକୁ ଆହୁରି ଗୁରୁତ୍ୱ ଦିଆଯିବ। ପୋଲିସ ସେବାରେ ବିଭିନ୍ନ ଜିଲ୍ଲାରେ ଖାଲି ପଦବୀ ପୂରଣ ସହ ନୂତନ ପଦବୀ ସୃଷ୍ଟି କରିବାକୁ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ପୋଲିସ ସେବାକୁ ଯୁଗୋପଯୋଗୀ ଓ ଦୃଢ କରିବାକୁ ପ୍ରତ୍ୟେକ ଆରକ୍ଷୀ ଉପ-ନିରୀକ୍ଷକଙ୍କୁ ମୋଟର ସାଇକେଲ, ଲାପଟପ, ମୋବାଇଲ ଫୋନ ଓ ପେନ୍‌ଡ୍ରାଇଭ ଭଳି ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ତେଣୁ ସବୁବେଳେ ନିଜ ଡ୍ୟୁଟି ପ୍ରତି ସଚ୍ଚୋଟ ହେବା ଆବଶ୍ୟକ। ଦୁର୍ନୀତି, ଜାଣିଶୁଣି କର୍ତ୍ତବ୍ୟରେ ଅବହେଳା କିମ୍ବା କ୍ଷମତାର ଅପବ୍ୟବହାରକୁ କେବେହେଲେ ବରଦାସ୍ତ କରାଯିବ ନାହିଁ। ଏହି ବାର୍ତ୍ତା ତଳ ସ୍ତରରେ କାର୍ଯ୍ୟରତ ପୋଲିସ ଅଧିକାରୀଙ୍କ ପାଖରେ ପହଞ୍ଚିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଓଡିଶା ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଶିକ୍ଷାନବୀଶଙ୍କୁ ଆଗାମୀ ଦାୟିତ୍ୱ ଓ କାର୍ଯ୍ୟବୋଧତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ସେବା କ୍ଷେତ୍ରରେ ପୋଲିସର ଖାକି ୟୁନିଫର୍ମ ସର୍ବଦା କର୍ତ୍ତବ୍ୟନିଷ୍ଠା ଓ ଜନତାଙ୍କ ପ୍ରତି ଉତ୍ସର୍ଗୀକୃତ ହେବା ଉଚିତ ବୋଲି ସେ କହିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୌମ୍ୟରଞ୍ଜନ


@ ରୁବିସ୍ମିତା



@ ସତ୍ୟସ୍ୱିନୀ


@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାରୀ ଶକ୍ତି ବିକଶିତ ଓଡ଼ିଶାର ପ୍ରତୀକ: ପ୍ରଭାତୀ ପରିଡ଼ା


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯିବା ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ମହିଳାମାନେ।

ଭୁବନେଶ୍ୱର,୭।୩(ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କ ସହ କଥାବାର୍ତ୍ତା ହୋଇ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଆଗାମୀ ଦିନରେ ନାରୀଶକ୍ତି ହିଁ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ପ୍ରତୀକ ହେବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଓ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ଉଚ୍ଚ ପଦବୀରେ ଥିବା ମହିଳାମାନେ ଏକାଠି ହୋଇଥିଲେ। ପଦ ପଦବୀକୁ ଭୁଲି ସମସ୍ତେ ଜଣେ ଜଣେ ମହିଳା ହିସାବରେ ଉତ୍ସବକୁ ଉପଭୋଗ କରିଥିଲେ। ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ନାରୀ ସାମାଜିକକର୍ମୀ, ମହିଳା ଓକିଲବୃନ୍ଦ, ଅଣସରକାରୀ ସଂସ୍ଥାରେ କାର୍ଯ୍ୟରତ ମହିଳା, ଉଚ୍ଚପଦସ୍ଥ ମହିଳା ଅଧିକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ।

# ନ୍ୟୁ ଭୁବନେଶ୍ୱର ଷ୍ଟେଶନରୁ ଗଡ଼ିବ ୩ ଏକ୍ସପ୍ରେସ ଟ୍ରେନ

ଭୁବନେଶ୍ୱର,୭।୩(ଅନୁରାଧା ମହାରଣା)

ନ୍ୟୁ ଭୁବନେଶ୍ୱର ରେଳ ଷ୍ଟେଶନରୁ ୩ଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ଚଳାଚଳ କରିବ। ଏହି ଟ୍ରେନଗୁଡ଼ିକ ହେଲା ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ। ଏସବୁ ଟ୍ରେନ୍ ଏହି ଷ୍ଟେଶନରୁ ଯାତ୍ରାରମ୍ଭ ଓ ଯାତ୍ରା ସମାପ୍ତ କରିବେ। ତେବେ ଏନେଇ ପରିବର୍ତ୍ତିତ କାର୍ଯ୍ୟାନ୍ୱୟନ ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭୁବନେଶ୍ୱର ଉତ୍ତରାଞ୍ଚଳ ଏବଂ ସଂଲଗ୍ନ ଅଞ୍ଚଳର ଯାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଦିଆଯିବ। ଏହି ଟ୍ରେନଗୁଡ଼ିକ ମଞ୍ଚେଶ୍ୱର ରେଳ ଷ୍ଟେଶନରେ ଦୁଇ ମିନିଟ ପାଇଁ ରହଣି କରିବେ। ଉତ୍ତର ଭୁବନେଶ୍ୱର ଅଞ୍ଚଳରେ ଅବସ୍ଥିତ ଅନେକ ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ସହାୟକ ହେବ। ଏହି ଅଞ୍ଚଳରେ ବହୁ ମେଡିକାଲ ଥିବାରୁ ଚିକିତ୍ସା ପାଇଁ ଯାତ୍ରା କରୁଥିବା ଯାତ୍ରୀ ଓ ସମ୍ପର୍କୀୟ ଉପକୃତ ହେବେ। ବିଶେଷକରି ଏସବୁ ଅଞ୍ଚଳରୁ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନ ଯାଉଥିବା ଲୋକେ ଏଠାରେ ସହଜରେ ଟିକେଟ କାଟିବା ସହ କମ୍ ଭିଡ଼ ଅନୁଭବ କରିବେ।

ସୂଚନାଥାଉ କି, ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଭୁବନେଶ୍ୱର ନୂତନ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ କରାଯାଉଛି। ଏଥିରେ ସର୍କୁଲେଟିଂ ବା ଚଳପ୍ରଚଳ କ୍ଷେତ୍ରର ସମ୍ପ୍ରସାରଣ ଏବଂ ଉନ୍ନତୀକରଣ, ଅତିରିକ୍ତ ଫୁଟ୍ ଓଭରବ୍ରିଜ ବ୍ୟବସ୍ଥା, ଉନ୍ନତ ଯାତ୍ରୀ ସେବା ଓ ପ୍ରତୀକ୍ଷା ପାଇଁ ଆଧୁନିକ ପ୍ରତୀକ୍ଷା କକ୍ଷ, ଶୌଚାଳୟ ବ୍ୟବସ୍ଥା, ପ୍ଲାଟଫର୍ମ ଓ ଆଲୋକୀକରଣର ଉନ୍ନତି, କୋଚ୍‌ଗୁଡିକରେ ପାଣି ଭର୍ତ୍ତି କରିବାର ସୁବିଧା, ସମସ୍ତ ପ୍ଲାଟଫର୍ମରେ ଲିଫ୍ଟର ବ୍ୟବସ୍ଥା ସହ ଷ୍ଟେଶନ କୋଠାର ଉନ୍ନତୀକରଣ କାର୍ଯ୍ୟ କରାଯାଉଛି।

# ସ୍ନାତକୋତ୍ତର ନାମଲେଖା ପାଇଁ ୧୦ରୁ ଆବେଦନ

**ଜୁଲାଇ ୧୦ ସୁଦ୍ଧା ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ପାଠପଢ଼ା**

ଭୁବନେଶ୍ୱର,୭।୩(ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ମାର୍ଚ୍ଚ ୧୦ରୁ ଆବେଦନ ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଏହି ଆବେଦନ କରିବେ। ଏହାପରେ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡିବ। ମାର୍କ ଆଧାରରେ ହିଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ଏହି ପ୍ରବେଶିକା ପରୀକ୍ଷା ଆସନ୍ତା ମେ’ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଜୁଲାଇ ୧୦ ସୁଦ୍ଧା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଠିକ୍ ସମୟରେ ପାଠପଢ଼ା ସରିବା ସହ ପରୀକ୍ଷା କରାଯାଇ ଫଳାଫଳ ଘୋଷଣା କରାଯାଇପାରିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୯ରୁ ୧୫ ଯାଏ ରତ୍ନଭଣ୍ଡାର ମରାମତି ସ୍ଥଗିତ


ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ, ଗତ ଡିସେମ୍ବର ୧୭ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଜାରି ରହିଛି। ତେବେ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ସହ ଭକ୍ତଙ୍କ ପ୍ରବଳ ସମାଗମ ସମୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରଖାଯାଉଛି। ଆଗାମୀ ଦିନରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୋଳନୀତି ଥିବାରୁ ୭ଦିନ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦୋଳଯାତ୍ରା ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ସମ୍ପାଦନ ହେବ। ଏହାକୁ ଦୃଷ୍ଟିରେ ରଖି ଛତିଶା ନିଯୋଗର ପରାମର୍ଶକ୍ରମେ ଫଗୁଦଶମୀ ଅର୍ଥାତ୍ ମାର୍ଚ୍ଚ ୯ରୁ ହୋଲି ଉତ୍ସବ ୧୫ ତାରିଖ ପର୍ଯ୍ୟନ୍ତ ସାତଦିନ ଧରି ଚାଲିବ। ଏହି ସମୟରେ ରତ୍ନଭଣ୍ଡାର ସଂରକ୍ଷଣ ତଥା ମରାମତି କାର୍ଯ୍ୟ ବନ୍ଦ ରହିବ।

# ମହିଳା ନିଜ ଶିକ୍ଷା, ଅନ୍ତର୍ନିହିତ ଗୁଣକୁ ଚିହ୍ନିଲେ ବିକାଶ ତ୍ୱରାନ୍ୱିତ ହେବ

**ଗ୍ରାମ-ଉତ୍ଥାନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ**

ଭୁବନେଶ୍ୱର, ୭।୩(ସୌମ୍ୟରଞ୍ଜନ ରାଉତ)


ସ୍ୱାମୀ ବ୍ରହ୍ମ ନିଷ୍ଠାନନ୍ଦ ସରସ୍ୱତୀ ଅମୃତବାଣୀ ପ୍ରଦାନ କରୁଛନ୍ତି। ଉପସ୍ଥିତ ମହିଳା ଓ ଅନ୍ୟମାନେ।

ଆନ୍ତର୍ଜାତିକ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଗ୍ରାମ-ଉତ୍ଥାନ ପକ୍ଷରୁ ‘ଗୃହସ୍ଥ ଜୀବନରେ ଆଧ୍ୟାତ୍ମିକତା’ ଶୀର୍ଷକ ଆଲୋଚନାଚକ୍ର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ୱାମୀ ଚିଦାନନ୍ଦ ବିଶ୍ୱଶାନ୍ତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମ ନିଷ୍ଠାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ମାର୍ଗ ଆଡ୍‌ଭାଇଜରି ସର୍ଭିସ୍ ଆଣ୍ଡ୍ ବିଡ୍‌ସର ମାର୍କେଟିଂ ନିର୍ଦ୍ଦେଶକ ପ୍ରଜ୍ଞା ମିଶ୍ର, ଟିମ୍ ଆଡ୍‌ମାର୍କ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର ଯୋଗଦେଇଥିଲେ। ମହିଳାମାନେ ନିଜ ଶିକ୍ଷା ଓ ଅନ୍ତର୍ନିହିତ ଗୁଣକୁ ଚିହ୍ନି ନିଜର ସାମର୍ଥ୍ୟ ଓ ଦକ୍ଷତାକୁ ବୃଦ୍ଧି କରିପାରିଲେ, ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ଫଳରେ ମହିଳାଙ୍କ ବିକାଶ ତ୍ୱରାନ୍ୱିତ ହେବ। ମହିଳାମାନେ ସ୍ୱୟଂଚାଳିତ ହୋଇ ଅଧିକରୁ ଅଧିକ କର୍ମ କ୍ଷେତ୍ରରେ ଯୋଗଦେଲେ ସମାଜରେ ମହିଳାଙ୍କ ସମାନତା ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ପ୍ରଜ୍ଞା ମିଶ୍ର କହିଥିଲେ।

ସ୍ୱାମୀ ନିଷ୍ଠାନନ୍ଦ ସରସ୍ୱତୀ ସମସ୍ତଙ୍କୁ ମାର୍ଗ ଦର୍ଶନ କରାଇ କହିଲେ, ଆଧ୍ୟାତ୍ମିକତା ଗୃହସ୍ଥ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ଉଚିତ। ଧର୍ମ ମାର୍ଗରେ ପରିଚାଳିତ ହେଉଥିବା ବ୍ୟକ୍ତିକୁ ଆମେ ଆଧ୍ୟାତ୍ମିକତା କହିପାରିବା ନାହିଁ। ଆମେ ସମସ୍ତେ ନିଜ ନିଜର ଆବଶ୍ୟକତାକୁ ସ୍ୱଳ୍ପରେ ନିୟନ୍ତ୍ରିତ କରିବା ଏବଂ ନିଜସ୍ୱ ଜ୍ଞାନ ଓ ଚିନ୍ତାଧାରାକୁ ଆଧ୍ୟାତ୍ମିକତାରେ ଉଜ୍ଜୀବିତ କରିପାରିଲେ ନିଜ ତଥା ପାରିବାରିକ ଜୀବନରେ ସନ୍ତୁଳନ ଆସିପାରିବ। ଏହି ଅବସରରେ ସ୍ୱାମିଜୀ ଶାରୀରିକ ଓ ମାନସିକ ବିକାଶ ପାଇଁ ସମସ୍ତଙ୍କୁ ନେଇ ଯୋଗ ଓ ପ୍ରାଣାୟାମ କରାଇଥିଲେ। ଜୀବନରେ ସହନଶୀଳତା, ଧୈର୍ଯ୍ୟ, ଦୟା, କ୍ଷମା ଓ ନିରନ୍ତର ଶିକ୍ଷାର ସଂଜୀବନୀ ମନ୍ତ୍ରରେ ଅନୁପ୍ରାଣିତ ହୋଇପାରିଲେ ପରିବାର ଓ ସମାଜର ମଙ୍ଗଳ ହେବା ସହ ବ୍ୟକ୍ତି ଆଧ୍ୟାତ୍ମିକତାର ଦିବ୍ୟତ୍ୱ ଲାଭ କରିପାରିବ ବୋଲି ସ୍ୱାମିଜୀ ଅମୃତ୍ ବାଣୀ ପ୍ରଦାନ କରିଥିଲେ। ଗ୍ରାମ-ଉତ୍ଥାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାସ ମହିଳାଙ୍କ ବିକାଶ ଲାଗି କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ-ଉତ୍ଥାନର ପ୍ରଶାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଯୁବପିଢ଼ି ରେଡକ୍ରସ୍‌ରେ ସାମିଲ୍ ହୋଇ ସମାଜ ସେବାରେ ବ୍ରତୀ ହୁଅନ୍ତୁ: ରାଜ୍ୟପାଳ

**ୟୁଥ୍ ବର୍ଗରେ ୭୯, ଜୁନିୟର ବର୍ଗରେ ୨୪ଜଣ ସମ୍ବର୍ଦ୍ଧିତ**

ଭୁବନେଶ୍ୱର,୭।୩(ସୁଚିସ୍ମିତା ସାହୁ)



ରାଜ୍ୟପାଳ ହରି ବାବୁ କମ୍ଭମପାଟି ଜଣେ ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଛାତ୍ର ଓ ଯୁବ ସମାଜ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନେ ଅଧିକ ସଂଖ୍ୟାରେ ରେଡକ୍ରସ୍‌ରେ ସାମିଲ ହୋଇ ସମାଜ ସେବାରେ ବ୍ରତୀ ହୁଅନ୍ତୁ। ସ୍ୱେଚ୍ଛାକୃତ ସେବା ମାଧ୍ୟମରେ ଉନ୍ନତ ସମାଜ ଗଠନରେ ନିଜର ଅବଦାନ ରଖନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ୨୦୧୯-୨୦ରୁ ୨୦୨୩-୨୦୨୪ ପର୍ଯ୍ୟନ୍ତ ୟୁଥ୍ ରେଡକ୍ରସ ଓ ଜୁନିଅର ରେଡକ୍ରସ୍ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଭାରତୀୟ ରେଡକ୍ରସ୍ ସୋସାଇଟିର ଅବିଚ୍ଛେଦ୍ୟ ଓ ଜୀବନ୍ତ ଶାଖା ଭାବେ ୟୁଥ୍ ରେଡକ୍ରସ୍ ଓ ଜୁନିୟର ରେଡକ୍ରସ୍ ବେଶ ପରିଚିତ। ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀଙ୍କୁ ସାମାଜିକ କଲ୍ୟାଣ, ସ୍ୱାସ୍ଥ୍ୟ ସଚେତନତା, ବିପର୍ଯ୍ୟୟ ମୁକାବିଲା ଆଦି ସ୍ୱେଚ୍ଛାକୃତ ସେବା ଲାଗି ପ୍ରୋତ୍ସାହିତ କରିବାରେ ରେଡକ୍ରସ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥାଏ। ବର୍ତ୍ତମାନ ବିଶ୍ୱ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ, ଜନସ୍ୱାସ୍ଥ୍ୟ ସମସ୍ୟା, ସ୍ୱଚ୍ଛତା, ପରିମଳ, ସାମାଜିକ ଅସମାନତା ଆଦି ଆହ୍ୱାନକୁ ମୁକାବିଲା କରିବା ଦିଗରେ ୟୁଥ ରେଡକ୍ରସ ଓ ଜୁନିୟର ରେଡକ୍ରସ୍ ଆଶାର ଆଲୋକ ଭାବରେ ଉଭା ହୋଇଛି। ତେଣୁ ପରିବର୍ତ୍ତନକୁ ଅପେକ୍ଷା ନ କରି ନିଜେ ପରିବର୍ତ୍ତନ ହେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ରାଜ୍ୟର ବିଦ୍ୟାଳୟଗୁଡିକର ଜୁନିୟର ରେଡକ୍ରସ୍ ୟୁନିଟ୍‌ରେ ୧୦ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଏବଂ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୧ ଲକ୍ଷ ସ୍ୱେଚ୍ଛାସେବୀ ସକ୍ରିୟଭାବେ କାର୍ଯ୍ୟ କରୁଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ। ଏହି ଅବସରରେ ୟୁଥ୍ ରେଡକ୍ରସ ବର୍ଗରେ ୭୯ଜଣ ଏବଂ ଜୁନିୟର ରେଡକ୍ରସ୍ ବର୍ଗରେ ୨୪ ଜଣଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଭାରତୀୟ ରେଡକ୍ରସ ସୋସାଇଟ୍ ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର, ୟୁଥ ରେଡକ୍ରସ୍ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ଏବଂ ଜୁନିୟର ରେଡକ୍ରସ୍ ଅଫିସର ଲକ୍ଷ୍ମଣ ସ୍ୱାଇଁ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୭।୩(ବନ୍ଦନା ସେଠୀ): ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରଖାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ଖବରକାଗଜ ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




## କିଟ୍ କ୍ୟାମ୍ପସକୁ ଫେରିଲେଣି ୧୦୦୦ ନେପାଳୀ ଛାତ୍ରୀଛାତ୍ର

ଭୁବନେଶ୍ୱର,୭।୩ (ଅନୁରାଧା ମହାରଣା)

ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଅପ୍ରୀତିକର ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ କିଟ୍ କର୍ତ୍ତୃପକ୍ଷ ପ୍ରୟାସ ଜାରି ରଖିଛନ୍ତି। ଫଳସ୍ୱରୂପ ନେପାଳୀ ଛାତ୍ରୀଛାତ୍ରମାନେ କ୍ୟାମ୍ପସକୁ ଫେରୁଛନ୍ତି। ୧୧୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୦୦୦ଜଣ କ୍ୟାମ୍ପସକୁ ଫେରିସାରିଲେଣି। ଅବଶିଷ୍ଟ ୧୦୦ ଜଣ ମଧ୍ୟ ଖୁବ୍‌ଶୀଘ୍ର ଫେରିବେ ବୋଲି କିଟ୍ ପକ୍ଷରୁ ଜନସମ୍ପର୍କ ଅଧିକାରୀ ରତ୍ନାକର ପତି ସୂଚନା ଦେଇଛନ୍ତି। ନେପାଳୀ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସକୁ ଫେରାଇ ଆଣିବା ଦିଗରେ ଓଡ଼ିଶା ସରକାର, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ଓ ନେପାଳ ସରକାରଙ୍କ ସହଯୋଗ ପାଇଁ କିଟ୍ କର୍ତ୍ତୃପକ୍ଷ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନେପାଳୀ ଛାତ୍ରୀଛାତ୍ର କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କ ସୁରକ୍ଷା ସହ ନିରବଚ୍ଛିନ୍ନ ଶୈକ୍ଷିକ କାର୍ଯ୍ୟକଳାପ ଉପରେ କିଟ୍ ଗୁରୁତ୍ୱ ଦେବ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଏହାମଧ୍ୟରେ ନିୟମିତ କ୍ଲାସ ଆରମ୍ଭ ହୋଇଥିବାବେଳେ ଛାତ୍ରୀଛାତ୍ରମାନେ ପୂର୍ବପରି ସେମାନଙ୍କ ପାଠ୍ୟକ୍ରମ ଏବଂ କ୍ୟାମ୍ପସ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ ରଖିଛନ୍ତି। ଛାତ୍ରଛାତ୍ରୀଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇଥିବା ସୂଚନା ଦିଆଯାଇଛି।

## ୨ ସପ୍ତାହରେ ୩୩% ଗ୍ରୀଷ୍ମ ପ୍ରବାହ ଆକଳନ

ଭୁବନେଶ୍ୱର,୭।୩(ଅନୁରାଧା ମହାରଣା)

ଆସନ୍ତା ୨ ସପ୍ତାହ ଅର୍ଥାତ୍ ୭ରୁ ୨୦ ତାରିଖ ମଧ୍ୟରେ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ୩୩% ଯାଏ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରା ପ୍ରାୟ ୩ରୁ ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏପରିକି ରାତି ତାପମାତ୍ରା ମଧ୍ୟ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ରାଜ୍ୟରେ ଗତ ୨ଦିନ ତାପମାତ୍ରା କମିଛି। ୨ଦିନ ପୂର୍ବରୁ ଦିନ ତାପମାତ୍ରା ସର୍ବାଧିକ ୩୯ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଗୁରୁବାର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୭.୩ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିପରି ଭବାନୀପାଟଣାରେ ରାତି ତାପମାତ୍ରା ସର୍ବନିମ୍ନ ୧୧ ଡିଗ୍ରୀ ରହିଥିଲା।

## ନୌସେନାରେ ସାମିଲ ହେଲେ ୨୯୬୬ ଅଗ୍ନିବୀର

**ଚିଲିକାରେ ସରିଲା ୫ମ ବ୍ୟାଚ୍ ପାସିଂଆଉଟ୍ ପରେଡ୍**

ବାଲୁଗାଁ, ୭।୩(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନାର ଚିଲିକା ଶାଖା ତାଲିମ କେନ୍ଦ୍ରରେ ୧୬ ସପ୍ତାହ ଧରି ପ୍ରଶିକ୍ଷଣପ୍ରାପ୍ତ ୨୯୬୬ ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍ ଶୁକ୍ରବାର ଶେଷ ହୋଇଛି। ଏଥିରେ ୪୦୨ ମହିଳା ନୌସେନା ଅଗ୍ନିବୀର ରହିଛନ୍ତି। ଏହି ୫ମ ବ୍ୟାଚ୍ ପାସିଂଆଉଟ୍ ପରେଡ୍‌ରେ ଦକ୍ଷିଣ ନୌସେନା ଫ୍ଲାଗ ଅଫିସର କମାଣ୍ଡିଂ ଇନ୍ ଚିଫ୍ ତଥା ଭାଇସ୍ ଆଡ୍‌ମିରାଲ ଭି.ଶ୍ରୀନିବାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ୍ ନିରୀକ୍ଷଣ କରିବା ସହ ଅଗ୍ନିବୀରଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଚିଲିକା ନୌସେନା ମୁଖ୍ୟ ତଥା କମୋଡର ବି.ଦୀପକ ଅନିଲ ପରେଡ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପାସିଂଆଉଟ୍ ପରେଡ୍ ସମାରୋହରେ ମୁଖ୍ୟ ଅତିଥି ଆଡମିରାଲ ଶ୍ରୀନିବାସ ଅଗ୍ନିବୀରଙ୍କୁ ସେମାନଙ୍କ କଠିନ ପ୍ରଶିକ୍ଷଣର କର୍ତ୍ତବ୍ୟବୋଧତାକୁ ଉତ୍ସାହିତ କରିବା ସହ ଜଣେ ଲେଖାଏ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧାଭାବେ ଦେଶର ସୁରକ୍ଷା ନିମନ୍ତେ ସଙ୍କଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ନୌସେନାର ଲକ୍ଷ୍ୟ ତଥା କର୍ତ୍ତବ୍ୟ, ଆଦର୍ଶ, ସମ୍ମାନ ଏବଂ ସାହାସିକତାକୁ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ସମାରୋହରେ ସମ୍ମାନିତ ଅତିଥିଭାବେ ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ଏଲଡୋଜ ପଲ୍, ବରିଷ୍ଠ ଅବସରପ୍ରାପ୍ତ ସେନା ଅଧିକାରୀ ସୁବେଦୀ ଶିବ କୁମାର, ସନ୍ଦୀପ ଗୁପ୍ତା, ଲୋହରୀ ବେସି, ଜି.ଏସ୍ କୋଚର ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ସେବା ପାଇଁ ଯାତ୍ରା ଆରମ୍ଭ କରିଥିବା ଅଗ୍ନିବୀରଙ୍କ ମା'ବାପାଙ୍କୁ ମଧ୍ୟ ମୁଖ୍ୟ ଅତିଥି କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ଅଗ୍ନିବୀର ଦେବରାଜ ସିଂ ରାଠୋର ଏବଂ ପ୍ରମୋଧ ସିଂଙ୍କୁ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ମହିଳା ଅଗ୍ନିବୀର ମନସା ଗୁଲିବିନ୍ଧାଲାଙ୍କୁ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ଏଥିସହ ମୋହିତ କୁମାରଙ୍କୁ ତଟରକ୍ଷୀ ଡିରେକ୍ଟର ଜେନେରାଲ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଯାଇଥିଲା। ବିଦାୟକାଳୀନ ସମାରୋହରେ ଶ୍ରେଷ୍ଠ ବିବେଚିତ ଗ୍ରୁପ୍ ଆଙ୍ଗ୍ରେ ଡିଭିଜନକୁ ଚାମ୍ପିୟନଶିପ ଟ୍ରଫି ଏବଂ ଏକଲବ୍ୟ ଡିଭିଜନକୁ ରନର୍ସଅପ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଏନ୍ଏସ୍ ଚିଲିକାର ଦ୍ୱିଭାଷୀ ପତ୍ରିକା 'ଅଙ୍କୁର-୨୦୨୫' ସଂସ୍କରଣକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏଠାରୁ ପ୍ରଥମ ବ୍ୟାଚ୍‌ରେ ୨୫୮୫, ଦ୍ୱିତୀୟ ବ୍ୟାଚ୍‌ରେ ୨୮୯୫, ତୃତୀୟ ବ୍ୟାଚ୍‌ରେ ୨୬୩୦ ଏବଂ ଚତୁର୍ଥ ବ୍ୟାଚ୍‌ରେ ୧୩୮୯ଜଣ ଅଗ୍ନିବୀର ପ୍ରଶିକ୍ଷଣ ଲାଭକରି ଭାରତୀୟ ନୌସେନାରେ ଯୋଗଦେଇଛନ୍ତି।


ପାସିଂ ଆଉଟ୍ ପରେଡ୍‌ରେ ଦକ୍ଷିଣ ନୌସେନା ଫ୍ଲାଗ ଅଫିସର କମାଣ୍ଡିଂ ଇନ୍ ଚିଫ୍ ତଥା ଭାଇସ୍ ଆଡ୍‌ମିରାଲ ଭି.ଶ୍ରୀନିବାସ ଅଗ୍ନିବୀରଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି।

**ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ୨୦୨୪ ଘୋଷିତ**

## ଓଡ଼ିଆ ଭାଷାରେ ପୁରସ୍କାର ପାଇବେ ସୁଭାଷ ଶତପଥୀ

ଭୁବନେଶ୍ୱର,୭।୩(ସୌମ୍ୟରଞ୍ଜନ ରାଉତ)

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୦୨୪ ମସିହା ପାଇଁ ଅନୁବାଦ ପୁରସ୍କାର ଘୋଷଣା କରାଯାଇଛି। ଏକାଡେମୀ ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୋଟ ୨୧ଟି ଭାଷାର ଅନୁବାଦ ପୁସ୍ତକ ଲାଗି ପୁରସ୍କାର ପାଇବାକୁ ନାମ ଘୋଷଣା କରାଯାଇଛି। ଏଥର ଓଡିଆ ଭାଷା ପାଇଁ ଅନୁବାଦ ପୁରସ୍କାର ପାଇବେ ଲେଖକ ତଥା ଅନୁବାଦକ ସୁଭାଷ ଶତପଥୀ। ଇଂଲିଶ ଭାଷାରେ ରଚିତ ରସ୍କିନ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ'ର ଓଡିଆ ଅନୁବାଦ 'କୋକିଶିଆଳିର ଏକକ ନୃତ୍ୟ' ପାଇଁ ତାଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏହା ପୂର୍ବରୁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଶତପଥୀଙ୍କ ପ୍ରକାଶିତ ଅନ୍ୟ ଅନୁବାଦ ପୁସ୍ତକ ମଧ୍ୟରେ ରହିଛି ସଂସାର, ପୂର୍ଣ୍ଣିମା ରାତ୍ରିର ଅଭିସାର ଓ ଅନ୍ୟାନ୍ୟ ଗଳ୍ପ , ସମୁଦ୍ର କୂଳର ଗାଁ, ଖୁସ୍‌ୱନ୍ତ ସିଂହଙ୍କ ଗଳ୍ପ, ଏମ.ଟି. ବାସୁଦେବ ନାୟାରଙ୍କ ଗଳ୍ପ, ବିଭାଜନ ଇତ୍ୟାଦି। ତେବେ ଓଡିଆ ଭାଷାର ଅନୁବାଦ ପୁରସ୍କାର ପାଇଁ ବିଚାରକ ମଣ୍ଡଳୀରେ ଅମରେଶ ପଟ୍ଟନାୟକ, ପ୍ରବାସିନୀ ମହାକୁଡ ଏବଂ ମୋନାଲିସା ଜେନା ରହିଥିଲେ। ସେହିପରି ଏହି ପୁରସ୍କାର ପାଇଁ ମନୋନୀତ ଅନ୍ୟ ଭାଷାର ଲେଖକମାନେ ହେଉଛନ୍ତି ଅଞ୍ଜନ ଶର୍ମା (ଅହମିଆ), ବାସୁଦେବ ଦାସ (ବଙ୍ଗଳା), ଉତ୍ତରା ବସୁମାତାରୀ (ବୋଡୋ), ଅର୍ଚ୍ଚନା କେସର (ଡୋଗ୍ରୀ), ଅନିସୁର ରହମାନ (ଇଂଲିଶ), ରମଣିକ ଅଗ୍ରୱତ (ଗୁଜରାଟୀ), ମଦନ ସୋନି (ହିନ୍ଦୀ), ସିଦ୍ଧଲିଙ୍ଗ ପଟ୍ଟନସେଟ୍ଟୀ (କନ୍ନଡ), ଗୁଲାମ ନବୀ ଆତଶ (କଶ୍ମୀରୀ), ମିଲିନ୍ଦ ମହମଲ (କୋଙ୍କଣୀ), କେଶକର ଠାକୁର (ମୈଥିଳି), କେ. ଭି. କୁମାରନ (ମାଲୟାଲମ), ଏସ ଇନ୍ଦ୍ରକୁମାର (ମଣିପୁରୀ), ସୁଦର୍ଶନ ଅଠାୱଲେ (ମରାଠୀ), ଚନ୍ଦନ ନେଗୀ (ପଞ୍ଜାବୀ), ସୋହନ୍ଦନ ଚରଣ (ରାଜସ୍ଥାନୀ), ନାଜିର ହେମ୍ବ୍ରମ (ସାନ୍ତାଳି), ଶୋଭା ଲାଲଚନ୍ଦାନୀ (ସିନ୍ଧୀ), ପି. ବିମଳା (ତାମିଲ) ଏବଂ ଟି. ରାଜେଶ୍ୱରୀ (ତେଲୁଗୁ)। ନେପାଳୀ ଏବଂ ସଂସ୍କୃତ ଭାଷାର ପୁରସ୍କାର ପରେ ଘୋଷଣା ହେବାକୁ ଥିବା ବେଳେ ଏଥର ଉର୍ଦ୍ଦୁ ଭାଷାରେ ପୁରସ୍କାର ଦିଆଯିବ ନାହିଁ ବୋଲି ପ୍ରେସ ବିଜ୍ଞପ୍ତିରେ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ଜଣାଇଛନ୍ତି। ବିଜେତାଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ତାମ୍ରଫଳକ ଦିଆଯିବ। ଏହି ପୁରସ୍କାର ପାଇଁ ୨୦୧୮ରୁ ୨୦୨୨ ମଧ୍ୟରେ ପ୍ରକାଶିତ ପୁସ୍ତକକୁ ବିଚାରକୁ ନିଆଯାଇଥିଲା।


ସୁଭାଷ ଶତପଥୀ

HDFC BANK
We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 17-MARCH-2025 from 02:30 PM onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75401510 | TAPAS KUMAR JENA | 71000 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 75624350 | GULSAN SAHU | 61800 | |
| 3 | 74817705 | RANJIT SAHOO | 85000 | HDFC BANK LTD, A/621, UNIT 8, NAYAPALLI, BHUBANESWAR-751012 |
| 4 | 74763991 | DURYODHAN PANDA | 165200 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 5 | 74602375 | MANJEET SINGH | 107100 | |
| 6 | 75366886 | NITYANANDA SAHOO | 46200 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 7 | 75384351 | GADADHAR SAHU | 41000 | |
| 8 | 75083883 | SOUBHAGYA DEHURI | 27000 | |
| 9 | 75358358 | NITYANANDA SAHOO | 21600 | |
| 10 | 75551989 | GYANA RANJAN BASTIA | 46000 | HDFC BANK LTD, BAJRAKABATI ROAD, CUTTACK-753001 |
| 11 | 75338299 | JHALAK AGARWAL | 127500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 12 | 75017821 | RIZWANA SHAIKH | 93000 | |
| 13 | 74797211 | RAJASRI SAHU | 191000 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 14 | 463704920 | WAZIFA KHATUN | 38300 | |
| 15 | 74752638 | PRASANT KUMAR NAYK | 26920 | |
| 16 | 74815291 | ARUN KUMAR BHUNYA | 174400 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 17 | 75288938 | ALOK RANJAN PADHY | 144000 | |
| 18 | 75304330 | CHINAMAYEE SAHU | 91000 | |
| 19 | 75322390 | BALADEV MASANT | 25300 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 20 | 502000 48332481 | SATYAPRIYA PRADHAN | 171736.82 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 21 | 75450298 | SWAGATIKA ROUT | 91000 | |
| 22 | 74793855 | ASHIK HANSDAH | 50000 | |
| 23 | 75382666 | SANJIT DHALI | 311600 | |
| 24 | 73448744 | SOURAV KUMAR TRIPATHY | 48400 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 25 | 74754890 | ACHYUT PRADHAN | 46400 | |
| 26 | 74758656 | BADAL KALET | 40600 | |
| 27 | 75168414 | DHIRA KUMAR BARIK | 49200 | HDFC BANK LTD, CHANDVALI CHOWK, ATHGARH-754029 |
| 28 | 75467299 | SRIKANTA SWAIN | 42600 | |
| 29 | 75486450 | TUSHAR LENKA | 320400 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 30 | 75231173 | MANORANJAN MOHARANA | 305700 | |
| 31 | 75521964 | TUSHAR LENKA | 188600 | |
| 32 | 75341827 | TUSHAR LENKA | 164500 | |
| 33 | 75453200 | SURYANARAYAN DASH | 122000 | |
| 34 | 75290920 | TUSHAR LENKA | 119700 | |
| 35 | 74817419 | DEEPAK KUMAR NAYAK | 85200 | |
| 36 | 75372075 | PRAMOD KUMAR PRADHAN | 59900 | HDFC BANK LTD, DURGA COMPLEX, JHARSUGUDA-768201 |
| 37 | 75389618 | NIRANJAN MALLICK | 53000 | |
| 38 | 73364077 | LEENA BADAIK | 60100 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 39 | 74769528 | DEBADUTTA BISWAL | 39900 | HDFC BANK LTD, F M CIRCLE, BALASORE-756001 |
| 40 | 74771054 | SACHIKANTA PARIDA | 126000 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 41 | 74780310 | GITANJALI MALLICK | 20000 | |
| 42 | 75357247 | BHARATI PRADHAN | 60800 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 43 | 74793387 | RUNU PRADHAN | 135000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 44 | 74750683 | K ASHOK RAO | 11000 | |
| 45 | 75381747 | KAKALI BISWAS | 71500 | HDFC BANK LTD, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 46 | 75274967 | MANASH KANTI BISWAS | 69100 | |
| 47 | 74768622 | MONIKA GAIN | 56000 | |
| 48 | 74784925 | SUJIT TAKRI | 39000 | |
| 49 | 73401027 | RAKESH KUMAR JENA | 314500 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 50 | 75515537 | BHARATI BEHERA | 503200 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 51 | 75208442 | KAMAKSHYA PRASAD SAHU | 470000 | |
| 52 | 74724891 | ABHAYA DAS | 16500 | HDFC BANK LTD, GROUND FLOOR, TAROL, JAGATPUR, ODISHA-754021 |
| 53 | 74652092 | RASHMITA AMANTA | 51000 | HDFC BANK LTD, HATATOTA, TALCHER, ANGUL-759100 |
| 54 | 75394639 | DILIP KUMAR DAS | 40900 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 55 | 502000 27471554 | CHITTARANJAN SAMAL | 957233.68 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 56 | 75262882 | SANJAYA KUMAR SAHU | 745000 | |
| 57 | 75444608 | GOLAP DASH | 615700 | |
| 58 | 75389502 | SEEMA MATHEW | 194000 | |
| 59 | 74155434 | KRUSHNA CHANDRA NAYAK | 184000 | |
| 60 | 73599664 | NILAMADHAB SASHAMALLA | 167100 | |
| 61 | 74796391 | GOBINDA CHANDRA PUJARI | 92000 | |
| 62 | 75604812 | SANTOSH KUMAR PANDA | 92000 | |
| 63 | 75620525 | SUKANTI DAS | 87800 | |
| 64 | 75499370 | AYUSH SINGH | 73000 | |
| 65 | 74890615 | GAYATRI BEHERA | 48000 | |
| 66 | 75452353 | SK MUJAHID | 135000 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 67 | 75267293 | SUBHAM KUMAR BEHERA | 235400 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 68 | 75472662 | AKSHAY SWAIN | 213600 | |
| 69 | 75018499 | KRUSHNA CHANDRA JENA | 167000 | |
| 70 | 75384744 | BISHNU CHARAN SETHI | 97700 | HDFC BANK LTD, MAHIPAL, KENDRAPARA-754211 |
| 71 | 74789533 | PABITRA MALLIK | 91000 | |
| 72 | 74771166 | NARAYAN SWAIN | 61000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 73 | 75136810 | DIPTI RANJAN SETHI | 143000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 74 | 75322126 | SNEHA MANJARI BEHERA | 110000 | |
| 75 | 75328271 | PRASANTA KUMAR PRADHAN | 107500 | |
| 76 | 75273800 | PUSHPALATA SAHU | 86300 | |
| 77 | 75329393 | MUKTARANI LENKA | 47400 | |
| 78 | 75631488 | BMAGATA PATRO | 415000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 79 | 75356814 | KALI CHARANA GOUDA | 630000 | |
| 80 | 75735824 | BABITA BISHOYI | 670800 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 81 | 75727737 | GANESH JENA | 626900 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 82 | 75314777 | SANJAYA KUMAR SAHU | 499200 | |
| 83 | 75700139 | GITA LENKA | 474500 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 84 | 75732003 | GOLAPILLI JAYAMA | 477900 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 85 | 75178177 | VIJAY RAJAK | 308500 | |
| 86 | 75615713 | GOLAPILLI JAYAMA | 282800 | |
| 87 | 75701979 | SAMBIT PADHI | 830000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 88 | 75424977 | SOUBHAGYA GOUDA | 472000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 89 | 75493248 | SOUBHAGYA GOUDA | 210000 | |
| 90 | 75670394 | SUNIL KUMAR PRADHAN | 536900 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 91 | 74831104 | K ASHISH | 500000 | |

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 92 | 75447545 | SWETANGI PANIGRAHI | 316000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 93 | 73693592 | DEBIKA SAHU | 285000 | |
| 94 | 75289199 | D RAJAMANI | 275700 | |
| 95 | 75333422 | CHINMAYEE PANDA | 173000 | |
| 96 | 75388835 | SANTOSH KUMAR ALATIA | 154000 | |
| 97 | 75520046 | SANTOSH KUMAR ALATIA | 76000 | |
| 98 | 74781503 | SHATRUGHAN PARIDA | 152000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 99 | 75401678 | PRAMOD DALAI | 135000 | |
| 100 | 75375517 | KALU NAYAK | 122000 | |
| 101 | 75368525 | MANOJ SAHU | 79000 | |
| 102 | 74772167 | SAUMITRI PARAMANIK | 53000 | |
| 103 | 74775877 | SHAKTI PRAVA MARTHY | 52700 | |
| 104 | 75520838 | SUJATA MOHANTY | 40500 | HDFC BANK LTD, MAIN ROAD, RAMCHANDRAPUR BAZAR, JATANI, KHURDA-752050 |
| 105 | 75358226 | SUJATA MOHANTY | 38300 | |
| 106 | 74313379 | GITANJALI MANGARAJ | 27300 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 107 | 74527808 | S HARISH | 35000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 108 | 75673651 | SUDEEP KUMAR SAMAL | 2882900 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 109 | 74792738 | BUDHABARI PRADHAN | 20200 | HDFC BANK LTD, MISSION ROAD, SUNDARGARH-770001 |
| 110 | 75276848 | JAMES KULDEEP | 54400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 111 | 74283639 | NAYAMI KANDHAPAN | 34500 | |
| 112 | 75597972 | JYOTIRMAYEE PANIGRAHI | 99000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 113 | 74744075 | RAJESH KHILLO | 74500 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 114 | 74491701 | SADAN MUDULI | 56750 | |
| 115 | 75555779 | MAHESWAR DAS | 36500 | |
| 116 | 75436860 | DILLIP KUMAR PRADHAN | 125000 | HDFC BANK LTD, NUAPADA CHHAK, CUTTACK, ODISHA-753010 |
| 117 | 75474673 | PRASANT KUMAR BARIK | 71000 | |
| 118 | 75188532 | PRASANT KUMAR BARIK | 70900 | |
| 119 | 74746328 | BINAPANI BARIK | 51000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 120 | 75439867 | PRATAP CHANDRA GHADEI | 49000 | |
| 121 | 75156711 | PRANAB BARIK | 76200 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 122 | 75353528 | RAJIB SAHU | 101000 | HDFC BANK LTD, PANCHGACHIA, BARAIPALI, SAMBALPUR, ODISHA-768006 |
| 123 | 75136480 | SARAT CHANDRA SAHOO | 140900 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 124 | 74805566 | HARIPRIYA PATRA | 71000 | |
| 125 | 74781032 | SOMANATH KHETI | 41000 | |
| 126 | 75256627 | SAKAMBARI HALBA | 909600 | HDFC BANK LTD, PATEL MARG, NABARANGAPUR-764059 |
| 127 | 75255958 | SAKAMBARI HALBA | 339400 | |
| 128 | 74808728 | SUBAN SUNA | 263000 | |
| 129 | 74754229 | BULBULI HARIJAN | 79500 | |
| 130 | 74726231 | GAJANAN PRASAD PATRA | 50000 | |
| 131 | 73610799 | MOHAMMED SHANEWAZ | 309000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 132 | 75362138 | NIHARENDU BHUYAN MOHAPATRA | 275000 | |
| 133 | 75551497 | ANANTA KUMAR NAYAK | 226000 | |
| 134 | 74778165 | R LOKESH KUMAR | 111600 | |
| 135 | 74730782 | SANTOSH KUMAR MISHRA | 75800 | |
| 136 | 73457181 | MANI SHANKAR DUTTA | 120000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 137 | 75323267 | SUDHIR DAS | 118000 | |
| 138 | 75710908 | BARSA MOHAPATRA | 1041500 | |
| 139 | 75723398 | PRAKASH RANJAN BARAL | 622300 | |
| 140 | 74726069 | SK MANSOOR | 62800 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 141 | 74468942 | BISWORANJAN DAS | 40500 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 142 | 74577443 | SUSHANKAR SARKAR | 24900 | |
| 143 | 5020002 9556381 | PRADEEP KUMAR SUTAR | 676969.14 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 144 | 75434045 | SANCHAITA DAS | 447900 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 145 | 75628494 | SANCHAITA DAS | 248000 | |
| 146 | 75163786 | BIKRAM SAHOO | 157800 | |
| 147 | 75100558 | CHITTARANJAN NAYAK | 68400 | |
| 148 | 74718962 | BINITA BHOI | 35600 | |
| 149 | 75134633 | BISWAJIT BAL | 572000 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 150 | 75392858 | ASHISH KUMAR DAS | 318200 | |
| 151 | 75203325 | KALPANA DAS | 13700 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 152 | 74726829 | SHAMBHU RAM | 64000 | HDFC BANK LTD, PLOT NO-1435/2249, OPP. PWD OFFICE, KARANJIA, MAYURBHANJ, ODISHA-757037 |
| 153 | 74827859 | TANMAYA KUMAR ROUT | 88900 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 154 | 75338257 | RAJAT RASHMI DAS | 531000 | HDFC BANK LTD, PLOT NO-3565, PALASUNI, RASULGARH, BHUBANESWAR- 751010 |
| 155 | 75693969 | PRAGATI AMAT | 63900 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 156 | 75536525 | GANESH CHANDRA PRADHAN | 83000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 157 | 74731472 | MANMATH PRADHAN | 34700 | |
| 158 | 74719105 | MAKUNDA RANA | 42000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 159 | 75353999 | LINGARAJA SAHU | 52400 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 160 | 73343332 | SABNAM KHANUM | 55500 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 161 | 74727185 | KRISHNA MANDAL | 36800 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 162 | 74620541 | JHUMURI BHUYAN | 208000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 163 | 74382360 | JEETENDRA KUMAR PANIGRAHY | 85900 | |
| 164 | 74791236 | SANTOSHI PRADHAN | 17000 | |
| 165 | 75341741 | PRASANNA KUMAR MAJHI | 58900 | HDFC BANK LTD, UNIT 11, BUXI BAZAR, CANTONMENT. CUTTACK-753001 |
| 166 | 75618405 | SADANI SHADAB YOUSUF | 399000 | |
| 167 | 74187860 | SUVAJIT ROY | 208000 | HDFC BANK LTD, VIP PLAZA, VIP ROAD, PURI-752001 |
| 168 | 74326271 | SUVAJIT ROY | 104000 | |
| 169 | 74322612 | SUVAJIT ROY | 103900 | |
| 170 | 75440312 | TUNA BEHERA | 50000 | |
| 171 | 75368625 | B ANIL DAS | 29000 | |
| 172 | 75337855 | MADAN MAJHI | 53600 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 173 | 74721459 | DOLESWAR MAJHI | 36000 | |
| 174 | 75426060 | AABID HUSEN | 27700 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 08/03/2025,**
**Place : ODISHA**

**Sd/- Authorized Officer,**
**HDFC BANK LTD.**

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
सीएमपीडीआई
cmpdi
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834008, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

Government of Jharkhand
**Department of Information Technology and e-Governance**
3rd Floor, Jharkhand Mantralaya, Dhurwa, Ranchi- 834004

**Cancellation Notice**

This is to inform that tender reference **no. ASA/MPLS/1/2024-UID/001** and **Advertisement PR.No. 344502** has been cancelled.

Sd/-
Deputy Secretary,
DoIT & e-Gov

PR 348072 Information Technology (24-25)_D

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.N No. TPWODL/PJ/O/SU/39** **Date. 07.03.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**Supply of 1MVA,11/0.433KV BIS Lev-II Distribution Transformer.**

Interested bidders to submit Tender Participation Fee and Authorization Letter through email on or before **20th March 2025, 15:00Hrs,** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Chief-Contracts and Stores**

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE CHIEF ENGINEER, MAHANADI GODAWARI BASIN RAIPUR (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(1st CALL)**

System Tender No. : 165295/NIT No. : 26/SAC/2024-25, Kawardha, Dated : 05.03.2025

**Online Tenders are invited for the following works up to 26.03.2025 at 17.30 Hour**

**Name of work : CONSTRUCTION OF RETAINING WALL ON HANP RIVER IN MATHANIKHURD VILLAGE IN BLOCK PANDARIYA OF DISTRICT KABIRDHAM**

Probable Amount of Contract : **Rs. 294.41 Lakhs**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 12.03.2025, at 17.31 Hours.(IST) onwards.**

**NOTE :-** All eligible/interested contractors/bidders are mandated to get enrolled on the Integrated e- procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division, Kawardha**
**Disst. Kabirdham (C.G.)**
**For, Chief Engineer, Mahanadi Godavari Basin Raipur (C.G.)**

G-242505794/2

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୭।୩।୨୦୨୫

| | |
|---|---|
| ୫,୩୬,୩୦୦ ଟଙ୍କା | |
| ସୁନା | ୫୫୦ ମିଲିଗ୍ରାମ୍ |
| ରୁପା | ୩୩.୧୦୦ ଗ୍ରାମ୍ |

# ବିଭିନ୍ନ ହୋଟେଲରେ ଚଢ଼ାଉ କରାଯିବ: ଏସ୍‌ପି

- ଗୋମାଂସ ବିକ୍ରି ନେଇ ଭିଡିଓ ଭାଇରାଲ ଘଟଣା
- ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ଏସ୍‌ପି କାର୍ଯ୍ୟାଳୟ ଘେରାଉ କଲା ବିଶ୍ୱ ହିନ୍ଦୁ ପରିଷଦ

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଏକ ହୋଟେଲରେ ମଟନରେ ଗୋମାଂସ ମିଶାଇ ବିକ୍ରି କରିବା ଏବଂ ପୁରୀର କେତେଜଣ ବ୍ୟକ୍ତି ମଟନ ସହ ଗୋମାଂସ କାରବାର କରୁଥିବା ନେଇ ଦୁଇଦିନ ତଳେ ଏକ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାପରେ ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଗୁରୁବାର ସତ୍ୟବାଦୀସ୍ଥିତ ସମ୍ପୃକ୍ତ ହୋଟେଲକୁ ସିଲ୍ କରାଯାଇଛି। ଏନେଇ ଏସ୍‌ପି ବିନିତ୍ ଅଗ୍ରୱାଲ ଶୁକ୍ରବାର ସୂଚନା ଦେଇଛନ୍ତି। ଭିଡିଓ ଭାଇରାଲ ପରେ ପୋଲିସ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ଅତିରିକ୍ତ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଯେଉଁ ପୋଲିସ ଅଧିକାରୀଙ୍କ ନାମ ଆସିଥିଲା ତାଙ୍କୁ ଜିଲା ପୋଲିସ ହେଡ୍ କ୍ୱାର୍ଟରକୁ ବଦଳି କରାଯାଇଛି। ସତ୍ୟବାଦୀରେ ଥିବା ଉକ୍ତ ହୋଟେଲରେ ଚଢାଉ କରାଯାଇ ତାକୁ ସିଲ କରାଯାଇଛି। ଖାଦ୍ୟ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସେହିଭଳି ପୁରୀରେ ଯେଉଁ ବ୍ୟକ୍ତିଙ୍କ ନାମ ଆସିଥିଲା, ସେଠାରେ ଜଏଣ୍ଟ ଟିମ୍ ଚଢାଉ କରି ଖାଦ୍ୟ ସାମଗ୍ରୀ ଜବତ ସହ ପରୀକ୍ଷା କରିବାକୁ ପଠାଯାଇଛି। ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ଯଦି ଏ ନେଇ କୌଣସି ସୂଚନା ମିଳୁଛି ତେବେ ତୁରନ୍ତ ସ୍ଥାନୀୟ ପୋଲିସକୁ ଜନସାଧାରଣ ସୂଚନା ଦେବା ସହ ସହଯୋଗ କରନ୍ତୁ, ଯାହାଫଳରେ ତଦନ୍ତ କରାଯାଇ ସତ୍ୟ ଘଟଣା ସାମ୍ନାକୁ ଅଣାଯାଇପାରିବ ବୋଲଇ ଏସ୍‌ପି କହିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମରାଯିବା ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଜଏଣ୍ଟ ଟିମ୍ ଗଠନ କରାଯାଇ ବିଭିନ୍ନ ହୋଟେଲରେ ଚେକିଂ କରାଯିବ ବୋଲି ଏସ୍‌ପି କହିଛନ୍ତି। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଘଟଣା ଅତି ସମ୍ବେଦନଶୀଳ। ଧାର୍ମିକ ଆସ୍ଥା ଉପରେ ଜଡ଼ିତ। ଏନେଇ ହୋଟେଲ ଆସୋସିଏଶନ ସହ ଆଲୋଚନା କରାଯିବ। ଯେଉଁଭଳି ଆଗକୁ ଏପରି ଘଟଣା ନ ଘଟିବ ସେଥିପାଇଁ ପଦକ୍ଷେପ ନିଆଯିବ। ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷରେ ପୁରୀ ଭଳି ଧାର୍ମିକ ସ୍ଥଳରେ ଗୋ ମାଂସ ବିକ୍ରି ଘଟଣାକୁ ନେଇ ଶୁକ୍ରବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ଗୋ ଚାଲାଣ ବନ୍ଦ, ଗୋ ଅତ୍ୟାଚାର ବନ୍ଦ, ଗୋ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା, ଗୋ ସୁରକ୍ଷା, ଗୋ ଆଇନ ପ୍ରଚଳନ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଦାବି କରିଛି।




ଗୋହତ୍ୟା ଓ ଗୋଚାଲାଣ ବିରୋଧରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଗୋହତ୍ୟା, ଚାଲାଣ ବନ୍ଦ ପାଇଁ କଠୋର ଆଇନ ହେଉ

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଏକ ହୋଟେଲରେ ଗୋମାଂସ ଓ ଗୋଚର୍ବି ମିଶା ଖାଦ୍ୟ ବିକ୍ରି ଘଟଣା ସାମ୍ନାକୁ ଆସିଛି। ଏଭଳି ଜଘନ୍ୟ କାର୍ଯ୍ୟ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବ୍ୟାପକ ଭାବରେ ହେଉଥିବା କଥା ଗଣମାଧ୍ୟମରେ ବହୁଳ ପ୍ରକାଶିତ ତଥା ପ୍ରଚାରିତ ହୋଇ ଆସୁଛି । ମାତ୍ର ଏହାକୁ ବନ୍ଦ କରିବାକୁ ସେପରି କିଛି ଗମ୍ଭୀର ପଦକ୍ଷେପ ନିଆ ନ ଯିବା ଅତ୍ୟନ୍ତ ଦୁଃଖ ଓ ଦୁର୍ଭାଗ୍ୟପୂର୍ଣ୍ଣ। ଓଡ଼ିଶାରେ ପ୍ରଚଳିତ ଥିବା ଗୋହତ୍ୟା ନିରୋଧ ଆଇନ ଗୋଟିଏ ଦନ୍ତବିହୀନ ହୁଗୁଳା ଆଇନ ହୋଇଥିବାରୁ ଦୋଷୀମାନଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଗୋହତ୍ୟା, ଗୋଚାଲାଣ ଏବଂ ଗୋମାଂସ ବିକ୍ରି ବନ୍ଦ କରିବା ନିମନ୍ତେ ପ୍ରଚଳିତ ଆଇନରେ ଆବଶ୍ୟକ ସଂଶୋଧନ କରାଯାଇ ଏହାକୁ କଠୋର ଆଇନରେ ରୂପାନ୍ତରିତ କରାଯିବା ଆବଶ୍ୟକ । ଗୋମାତା ଓ ଗୋ ଜାତି ଖାଲି ଧାର୍ମିକ ଭାବାବେଗର ପ୍ରସଙ୍ଗ ନୁହେଁ, ରାଜ୍ୟ ତଥା ଦେଶର ସମୃଦ୍ଧ ଅର୍ଥନୀତି ନିର୍ମାଣ କ୍ଷେତ୍ରରେ ଗୋ ଜାତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନସ୍ୱୀକାର୍ଯ୍ୟ। ଯଦି ଆଗାମୀ ବିଧାନସଭା ଅଧିବେଶନରେ ରାଜ୍ୟ ସରକାର ଗୋହତ୍ୟା, ଗୋଚାଲାଣ ବନ୍ଦ କରିବାକୁ ଆବଶ୍ୟକ ସଂଶୋଧନ ସହିତ ବିଧେୟକ ପ୍ରସ୍ତୁତ ନ କରନ୍ତି ତାହାହେଲେ ପୂଜ୍ୟପୂଜା ସଂସଦ ଓଡ଼ିଶା ଏବଂ ଅନ୍ୟାନ୍ୟ ସମବିଚାରଧର୍ମୀ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଜନସତ୍ୟାଗ୍ରହ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଶୁକ୍ରବାର ପୁରୀ ଗାନ୍ଧୀ ସ୍ମୃତିପୀଠରେ ଆସନ୍ତା ୧୪ ତାରିଖରେ ଜନସତ୍ୟାଗ୍ରହ କରାଯାଇ ପ୍ରତିବାଦର ଶୁଭାରମ୍ଭ କରାଯିବ ବୋଲି ପୂଜ୍ୟପୂଜା ସଂସଦ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ କହିଛନ୍ତି।

## ସଂକ୍ଷେପରେ

### ୧୨୭ ବରିଷ୍ଠ ନାଗରିକ ଯିବେ ଅଯୋଧ୍ୟା, ବାରାଣସୀ

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲାରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୨୭ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ଯିବେ। କମ୍ପ୍ୟୁଟର ଓ ଲଟେରି ମାଧ୍ୟମରେ ଚୟନ ହୋଇଥିବା ଏହି ବରିଷ୍ଠ ନାଗରିକମାନେ ଚଳିତ ମାସ ୧୮ ତାରିଖ ପୂର୍ବାହ୍ନରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅପରାହ୍ନରେ ଭୁବନେଶ୍ୱର ପଠାଯିବ। ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଭୁବନେଶ୍ୱରରୁ ତୀର୍ଥଯାତ୍ରା ରେ ପ୍ରେରଣ କରାଯିବ। ପୂର୍ବରୁ ଅନଲାଇନ ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରାଯାଇ ଉପଯୁକ୍ତ ଯାଞ୍ଚ କରାଯାଇଥିଲା। ଲଟେରୀ ମାଧ୍ୟମରେ ଚୟନ ହୋଇଥିବା ପ୍ରଥମ ପର୍ଯ୍ୟାୟର ୧୧୭ ଜଣ ତୀର୍ଥଯାତ୍ରୀ ଶିରିଡ଼ି ଓ ନାସିକ ଯାତ୍ରା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଲଟେରୀ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ,ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ଚୟନ ହୋଇଥିବା ତୀର୍ଥଯାତ୍ରୀଙ୍କୁ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଉଛି। ଏହି ତୀର୍ଥଯାତ୍ରୀଙ୍କ ସହ ୪ ଜଣ ସହାୟକ ସେମାନଙ୍କ ସହ ଯିବେ, ଯେଉଁମାନେ କି ସେମାନଙ୍କ ନିରାପଦ ଓ ସୁରକ୍ଷିତ ଭ୍ରମଣରେ ସହାୟତା କରିବେ ବୋଲି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗ

ଅସ୍ତରଙ୍ଗ, ୭।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଥିବା ନେଇ ଶୁକ୍ରବାର ପୁରୀ ଜିଲା ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଜଣକ ବର୍ତ୍ତମାନ ୫ ମାସର ଗର୍ଭବତୀ ଅଛନ୍ତି। ଏନେଇ ନାବାଳିକା ତାଙ୍କ ପରିବାର ସହ ଯୁବକ ଜୟକୃଷ୍ଣ ବେହେରା (୨୫)ଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (୩୬/୨୫) ରୁଜୁ କରିବା ସହ ନାବାଳିକାଙ୍କୁ ଡାକ୍ତରୀ ମାଇନା କରାଇ ତଦନ୍ତ ଚଳାଇଛି। ତେବେ ଯୁବକ ଜଣକ ଫେରାର ଥିବା ଜଣାପଡ଼ିଛି।

ଅସ୍ତରଙ୍ଗ ଥାନା ଅଞ୍ଚଳର ଜୟକୃଷ୍ଣ ୧୬ ବର୍ଷୀୟାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ପରେ ନାବାଳିକା ଗର୍ଭବତୀ ହେବାରୁ ଜୟକୃଷ୍ଣ ତାଙ୍କୁ ବିବାହ ପାଇଁ ମନା କରିଦେଇଥିଲେ। ଏଥିସହ ଗର୍ଭ ନଷ୍ଟ କରିବାକୁ କିଛି ଟଙ୍କା ମଧ୍ୟ ଦେଇଥିଲେ। ନାବାଳିକା ଗର୍ଭବତୀ ହେବା ଘଟଣା ତାଙ୍କ ପରିବାର ଲୋକେ ଜାଣିବା ପରେ ସେ ପରିବାର ସହ ଥାନାରେ ଜୟକୃଷ୍ଣଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

### ଚାଷୀଙ୍କ ସମସ୍ୟାର ସମାଧାନ କରାଯାଉ

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ବିଭିନ୍ନ ସେବା ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ମିଲରଙ୍କ ଦ୍ୱାରା ଧାନ ସଂଗ୍ରହ କରୁଛନ୍ତି। ତେବେ ସେଠାରେ ଧାନର ମାନ ପରୀକ୍ଷଣ ଯନ୍ତ୍ର ନ ରହିବା ସହ ମିଲରମାନେ କୁଇଣ୍ଟାଲ ପ୍ରତି ୬କିଗ୍ରାରୁ ଊର୍ଦ୍ଧ୍ୱ ଧାନ କାଟି ରଖୁଛନ୍ତି। ମଣ୍ଡିରେ ଭାଗଚାଷୀଙ୍କ ଧାନଗ୍ରହଣ କରାଯାଉନାହିଁ ବୋଲି ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭା ଅଭିଯୋଗ ଆଣି ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଦାବି କରିଛି। ବୈଠକରେ ସଂଘ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, କମିଟି ସଦସ୍ୟ ବାସୁଦେବ ଦାଶ, ମୋହନ ନାଇଡୁ, ନରେଶ ସ୍ୱାଇଁ, ସୁରେନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଆଇଟିଆଇ ପରିସରରେ ଶୁକ୍ରବାର ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କ୍ଷୁଦ୍ର ନିଯୁକ୍ତି ମେଳା ।

## ୪୪୯ ଜଣ ନିଯୁକ୍ତି ପାଇଁ ଚୟନ

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ କ୍ଷୁଦ୍ର ନିଯୁକ୍ତି ମେଳା ଶୁକ୍ରବାର ପୁରୀ ଆଇଟିଆଇ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୭୫ ଜଣ ଆଶାୟୀ ନାମ ପଞ୍ଜୀକରଣ କରିଥିବା ବେଳେ ୪୪୯ ଜଣ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇବାକୁ ଚୟନ ହୋଇଛନ୍ତି। ଏହାବ୍ୟତୀତ ଓଡ଼ିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାଗୁଡ଼ିକ ୩୬୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ନିଯୁକ୍ତି ଦେବାକୁ ମନୋନୀତ କରିଥିଲେ। ନିଯୁକ୍ତି ମେଳାକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଓ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦଘାଟନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ମଡେଲ କ୍ୟାରିୟର ସେଣ୍ଟରର ୟଙ୍ଗ ପ୍ରଫେସନାଲ ନିରାକାର ପ୍ରଧାନ, ସିଏମ୍ ଫେଲୋ ମି.ସଞ୍ଜୁ, ପୁଷ୍ପଲତା ପ୍ରଧାନ, ବାମଦେବ ସାହୁ, ସରକାରୀ ଆଇଟିଆଇର ଏଟିଓ ତାପସ କୁମାର ଖିଲାର, ତୁଷାରକାନ୍ତ ସାହୁ ପ୍ରମୁଖ ଆଶାୟୀ ପ୍ରାର୍ଥୀମାନଙ୍କୁ ଉପଯୋଗୀ ପରାମର୍ଶ ଦେଇଥିଲେ। ପରେ ଅତିଥିମାନେ ନିଯୁକ୍ତି ମେଳା ପରିଦର୍ଶନ କରିବା ସହ ବିଭିନ୍ନ ନିଯୁକ୍ତିଦାତା କମ୍ପାନୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୫୦ଟି ବେସରକାରୀ ସଂସ୍ଥାର ନିଯୁକ୍ତି ଦାତାମାନେ ଯୋଗଦେଇଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଜନଔଷଧି ଦିବସ ପାଳିତ



ଏମ୍‌ପି ସମ୍ବିତ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଶୁକ୍ରବାର ଜନଔଷଧି ଦିବସ ପାଳନ କରାଯାଇଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସରକାରୀ ସ୍ତରରେ ମାଗଣାରେ ଏବଂ ଜନଔଷଧି କେନ୍ଦ୍ରରେ ସ୍ୱଳ୍ପ ଦରରେ ମିଳୁଥିବା ଅନେକ ଆବଶ୍ୟକ ଔଷଧ ସମ୍ପର୍କରେ ଜାଣିବା। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ବଳଗଣ୍ଡି ଛକସ୍ଥିତ ଜନଔଷଧି କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଜନତାଙ୍କ ସହିତ ବାର୍ତ୍ତାଳାପ କରିବା ସହ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମିଳୁଥିବା ସମସ୍ତ ସୁବିଧାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରୂପଭାନୁ ମିଶ୍ର ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ଟି. ନାରାୟଣ ରାଓ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା ସମେତ ସମସ୍ତ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୯୪ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ୫ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜନଔଷଧି ଦିବସ ପାଳନ କରାଯାଇଛି।

## ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ

**ରଥଯାତ୍ରା ପ୍ରସ୍ତୁତି ନେଇ ଏସ୍‌ପିଙ୍କ ସମୀକ୍ଷା**

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ଜୁନ ୧୧ରେ ଦେବସ୍ନାନ ପୂର୍ଣ୍ଣିମା ଓ ୨୭ରେ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରାରେ ଭକ୍ତଙ୍କ ପ୍ରବଳ ସମାଗମ ହେବାର ସମ୍ଭାବନା ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏସ୍‌ପି ବିନିତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଡିପିଓ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଘୋଷଯାତ୍ରା ସମୟରେ ଭକ୍ତଙ୍କ ସୁବିଧାରେ ଯାତାୟତ ଓ ଶୃଙ୍ଖଳିତ ଦର୍ଶନ ସହ ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ବ୍ୟବସ୍ଥା ଉପରେ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କାର୍ଯ୍ୟରତ ପୋଲିସ ଅଧିକାରୀମାନଙ୍କୁ ଦିଆଯାଇଥିବା ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ସହରରେ କିପରି ଟ୍ରାଫିକ ସମସ୍ୟା ନ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ। ପୁରୀବାସୀ ଯେପରି ଗମନାଗମନରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସମସ୍ତ ନୋଡାଲ ଅଧିକାରୀଙ୍କୁ କୁହାଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ବିଷ୍ଣୁପ୍ରସାଦ ପତି, ସୁଶୀଲ ମିଶ୍ର ଓ ଦେବୀଶଙ୍କର ପ୍ରତାପ, ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ପ୍ରଶାନ୍ତ ସାହୁ, ରବିନାରାୟଣ ଭଞ୍ଜ, ତିଳୋତ୍ତମା ରାଉତ, କଳ୍ପନା କାଉଁରୀ, ତାରାଜସ୍ମିନ ଗୁରିଆ, ରାଜକୁମାର ପରିଡାଙ୍କ ସମେତ ଜିଲାର ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଏସ୍‌ପି ଅଗ୍ରୱାଲ ଶୁକ୍ରବାର ମେଡିକାଲ ଛକଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।



ଶ୍ରୀଲୋକନାଥ ରୋଡରେ ଥିବା ଗ୍ରାମ୍ୟ ବ୍ୟାଙ୍କର ପଶ୍ଚିମଦ୍ୱାର ଶାଖା ସ୍ଥାନାନ୍ତର ପ୍ରତିବାଦରେ ଗ୍ରାହକମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଉଛନ୍ତି ।

## ମହିଳା ଉଦ୍ୟୋଗୀ ସଚେତନତା କର୍ମଶାଳା

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ମହିଳାଙ୍କୁ ସଶକ୍ତ, ଆତ୍ମନିର୍ଭରଶୀଳ ଓ ଆର୍ଥିକ ସମୃଦ୍ଧ କରିବା ପାଇଁ ସରକାର ବିବିଧ ପଦକ୍ଷେପ ନେଉଛନ୍ତି। ତେବେ ବୈଷୟିକ ଦକ୍ଷତା ଅଭାବ ଏବଂ ସାଇବର ଅପରାଧର ଭୟ ସେମାନଙ୍କ ପାଇଁ ବାଧକ ସାଜୁଛି। ଏ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଦେବାକୁ ଏକ କର୍ମଶାଳା ଗୁରୁବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ଆର୍ଥିକ ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ବିଜ୍‌ନେସ୍ ମ୍ୟାନେଜର ସୂର୍ଯ୍ୟକାନ୍ତ ମହାରଣା, ଆଇସିଆଇସିଆଇ ବ୍ୟାଙ୍କର ଶାଖା ପରିଚାଳକ ଦେବବ୍ରତ ଆଚାର୍ଯ୍ୟ, ରିଜିଓନାଲ ମ୍ୟାନେଜର ସୌରଭ ମିଶ୍ର ଆର୍ଥିକ ଅନ୍ତର୍ଭୁକ୍ତି, ନେଣଦେଣ, ବ୍ୟାଙ୍କ ଋଣ, ଆର୍ଥିକ ନିୟମ, ସାଇବର ସୁରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେବୀ, ଆକ୍ସନ ଏଡ୍‌ର ଜିଲା ସଂଯୋଜକ ରଞ୍ଜିତା ଦାଶ ପ୍ରମୁଖ ଯୋଗ ଦେଇ ମହିଳାଙ୍କ ସମୃଦ୍ଧି, ସୁରକ୍ଷା, ବାଲ୍ୟ ବିବାହ ଆଇନ, ମହିଳା ଓ ଶିଶୁ ଚାଲାଣ, ଘରୋଇ ହିଂସା ଆଇନ, ଶିଶୁ ଶ୍ରମ ଆଇନ ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ସିଡିପିଓ ଗୀତାଞ୍ଜଳି ନାୟକ, ସମାଜସେବୀ ବାବୁଲି ପଟ୍ଟନାୟକପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଘାଟ ଜେସିବି ମାଡ଼ରେ ଯୁବକ ଗୁରୁତର

**ଘଟଣା ଚପାଇବାକୁ ଉଦ୍ୟମ**

ପିପିଲି,୭।୩(ପ୍ରଭାତ କୁମାର ମହାପାତ୍ର)

ପିପିଲି ତହସିଲ ଅଧୀନ ନୂଆଶାସନ ଗ୍ରାମସ୍ଥିତ ଭାର୍ଗବୀ ନଦୀ ବାଲିଘାଟରୁ ଗୁରୁବାର ମଧ୍ୟରାତ୍ରିରେ ବେଆଇନ ଚାଲାଣ ବେଳେ ଜେସିବି ଆଘାତରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଉଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ଯୁବକଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ସୂଚନା ମିଳିଛି। ଯୁବକ ଜଣକ ହେଲେ ନୂଆଶାସନ ପଞ୍ଚାୟତର ମଇନପେଡ଼ି ଗ୍ରାମର ରମେଶ କୁମାର ମଲ୍ଲିକ (୪୦)। ସେ ଉକ୍ତ ବାଲିଘାଟ କାର୍ଯ୍ୟରେ ସହଯୋଗ କରୁଥିଲେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। କାର୍ଯ୍ୟ କରୁଥିବା ସମୟରେ ରମେଶଙ୍କ ଦେହରେ ଜେସିବି ମେଶିନ ମାଡ଼ ହେବାରୁ ତାଙ୍କ ଅଣ୍ଟା ଓ ଜଙ୍ଘରେ ଆଘାତ ଲାଗିଥିଲା। ଘଟଣାକୁ ଚପାଇବାକୁ ଉଦ୍ୟମ କରାଯାଉଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ଲୋକଲୋଚନକୁ ଆଣିଛନ୍ତି। ରମେଶଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିବାବେଳେ ପିପିଲି ଡାକ୍ତରଖାନାକୁ ନ ନେବା ଓ ଏନେଇ ଥାନାରେ ଅଭିଯୋଗ ନ କରିବା ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଲୋକେ ପୋଲିସକୁ ସହଯୋଗ କରିବା ଆବଶ୍ୟକ

ଅସ୍ତରଙ୍ଗ, ୭।୩(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ଥାନା ପରିସରରେ ଆମ ପୋଲିସ ସମିତି ଓ ଆଇନ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସାଧାରଣ ଲୋକ ତଥା ବୟୋଜ୍ୟେଷ୍ଠ, ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ଅପରାଧ ନିୟନ୍ତ୍ରଣରେ ଟେକ୍ନିକାଲ ପ୍ରୟୋଗ ବାବଦରେ ଥାନା ଅଧିକାରୀ ବକ୍ତବ୍ୟ ରଖିଥିଲେ। ଏଥିସହ ସାଧାରଣ ଲୋକେ ପୋଲିସକୁ ସହଯୋଗ କରିବାର ଆବଶ୍ୟକତା ଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ନ୍ୟାୟ ସଂହିତା ବଳରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି। ନାରୀ ନିର୍ଯାତନା, ଗ୍ରାମାଞ୍ଚଳରେ ଅବାଧ ନିଶା କାରବାର, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦିଗରେ ପୋଲିସର ଦାୟିତ୍ୱ ଓ ଜନସାଧାରଣଙ୍କ ସହଯୋଗ ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଲୋକମାନେ ।

## ଫାର୍ମାସି ଶିକ୍ଷା ଉପରେ ଗୁରୁତ୍ୱ

**ଜାତୀୟ ଫାର୍ମାସୀ ଶିକ୍ଷା ଦିବସ ପାଳିତ**

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ପୁରୀ କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ ମହାବିଦ୍ୟାଳୟରେ ଜାତୀୟ ଫାର୍ମାସୀ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଭାରତରେ ଫାର୍ମାସୀ ପାଠ୍ୟକ୍ରମର ସୃଷ୍ଟିକର୍ତ୍ତା ପ୍ରଫେସର ମହାଦେବ ଲାଲ୍ ସରଫଙ୍କ ସ୍ମୃତିକୁ ଶିକ୍ଷା ଦିବସ ରୂପେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡାବର ଇଣ୍ଡିଆ ଲିମିଟେଡ, ନୂଆଦିଲ୍ଲୀର ମୁଖ୍ୟ ବୈଜ୍ଞାନିକ ଶ୍ରୀନିବାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଚେୟାରପର୍ସନ ଅନିମା ଦାସ, ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର, ଡ. ଗଣେଷ ଦାସ, ଉପାଧ୍ୟକ୍ଷ ସଞ୍ଜୟ କୁମାର ନାୟକ ଯୋଗଦେଇଥିଲେ। ଏଥିସହ ଅନୁଷ୍ଠାନର ତୃତୀୟ ବର୍ଷର ତ୍ରୈମାସିକ ଖବର ପତ୍ରିକା ୪ର୍ଥ ଭାଗର ଉନ୍ମୋଚନ କରାଯାଇଛି। ଜାତୀୟ ଧନୁତୀର ଚାଳନା ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଦିବ୍ୟାଙ୍ଗ କୁନି ଝିଅ ପାୟଲ ନାଗଙ୍କୁ ଅନୁଷ୍ଠାନ ପକ୍ଷରୁ କୋଷାଧ୍ୟକ୍ଷ ରୋଜା ପ୍ରିୟଦର୍ଶୀ ଉତ୍ତରୀୟ ଓ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ତାଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୁଲଦୀପ କୁମାର ଭେଦୱାନଙ୍କୁ ତାଙ୍କର କଠୋର ଉଦ୍ୟମ ଯୋଗୁ ମଧ୍ୟ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟାପିକା ସୁନିତା ମିଶ୍ର, ସଞ୍ଚୟିତା ମଣ୍ଡଳ, ସୁନିସ୍ମିତା ସାହୁ, ଦିପ୍ତିପ୍ରଜ୍ଞା ଦାସ ଏବଂ ଅଧ୍ୟାପକ ତୃପ୍ତି ରଞ୍ଜନ ପାଢ଼ୀ, ଅନୁପ କୁମାର ପାତ୍ର ପ୍ରମୁଖ ଏହି ସଭା ପରିଚାଳନା କରିଥିଲେ। ଡ. ଚିନ୍ମୟ କେଶରୀ ସାହୁ ଧନ୍ୟବାଦ ଦେଇଥିଲେ।



ଦିବ୍ୟାଙ୍ଗ କୁନି ଝିଅ ପାୟଲ ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ସଂକ୍ଷେପରେ

### ସାହିତ୍ୟ, ପୁସ୍ତକ ସଦାକାଳ ଚିରନ୍ତନ

ଭୁବନେଶ୍ୱର,୭।୩ (ସୌମ୍ୟରଞ୍ଜନ ରାଉତ)

ସାହିତ୍ୟ ଓ ପୁସ୍ତକ ସଦାକାଳ ଚିରନ୍ତନ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ସାମ୍ବାଦିକ ତଥା 'ଚଲାପଥ'ର ସମ୍ପାଦକ କବି ହଳଧର ଧୀରଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକ 'ମରୁପଥର ଯାତ୍ରୀ' ଓ ଭାଷା, ସାହିତ୍ୟ ଓ ସଂସ୍କୃତି ସଂଗଠନ 'ଚଲାପଥର ସଂକ୍ଷିପ୍ତ ଇତିହାସ'କୁ ଅବଲୋକନ କରି ବାଚସ୍ପତି ଏହି ମତବ୍ୟକ୍ତ କରିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତ ତଥା କବିତା ପୁସ୍ତକ ଏବଂ ଚଲାପଥର ଉପହାର ପ୍ରଦାନ କାର୍ଯ୍ୟକ୍ରମରେ ଗୋପାଳ କୃଷ୍ଣ ବେହେରା, ବିଧାନସଭାର ଆରକ୍ଷୀ ଅଧୀକ୍ଷକ, ବିଧାନ ସଭା ନିରାପତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରୀ ଜମି ଜବରଦଖଲ ଉଚ୍ଛେଦ କଲା ତହସିଲ

ବାରଙ୍ଗ, ୭।୩(ଲିଙ୍ଗରାଜ ରାଉତ)

ବାରଙ୍ଗ ତହସିଲ ପକ୍ଷରୁ ଶୁକ୍ରବାର ତ୍ରିଶୂଳିଆ–ବାଙ୍କୀ ମୁଖ୍ୟରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବାରଙ୍ଗ ତହସିଲ ଅଧୀନସ୍ଥ ତ୍ରିଶୂଳିଆ–ବାଙ୍କୀ ମୁଖ୍ୟରାସ୍ତାର ପାଟପୁରଛକ ନିକଟରେ ସରକାରୀ ଜମିକୁ କେତେଜଣ ଜମି ମାଫିଆ ଜବରଦଖଲ କରି ରଖୁଥିବାର ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ଏ ସମ୍ପର୍କରେ ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଆସୁଥିଲେ। ଶୁକ୍ରବାର ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡା, ରାଜସ୍ୱ ଅଧିକାରୀ ସଞ୍ଜୟ କୁମାର ପୂର୍ତ୍ତି ଘଟଣାସ୍ଥଳରେ ଉପସ୍ଥିତ ରହି ଜବରଦଖଲ କରି ରଖିଥିବା ସରକାରୀ ଜମିକୁ ଜେସିବି ସାହାଯ୍ୟରେ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଛି। ସରକାରୀ ଜମିକୁ ଜବରଦଖଲ କରିବା ଆଇନତଃ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏଭଳି କାର୍ଯ୍ୟ ନ କରିବାକୁ ଜମି ମାଫିଆଙ୍କୁ ତହସିଲ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଠକେଇ, ଡାକ କର୍ମଚାରୀ ଗିରଫ

ଭୁବନେଶ୍ୱର, ୭।୩ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଜମାକର୍ତ୍ତାଙ୍କ ଟଙ୍କାକୁ ତାଙ୍କ ପୋଷ୍ଟାଲ ଆକାଉଣ୍ଟରେ ଜମା ନ କରି ତାହାକୁ ହଡପ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଶୁକ୍ରବାର ଲକ୍ଷ୍ମୀସାଗର ପୋଷ୍ଟ ଅଫିସର ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ ଡାକ କର୍ମଚାରୀ ଆଶିଷ କୁମାର ଧଳ (୩୦)। ତାଙ୍କ ଘର ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ଏନେଇ ତାପସ ରଞ୍ଜନ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ, ଅଭିଯୋଗକାରୀ ତାପସ ଓ ତାଙ୍କ ମା'ଙ୍କର ଲକ୍ଷ୍ମୀସାଗର ଡାକ ଅଫିସରେ ଦୁଇଟି ପୃଥକ ଆକାଉଣ୍ଟ ଥିଲା। ଏହାକୁ ଆଶିଷ କୁମାର ଧଳ ଖୋଲିଥିଲେ। ୨୦୨୪ରେ ତାପସ ଡାକ କର୍ମଚାରୀ ଆଶିଷଙ୍କୁ ତାଙ୍କ ଆକାଉଣ୍ଟରେ ଜମା କରିବାକୁ ଦୁଇଟି ଚେକ ଦେଇଥିଲେ। ଯେଉଁଥିରେ ମୋଟ ୩୩ ଲକ୍ଷ ୪୦ ହଜାର ଟଙ୍କା ଥିଲା। ତେବେ ଆଶିଷ ଦୁଇଟି ଚେକ ପାଇଥିଲେ ମଧ୍ୟ କେବଳ ଗୋଟାଏ ଚେକରେ ଥିବା ୨୫ ଲକ୍ଷ ଟଙ୍କା ଜମା କରିଥିବା ବେଳେ ବାକି ୮ ଲକ୍ଷ ୪୦ ହଜାର ଟଙ୍କାର ଚେକକୁ ଅଭିଯୋଗକାରୀଙ୍କ ଆକାଉଣ୍ଟରେ ଜମା କରି ନ ଥିଲେ। ଏନେଇ ଅଭିଯୋଗକାରୀ ଆଶିଷଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ଓଲଟା ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ଏହା ମଧ୍ୟ ଜଣାପଡିଥିଲା କି ଆଶିଷ ଅନ୍ୟ ଜମାକାରୀଙ୍କର ମଧ୍ୟ ୧୨ ଲକ୍ଷ ଟଙ୍କା ଏଭଳି ଚଞ୍ଚକତା କରି ଖର୍ଚ୍ଚ କରି ଦେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଆଶିଷ ଧଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍‌ର ଶୁଭାରମ୍ଭ

■ଲାଇସେନ୍ସ, ପ୍ରମାଣପତ୍ର ସହ ୪୨୯ ସରକାରୀ ସେବା ମିଳିବ

■ବିଭିନ୍ନ ସେବା ପାଇଁ ବହୁ ସଂସ୍ଥା ସହ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ



ଏମ୍‌ଓୟୁ ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୭।୩ (ବନ୍ଦନା ସେଠୀ)

ରାଜ୍ୟ ସରକାର ଓ ମେଟା ଇଣ୍ଡିଆ ପକ୍ଷରୁ ଶୁକ୍ରବାର ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍‌ର ଶୁଭାରମ୍ଭ ହୋଇଛି। ଏହା ରାଜ୍ୟର ୪୫ ନିୟୁତରୁ ଅଧିକ ଲୋକଙ୍କୁ ସମୟ କ୍ରମେ ୪୨୯ଟି ସରକାରୀ ସେବା ପ୍ରଦାନ କରିବ। ଚାଟ୍‌ବଟ୍ ମାଧ୍ୟମରେ ନାଗରିକମାନେ ଗୋଟିଏ ହ୍ୱାଟ୍ସଆପ୍ ନମ୍ବର ଜରିଆରେ ଜନ୍ମ ଓ ଆୟ ପ୍ରମାଣପତ୍ର ପାଇବା ସହିତ ଡ୍ରାଇଭିଂ, ସାର ଲାଇସେନ୍ସ ପାଇଁ ଆବେଦନ କରିପାରିବେ। ଏଥିସହ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ଉପଲବ୍ଧ ହେବ। ଏନେଇ ଶୁକ୍ରବାର ଲୋକସେବା ଭବନଠାରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ୍ (ସିଏମ୍‌ଜିଆଇ) ମେଟା ଇଣ୍ଡିଆ ସହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ରାଜ୍ୟରେ ଓଡ଼ିଶା ଲୋକସେବା ଅଧିକାର ଆଇନ୍ (ଓଆର୍‌ଟିପିଏସ୍)କୁ କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ ସହାୟକ ସଂସ୍ଥା ଭାବେ ସିଏମ୍‌ଜିଆଇ ଏବଂ ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ୍ ଡେଭଲପ୍‌ମେଣ୍ଟ (ସିୱାଇଏସ୍‌ଡି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିପରି ସରକାରୀ କର୍ମଚାରୀଙ୍କ ପାଇଁ ଯୋଜନାଭିତ୍ତିକ ଦକ୍ଷତା ବିକାଶ ପାଇଁ ସିଏମ୍‌ଜିଆଇ, ସିୱାଇଏସ୍‌ଡି ଏବଂ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମଧ୍ୟରେ, ଓଡ଼ିଶା ଲୋକସେବା ଅଧିକାର ଆଇନ କାର୍ଯ୍ୟକାରିତା ସମ୍ପର୍କିତ ଅଭିଯାନ ଏବଂ ସଚେତନତା ପାଇଁ ଏନ୍‌ଏସ୍‌ଏସ୍ ଛାତ୍ର ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଦିଗରେ ସିଏମ୍‌ଜିଆଇ, ସିୱାଇଏସ୍‌ଡି ଏବଂ ଉଚ୍ଚଶିକ୍ଷା ବିଭାଗ ମଧ୍ୟରେ ଏବଂ ପଞ୍ଚାୟତିରାଜ ନିର୍ବାଚିତ ସଦସ୍ୟ ଏବଂ ଗୋଷ୍ଠୀ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ପାଇଁ ସିଏମ୍‌ଜିଆଇ, ସିୱାଇଏସ୍‌ଡି ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ (ଏସ୍‌ଆଇଆର୍‌ଡି) ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥାନନ୍, ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବୀମା କର୍ମଚାରୀ ମୃତ

ଭୁବନେଶ୍ୱର, ୭।୩ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଛକ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ଏକ ଗ୍ୟାସ ବୋଝେଇ ଟ୍ରକ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ୪୨ ମୌଜା କୁଲ ସରିତୁଆଁର ସୋନାଲିକା ସ୍ୱାଇଁ (୨୮)। ସେ ଜୟଦେବ ବିହାରସ୍ଥିତ ଏକ ବ୍ୟାଙ୍କରେ ବିମା କର୍ମଚାରୀ ଭାବେ କାମ କରନ୍ତି। ଶୁକ୍ରବାର ଦିନ ୧୧ଟା ବେଳେ ସୋନାଲିକା ତାଙ୍କ ସ୍କୁଟିରେ ଗଣ୍ଡମୁଣ୍ଡାରୁ ଖଣ୍ଡଗିରି ଦେଇ ତାଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ଖଣ୍ଡଗିରି ଛକ ନିକଟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଦିଗରେ ଦ୍ରୁତଗତିରେ ଆସୁଥିବା ଏକ ଗ୍ୟାସ ବୋଝେଇ ଟ୍ରକ ସୋନାଲିକାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ଗାଡିରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଖଣ୍ଡଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସୋନାଲିକାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି। ଏନେଇ ମୃତ ସୋନାଲିକାଙ୍କ ବାପା ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ୬୦ ରେଳଷ୍ଟେଶନ ବାହାରେ ହେବ ସ୍ଥାୟୀ ଅପେକ୍ଷାସ୍ଥଳ



ରେଳମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୭।୩(ଅନୁରାଧା ମହାରଣା)

ରେଳଷ୍ଟେଶନରେ ଯାତ୍ରୀ ଭିଡ଼କୁ ଏଡ଼ାଇବା ଦିଗରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦେଶର ୬୦ ଷ୍ଟେଶନ ବାହାରେ ସ୍ଥାୟୀ ଅପେକ୍ଷାସ୍ଥଳ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ୨୦୨୪ ପାର୍ବଣ ଋତୁରେ ବିଭିନ୍ନ ଷ୍ଟେଶନ ବାହରେ ନିର୍ମାଣ କରାଯାଇଥିବା ଅପେକ୍ଷାସ୍ଥଳରେ ଯାତ୍ରୀ ଅପେକ୍ଷା କରୁଥିଲେ ଏବଂ ଟ୍ରେନ୍ ଆସିଲେ ହିଁ ପ୍ଲାଟଫର୍ମକୁ ପ୍ରବେଶ କରୁଥିଲେ। ଫଳରେ ଯାତ୍ରୀ ଭିଡ଼ ନିୟନ୍ତ୍ରଣ କରାଯାଇପାରୁଥିଲା। ପ୍ରୟାଗରାଜ ମହାକୁମ୍ଭ ସମୟରେ ମଧ୍ୟ ୯ ଷ୍ଟେଶନରେ ଏପରି ବ୍ୟବସ୍ଥା କରାଯାଇଥିଲା। ଏହି ଅଭିଜ୍ଞତାକୁ ଦୃଷ୍ଟିରେ ରଖି ସମଗ୍ର ଦେଶରେ ୬୦ଟି ଷ୍ଟେଶନରେ ଏପରି ପଦକ୍ଷେପ ପାଇଁ ଯୋଜନା କରାଯାଇଛି। ନୂଆଦିଲ୍ଲୀ, ଆନନ୍ଦବିହାର, ବାରାଣସୀ, ଆଯୋଧ୍ୟା ଏବଂ ପାଟନା ଷ୍ଟେଶନରେ ପାଇଲଟ୍ ପ୍ରକଳ୍ପ ଭାବେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୱେଟିଂ ଲିଷ୍ଟ ଟିକେଟ କରିଥିବା ଯାତ୍ରୀମାନେ ଏହିପରି ବିଶ୍ରାମସ୍ଥଳରେ ଅପେକ୍ଷା କରିବେ। ମାତ୍ର କନଫର୍ମ ରିଜର୍ଭ ଟିକେଟ କରିଥିବା ଯାତ୍ରୀମାନେ ସିଧାସଳଖ ପ୍ଲାଟଫର୍ମକୁ ଯାଇପାରିବେ। ସେହିପରି ଅନଧିକୃତ ପ୍ରବେଶ ପଥଗୁଡ଼ିକ ବନ୍ଦ କରିଦିଆଯିବ। ନିର୍ମାଣ ହେବାକୁ ଥିବା ଅପେକ୍ଷାକୃତ ପ୍ରଶସ୍ତ ଫୁଟ୍ ଓଭରବ୍ରିଜ୍ ଓ ର୍ୟାମ୍ପ ମଧ୍ୟ ଭିଡ଼ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଆଶା କରାଯାଉଛି। ଯାତ୍ରୀ ସୁରକ୍ଷା ଦୃଷ୍ଟିରୁ ସବୁ ଷ୍ଟେଶନରେ କ୍ୟାମେରା ଲଗାଯିବ। ସେହିପରି ରେଳପଥର ସବୁ ବିଭାଗର ଅଧିକାରୀଙ୍କୁ ନେଇ ୱାର୍ ରୁମ୍ ପ୍ରସ୍ତୁତ କରାଯିବ। ୱାକିଟକି, ଘୋଷଣା ସିଷ୍ଟମ, କଲିଂ ସିଷ୍ଟମ୍ ଆଦି ସ୍ଥାପନ କରାଯିବ। ରେଳ କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ନୂତନ ଭାବେ ୟୁନିଫର୍ମ ଓ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଆଇଟି ପଲିସିରେ ବ୍ୟାପକ ବ୍ୟବସ୍ଥା ହେବାକୁ ଯାଉଛି: ମନ୍ତ୍ରୀ ମହାଲିଙ୍ଗ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

ଡବଲ ଇଞ୍ଜିନ ସରକାର ଆସିବା ପରେ ଆଇଟି ପଲିସିରେ ବ୍ୟାପକ ବ୍ୟବସ୍ଥା ହେବାକୁ ଯାଉଛି। ଆଇଟି ପଲିସି ଆସିବା ପରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଇପାରିବ ବୋଲି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମହାଲିଙ୍ଗ କହିଛନ୍ତି, ଗତ ସରକାର ଯେତେବେଳେ ୨୦୨୨ରେ ଆଇଟି ପଲିସି ଆଣିଥିଲେ ସେତେବେଳେ ଘୋଷଣା କରିଥିଲେ , ଯେଉଁମାନେ ରାଜ୍ୟରେ ଆଇଟି ପ୍ରଫେସନାଲ ଥିବା ଏବଂ ଆଇଟି କମ୍ପାନୀରେ ଓଡ଼ିଶାରେ କାମ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖା ଦେବେ। ଏହା ଧୂଆଁବାଣରେ ରହିଗଲା। ସେମାନେ ସେମିତି କିଛି କଲେ ନାହିଁ। ଆଇଟି ପଲିସିକୁ ଆଉ ଥରେ ରିଭାଇଭ କରିବା ଲାଗି ଆଇଟି ପଲିସି ଦେଇଛୁ। ଏହାଦ୍ୱାରା ବେଶି କମ୍ପାନୀ କିପରି ଆସିପାରିବେ ସେଥିଲାଗି କାମ ଚାଲିଛି। ଯେଉଁମାନେ ଓଡ଼ିଶା ବାହାରେ ଆଇଟି କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି ସେମାନଙ୍କୁ କିପରି ଅଣାଯାଇପାରିବ ସେଥିଲାଗି ଉଦ୍ୟମ ଚାଲିଛି। ଆଇଟି ପଲିସିରେ ରାଜ୍ୟରେ ବଡ଼ ସ୍ପେସ୍ ରହିଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବଡ ଘୋଷଣା କରିଛନ୍ତି। ଯେଉଁ ରେଲୱେ ଷ୍ଟେଶନ ନୂଆକରି ତିଆରି ହେଉଛି ତା' ଉପରେ ଥିବା ୬ଟି ଫ୍ଲୋରରୁ ୩ ଲକ୍ଷ ସ୍କୋୟାର ଫୁଟ ଜାଗା ଆଇଟି କମ୍ପାନୀକୁ ଦେବା ଲାଗି ବ୍ୟବସ୍ଥା କରୁଛନ୍ତି। ସ୍ପେସ୍ ଆଲଟମେଣ୍ଟରେ ସେମାନଙ୍କୁ କେତେ ସବ୍‌ସିଡି ଦିଆଯାଇପାରିବ, କେତେ ଫାଇଦା ଦିଆଯାଇପାରିବ ତା' ଉପରେ ଏକ ଡ୍ରାଫ୍ଟ ଆଇଟି ପଲିସି ଚାଲିଛି। ତା' ଉପରେ ଲୋକଙ୍କ ମତ ମଧ୍ୟ ନିଆଯାଉଛି। କ୍ୟାବିନେଟ୍‌ରେ ନିଷ୍ପତ୍ତି ପରେ ଆଗକୁ ଯିବୁ ବୋଲି ମହାଲିଙ୍ଗ କହିଛନ୍ତି।

## ୧୯ରେ ପଞ୍ଚୁଦୋଳ ମେଳଣ

ବାଲକାଟୀ,୭।୩(ମନୋଜ ମଣ୍ଡଳ)

ଆସନ୍ତା ୧୯ ତାରିଖ ରାତିରେ ଜମିବ ରାଜଧାନୀ ଉପକଣ୍ଠ ବାଲକାଟୀର ଆରାଧ୍ୟ ଦେବତା ତଥା ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ। ପୂର୍ବରୁ ପଞ୍ଚୁଦୋଳ ମେଳଣର ଥାନପତି ବାବା ସ୍ୱପ୍ନେଶ୍ୱର ଦେବଙ୍କ ମେଳଣ ୩ ଦିନ ହେଉଥିବାବେଳେ ଚଳିତବର୍ଷଠାରୁ ୫ ଦିନ ଧରି ପାଳିତ ହେବ। ଏନେଇ ଶୁକ୍ରବାର ପ୍ରତାପ ଶାସନ ପଞ୍ଚାୟତ କାର୍ଯାଳୟଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ସରପଞ୍ଚ ରୀନା ରାଣୀ ବେହେରାଙ୍କ ନେତୃତ୍ୱରେ ଚାରି ଦେଶର ମୁରବି, ଗ୍ରାମବାସୀ ଓ ବାଲିଅନ୍ତାର ନୂତନ ଥାନା ଅଧିକାରୀ ସୁନୀଲ ପରିଡ଼ା ଓ ବାଲକାଟୀ ଫାଣ୍ଡି ନୂତନ ଅଧିକାରୀ ରାମଚନ୍ଦ୍ର ସାହୁ ଏଥିରେ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ କପିଳ ମହାରଣା, ପୂର୍ବତନ ସରପଞ୍ଚ ବସନ୍ତ ସାହୁ, ବେଣୁଧର ଭୋଇ, ମହେଶ୍ୱର ବେହେରା, ସୁବ୍ରତ ମହାନ୍ତି, ସ୍ଥାନୀୟ ସମିତି ସଭ୍ୟ ଗଙ୍ଗାଧର ମହାରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଚଳିତ ମେଳଣ ୨ ଦିନ ବଢ଼ିବା ଯୋଗୁ ଅଧିକ ଜନଗହଳି ହେବାର ଆଶଙ୍କା କରାଯାଇ ଏହାକୁ ଶୃଙ୍ଖଳିତ କରିବା ପାଇଁ ଥାନା ଅଧିକାରୀଙ୍କ ସହଯୋଗ ସହ ମୁରବିମାନଙ୍କୁ ଅନୁରୋଧ କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ମେଳଣପଡ଼ିଆ ନିକଟରେ ଏକ ଦମକଳ ଗାଡ଼ି ରଖିଯିବାକୁ ପ୍ରସ୍ତାବ ରହିଥିଲା। ପ୍ରଥମ ଥର ପାଇଁ ଏକ ଆଶୁ ଚିକିତ୍ସା ଶିବିର ଖୋଲାଯିବାକୁ ସ୍ୱାଗତ କରାଯାଇଥିଲା। ଚୋରି, ଛିନତାଇ ରୋକିବାକୁ ଅଧିକ ଫୋର୍ସ ମୁତୟନ ପାଇଁ ଥାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଥାନା ଅଧିକାରୀ ନିଜ ବକ୍ତବ୍ୟରେ ମେଳନକୁ ଶାନ୍ତିଶୃଙ୍ଖଳାରେ ସାରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିବା ସହ ପ୍ରସେଶନରେ ଡିଜେ ଅପେକ୍ଷା ପାରମ୍ପରିକ ବାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ।

### ଆମେ ସଶକ୍ତ, ସ୍ୱାବଲମ୍ବୀ


ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଦୁଇ ମହିଳା ଓୟୁଏଟି ପରିସର କ୍ଷେତରେ ଧାନ ତଳି ରୋପଣ କାର୍ଯ୍ୟ କରୁଛନ୍ତି। (ଫଟୋ– ବିକାଶ ନାୟକ)

## ୧୮ ମହିଳା ରେଳ କର୍ମଚାରୀ ସମ୍ମାନିତ, ୧୦ ପୁରସ୍କୃତ

ପୂର୍ବତଟ ରେଳପଥ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୭।୩(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ରେଳ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା ରେଳ କର୍ମଚାରୀଙ୍କୁ ସମ୍ବୋଧିତ କରି ଇକୋରୋ ସଭାପତି କବିତା ଫୁଙ୍କୱାଲ କହିଲେ, ପ୍ରତ୍ୟେକ ମହିଳା ନିଜ ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା, ବିଭିନ୍ନ ଆହ୍ୱାନର ମୁକାବିଲା କରିବା ଏବଂ ପ୍ରତିଭା ପ୍ରଦର୍ଶନ କରିବା ସହିତ ନିଜ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିବା ଉଚିତ। ଏହି ଅବସରରେ ସେ ରେଳପଥ ମହିଳା କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ଓ ଅସାଧାରଣ ଅବଦାନ ପାଇଁ ସମ୍ମାନିତ କରିଥିଲେ। ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ ସ୍ୱାସ୍ଥ୍ୟ ଅଧିକାରୀ ଡ. ପି. ଭରଲକ୍ଷ୍ମୀ ମହିଳାଙ୍କ ମଧ୍ୟରେ ଥିବା ସାଧାରଣ ସ୍ତ୍ରୀ ରୋଗ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ ବିଶାଖାପାଟଣାର ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଆଲା ଅରୁଣାଶ୍ରୀ ରେଳ ପରିଚାଳନାର ବିଭିନ୍ନ ଦିଗରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରି ଭାରତୀୟ ରେଳପଥକୁ ପରିବର୍ତ୍ତନ କରିବାରେ ସେମାନଙ୍କୁ ଯୋଦ୍ଧା ଭାବରେ ବର୍ଣ୍ଣନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୋଟ ୨୮ଜଣ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୧୮ଜଣ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିବାବେଳେ କବିତା ପାଠ, ରଙ୍ଗୋଲି ଏବଂ ପୂଜା ଥାଳି ସାଜସଜ୍ଜା ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାରେ ଉତ୍କର୍ଷତା ପାଇଁ ୧୦ ଜଣ ମହିଳା ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧା ରୋଡ, ୱାଲଟିୟର, ରାୟଗଡା ଏବଂ ସମ୍ବଲପୁର ରେଳ ମଣ୍ଡଳ ମୁଖ୍ୟାଳୟ ସହ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକରେ ମଧ୍ୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ସାଧାରଣ) ସୂର୍ଯ୍ୟ ପ୍ରକାଶ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରି ରେଳପଥରେ ମହିଳା କର୍ମଚାରୀଙ୍କ ଆନ୍ତରିକ ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ। ମହିଳା ରେଳ କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଟୋ–ବାଇକ ମୁହାଁମୁହିଁ ଧକ୍କା, ୪ ଗୁରୁତର

ଭୁବନେଶ୍ୱର, ୭।୩ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶିଳ୍ପାଞ୍ଚଳ ଭିତରେ ଶୁକ୍ରବାର ରାତି ପ୍ରାୟ ୧୧ଟା ୩୦ରେ ଏକ ବାଇକ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋ ଚାଳକ ଓ ବାଇକରେ ଥିବା ୩ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ମଞ୍ଚେଶ୍ୱର ଥାନା ପାର୍ଶ୍ୱରୁ ଏକ ଅଟୋ ଚକେଇସିଆଣି ଆଡକୁ ଯାଉଥିବା ବେଳେ ସାମ୍ନା ପଟୁ ଏକ ବାଇକ ଆସି ଜୋରରେ ଧକ୍କା ହୋଇଥିଲା। ଫଳରେ ବାଇକରେ ଥିବା ୩ ଜଣ ତଳେ ପଡି ଗୁରୁତର ଆହତ ହୋଇଥିଲେ। ସେପଟେ ଅଟୋ ଚାଳକ ମଧ୍ୟ ଗାଡି ଭିତରେ ଚାପି ହୋଇଯାଇଥିଲେ। ତାଙ୍କ ଗୋଡ ଓ ମୁଣ୍ଡରେ ଆଘାତ ଲାଗିଥିବାରୁ ପ୍ରବଳ ରକ୍ତ ବାହାରିଥିଲା। ପୋଲିସ ପାଖରେ କୌଣସି ଉପକରଣ ନ ଥିବାରୁ ଲୋକେ ଏକ ଲୁହା ହୁକ ସାହାଯ୍ୟରେ ଅଟୋର କିଛି ଅଂଶ ଭାଙ୍ଗି ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲେ।

## ଚୋରା ବାଇକ୍‌ରେ ଛିନ୍‌ତାଇ, ଗେଡ଼ା ଗିରଫ

୫ ସୁନାଚେନ, ବାଇକ ଜବତ

ଭୁବନେଶ୍ୱର, ୭।୩ (ସୂର୍ଯ୍ୟକାନ୍ତ ବେହେରା)

ଚୋରା ବାଇକରେ ଭୁବନେଶ୍ୱରରେ ଛିନତାଇ କରୁଥିବା ଜଣେ ଲୁଟେରାଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ନୟାଗଡର ରଞ୍ଜନ ପ୍ରଧାନ ଓରଫ ଗେଡା। ତାଙ୍କଠାରୁ ଗୋଟିଏ ବାଇକ ଓ ୫ଟି ସୁନା ଚେନ ଜବତ ହୋଇଛି। ଜାମିନ ନ ମିଳିବାରୁ ଗେଡାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଙ୍କ ନାମରେ ୩୬ରୁ ଅଧିକ ଆପରାଧିକ ମାମଲା ରହିଥିବା ବେଳେ କ୍ୟାପିଟାଲ ଓ ବଡଗଡ ଥାନାର ଦୁଇଟି ପୃଥକ ମାମଲାରେ ତାଙ୍କୁ ସଜା ମଧ୍ୟ ହୋଇ ସାରିଛି। ତେବେ ଗେଡା ସହଯୋଗୀଙ୍କ ଜରିଆରେ ଏହି ଛିନତାଇ କରୁଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି। ସୂଚନାନୁସାରେ, ଗତ ଫେବୃଆରୀ ୨୨ରେ ଜଣେ ମହିଳା ରାଜମହଲ ଛକ ପାଖରେ ଅନଲାଇନ ଅଟୋକୁ ଅପେକ୍ଷା କରିଥିବାବେଳେ ଅଭିଯୁକ୍ତ ଗେଡା ଏକ ବାଇକରେ ସହଯୋଗୀଙ୍କ ସହ ଆସି ତାଙ୍କ ବେକରୁ ମଙ୍ଗଳସୂତ୍ର ଛିନତାଇ କରି ଫେରାର ହୋଇଯାଇଥିଲେ। ଏନେଇ ମହିଳାଙ୍କ ନଣନ୍ଦ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ।

## ଅଶିକ୍ଷା, ଅଣଦେଖା ଜାତିଗତ ବୈଷମ୍ୟର ଅନ୍ୟତମ କାରଣ




ଭୁବନେଶ୍ୱର, ୭।୩ (ବନ୍ଦନା ସେଠୀ)

ଗାଁ ଗହଳିରେ ଆଜି ବି ଜାତିଗତ ବୈଷମ୍ୟ ରହିଛି। ଏହାର ମୁଖ୍ୟ କାରଣ ହେଉଛି ଅସ୍ପୃଶ୍ୟତା, ଶୋଷଣକୁ ଆମେ ନିଜେ ଗ୍ରହଣ କରିବା ସହିତ ସବୁକିଛି ଭାଗ୍ୟ ହାତରେ ଛାଡି ଦେଉଛୁ। ସେହିପରି ଅଶିକ୍ଷା ଏବଂ ନିଜପ୍ରତି ଅଣଦେଖା ଏହାର ଅନ୍ୟତମ କାରଣ ବୋଲି ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ କହିଛନ୍ତି। ଶୁକ୍ରବାର ସୂଚନା ଭବନଠାରେ ଅଲ୍ ଓଡ଼ିଶା ରଜକ ମହାସଂଘର ସାଧାରଣ ବୈଠକ ଅବସରରେ 'ଆମ ଅଧିକାରୀ ଓ ସମ୍ବିଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶର୍ମିଷ୍ଠା କହିଲେ, ନିଜ ଜାତିକୁ ନେଇ ସର୍ବଦା ଗର୍ବ କରିବା ଆବଶ୍ୟକ। ବରିଷ୍ଠ ସାମ୍ବାଦିକ ରବି ଦାସ ନିଜ ମତ ରଖିଥିବାବେଳେ ଏହି ଅବସରରେ ମହାସଂଘ ପକ୍ଷରୁ ୧୨ଦଫା ଦାବି ରଖାଯାଇଥିଲା। ମହାସଂଘ ସଭାପତି ତଥା ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ସଭାପତିତ୍ୱ କରିଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ହେମ୍ବ୍ରମ, ଅଲ୍ ଓଡ଼ିଶା ଆଦିବାସୀ ମହାସଂଘର ସାଧାରଣ ସମ୍ପାଦକ ଶରତ କୁମାର ନାୟକ ଉପସ୍ଥିତ ଥିଲେ। ମହାସଂଘର ସାଧାରଣ ସମ୍ପାଦକ ରୋହିତ କୁମାର ସେଠୀ ବିବରଣୀ ପାଠ ଓ ଅଧ୍ୟକ୍ଷ ବଂଶୀଧର ସେଠୀ ପରିଚାଳନା କରିଥିଲେ।

## ଅଚଳ ନଳକୂପ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

■କାର୍ଯ୍ୟକାରୀ ହେବ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର, ୭।୩ (ବନ୍ଦନା ସେଠୀ)

ଖରାଦିନେ ପାନୀୟ ଜଳ ଅଭାବକୁ ଦୂର ପାଇଁ ଅଚଳାବସ୍ଥାରେ ଥିବା ନଳକୂପଗୁଡିକୁ ତୁରନ୍ତ ସଚଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶୁକ୍ରବାର ମନ୍ତ୍ରୀ ସମୀକ୍ଷା କରିଛନ୍ତି। ଏହି କ୍ରମରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବା ସହ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ।

ସମସ୍ତ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଆବଶ୍ୟକ। ଏଥିପାଇଁ ଜଳ ଯୋଗାଣ ପାଇପ୍‌ଲାଇନଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯିବା ଉଚିତ। ଜରୁରିକାଳୀନ ସ୍ଥିତିରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଓ ଆବଶ୍ୟକ ହେଲେ ଅତିରିକ୍ତ ଟ୍ୟାଙ୍କର ନିଯୁକ୍ତି ଭିତ୍ତିରେ ବ୍ୟବସ୍ଥା କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ସମସ୍ତ ନଳକୂପ/ହ୍ୟାଣ୍ଡପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାକୁ ପଡିବ ଏବଂ ଏଗୁଡ଼ିକର ମରାମତି ପାଇଁ ଯନ୍ତ୍ରାଂଶ ପ୍ରସ୍ତୁତ ରଖିବାକୁ ହେବ। ଯେକୌଣସି ଅଭିଯୋଗର ୨୪ଘଣ୍ଟା ମଧ୍ୟରେ ସମାଧାନ କରାଯିବ। ଭାରତୀୟ ପାଣିପାଗ ବିଭାଗ/ରାଜ୍ୟ ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ କରାଯିବ। ପୌରାଞ୍ଚଳଗୁଡ଼ିକ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ରାସ୍ତାକଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ, ବଜାର ଆଦି ସ୍ଥାନରେ ଅଧିକ ଜଳ କିଓସ୍କ, ପାନୀୟ ଜଳ ବିତରଣ କେନ୍ଦ୍ର ଖୋଲିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ କିଓସ୍କର ପାଣି ପୋର୍ଟେବଲ ଗୁଣବତ୍ତାର ହେବା ସହିତ ଲମ୍ବା ହ୍ୟାଣ୍ଡେଲ ଡିସପେନ୍ସର ବ୍ୟବହାର ହେବା ଆବଶ୍ୟକ। ସେହିପରି ପ୍ରତିଦିନ ପାଣି ପରିବର୍ତ୍ତନ ସହିତ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ଉଚିତ। ତେବେ କେବଳ ଆତ୍ମପ୍ରଚାର ପାଇଁ ଏପରି କାମ କରୁଥିବା ଏବଂ ପ୍ରାରମ୍ଭିକ ଦିନ ପରେ ଏହାକୁ ବନ୍ଦ କରୁଥିବା ସଂସ୍ଥାଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ପୌରନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର ସାହୁ, ସମସ୍ତ ମ୍ୟୁନିସିପାଲ କର୍ପୋରେଶନ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିସ୍ଫୋରକ ସାମଗ୍ରୀ ବ୍ୟବହାର ଘଟଣାରେ ୪ ଗିରଫ

ଜଟଣୀ,୭।୩(ରବୀନ୍ଦ୍ରନାଥ ମହାକୁଡ଼)

ବିସ୍ଫୋରକ ସାମଗ୍ରୀ ବ୍ୟବହାର ଘଟଣାରେ ଜଟଣୀ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବେଣାପଞ୍ଜରୀ ଗ୍ରାମର ଏସ୍.କେ.ଅସଲାମ(୧୯), ଏସ୍.କେ. ଆଜାଦ(୨୨), ଇନାମ ଖାନ(୨୪) ଏବଂ ଅସରାଫ ଖାନ(୨୦)। ସୂଚନା ମୁତାବକ, ଦୁଇ ପରିବାରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଲାଗିରହିଥିଲା। ଗତ ମାସ ୬ତାରିଖରେ ବିବାଦର ଆପୋଷ ସମାଧାନ ପାଇଁ ଉଭୟ ପରିବାର ଏକାଠି ହୋଇଥିଲେ। ଆଲୋଚନା ବେଳେ ଉଭୟ ପରିବାର ମଧ୍ୟରେ କଥା କଟାକଟି ହୋଇ ଉଗ୍ରରୂପ ଧାରଣ କରିଥିଲା। ପରେ ଉପରୋକ୍ତ ଅଭିଯୁକ୍ତମାନେ ବିସ୍ଫୋରକ ସାମଗ୍ରୀ ଫୋପାଡ଼ିଥିଲେ। ଉଭୟ ପକ୍ଷର କେତେଜଣ ସାମାନ୍ୟ ଆହତ ହୋଇଥିଲେ। ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

### ଦେଶୀମଦ, ବାଇକ୍ ଜବତ: ୨ ଗିରଫ

ବାଲୁଗାଁ,୭।୩(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଚଢ଼ାଉ କରି ଦୁଇଟି ସ୍ଥାନରୁ ଦେଶୀ ମହୁଲି ମଦ ସମେତ ଗୋଟିଏ ବାଇକ୍ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ବାଣପୁର ନିକଟ ବ୍ରଜରାଜପୁର ଗ୍ରାମର ପ୍ରଭାକର ବେହେରାଙ୍କ ଘରୁ ୯ ଲିଟର ଏବଂ ନାରୁଣୀ ଥାନା ଅଧୀନ ଗମେଇ ଟାଙ୍ଗୀସାହିର ସୁବାସ ଚନ୍ଦ୍ର ସେଠୀଙ୍କଠାରୁ ୬୦ ଲିଟର ଦେଶୀ ମହୁଲି ମଦ ସମେତ ଏକ ବାଇକ ଜବତ ହୋଇଛି। ବିଭାଗୀୟ ପକ୍ଷରୁ ପୃଥକଭାବେ ଦୁଇଟି ମାମଲା (ନଂ.୨୬୭, ୨୬୮/୨୫)ରୁଜୁ କରାଯାଇ ଅଭିଯୁକ୍ତ ପ୍ରଭାକର ଏବଂ ସୁବାସଙ୍କୁ କୋର୍ଟଚାଲାଣ କରାଯାଇଛି।

### ପଞ୍ଚମ ଶ୍ରେଣୀ ବୃତ୍ତି ପାଇଲେ ନିର୍ଝରିଣୀ

ନିରାକାରପୁର,୭।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ୫ଶ୍ରେଣୀ ଛାତ୍ରୀ ନିର୍ଝରିଣୀ ରାୟ ଚଳିତ ବର୍ଷ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଛନ୍ତି। ଏନେଇ ଛାତ୍ରୀ ନିର୍ଝରିଣୀଙ୍କୁ ସ୍କୁଲର ପ୍ରଧାନ ଶିକ୍ଷକ ଆମର କୁମାର ଜୟସିଂହଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

### ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ସମବାୟ ନିର୍ଦ୍ଦେଶକ

ବୋଲଗଡ଼,୭।୩(ଦେବବ୍ରତ ହୋତା)

ବୋଲଗଡ଼ ତହସିଲ ଅନ୍ତର୍ଗତ ବେଗୁନିଆମୂଳ ଗ୍ରାମର ଚାଷୀ ଦିଲୀପ କୁମାର ମାର୍ଥା(୩୬)ଙ୍କ ବିଦ୍ୟୁତ୍ ଆଘାତରେ ସୋମବାର ମୃତ୍ୟୁ ଘଟିଥିଲା। ଏଥିରେ ମ୍ରିୟମାଣ ହୋଇ ମୃତ ଦିଲୀପଙ୍କ ସ୍ତ୍ରୀ ଅଶାନ୍ତି ନିକଟ ଶିବମନ୍ଦିର କୁଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଖବରପାଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ନିର୍ଦ୍ଦେଶକ ପ୍ରକାଶ କୁମାର ରାଉତରାୟ ଶୁକ୍ରବାର ମୃତ ଦିଲୀପଙ୍କ ପରିବାରକୁ ଭେଟି ସହାୟତାର ହାତ ବଢ଼ାଇଛନ୍ତି। ରାସନ ସାମଗ୍ରୀ ପ୍ରଦାନ ସହ ପରିବାର ଚଳାଇବାକୁ ଅର୍ଥ ଉପାର୍ଜନ ନିମନ୍ତେ ପରାମର୍ଶ ଦେଇ ସମବାୟ ବିଭାଗ ପକ୍ଷରୁ ଯୋଜନା ମାଧ୍ୟମରେ ଋଣ ସହାୟତା ବ୍ୟବସ୍ଥା କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

### ପୁରୀ ଏମ୍ପିଙ୍କ ଚିଲିକା ବ୍ଲକ ପ୍ରତିନିଧି ହେଲେ ଦୀନବନ୍ଧୁ

ଟାଙ୍ଗୀ,୭।୩(ରଘୁନାଥ ସାହୁ)

ପୁରୀ ଏମ୍ପି ଡା.ସମ୍ବିତ ପାତ୍ରଙ୍କ ଚିଲିକା ବ୍ଲକ ପ୍ରତିନିଧି ହେଲେ ଚଣ୍ଡେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଭାଜପା ନେତା ଦୀନବନ୍ଧୁ ସାହୁ। ଏନେଇ ଏମ୍ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ମାଧ୍ୟମରେ ଖୋର୍ଦ୍ଧା ଜିଲାପାଳଙ୍କୁ ଅବଗତ କରାଯାଇଛି। ଦୀନବନ୍ଧୁ ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଏମ୍ପି ଡା.ପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ବ୍ଲକ ପ୍ରତିନିଧିଭାବେ ସରକାରଙ୍କ ଜନହିତକର ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା, ମନ୍ତ୍ରୀ ଏବଂ ଏମ୍ପିଙ୍କ ନିର୍ଦ୍ଦେଶକ୍ରମେ ଭାଜପାର ସଙ୍ଗଠନକୁ ଦୃଢ଼ କରିବାକୁ କାର୍ଯ୍ୟ କରିବି ବୋଲି ସେ କହିଛନ୍ତି।

# ସରୁନି ଜରି ପୋଖରୀ ବୋଟିଂ ପ୍ରକଳ୍ପ

ଖୋର୍ଦ୍ଧା,୭।୩(ପ୍ରଭାତ ପାଣିଗ୍ରାହୀ)

- ଶୌଚାଳୟ, ଲୁ'ରେ ଝୁଲୁଛି ତାଲା
- ଶ୍ମଶାନ ପାଲଟିଛି ପାର୍କିଂସ୍ଥଳ

ଖୋର୍ଦ୍ଧା ପୌରାଞ୍ଚଳରେ ବିକାଶ ଏକପ୍ରକାର ସ୍ଥାଣୁ ପାଲଟିଛି। ବିଭିନ୍ନ ଯୋଜନାରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ଉଠୁଥିବା ବେଳେ ଏକାଧିକ ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି। ସାମନ୍ତରାପୁରସ୍ଥିତ ଜରି ପୋଖରୀ ବୋଟିଂ ପ୍ରକଳ୍ପ କାର୍ଯ୍ୟ ଶେଷ ନେଇ ଅନିଶ୍ଚିତତା ଦେଖାଦେଇଛି। ୨୦୨୧ ଅଗଷ୍ଟରେ ତତ୍କାଳୀନ ଜିଲାପାଳ ସନତ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏଠାରେ ବୋଟିଂ ପାଇଁ ଶିଳାନ୍ୟାସ କରିଥିଲେ। ୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ଶିଳାନ୍ୟାସକୁ ୩ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରାୟ ଏକ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ଏବେବି ଅଧାପନ୍ତରିଆ ଭାବେ ପଡ଼ିରହିଛି। ଶିଳାନ୍ୟାସ ଫଳକକୁ କେହି ତାଡ଼ି ଦେଇଥିବା ଦେଖିବାକୁ ମିଳିଛି। ପ୍ରକଳ୍ପ ମନ୍ଥରତା ଯୋଗୁ ଏହାର ପରିସର ଅନାବନା ଗଛଲତା ମାଡ଼ିଗଲାଣି।

ସେହିପରି ଟିଏଲ୍‌ସିଠାରେ ୧କୋଟି ବ୍ୟୟ ଅଟକଳରେ ୨.୫୩ ପରିମିତ ଜମିରେ ଆଦର୍ଶ ଶ୍ମଶାନ ନିର୍ମାଣ କରାଯାଇଛି। ଏବେ ଏହା ପୌରପରିଷଦର ପାର୍କିଂସ୍ଥଳ ପାଲଟିଛି। ଏଠାରେ ପୌର ପରିଷଦରେ ବିଭିନ୍ନ ଯାନବାହନ ରହୁଛି। ମୁଖ୍ୟ ଫାଟକ, ପାର୍କିଂ, ପାଦଚଲା ରାସ୍ତା, ପୂଜା ସାମଗ୍ରୀ ଦୋକାନ, ଉଦ୍ୟାନ, ଅପେକ୍ଷା ଗୃହ, ଶୌଚାଳୟ, ଶବଦାହ ଲାଗି ୩ଟି ପିଣ୍ଡି, କାଠ ଗଚ୍ଛିତ ରଖିବା ଲାଗି ଏକ କୋଠରି, ମନ୍ଦିର, ଉଦ୍ୟାନ, ପାର୍କ, ଶୌଚାଳୟ, ଆଲୋକୀକରଣ ବ୍ୟବସ୍ଥା, ସିକ୍ୟୁରିଟିଗାର୍ଡଙ୍କ ଲାଗି ଏକ କୋଠରି ମଧ୍ୟ ବ୍ୟବସ୍ଥା ରହିଛି। ଅତ୍ୟାଧୁନିକ ଶୈଳୀରେ ଏହି ଶ୍ମଶାନ ନିର୍ମାଣ କରାଯାଇଛି। ତେବେ ଏହା ମଧ୍ୟ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ।

ସହରରେ ବଢ଼ିଚାଲିଥିବା ଟ୍ରାଫିକ ସମସ୍ୟା ଏବଂ ସହର ସୌନ୍ଦର୍ଯ୍ୟକରଣ ପାଇଁ ଫୁଟପାଥ ବ୍ୟବସାୟୀ, କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଟିଏଲ୍‌ସି ରୋଡ ଏବଂ ଭାଲିଆବାଡ଼ିଠାରେ ପ୍ରଥମ ପର୍ଯ୍ୟାୟରେ ୧୬୬ ବ୍ୟବସାୟୀଙ୍କୁ ଭେଣ୍ଡିଂଜୋନରେ ଥଇଥାନ କରାଯାଇଛି। ଜିଲା ପ୍ରଶାସନର ସୂଚନା ପ୍ରକାରେ ୮.୬୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ୧୨ନମ୍ବର ୱାର୍ଡରେ ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଭେଣ୍ଡିଂଜୋନ କାମ ଆରମ୍ଭ ହୋଇଥିଲା। ୨୦୨୪ରେ ବିବାଦ ଉଠିବା ପରେ ଏହାକୁ ହଠାତ୍ ବନ୍ଦ କରି ଦିଆଗଲା। ଗତ ଡିସେମ୍ବରରେ ଲୁହାର ଷ୍ଟ୍ରକ୍ଚରକୁ ମାଟିରେ ମିଶାଇଦେଲେ। ଏଥିସହିତ ମଶାଣୀକୁ ମାଟିରେ ମିଶାଇ ସେଠାରେ ୮୦ରୁ ଉର୍ଦ୍ଧ୍ୱ ପରିବା ମଣ୍ଡି ଖୋଲାଯାଇଛି। ଭେଣ୍ଡିଂଜୋନରେ ୧୦ଟି ଦୋକାନ ଖୋଲିଥିବା ବେଳେ ବଳକା ଦୋକାନ ଏ ପର୍ଯ୍ୟନ୍ତ ଖୋଲିନାହିଁ।

ସେହିପରି ୨୦୨୦ମସିହା କରୋନା ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ସହରର ନୂଆ ବସ୍‌ଷ୍ଟାଣ୍ଡ ଏବଂ ପୁରୁଣା ମେଡିକାଲ ରୋଡରେ ଥିବା ଦୁଇଟି ଶୌଚାଳୟ ବନ୍ଦ ରହିଥିଲା। ବହୁ ବିବାଦ ପରେ ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଦୁଇ ଶୌଚାଳୟ ପୁନରୁଦ୍ଧାର କରାଯାଇଛି। ତେବେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପୁନରୁଦ୍ଧାର ପରେ ମଧ୍ୟ ଶୌଚାଳୟରେ ତାଲା ଝୁଲୁଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ୨୦୨୧ ଓ ୨୦୨୨ରେ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଜଳ ସଂରକ୍ଷଣ, ପାର୍କ, ଚଲାପଥ, ରାସ୍ତାପାର୍ଶ୍ୱ ସୌନ୍ଦର୍ଯ୍ୟକରଣରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ସହରର ବିଭିନ୍ନ ଛକରେ ଲୋକଙ୍କ ସୁବିଧା ଦୃଷ୍ଟିରୁ ଲୁ(ଶୌଚାଳୟ) ନିର୍ମାଣ ହୋଇଥିଲା। ତେବେ ଉଦ୍‌ଘାଟନ ପରଠାରୁ ସମସ୍ତ ଶୌଚାଳୟରେ ତାଲା ଝୁଲୁଛି। ପାଣିର ସୁବିଧା ନ ଥିବାରୁ ଏହା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି ବୋଲି ଜନଜାଗରଣ ପରିବାର ଆବାହକ ରଣଜିତ୍ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସହରର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି।

# କଳା, ସଂସ୍କୃତିର ବିକାଶ ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୭।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଟାଙ୍ଗିଆପଡ଼ା ଗ୍ରାମର ମା'ଖଣ୍ଟୁଆଳ ଦେବୀ ଲୋକନୃତ୍ୟ ଅନୁଷ୍ଠାନର ନୂତନ ପାରମ୍ପରିକ ସରଞ୍ଜାମର ଉଦ୍‌ଘାଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ବାଦଲ ମଙ୍ଗରାଜ ସଂଯୋଜନା କରିଥିଲେ। ସାମାଜିକକର୍ମୀ ଗୋପାଳକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାଜପା ନେତା ମନୋଜ ନନ୍ଦ, ସଂଗ୍ରାମ କେଶରୀ ସାମନ୍ତସିଂହାର, ଜିଲା କଳାକାର ମହାସଂଘ ଉପସଭାପତି କବିରାଜ ପ୍ରଧାନ ଯୋଗଦେଇ ଆଗାମୀ ଦିନରେ ଏହି ଅନୁଷ୍ଠାନ କିଭଳି ବ୍ଲକ ଓ ଜିଲା ସଂଘରେ ସାମିଲ ହେବ ତାହା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କଳା ସଂସ୍କୃତିର ବିକାଶ ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ ବୋଲି ଅତିଥିମାନେ କହିଥିଲେ। ସାମାଜିକ କର୍ମୀ ସୁରେଶ ସାମନ୍ତରାୟ, ଶ୍ରୀତମ ରଣା, ଜୟନ୍ତ ଛୋଟରାୟ, ଜିତେନ୍ଦ୍ର ମହାପାତ୍ର, ତ୍ରିନାଥ ପାଇକରାୟ, ଉମାକାନ୍ତ ପଟ୍ଟନାୟକ, ଜୀବନ ସାମନ୍ତରାୟ, ନାରାୟଣ ସୁବୁଦ୍ଧି, ପ୍ରଫୁଲ୍ଲ ରଣା, ବାସୁଦେବ ସାହୁ, କାଳୁ ନାୟକ, ଗୋଲିଆ ନାୟକ, ସୁଶା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ମହୋତ୍ସବ ଆଗାମୀପିଢ଼ିଙ୍କୁ ଆଗକୁ ଯିବାର ସୁଯୋଗ ଦିଏ'



ଆମ ଗାଁ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଶୁକ୍ରବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବେଗୁନିଆ,୭।୩(ସନ୍ଧ୍ୟାରାଣୀ ମିଶ୍ର)

**ଆମ ଗାଁ ମହୋତ୍ସବର ତୃତୀୟ ସନ୍ଧ୍ୟା**

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମର ପାରିଜାତ କ୍ଲବ ସମ୍ମୁଖରେ ଚାଲିଥିବା ଆମ ଗାଁ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଆମ ଗାଁ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡ.ବିଭୂତି ଭୂଷଣ ଦଳାଇ, ସରପଞ୍ଚ ସୁନନ୍ଦା ବରାଳ, ଉପଦେଷ୍ଟା ପ୍ରଶାନ୍ତ କୁମାର ବେହେରା, ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ନୂତନ ପିଢ଼ିକୁ ଆଗକୁ ଯିବାରେ ସୁଯୋଗ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମୃତ୍ୟୁଞ୍ଜୟ ପଣ୍ଡା ଏବଂ ସନ୍ଦୀପ କୁମାର ପଟ୍ଟନାୟକଙ୍କ ଉପସ୍ଥାପନାରେ ପୁରୀର ସୁନୀତା ସାଂସ୍କୃତିକ କଳା ବିକାଶ ପରିଷଦ, ଡିଭାଇନ ଡ୍ୟାନ୍ସ ଗ୍ରୁପ ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଅନନ୍ତ କଳା ପରିଷଦ, ବଡ଼ବେରଣାର ମା'କାଳିକା ଦେବୀ ସାଂସ୍କୃତିକ ପରିଷଦ ଏବଂ ବାଲେଶ୍ୱର ବାସୁଲେଇ ମାତା କଳାନିକେତନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରେ ଯୁଗ୍ମ କୋଷାଧ୍ୟକ୍ଷ ଅମିୟ ଭୂଷଣ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟି ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ୨୫ ପ୍ରକଳ୍ପ ପ୍ରଦର୍ଶିତ

ଖୋର୍ଦ୍ଧା,୭।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳସ୍ଥିତ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବିଜ୍ଞାନ ପ୍ରଦର୍ଶନୀ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଅଗସ୍ତ୍ୟ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଉକ୍ତ ସଂସ୍ଥାର ବରିଷ୍ଠ ପ୍ରଶିକ୍ଷକ ଅମୀୟ ରଞ୍ଜନ ନାୟକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ ଏବଂ ବିଜୟ ଚନ୍ଦ୍ର ମହାପାତ୍ର ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ସମସ୍ତ ପ୍ରକଳ୍ପ ଉନ୍ନତମାନର ହୋଇଥିବା ବେଳେ ରୋନକ ରଞ୍ଜନ ମହାନ୍ତି, ସୂର୍ଯ୍ୟ ପ୍ରତାପ ମହାରଣା ଏବଂ ଇସାକ୍ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପକୁ ପ୍ରଶଂସା କରିଥିଲେ। ମୋଟ୍ ୨୫ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଂସ୍ଥା ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ନମିତାରାଣୀ ରାୟସାମନ୍ତ, କ୍ଷଣପ୍ରଭା ସାହୁ, କୁସୁମ ପ୍ରଧାନ, ସୁଦୀପ ବେହେରା, ଶୁଭସ୍ମିତା ବେହେରା, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁକାନ୍ତ ପୃଷ୍ଟି, ଶୁଭଶ୍ରୀ ନାୟକ, ସ୍ୱର୍ଣ୍ଣଲତା ମାର୍ଥା, ଦୀପ୍ତିମୟୀ ପଟ୍ଟନାୟକ, ଝରଣା ଦାସ ପ୍ରମୁଖ ସହଯୋଗ କରିଥିଲେ।

# କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଣପୁର,୭।୩ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ଥାନା ପୋଲିସ ଶୁକ୍ରବାର ଗୋବିନ୍ଦପୁର ନୂଆସାହି କାଜୁ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ପୁଞ୍ଜିଆମା ଗ୍ରାମର ଉପେନ୍ଦ୍ର ପ୍ରଧାନ (୨୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଉପେନ୍ଦ୍ର ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏପରିକି ମୋବାଇଲ ଫୋନ ମଧ୍ୟ ବନ୍ଦ ରହିଥିଲା। ଶୁକ୍ରବାର ସକାଳେ ନିକଟ ଗୋବିନ୍ଦପୁର ନୂଆସାହି କାଜୁ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀଙ୍କଠାରୁ ଖବରପାଇ ପରିବାରଲୋକେ ସେଠାରେ ପହଞ୍ଚିଥିଲେ। କାଜୁ ଗଛରେ ଉପେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ମୃତକଙ୍କ ବଡ଼ଭାଇ ମହେନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ଗାୟତ୍ରୀ ଗୋଚ୍ଛାୟତ କହିଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା,୭।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଜନଜାଗରଣ ପରିବାର ଆବାହକ ରଣଜିତ ମହାପାତ୍ର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସହରରେ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ମୁକୁନ୍ଦପ୍ରସାଦଠାରୁ ମାରଓ୍ୱାଡିପଟି, ନୟାଗଡ ରୋଡ, ଡାକ୍ତରସ୍ ଲେନଠାରୁ ଗୁରୁଜଙ୍ଗ ରାସ୍ତା, ଟ୍ରାଫିକ ଛକଠାରୁ ସମବାୟ ଛକ, ଏସ୍‌ବିଆଇ ଛକରୁ ନୂଆ ବସଷ୍ଟାଣ୍ଡ ରୋଡର ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥସହିତ ଚଣ୍ଡିରୁଆ ଛକ, ମେଡିକାଲ ଛକ, ପଲ୍ଲା ଛକ ଟ୍ରାଫିକ ନିୟନ୍ତ୍ରଣ ବିପର୍ଯ୍ୟସ୍ତ ହୋଇପଡିଛି। ଟ୍ରାଫିକ ଛକରୁ ନୂଆବସଷ୍ଟାଣ୍ଡ, ଟିଏଲ୍‌ସି ବାଇପାସ, ସାମନ୍ତରାପୁରଠାରୁ ବରୁଣେଇକୁ ସଂଯୋଗ ରାସ୍ତା, ମହିଳା କଲେଜ ରୋଡ ଆଦି ଏକାଧିକ ରାସ୍ତାରେ ରାତିରେ ଲାଇଟ ଜଳୁନି। ସେହିପରି ଦୀର୍ଘଦିନ ଧରି ଡ୍ରେନ ସଫା କରାଯାଉ ନ ଥିବା ବେଳେ ଏକାଧିକ ସ୍ଥାନରେ ଏହା ମାଟି ଧସି ଭୁଶୁଡ଼ିଲାଣି। ଡ୍ରେନ ଉପରେ ଗଢିଥିବା ଦୋକାନ, ବଜାର ଅବରୋଧ ମୁକ୍ତ କରାଯାଉନାହିଁ। ସହରରେ ବହୁ ଜାଗା ରହିଥିବା ବେଳେ ପାର୍କିଂ ବ୍ୟବସ୍ଥା କରାଯାଉନାହିଁ। ଗୀତାଭବନ ପଡିଆରେ ଅନାବନା ଗଛଲତା ମାଡିଯାଇଥିବା ବେଳେ ମୁକ୍ତ ଶୌଚାଳୟ ପାଲଟିଛି। ସହରର ମୁଖ୍ୟ ରାସ୍ତାକୁ ବାଦ ଦେଲେ ସାହିଗଳିରେ ଅଳିଆ ଉଠାଯାଉନାହିଁ। ଡ୍ରେନ ସଫା ନ ହେବାରୁ ପୋତି ହୋଇ ପୂତଗନ୍ଧମୟରେ ପରିଣତ ହୋଇଛି। ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ୱାର୍ଡ, ଜଳଗହଳି ସ୍ଥାନରେ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ପରିସ୍ରାଗାର (ଲୁ) ଉଦ୍‌ଘାଟନ ପରଠୁ ତାଲା ଝୁଲୁଛି। ନୂଆ ବସଷ୍ଟାଣ୍ଡ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। କୋଠା ଚାରିପଟେ ବରଗଛ ଉଠିଲାଣି। ଏଠାରେ ଯାତ୍ରୀ ବିଶ୍ରାମାଗାର, ପାନୀୟଜଳ ବ୍ୟବସ୍ଥା ନାହିଁ। ଫଳରେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରକୁ ଜବରଦଖଲ ମୁକ୍ତ କରାଯାଇ ରାସ୍ତା ସମ୍ପ୍ରସାରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଉଠାଦୋକାନୀଙ୍କୁ ଥଇଥାନ କରାଯାଉ। ସେହିପରି ସରକାରୀ କର୍ମଚାରୀ ଅଫିସକୁ ବିଳମ୍ବରେ ଆସୁଥିବା ବେଳେ ଲୋକଙ୍କ ସମସ୍ୟା ବୁଝିବା ପରିବର୍ତ୍ତେ ସେମାନଙ୍କୁ ବିଭିନ୍ନ ଆଳ ଦେଖାଇ ସମୟ ଗଡାଉଛନ୍ତି। ଲୋକଙ୍କ କାମରେ ଅବହେଳା କରୁଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗପତ୍ରରେ ଉଲେଖ ରହିଛି।

### ସୁଭଦ୍ରା ଯୋଜନାର ସଫଳତା ପାଇଁ ଦୀପ ଜାଳିଲେ

ନିରାକାରପୁର,୭।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅନୁରୋଧକ୍ରମେ ସୁଭଦ୍ରା ଯୋଜନାର ସଫଳତା ପାଇଁ ଘର ମୁଖ୍ୟଦ୍ୱାର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ମହିଳାମାନେ ବିଭିନ୍ନ ମୁରୁଜ ମାଧ୍ୟମରେ ସୁଭଦ୍ରା ଲେଖି ଦୀପ ଜାଳିଛନ୍ତି। ଏଭଳି ଦୃଶ୍ୟ ନିରାକାରପୁର ପଞ୍ଚାୟତ ସମେତ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି। ନିରାକାରପୁର ପଞ୍ଚାୟତ ନନପଡା ଅଙ୍ଗନଓ୍ୱାଡିର ୧, ୨, ୩, ୪ ଏବଂ ରାଉଳହଜ ଅଙ୍ଗନଓ୍ୱାଡି ୧, ୨କେନ୍ଦ୍ରର ମହିଳାକର୍ମୀ ଓ ସିଆରପି, ଏମ୍‌ବିକେ ସାମିଲ ହୋଇ ସୁଭଦ୍ରା ସହିତ ସାମିଲ ହେବା, ଓଡ଼ିଶା ସମୃଦ୍ଧିର ମଙ୍ଗ ଧରିବା ଏବଂ ସୁଭଦ୍ରା ସହାୟତା ଦେଲେ ଆମ ସରକାର କୋଟିଏ ମହିଳାଙ୍କ ସ୍ୱପ୍ନ ହେଲା ସାକାର ଲେଖାଥିବା ବ୍ୟାନର ଲଗାଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

# ନୂତନ ଆପରାଧିକ ଆଇନ ସଚେତନତା ଶିବିର



ସଚେତନତା ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା/ବାଣପୁର,୭।୩ (ପ୍ରଭାତ ପାଣିଗ୍ରାହୀ/ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଆନୁକୂଲ୍ୟରେ ନୂତନ ଆପରାଧିକ ଆଇନ ସଚେତନତା ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଗାୟତ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଆଇନଜୀବୀ ବିଜୟ ସାମନ୍ତସିଂହାର, ଅଶୋକ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଭାରତୀୟ ନାଗରିକ ସଂହିତା ଆଇନ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଭିନ୍ନ ଦଫା ସମ୍ପର୍କରେ ବୁଝାଇଥିଲେ। ଥାନାଧିକାରୀ ମିଶ୍ର ସ୍ୱାଗତ ଭାଷଣରେ ଶିବିର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସ୍ଥାନୀୟ କାଉନସିଲର, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକକର୍ମୀଙ୍କ ସମେତ ଏସ୍‌ଆଇ ବାସୁଦେବ ଜୟସିଂହ, ସସ୍ମିତା ବେହେରା ଏବଂ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବାଣପୁର ପୋଲିସ ପକ୍ଷରୁ ଶହୀଦ କୃତ୍ତିବାସ ଭବନରେ ନୂତନ ଆପରାଧିକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଉପଖଣ୍ଡ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆଇନଜୀବୀ ଜଳଧର ପ୍ରଧାନ, ତାଲୁକ ଆଇନ ସେବା କମିଟିର ସଦସ୍ୟ ବିପ୍ଳବ କୁମାର ମୁଦୁଲି, ନଗରପାଳ ମିଟୁ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଲୋକମାନଙ୍କୁ ସଚେତନ କରିଥିଲେ। ଥାନାଧିକାରୀ ରମେଶ କୁମାର ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ଶାଳକାଠ ଜବତ



ଜବତ ହୋଇଥିବା ୧୦ଖଣ୍ଡ ଶାଳକାଠ ଗଣ୍ଡି।

ବୋଲଗଡ଼,୭।୩(ଦେବବ୍ରତ ହୋତା)

ବୋଲଗଡ଼ ବନାଞ୍ଚଳ ଅଧୀନ ମର୍ଦ୍ଦାବାଡ଼ି ଗ୍ରାମ ନିକଟ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରୁ ୧୦ଖଣ୍ଡ ଶାଳ କାଠ ଗଣ୍ଡି ଜବତ ହୋଇଛି। ଶୁକ୍ରବାର ମଧ୍ୟାହ୍ନରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଏହି କାଠକୁ କାଟି ସାଇଜ କରିବାକୁ ଉଦ୍ୟମ କରୁଥିବା ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫରେଷ୍ଟର ପ୍ରଦୀପ୍ତ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଖୋର୍ଦ୍ଧା ରେଞ୍ଜ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶାଳକାଠ ଗଣ୍ଡିଗୁଡ଼ିକୁ ଜବତ କରାଯାଇ ବୋଲଗଡ଼ ବନବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି। ଜବତ କାଠଗୁଡ଼ିକର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନରକ୍ଷୀ ଅରୂପ କୁମାର ବେହେରା କହିଛନ୍ତି।

### ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

ନିରାକାରପୁର,୭।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ନିଶା ନିବାରଣ ଉଦ୍ଦେଶ୍ୟରେ ମାଉଣ୍ଟଆବୁରୁ ଏକ ସୁସଜ୍ଜିତ ରଥ ଜଙ୍କିଆସ୍ଥିତ ଓମ୍‌ଶାନ୍ତି ଭବନଠାରେ ପହଞ୍ଚିବା ପରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏନେଇ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ନିଶାମୁକ୍ତ ଅଭିଯାନ ଶୁଭାରମ୍ଭ ସହ ସଚେତନ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ରଥକୁ ଓଲସିଂହ କଲେଜକୁ ନିଆଯାଇଥିଲା। ସେଠାରେ ଅନୁଷ୍ଠାନର ସଂଯୋଜିକା ବିକେ ପ୍ରଭାସିନୀ ଭଉଣୀ, ଭୁବନେଶ୍ୱର ସେବାକେନ୍ଦ୍ରର ବରିଷ୍ଠ କର୍ମଚାରୀ ବିକେ କଳ୍ପନା ଭଉଣୀ ଏବଂ ବିକେ ମନୋରଞ୍ଜନ ଭାଇ, ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସାମାଜିକକର୍ମୀ ଅପର୍ଣ୍ଣା ଜେନା, ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ ପ୍ରମୁଖ ନିଶା ସେବନର ଭାୟାବହତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ସଚେତନ କରିଥିଲେ।

# ସାମାଜିକ ସ୍ରୋତରେ ସାମିଲ ହୁଅ, ଆଗକୁ ବଢ଼

**ଅନ୍ତର୍ଜାତୀୟ ମହିଳା ଦିବସ ପକ୍ଷ ପାଳନ**

ଖୋର୍ଦ୍ଧା,୭।୩(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଭାରତବର୍ଷରେ ଫେବୃଆରୀ ୨୨ରୁ ମାର୍ଚ୍ଚ ୮ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ମହିଳା ଦିବସ ପକ୍ଷ ପାଳନ ହେଉଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଖୋର୍ଦ୍ଧା ଆଇସିଡିଏସ୍ ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ପ୍ରହରାଜ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ କାର୍ଡ ଅନୁଷ୍ଠାନର ନିର୍ଦ୍ଦେଶିକା ମଞ୍ଜୁପ୍ରଭା ଧଳ, ସମ୍ମାନିତ ଅତିଥିଭାବେ ସିଡିପିଓ ନନ୍ଦିତା ମହାନ୍ତି, ଜିଲାପରିଷଦ ସଭ୍ୟ ସୁବାଷ ଚନ୍ଦ୍ର ରାୟଗୁରୁ, ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା ପ୍ରମୁଖ ଯୋଗଦେଇ ମହିଳା ହିଂସା ଏବଂ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସେମାନେ କିପରି ଉଚ୍ଚ ଶିକ୍ଷିତ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ, ତାହା ଉପରେ ବିବରଣୀ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣରେ କହିଥିଲେ, କେନ୍ଦ୍ର ସରକାରଙ୍କ ବେଟି ବଚାଓ ବେଟି ପଢ଼ାଓ ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ବଢ଼ିବା ପାଇଁ ସୁଯୋଗ ରହିଛି। ଏହାର ସୁଯୋଗ ସମସ୍ତେ ନେବା ଆବଶ୍ୟକ। ଏହି ଦିବସରେ ଅଙ୍ଗନଓ୍ୱାଡି କର୍ମୀ, ୱାନ ଷ୍ଟପ ସେଣ୍ଟରର କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ରୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର, ଅର୍ଚ୍ଚନା ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ବିଲୁଆ କାମୁଡ଼ାରେ ୪ ଆହତ**

ତିଗିରିଆ,(ଜାଫର ଖାଁ): ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତର ହରିସରଣପୁର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ବିଲୁଆ କାମୁଡାରେ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମୁକ୍ତା ଖଟୁଆ(୫୨), ମଞ୍ଜୁଲତା ରାଉତ(୪୫), ପୂର୍ଣ୍ଣିମା ବସ୍ତି(୧୭) ଓ ମାୟାଧର ବସ୍ତି(୬୫)। ଚିକିତ୍ସା ଲାଗି ସେମାନଙ୍କୁ ବିଦ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ଗ୍ରାମର ମଠଘର ପଛପଟେ ସନ୍ଧ୍ୟାରେ ଯିବାଆସିବା କରୁଥିବା ସମୟରେ ବିଲୁଆ ସେମାନଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ଲୋକମାନେ ଠେଙ୍ଗା ଧରି ଗୋଡ଼ାଇବାରୁ ବିଲୁଆ ସେଠାରୁ ପଳାଇ ଯାଇଥିଲା। ପରେ ଆହତଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ତିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡା କହିଛନ୍ତି, ଶନିବାର ଘଟଣାସ୍ଥଳରେ ତଦନ୍ତ କରିବା ପରେ ଯାହା ବ୍ୟବସ୍ଥା କରାଯିବ।



## ସଂକ୍ଷେପରେ

### ବାଲୀ ବଜାରରେ ହାତୀ, ଲୋକେ ଭୟଭୀତ



ଖୁଣ୍ଟୁଣୀ,୭।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବାଲୀ ବଜାରରେ ଶୁକ୍ରବାର ସନ୍ଧ୍ୟାରେ ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ଭୟଭୀତ ହୋଇପଡିଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ, ଯାଜପୁର ଜିଲାରେ ଆତଙ୍କ ଖେଳାଇ ଗୁରୁବାର ରାତିରେ କଟକ ଫରେଷ୍ଟ ଡିଭିଜନ ଅଧୀନ ଡାଳିଯୋଡ଼ା ବ୍ରହ୍ମପୁର ବନାଞ୍ଚଳର ବିଭିନ୍ନ ଗ୍ରାମରେ ଦନ୍ତାହାତୀ ଉପଦ୍ରବ କରିଥିଲା। ଶୁକ୍ରବାର ଭୋର ସମୟରେ ଦନ୍ତାହାତୀ ଖୁଣ୍ଟୁଣୀ ବନାଞ୍ଚଳର ବାଲୀ କଲେଜ ପଛପଟେ ଲୁଚିଥିଲା। ସନ୍ଧ୍ୟାରେ ସେଠାରୁ ବାହାରି ବାଲୀ ବଜାରରେ ବୁଲିଥିଲା। ଫଳରେ ବ୍ୟବସାୟୀମାନେ ଭୟରେ ଦୋକାନ ବନ୍ଦ କରି ଓଭରବ୍ରିଜ ଉପରେ ଠିଆହୋଇ ହାତୀର ଗତିବିଧି ଉପରେ ନଜର ରଖିଥିଲେ। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ହାତୀ ଟ୍ରାକରଙ୍କୁ ନେଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାଇମାକ୍ସ ଲାଇଟ୍ ପକାଇବା ସହ ସାଇରନ୍ ବଜାଇବାରୁ ଦନ୍ତାହାତୀ ବଉଳ ଗ୍ରାମ ଦେଇ ଜଙ୍ଗଲ ମଧ୍ୟକୁ ପଶିଯାଇଥିଲା। ହାତୀ ଯେପରି ଜନବସତି ମୁହାଁ ନ ହେବ ସେଥିପ୍ରତି ବନବିଭାଗ କର୍ମଚାରୀ ଓ ହାତୀ ଟ୍ରାକର ଟିମ୍ ମୁତୟନ ରହିଛନ୍ତି।

# ଜିଲାସ୍ତରୀୟ ନିଯୁକ୍ତି ମେଳାରେ ୧୫୬୭୪ ଆଶାୟୀ

**୧୧୩୬ ପ୍ରାର୍ଥୀ ତାଲିକାଭୁକ୍ତ, ତାଲିମ ନେବେ ୪୩୮**

କଟକ,୭।୩(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ନିଯୁକ୍ତି ମେଳାକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମେଳା ଚାଲିଥିଲା। ମୋଟ୍ ୧୫୬୭୪ ଜଣ ନିଯୁକ୍ତି ଆଶାୟୀ ଆବେଦନ ପଞ୍ଜୀକରଣ କରିଥିଲେ। ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ ଅଧିକ ସଂଖ୍ୟାରେ ଆଶାୟୀ ପ୍ରାର୍ଥୀ ନିଯୁକ୍ତି ମେଳାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟସେବା, ଅଟୋମୋବାଇଲ୍, ନର୍ସିଂ, ଟେକ୍ ମହିନ୍ଦ୍ରା ଆଦି ୪୭ଟି ବେସରକାରୀ ନିଯୁକ୍ତି ସଂସ୍ଥା ଏବଂ ୧୯ଟି ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନକାରୀ ସଂସ୍ଥା ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ଏଥିସହ ସ୍ଥଳସେନା ଓ ବାୟୁସେନାରେ ଯୋଗଦେବା ନିମନ୍ତେ ମଧ୍ୟ ଆଶାୟୀମାନେ ପରାମର୍ଶ ନେଇଥିଲେ। ନିଯୁକ୍ତିଦାତାମାନେ ୧୧୩୬ ଜଣଙ୍କୁ ସିଧାସଳଖ ନିଯୁକ୍ତି ନିମନ୍ତେ ତାଲିକାଭୁକ୍ତ କରିଥିଲେ। ସେଥିମଧ୍ୟରୁ ୪୩୮ ଜଣଙ୍କୁ ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ ପରେ ନିଯୁକ୍ତି ଦିଆଯିବା ନିମନ୍ତେ ତାଲିକାଭୁକ୍ତ କରାଯାଇଛି। ତେବେ ଏହି ତାଲିମ ସମ୍ପୂର୍ଣ୍ଣ ମାଗଣାରେ ଦିଆଯିବ। ତାଲିମ ସମୟର ପ୍ରଶିକ୍ଷଣ, ରହିବା ଓ ଖାଦ୍ୟପେୟ ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ, କଟକ ଓ ଜିଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ଏହି ମେଳାରେ ଜିଲାର ୧୪ଟି ବ୍ଲକର ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ଲକରୁ ଟ୍ରେନ୍ କିମ୍ବା ବସ୍‌ରେ ଆସୁଥିବା ପ୍ରାର୍ଥିନୀ/ପ୍ରାର୍ଥୀଙ୍କୁ ସୁବିଧାରେ ନିଯୁକ୍ତି ମେଳା ସ୍ଥାନରେ ପହଞ୍ଚିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ରେଳ ଷ୍ଟେଶନ ଏବଂ ସିଏନ୍‌ବିଟି ବସ୍ ଷ୍ଟାଣ୍ଡରୁ ନିଯୁକ୍ତି ମେଳା ସେବା ନାମରେ ମାଗଣା ଗାଡ଼ିର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ଇନ୍ଦିରା ମଲ୍ଲିକ, ଜିଲା ଦକ୍ଷତା ସଂଯୋଜକ (ଓର୍‌ମାସ) ସନ୍ତୋଷ କୁମାର ଚୌଧୁରୀ, ଆଇପିଓ ସୀତାରାମ ସାହୁ, ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ସୁବାସ ଲାହିରୀ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଉପସ୍ଥିତ ରହି ଆଶାୟୀ ପ୍ରାର୍ଥୀଙ୍କ ମନୋବଳ ବୃଦ୍ଧି କରିଥିଲେ।



ମଙ୍ଗଳାବାଗ ନବନିର୍ମିତ ଥାନା ଗୃହକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିବା ଅବସରରେ ଉପସ୍ଥିତ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ଅତିଥିବୃନ୍ଦ।

# ମାହାଙ୍ଗାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ




ବିଜେଡି କର୍ମୀମାନେ ବିଧାୟକ ସାରଦା ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

**ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା ବିଜେଡି**

ନିଶ୍ଚିନ୍ତକୋଇଲି,୭।୩ (ଅଶୋକ କୁମାର ମହାପାତ୍ର)

ମାହାଙ୍ଗା ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେଡି କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୮ ମାସ ହେବ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ଏକ ରକମ ବନ୍ଦ ହୋଇ ଯାଇଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜୁଛି। ପୂର୍ବରୁ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ ହୋଇପାରୁନାହିଁ। ଜନପ୍ରତିନିଧିମାନେ ଏହାର ପ୍ରତିବାଦ କଲେ ବିଧାୟକଙ୍କ ସମର୍ଥକମାନେ ଗଣ୍ଡଗୋଳ କରୁଛନ୍ତି। ପ୍ରାପ୍ୟ ଦାବିରେ ଗଣତାନ୍ତ୍ରିକ ପଦ୍ଧତିରେ ଧାରଣାରେ ବସିଥିବା ଏମ୍‌ବିକେ, ସିଆର୍‌ପିମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ କରାଯାଉଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପୂର୍ବରୁ ତାଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗି ଅଳିଆଗଦାରେ ପକାଇ ଦିଆଯାଇଛି। ଏନେଇ ପ୍ରତିବାଦ ସଭା ଚାଲିଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ କରାଯାଉଛି। ବିଧାୟକଙ୍କ ସମର୍ଥକମାନଙ୍କ ବାରମ୍ବାର ଏପରି ଅପ୍ରୀତିକର କାର୍ଯ୍ୟରେ ମାହାଙ୍ଗାରେ ଆଇନଶୃଙ୍ଖଳା ପରିସ୍ଥିତ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏନେଇ ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ ଓ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ପ୍ରତିବାଦ କରିଥିଲେ। ଏନେଇ ବିଧାୟକ ସାରଦାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ଚୌଦ୍ୱାର ପୌର କାଉନ୍‌ସିଲ ବୈଠକ**

ଚୌଦ୍ୱାର,୭।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୨୮ତମ କାଉନସିଲ ବୈଠକ ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପୂର୍ବରୁ ନିର୍ମାଣ ହୋଇଥିବା ପେଭରବ୍ଲକ ରାସ୍ତା ବିଭିନ୍ନ ସ୍ଥାନରେ ଦବିଥିବା ବହୁ କାଉନ୍‌ସିଲର ଅଭିଯୋଗ କରିଥିଲେ। ତୁରନ୍ତ ରାସ୍ତାଗୁଡିକୁ ଅନୁଧ୍ୟାନ କରି ମରାମତି ପାଇଁ ପଦକ୍ଷେପକୁ ବିଧାୟକ ବିଶ୍ୱାଳ ଯନ୍ତ୍ରୀ ଦ୍ୱୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌରପାଳିକାର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ଭେଣ୍ଡିଂଜୋନ୍ ନିର୍ମାଣ, ଟାଉନ୍‌ହଲ୍, କଲ୍ୟାଣ ମଣ୍ଡପ ନବୀକରଣ, ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନ ଗୃହର ଭଡା ବୃଦ୍ଧି ଓ ହୋଲ୍ଡିଂ ଟିକସ ବୃଦ୍ଧି ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ବହୁ ପ୍ରତୀକ୍ଷିତ ମାଗୁରା ପାର୍କ, ଚୌଦ୍ୱାର ସହରର ମୁଖ୍ୟ ପ୍ରବେଶ ପଥରେ ଥିବା ବିଜୁ ପଟ୍ଟନାୟକ ପାର୍କର ସୌନ୍ଦର୍ଯ୍ୟକରଣ, ୨ ନମ୍ବର ୱାର୍ଡରେ ଥିବା ସ୍ମାର୍ଟ ମଶାଣି ଆଦିର କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ତୁରନ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଡାକି ଏକ ବୈଠକ କରାଯିବା ନିମନ୍ତେ ନିର୍ବାହୀ ଅଧିକାରୀଙ୍କୁ ବିଧାୟକ କହିଥିଲେ। ସଫେଇ ଠିକାଦାରଙ୍କ କାର୍ଯ୍ୟକାଳ ଶେଷ ହୋଇ ଆସୁଥିବାରୁ ନୂତନ ଟେଣ୍ଡର ଆହ୍ୱାନ ପାଇଁ ପୁରଣା ଠିକାଦାରଙ୍କ ଅବଧିକୁ ଆଉ ୧ମାସ ବଢାଇବା ଲାଗି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ଓ ବିଧାୟକ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ସମସ୍ତ କାଉନସିଲର ଓ ଅଧିକାରୀ ଯୋଗଦେଇଥିଲେ।

# ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ

**ବିଚାରପତିଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ପ୍ରଚାର ପ୍ରସଙ୍ଗ**

କଟକ,୭।୩(କାର୍ତ୍ତିକ ସାହୁ)

ନ୍ୟାୟପାଳିକା ତଥା ବିଚାରପତିମାନଙ୍କ ବିରୋଧରେ ଅଶାଳୀନ, ଅରୁଚିକର ଏବଂ ଭିତ୍ତିହୀନ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିଥିବା ଆଇନଜୀବୀ ହେମନ୍ତ କୁମାର ନାୟକଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଶୁକ୍ରବାର ଜାରି କରାଯାଇଛି। ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ୧୫ ଦିନ ମଧ୍ୟରେ ଜବାବ ରଖିବାକୁ ତାଙ୍କୁ ନୋଟିସ୍‌ରେ କୁହାଯାଇଛି।

ପ୍ରକାଶ ଯେ, ଭଦ୍ରକ ସହରର ଆଇନଜୀବୀ ହେମନ୍ତ କୁମାର ନାୟକ ଆଇନ ପେଷା ନିମନ୍ତେ ଉଦ୍ଦିଷ୍ଟ ବୃତ୍ତିଗତ ଅଧିନିୟମର ବିରୁଦ୍ଧାଚରଣ କରି ନ୍ୟାୟପାଳିକା ତଥା ବିଚାରପତିମାନଙ୍କ ବିରୋଧରେ ଅରୁଚିକର, ଅଶାଳୀନ, ଅସ୍ପୃହଣୀୟ ଓ ଭିତ୍ତିହୀନ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଆଇନଜୀବୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବୃତ୍ତିଗତ ଅଧିନିୟମର ଉଲ୍ଲଂଘନ ବୋଲି ବିବେଚନା କରି ରାଜ୍ୟ ଆଇନଜୀବୀ ପରିଷଦ ନିଜ ଆଡୁ ହସ୍ତକ୍ଷେପ କରିଛି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏହାକୁ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରିଛନ୍ତି। ଦୃଢ଼ ତଥା ଦୃଷ୍ଟାନ୍ତମୂଳକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସମ୍ପୃକ୍ତ ଆଇନଜୀବୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

# ସଭାପତି ପଦ ଲାଗି ୪ ଲେଖାଏ ପ୍ରାର୍ଥୀ

**ଆଠଗଡ଼, ବାଙ୍କୀରେ ଓକିଲ ସଂଘ ନିର୍ବାଚନ**

ବାଙ୍କୀ,ଆଠଗଡ଼,୭।୩
(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ସତ୍ୟ ପ୍ରସାଦ ରଥ)

ବାଙ୍କୀ ଓ ଆଠଗଡ଼ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ବାଙ୍କୀ ଓ ଆଠଗଡ଼ରେ ସମୁଦାୟ ୧୧ ଜଣ ଲେଖାଏ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଉଭୟ ସ୍ଥାନରେ ସଭାପତି ଦୌଡରେ ୪ ଜଣ ଲେଖାଏ ପ୍ରାର୍ଥୀ ରହିଛନ୍ତି।

ବାଙ୍କୀ ଓକିଲ ସଂଘ ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଆଇନଜୀବୀ ରଘୁନାଥ ପୃଷ୍ଟିଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ସଭାପତି ପଦ ପାଇଁ କୈଳାସ ଚନ୍ଦ୍ର ମହାପାତ୍ର, ଧିରେନ କୁମାର ମଙ୍ଗରାଜ, ଦେବଦତ୍ତ କୁମାର ଓ ସନ୍ତୋଷ କୁମାର ରଣା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉପସଭାପତି ପଦରେ ସରୋଜ କୁମାର ମତଗଜ ସିଂ, ସମ୍ପାଦକରେ ଶୁଭାଶିଷ ମହାପାତ୍ର ଓ ସୁଶାନ୍ତ କୁମାର ଭଞ୍ଜ, ସହସମ୍ପାଦକ ପଦରେ ଅମୂଲ୍ୟ କୁମାର ପ୍ରଧାନ, କୋଷାଧ୍ୟକ୍ଷରେ ପ୍ରଦୀପ କୁମାର ମିଶ୍ର ଓ ଜୟକୃଷ୍ଣ ମିଶ୍ର, ଗ୍ରନ୍ଥାଗାରିକ ପଦପାଇଁ ପ୍ରଦୀପ କୁମାର ମହାପାତ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।୯ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୨ତାରିଖରେ ପ୍ରତ୍ୟାହାର କରିବା ପାଇଁ ଶେଷ ତାରିଖ ରହିଛି। ଏନେଇ ୨୯ତାରିଖରେ ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ରଘୁନାଥ କହିଛନ୍ତି।

ସେହିପରି ଆଠଗଡ଼ରେ ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ନିର୍ବାଚନ ଅଧିକାରୀ ଅରୁଣ ମହାନ୍ତିଙ୍କ ନିକଟରେ ସଭାପତି ପଦବୀ ନିମନ୍ତେ ବିନୟ ଶୁକ୍ଲା, ଜଗଦାନନ୍ଦ ତ୍ରିପାଠୀ, ବିକ୍ରମ କେଶରୀ ଦାଶ ଓ ସତ୍ୟେନ ପଣ୍ଡା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦବୀ ନିମନ୍ତେ ସୁବାସ ଚନ୍ଦ୍ର ସାହୁ, ସରୋଜ କୁମାର ପଟ୍ଟନାୟକ, ସମ୍ପାଦକ ପଦରେ ମନୋରଞ୍ଜନ ମହାନ୍ତି, ବନବିହାରୀ ସାହୁ , ଯୁଗ୍ମ ସମ୍ପାଦକ ପଦ ଲାଗି ପ୍ରଥମେଶ ପ୍ରିୟଦର୍ଶୀ , ସହସମ୍ପାଦକ ପାଇଁ ଶ୍ରୀନିବାସ ଦାସ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ସୁଜିତ କୁମାର ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ୨ ବଖରା, ଟ୍ରକ୍ ପୋଡ଼ିଗଲା

ଖୁଣ୍ଟୁଣୀ,୭।୩(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ମଞ୍ଜେଶ୍ୱର ପଞ୍ଚାୟତ ଅଧୀନ ବ୍ରାହ୍ମଣବସ୍ତ ଗ୍ରାମ ଆଦିବାସୀ ବସ୍ତିରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ନୀଳମଣି ପୂର୍ତ୍ତିଙ୍କ ୨ ବଖରା ଚାଳଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଆଠଗଡ଼ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ଆଠଗଡ଼ର ଭାଜପା ନେତା ଅଭୟ କୁମାର ବାରିକ, ସ୍ଥାନୀୟ ମଞ୍ଜେଶ୍ୱର ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଫଗୁ ସାହୁ, ନିବାସ ଜେନା, ବିଭୁଦତ୍ତ ନାୟକ, ନିରାକାର ସାହୁ, ବିଶ୍ୱନାଥ ସାହୁ ପ୍ରମୁଖ ନୀଳମଣିଙ୍କ ପରିବାରକୁ ଭେଟି ପଲିଥିନ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

ଖୁଣ୍ଟୁଣୀ ଥାନା ନିକଟ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍ ଶୁକ୍ରବାର ଜଳିଯାଇଛି। ଟ୍ରକ୍‌ଟି ଛତିଶଗଡ଼ରୁ ମାଲ୍ ଆଣି ଖୁଣ୍ଟୁଣୀ ଅଞ୍ଚଳର ଏକ କାରଖାନାରେ ଖାଲି କରିବା ପରେ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିଲା। ଚାଳକ ନିକଟସ୍ଥ ଦୋକାନକୁ ଖାଇବାକୁ ଯାଇଥିବାବେଳେ ଟ୍ରକ୍‌ଟି ହଠାତ୍ ଜଳି ଉଠିଥିଲା। ଖବରପାଇ ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ଟ୍ରକ୍‌ରେ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ଦାସ କହିଛନ୍ତି।

# ହିତାଧିକାରୀଙ୍କ ଭତ୍ତା ରଦ୍ଦ: ଉପଜିଲାପାଳଙ୍କୁ ସ୍ମାରକପତ୍ର



ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

ଆଠଗଡ଼,୭।୩(ସତ୍ୟ ପ୍ରସାଦ ରଥ)

ଆଠଗଡ ବ୍ଲକ କୁମାରପୁର ପଞ୍ଚାୟତ ଅନ୍ତର୍ଗତ କୁମାରପୁର, କଣ୍ଟାଣିଆ, ଓସ୍ତପୁର, ଦମ୍ପତିପୁର, ବଳୀପୁର, ନଇମାଳିଆ, ସାଆନ୍ତାଣୀ ବାଟି ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ବୃଦ୍ଧ, ବିକଳାଙ୍ଗ ଓ ଅସହାୟ ଆଦିବାସୀ ହିତାଧିକାରୀଙ୍କ ଭତ୍ତା ରଦ୍ଦ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ବହୁ ସଂଖ୍ୟାରେ ଆଦିବାସୀ ବ୍ଲକ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ବିଡିଓ ଆକାଶ କୁମାର ପଣ୍ଡାଙ୍କୁ ଅଭିଯୋଗ ଦେଇଥିବାବେଳେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଭତ୍ତା ପୁନଃ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ସେମାନଙ୍କ ଭତ୍ତା ରଦ୍ଦ କରାଯାଇଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାରଙ୍କ ୨୦୦୮ଓ ୨୦୧୪ ମସିହା ମଧୁବାବୁ ପେନସନ ଯୋଜନା ଅନୁସାରେ ଅଭିଜ୍ଞ ଡାକ୍ତରମାନଙ୍କ ପ୍ରମାଣକୁ ଆଧାର କରି ତତ୍କାଳୀନ ପ୍ରଶାସନ ଭତ୍ତା ମଞ୍ଜୁର କରିଥିଲେ। ମାତ୍ର ପ୍ରମାଣପତ୍ର ଦାଖଲ କରି ନ ଥିବା ଦର୍ଶାଇ ଏବେ ସେମାନଙ୍କ ଭତ୍ତା ବନ୍ଦ କରିଦିଆଯାଇଛି। ଏ ସମ୍ପର୍କରେ ଆଠଗଡ ବିଡିଓଙ୍କ ସହ ଯୋଗାଯୋଗ କରିବାରେ ବ୍ଲକର ଅନେକ ସ୍ଥାନରେ ଏପରି ସମସ୍ୟା ଦେଖାଦେଇଛି। ମୁଖ୍ୟତଃ ଆଦିବାସୀ, ଦଳିତ ସମ୍ପ୍ରଦାୟର ବ୍ୟକ୍ତି ଏପରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏତେ ସଂଖ୍ୟକ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ଲକ ପକ୍ଷରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ଓ ହିତାଧିକାରୀମାଙ୍କୁ ପୁନଃ ଭତ୍ତା ଦେବା ପାଇଁ ବ୍ୟବସ୍ଥା କରାଯିବ।

# ଅଗ୍ନିକାଣ୍ଡରେ କାର, ୨ ବାଇକ ଜଳିଗଲା

**୨ ଆହତ**

କଟକ,୭।୩(କାର୍ତ୍ତିକ ସାହୁ)



ଅଗ୍ନିକାଣ୍ଡରେ ଜଳିଯାଇଥିବା କାର୍, ବାଇକ୍।

ରାତିରେ ଶୋଇଥିବାବେଳେ ହଠାତ୍ ବାଜି ଉଠିଥିଲା ମୋବାଇଲ। ନିଦରୁ ଉଠି ମୋବାଇଲ ଉଠାଇଲାବେଳକୁ ତଳ ମହଲାରେ ଅଗ୍ନିକାଣ୍ଡ କଥା ଜଣାପଡ଼ିଲା। ତେବେ ଝରକା ଖୋଲିଲାବେଳକୁ ନିଆଁ ଝାସ ଘର ଭିତରକୁ ପଶିଥିଲା। ଭୟରେ ଝରକା ବନ୍ଦ କରିଦେଲେ। ତା'ପରେ ଜୀବନ ରକ୍ଷା କରିବାକୁ ପ୍ରଚେଷ୍ଟା। ଚାହୁଁଚାହୁଁ କେଇ କ୍ଷଣ ମଧ୍ୟରେ ଜଳିଗଲା ତଳ ମହଲାରେ ଥିବା ଗାଡ଼ି ଗ୍ୟାରେଜ। ସେଠାରେ ଥିବା ଗୋଟିଏ କାର, ୨ଟି ବାଇକ, ଗୋଟିଏ ସାଇକଲ ସମେତ ଇନ୍‌ଭର୍ଟର ଓ ଅନ୍ୟାନ୍ୟ ଜିନିଷ ଜଳି ପାଉଁଶ ହୋଇଗଲା। ଏଭଳି ଏକ ଅଗ୍ନିକାଣ୍ଡ ଗୁରୁବାର ବିଳମ୍ବିତ ରାତିରେ ସିଡିଏ ସେକ୍ଟର-୭ ଅଞ୍ଚଳର ପ୍ଲଟ ନଂ- ସି/୭ରେ ଘଟିଥିଲା। ଅଗ୍ନିକାଣ୍ଡରେ ପ୍ରତୀକ୍ଷା ସାମଲ ନାମ୍ନୀ ମହିଳା ଗୁରୁତର ହୋଇ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଆଶୁତୋଷ ସାହୁ (୩୫) ମଧ୍ୟ ଆହତ ହୋଇଛନ୍ତି। ଉଭୟ ପୃଥକ ଭାବେ ସେଠାରେ ଭଡ଼ାରେ ରହୁଥିଲେ। ତଳ ମହଲାରେ ଅଗ୍ନିକାଣ୍ଡ ଘଟି ଉପର ମହଲାକୁ ଯାଇଥିବା ସିଡ଼ିର କାଠବାଡ଼ା ଜଳିଥିଲା। ଶିଡ଼ି ତଳେ ଥିବା ପୁରୁଣା ଗାଡ଼ି ଟାୟାରଗୁଡ଼ିକ ମଧ୍ୟ ଜଳିଥିଲା। ଜୀବନ ବଞ୍ଚାଇବାକୁ ତଳକୁ ଓହ୍ଲାଇବା ବେଳେ ଉଭୟଙ୍କର ଏଭଳି ଅବସ୍ଥା ହୋଇଥିଲା। ରାତି ପ୍ରାୟ ୩ଟା ୨୦ରେ ସିଡିଏ ଦମକଳ ବାହିନୀ ଫୋନ୍ କଲ୍ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବାହିନୀ ଅନୁମାନ କରିଛି।

# ବଢ଼ୁଛି ଚୋରି, ମାମଲା ରୁଜୁ କରି ପୋଲିସ ଚୁପ୍

**ପୁଇଁଚା ପଞ୍ଚାୟତ**

- ୧୮ ଦିନରେ ୧୨ ଘରୁ ଟଙ୍କା, ଅଳଙ୍କାର ଚୋରି
- ଦୁର୍ବୃତ୍ତଙ୍କୁ ଗିରଫ କରୁନି

ବାଙ୍କୀ, ୭।୩
(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଥାନା ଅଞ୍ଚଳରେ ଗତ ୧୮ ଦିନ ମଧ୍ୟରେ ୧୨ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନାଅଳଙ୍କାର ଚୋରି ହୋଇଛି। ଏନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଏପରି କି ଚୋରି ସାମଗ୍ରୀ ମଧ୍ୟ ଜବତ କରିପାରିନାହିଁ। କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଥିବାବେଳେ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଫେବୃଆରୀ ୧୭ ତାରିଖ ରାତିରେ ପୁଇଁଚା ପଞ୍ଚାୟତ ଅଧୀନ ପଣ୍ଡାଳମ ଗ୍ରାମର ୫ ଜଣଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା ସହ ସୁନାଅଳଙ୍କାର ଚୋରି କରି ଫେରାର ହୋଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ସେହିପରି ଗତ ୨ ତାରିଖ ରାତିରେ ପୁଇଁଚା ଗ୍ରାମର ଶିବ ମନ୍ଦିର ନିକଟରେ ଜାଗର ଯାତ୍ରା ଉପଲକ୍ଷେ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ଦେଖିବା ପାଇଁ ଗ୍ରାମର କେତେଜଣ ଲୋକ ଘରେ ତାଲା ପକାଇ ଯାଇଥିଲେ। ହେଲେ ମଝିରେ ଆସି ଦେଖିବାବେଳକୁ ୫ଜଣଙ୍କ ଘରୁ ଟଙ୍କା ସହ ସୁନାଅଳଙ୍କାର ଚୋରି ହୋଇଥିଲା। ଏନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ଚୁପ୍ ବସିଛି। ଅଭିଯୁକ୍ତଙ୍କୁ ଗିରଫ କରିପାରି ନ ଥିବାବେଳେ ଚୋରି ସାମଗ୍ରୀ ମଧ୍ୟ ଜବତ କରିପାରିନାହିଁ। ଗୁରୁବାର ରାତିରେ ମଧ୍ୟ ପୁଣି ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତମାନେ ପୁଇଁଚା ପଞ୍ଚାୟତ ଗହୀରଗାଡ଼ିଆ ଗ୍ରାମର ମଧୁସୂଦନ ଖଟୁଆ ଓ ନରସିଂହ ନାୟକଙ୍କ ଘରେ ପଶି ଦେଢ଼ ଲକ୍ଷ ଟଙ୍କା ସହିତ ଦାମୀ ଅଳଙ୍କାର ଚୋରି କରି ନେଇଛନ୍ତି। ଶୁକ୍ରବାର ସକାଳେ ଖବରପାଇ ବୈଦେଶ୍ୱର ଥାନା ଆଇଆଇସି ସଞ୍ଜୟ କୁମାର ଜେନା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ୍ ପାଇପାରି ନାହିଁ। ଉକ୍ତ ପଞ୍ଚାୟତରେ ଚୋରି ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ପୋଲିସକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଚୋରି କରୁଛନ୍ତି। ଏହାକୁ ନେଇ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏ ସମ୍ପର୍କରେ ଥାନାଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ କଟକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳ କହିଛନ୍ତି, ପୁଇଁଚା ପଞ୍ଚାୟତରେ ରାତିରେ ପାଟ୍ରୋଲିଂ କଡ଼ାକଡି କରାଯିବା ସହ ସନ୍ଧାନୀ କୁକୁର ସହାୟତାରେ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରିବେ।

## ୧୪୭ ଲିଟର ଦେଶୀମଦ ଜବତ, ୫ ଗିରଫ

ଚୌଦ୍ୱାର,(ଆଶୁତୋଷ ଦାସ): ଟାଙ୍ଗି-ଚୌଦ୍ୱାର ବ୍ଲକ ଅଧୀନ ସାନଚାଞ୍ଚୋ ଓ ନଖରା ଗ୍ରାମରେ ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୪୭ ଲିଟର ଦେଶୀମଦ ଜବତ ସାଙ୍ଗକୁ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଠଗଡ଼ ଅଞ୍ଚଳର ଆଶିଷ ମଲ୍ଲିକ, ସୁଶାନ୍ତ ବେହେରା, ଚୌଦ୍ୱାର ନଖରା ପଞ୍ଚାୟତ ଅଞ୍ଚଳର କବିତା ମହାନ୍ତି, ବରପଦାର ବିଜୟ ମଲ୍ଲିକ ଓ ଝୁଲା ପ୍ରଧାନ। ମଦ ଚାଲାଣରେ ବ୍ୟବହୃତ ଏକ ସ୍କୁଟିକୁ ଜବତ କରାଯାଇଛି। ଏନେଇ ଅବକାରୀ ଥାନାରେ ୪ଟି ମାମଲା(ନଂ. ୨୪୮, ୨୪୯, ୨୫୦, ୨୫୧/୨୫) ରୁଜୁ ହୋଇଛି।

## ପରକୀୟା ପ୍ରୀତି ସନ୍ଦେହ | ଇଟାରେ ଛେଚି ସ୍ତ୍ରୀଙ୍କୁ ହତ୍ୟା

ସୁନ୍ଦରଗଡ,୭।୩ (ଜୟ ନାରାୟଣ ମେଣ୍ଡୁଲି)

ପରକୀୟା ପ୍ରୀତି ସନ୍ଦେହରେ ସୁନ୍ଦରଗଡ ଟାଉନ ଥାନା ଅନ୍ତର୍ଗତ ରଜାମୁଣ୍ଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଇଟାରେ ଛେଚି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଏମ୍. ଏନ୍. ଓରାମ(୩୫)। ହତ୍ୟା କରିବା ପରେ ଅଭିଯୁକ୍ତ ମଙ୍ଗଲୁ ଓରାମ(୪୦) ଶୁକ୍ରବାର ସକାଳେ ଟାଉନ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ସେହିପରି ହତ୍ୟାକାଣ୍ଡରେ ବ୍ୟବହୃତ ଇଟା ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଟାଉନ ଥାନାରେ ଏକ ହତ୍ୟା ମାମଲା (ନଂ. ୬୨/୨୫) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ମହିଳା ଜଣଙ୍କ ଗତ ଶୌଚ ପାଇଁ ବାହାରକୁ ଯାଇଥିଲେ। ଶୌଚରୁ ଫେରିବା ବିଳମ୍ବ ହେବା ଦେଖି ମଙ୍ଗଲୁ ତାଙ୍କୁ ଖୋଜିବାକୁ ଯାଇଥିଲେ। ଏହି ସମୟରେ ଉକ୍ତ ମହିଳା ଏକ ଇଟା ଭାଟି ଭିତରୁ ବାହାରୁଥିଲେ ଏବଂ କେହି ଜଣେ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ଏହାକୁ ନେଇ ମଙ୍ଗଲୁ ଓ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ମଙ୍ଗଲୁ ରାଗିଯାଇ ଗୋଟିଏ ଇଟାରେ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଅଭିଯୁକ୍ତଙ୍କ ମଙ୍ଗଲୁ ବୟାନ ଦେଇଥିବା ପୋଲିସ ସୂଚନା ଦେଇଛି।

## ଘର ସମ୍ମୁଖରେ ବୃଦ୍ଧଙ୍କୁ ହତ୍ୟା

### ଆଖିଡୋଳା ବାହାର କଲେ ହତ୍ୟାକାରୀ

ଦେବଗଡ଼,୭।୩ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ମଳେହିପଡ଼ା ପଞ୍ଚାୟତ ଅନ୍ତର୍ଗତ ବଅଁରପାଳ (ବଡ଼ସିମଲଇ)ରେ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଫକୀର ମୋହନ ଧରୁଆ (୬୨)ଙ୍କୁ ଘର ସମ୍ମୁଖରେ ହାଣି ହତ୍ୟା କରାଯାଇଛି। ପୋଲିସ ଖବର ପାଇ ମୃତଦେହ ଜବତ କରିଛି। ବୁଧବାର ରାତିରୁ ହତ୍ୟାକାଣ୍ଡ ଘଟିଥିବା ବେଳେ ଶୁକ୍ରବାର ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଗୋଡ଼ରେ କଟା ଦାଗ ଥିବା ବେଳେ ହତ୍ୟାକାରୀ ବାମ ଆଖିଡୋଳା ବାହାର କରି ଦେଇଛନ୍ତି। ପୋଲିସ ତଦନ୍ତ କରି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ

### ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଛାଡ଼ି ପଳାଇଲା ପୋଲିସ

ଉଦଳା,୭।୩(ସନ୍ତୋଷ କୁମାର ବାଛିନୀ)

ଥାନାକୁ ଯାଉଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ପୋଲିସ କର୍ମଚାରୀଙ୍କ ସ୍ୱଭାବରେ ପରିବର୍ତ୍ତନ ଘଟୁନି। ଉତ୍ତମ ବ୍ୟବହାର ପଛ କଥା, ନୀରିହ ଲୋକଙ୍କୁ ମାଡ଼ ମରାଯାଉଛି। ମୟୂରଭଞ୍ଜ ଜିଲା ଶରତ ଥାନା ପୋଲିସର ଏଭଳି ଥାର୍ଡ ଡିଗ୍ରୀ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ମାଡ଼ରେ ଆହତ ହୋଇଥିବା ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ପୋଲିସ କର୍ମଚାରୀ ଛାଡ଼ି ପଳାଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀରେ ଶରତ ଥାନା ଅଧୀନ କରୁରିଆ ଗ୍ରାମରେ ହତ୍ୟାକାଣ୍ଡ ଘଟିଥିଲା। ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହ କରି ପୋଲିସ ଫେବୃଆରୀ ୧୦ରେ ଡିପାସାହି ଗ୍ରାମର ସୁଦାମ ସିଂଙ୍କୁ ଉଠାଇ ନେଇ ପଚରାଉଚୁରା କରିବା ପରେ ଛାଡ଼ି ଦେଇଥିଲା। ଅଭିଯୁକ୍ତମାନଙ୍କୁ ଖୋଜି ଆଣି ପୋଲିସକୁ ଦେବା ପାଇଁ ତାଙ୍କୁ ତାଗିଦ୍ କରିଥିଲା। ହେଲେ ମାସେ ବିତିଯାଇଥିଲେ ସୁଦ୍ଧା ପୋଲିସ କାହାରିକୁ ଗିରଫ କରି ନ ପାରିବାରୁ ପୁଣି ବୁଧବାର ସୁଦାମଙ୍କୁ ଉଠାଇ ନେଇ ଥାନାରେ ମାଡ଼ ମାରିଥିଲା। ଶୁକ୍ରବାର ପୋଲିସ ତାଙ୍କୁ ଶରତ ମେଡିକାଲରେ ଛାଡ଼ି ଆସିଥିଲା। ପରେ ସୁଦାମଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାକୁ ନେଇଥିଲେ। ପୋଲିସ ଅଧିକାରୀ ତାଙ୍କ ଛାତରେ ଚଢ଼ି ଯାଇଥିବା ସୁଦାମ ଅଭିଯୋଗ କରିଛନ୍ତି। ତାଙ୍କ ମୁହଁ, ଆଖି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଏବେ ସେ ଗୁରୁତର ଅବସ୍ଥାରେ ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁଦାମଙ୍କ ପରିବାର ଲୋକେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ହୃଷିକେଶ ନାଏକଙ୍କୁ ପଚାରିବାରୁ ସୁଦାମଙ୍କୁ ସନ୍ଦେହରେ ଥାନାକୁ ଅଣାଯାଇଥିଲା। ତାଙ୍କୁ ଥାନାରେ ମାଡ଼ ମରାଯାଇନାହିଁ। ପରିବାର ଲୋକେ ଅତିରଞ୍ଜିତ କରି କହୁଛନ୍ତି ଓ ମାଡ଼ ମରାଯାଇଥିବା ସମ୍ପର୍କରେ ଅଭିଯୋଗ କରିନାହାନ୍ତି। ଅଭିଯୋଗ କଲେ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି।

## ବେଲପାହାଡ଼ ପୌର ପରିଷଦରେ ଭିଜିଲାନ୍ସ ଚଢ଼ାଉ

### ୨୦୧୬ରୁ ୨୦୨୩ ମଧ୍ୟରେ ୭୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିଲା

ଝାରସୁଗୁଡ଼ା,୭।୩ (ଆଶିଷ ରଞ୍ଜନ ଦାଶ)


ବେଲପାହାଡ଼ ମ୍ୟୁନିସିପାଲିଟି।

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗଙ୍କ ନେତୃତ୍ୱରେ ଭିଜିଲାନ୍ସର ଏକ ୬ ଜଣିଆ ଟିମ୍ ବେଲପାହାଡ଼ ପୌର ପରିଷଦର ଆକାଉଣ୍ଟ ବିଭାଗରେ ଖୋଳତାଡ଼ କରି ଅନେକ କାଗଜପତ୍ର ଯାଞ୍ଚ କରିବା ସହ ୭ଟି ଫାଇଲ ଜବତ କରିଛି। କେତେଜଣ କର୍ମଚାରୀ ପୌର ପରିଷଦରୁ ୭୨ ଲକ୍ଷ ୧୭ ହଜାର ୩୦୦ ଟଙ୍କା ଅଗ୍ରିମ ଉଠାଣ କରିବା ପରେ ଆଉ ଫେରି କରିନାହାନ୍ତି। ଏହି ଅଗ୍ରିମ ଟଙ୍କା କାହିଁକି ଉଠାଯାଇଛି, ତାହା କେଉଁ କ୍ଷେତ୍ରରେ ଖର୍ଚ୍ଚ କରାଯାଇଛି, ତାହାର ତନାଘନା ଭିଜିଲାନ୍ସ ପକ୍ଷରୁ କରାଯାଇଛି। ୨୦୧୬ରୁ ୨୦୨୩ ମଧ୍ୟରେ ଏହି ଟଙ୍କା ଉଠାଣ ହୋଇଥିବା ଜଣାପଡ଼ିଛି। ଏ ନେଇ ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କୁ ପଚାରିବାରୁ ପୂର୍ବ କାଉନସିଲରେ ଏହି ଟଙ୍କା ଉଠାଣ ହୋଇଥିବା ପ୍ରକାଶ କରିଛନ୍ତି। ବେଲପାହାଡ଼ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ଫୋନ ରିସିଭ କରି ନ ଥିବା ବେଳେ ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ କହିଛନ୍ତି ଯେ, ଅଗ୍ରିମ ଟଙ୍କା ଉଠାଇବା ସତ୍ୟ। ଏହା ଉପରେ ବର୍ତ୍ତମାନ ତଦନ୍ତ ଚାଲିଛି, ତଦନ୍ତ ପରେ ସବୁ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି। ସୂଚନା ଯେ, ୨୦୧୬ରୁ ୨୦୨୩ରେ ବେଲପାହାଡ଼ ମ୍ୟୁନିସିପାଲିଟିରେ ସ୍ପେଶାଲ ଅଡିଟ୍ ବେଳେ ମ୍ୟୁନିସିପାଲିଟିର କେତେଜଣ କର୍ମଚାରୀ ଆଡଭାନ୍ସ ହିସାବରେ ୭୨ ଲକ୍ଷ ୧୭ ହଜାର ୩୦୦ ଟଙ୍କା ଉଠାଣ କରି ଆତ୍ମସାତ୍ କରିଥିବା ଜଣାପଡ଼ିଥିଲା। ଅଡିଟ୍ ରିପୋର୍ଟ ଆଧାରରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଭିଜିଲାନ୍ସ ଏହାର ତଦନ୍ତ ଚଳାଇଛି।

## ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନଶିକ୍ଷକ ଗିରଫ

### ୩ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ନାଉଗାଁ,୭।୩(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶୁକ୍ରବାର ପ୍ରଧାନଶିକ୍ଷକଙ୍କୁ ଗିରଫ କରାଯାଇଛି। ସେ ହେଲେ ରୁଦ୍ର ପ୍ରସାଦ ସ୍ୱାଇଁ। ଶନିବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟରେ ଦାୟିତ୍ୱହୀନତା ଯୋଗୁ ବିଦ୍ୟାଳୟରେ ଏପରି ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିବା ଦର୍ଶାଇ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ ପ୍ରସାଦ ବେହେରା, ସହକାରୀ ଶିକ୍ଷକ ନରେଶ ଚନ୍ଦ୍ର ସାହୁ ଓ ରମେଶ ଚନ୍ଦ୍ର ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ନୋଟିସର ଉତ୍ତର ୭ ଦିନ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନ ଶିକ୍ଷକ ରୁଦ୍ରପ୍ରସାଦ ସମ୍ପୃକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ୧୮ ଫେବୃଆରୀରେ ଅଭିଯୋଗ ହୋଇଥିଲା। ଛାତ୍ରୀ ଜଣକ ଶିଶୁ ସୁରକ୍ଷା ହେଲ୍ପଲାଇନ ନମ୍ବରରେ କଲ୍ କରି ଏ ବିଷୟରେ ସୂଚନା ଦେଇଥିଲେ। ଏହାକୁ ଭିତ୍ତିକରି ଜିଲା ଶିଶୁସୁରକ୍ଷା ୟୁନିଟରେ ଅଧିକାରୀମାନେ ୧୯ ଫେବୃଆରୀରେ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଥିଲା। ଉକ୍ତ ରିପୋର୍ଟକୁ ଭିତ୍ତି କରି ୨୨ ଫେବୃଆରୀରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ, ବ୍ଲକ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାତ୍ରୀ ବିଦ୍ୟାଳୟରେ ପହଞ୍ଚି ପୁନର୍ବାର ତଦନ୍ତ କରିବା ସହ ଶିକ୍ଷକ ରୁଦ୍ରପ୍ରସାଦଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଶୁକ୍ରବାର ଥାନାରେ ଅଭିଯୋଗ କରାଯାଇଥିଲା।

## ଏସ୍‌ଟିଏ ଡେପୁଟି କମିଶନର ପ୍ରଦୀପ କୁମାର ମହାନ୍ତି ଗିରଫ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ଭୁବନେଶ୍ୱର, ୭।୩ (ସୂର୍ଯ୍ୟକାନ୍ତ ବେହେରା)


ପ୍ରଦୀପ କୁମାର ମହାନ୍ତି

ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଡେପୁଟି କମିଶନର ପ୍ରଦୀପ କୁମାର ମହାନ୍ତିଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଗୁରୁବାରଠାରୁ ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କ ସମ୍ପତ୍ତି ସମ୍ପର୍କରେ ଖୋଳତାଡ଼ ଜାରି ରଖିଛି। ଶୁକ୍ରବାର ପ୍ରଦୀପଙ୍କ ଘରୁ ଭିଜିଲାନ୍ସ ଟିମ୍ ଆଉ ୨ ଲକ୍ଷ ଟଙ୍କା ସହ ୬୦୦ ଗ୍ରାମ ସୁନା ଠାବ କରିଛି। ଫଳରେ ମୋଟ ୨.୧ କେଜି ସୁନା, ୧୭.୫୫ ଲକ୍ଷ ଟଙ୍କା ଠାବ ହେଲାଣି। ଯାଞ୍ଚ ସରିବା ପରେ ସମ୍ପତ୍ତି ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଦୀପଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗୁରୁବାର ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ପ୍ରଦୀପଙ୍କ ୨୪୦୦ ବର୍ଗଫୁଟର ବାସଭବନରେ ଯାଞ୍ଚ ବେଳେ ନଗଦ ୧୫ ଲକ୍ଷ ୫୫ ହଜାର ଟଙ୍କା ମିଳିଥିଲା। ଏଥିସହ ୧୦୦ ଗ୍ରାମ ଲେଖାଏ ୩ଟି ସୁନା ବିସ୍କୁଟ୍ ସହ ୧.୫ କେଜି ସୁନା ଅଳଙ୍କାର ଠାବ ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ରଘୁନାଥପୁରସ୍ଥିତ ଏକ ଆପାର୍ଟମେଣ୍ଟରେ ଗୋଟିଏ ୪ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ପ୍ରଦୀପ ନିକଟରେ ୧ କୋଟି ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ସେହିପରି ପୁରୀ ବାଲୁଖଣ୍ଡସ୍ଥିତ ପ୍ଲଟ ନଂ.୧୦୭୭/୭୬୫୦ରେ ୭୫୦୦ ବର୍ଗଫୁଟରେ ଗୋଟିଏ ନିର୍ମାଣାଧୀନ ୩ ମହଲା କୋଠା, ପୁରୀସ୍ଥିତ କ୍ରିଷ୍ଣା ସି ସାଇଟ୍‌ରେ ଦୁଇଟି ଏକ ମହଲା ବିଶିଷ୍ଟ କୋଠା ଠାବ ହୋଇଛି। ସେହିପରି ନୟାଗଡ଼ ଜିଲା କୁଶପଲ୍ଲାରେ ୧୪.୭୮ ଡିସିମିଲ୍‌ର ଏକ ଫାର୍ମ ହାଉସ ସହ ଖୋର୍ଦ୍ଧା, ଭୁବନେଶ୍ୱର, ରଣପୁର, ନୟାଗଡ଼ରେ ପ୍ରଦୀପଙ୍କ ୧୧ଟି ପ୍ଲଟ୍ ଥିବା ଜଣାପଡ଼ିଛି। ବିକ୍ରି ସମ୍ପର୍କିତ ଦଲିଲ୍ ଅନୁଯାୟୀ, ପ୍ଲଟ୍‌ଗୁଡ଼ିକର ମୂଲ୍ୟ ୨୯.୦୩ ଲକ୍ଷ ହୋଇଥିବାବେଳେ ପ୍ରକୃତ ମୂଲ୍ୟ ଏହାଠୁ ଢେର ଅଧିକ ହେବ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ପକ୍ଷରୁ କୋଠା, ଫାର୍ମହାଉସ, ପ୍ଲଟ୍, ଫ୍ଲାଟ୍ ଆଦିର ହିସାବ କରାଯାଉଛି। ସେହିପରି ୧୭ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଓ ଘରୋଇ ସାମଗ୍ରୀ ଏବଂ ୨ଟି ଚାରିଚକିଆ ଯାନ (ମାରୁତି ସୁଜୁକି ବ୍ରିଜା ଓ ଟୟୋଟା ହାଇରାଇଡର୍) ଓ ଗୋଟିଏ ବୁଲେଟ୍ ଠାବ ହୋଇଛି।

### ଅନ୍ୟ ଖବର

## କାର୍-ବାଇକ୍ ଧକ୍କା, ୩ ମୃତ

ଜି.ଉଦୟଗିରି, (ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଶ୍ରୀକଲା ଘାଟି ନିକଟ ଦାରାମାହା ପାଖରେ ଏକ କାର (ଓଡି ୧୨ ୭୩୭୪) ଏବଂ ବାଇକ୍(ଓଡି ୧୯ ଏଚ-୪୨୯୫) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ଜଣଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ କଳିଙ୍ଗା ଗ୍ରାମର ଶୁଭମ ନାୟକ, ଗଦିଙ୍ଗିଆ ଗ୍ରାମର ଶଙ୍କର ପ୍ରଧାନ ଓ ଶ୍ରୀହରି ପ୍ରଧାନ। ଏହି ୩ ଯୁବକ କଟିଙ୍ଗିଆରୁ ବାଇକ୍‌ରେ ଆସୁଥିବା ବେଳେ ଜି.ଉଦୟଗିରି ପଟୁ ରାଇକିଆ ଅଭିମୁଖେ ଯାଉଥିବା କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଶୁଭମ, ଶଙ୍କର ଓ ଶ୍ରୀହରିଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଖରାଦିନେ କଳାକୋଟ୍ ଇଚ୍ଛାଧୀନ

### ଆଇନଜୀବୀଙ୍କ ଗ୍ରୀଷ୍ମକାଳୀନ ପୋଷାକ ନିର୍ଦ୍ଦେଶନାମା

### ହାଇକୋର୍ଟ, ସୁପ୍ରିମକୋର୍ଟ ବ୍ୟତୀତ ଅନ୍ୟ କୋର୍ଟରେ କୋହଳ

କଟକ,୭।୩(କାର୍ତ୍ତିକ ସାହୁ)

ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଅନ୍ୟ ସମସ୍ତ କୋର୍ଟରେ ରାଜ୍ୟ ଆଇନଜୀବୀ ପରିଷଦର ଆଇନଜୀବୀମାନଙ୍କ ନିମନ୍ତେ ଗ୍ରୀଷ୍ମକାଳୀନ ପୋଷାକ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଶୁକ୍ରବାର ଜାରି କରାଯାଇଛି। ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଗ୍ରୀଷ୍ମଋତୁରେ ହେଉଥିବା ଅତ୍ୟନ୍ତ ଗରମ ତଥା ଅସମ୍ଭାଳ ତାତିକୁ ଦୃଷ୍ଟିରେ ରଖି ରାଜ୍ୟ ଆଇନଜୀବୀ ପରିଷଦ ଗ୍ରୀଷ୍ମ ସମୟରେ ଆଇନଜୀବୀଙ୍କ ନିମନ୍ତେ ସାଧାରଣତଃ ପରିଧାନ କରାଯାଉଥିବା ବୃତ୍ତିଗତ ପୋଷାକ ନିୟମରେ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ଅଧିନିୟମ ଅନୁଯାୟୀ କୋହଳ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟଗୁଡିକରେ ଆଇନଜୀବୀଙ୍କ ପାଇଁ ଆଡ୍‌ଭୋକେଟ୍ ଗାଉନ୍ ପରିଧାନ ଇଚ୍ଛାଧୀନ କରାଯାଇଛି। ତେଣୁ ଗ୍ରୀଷ୍ମଋତୁରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟରେ ଧଳା ଶାର୍ଟ, କଳା ପ୍ୟାଣ୍ଟ କିମ୍ବା କଳାଧଳା ଗାରଯୁକ୍ତ କିମ୍ବା ଧୂସର ରଙ୍ଗର ପ୍ୟାଣ୍ଟ ଏବଂ ଧଳା ଟାଇ (ଗଳାବନ୍ଧ) ଓ କଲାର ବ୍ୟବହାର କରିପାରିବେ। ଏହି ପୋଷାକ ସମ୍ବନ୍ଧୀୟ ନିୟମ ଏପ୍ରିଲ ୬ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି ବୋଲି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସୂଚନା ଦେଇଛନ୍ତି।

## ଛାତରୁ ଡେଇଁ ଆଇଏଫ୍‌ଏସ୍ ଅଧିକାରୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୭।୩ (ପି.ଟି.)

ଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳର ଏକ ରେସିଡେନ୍ସିଆଲ ସୋସାଇଟିରେ ୨୦୧୧ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଧିକାରୀ ଜିତେନ୍ଦ୍ର ରାଉତ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ମାନସିକ ଅବସାଦରେ ଥିବା ପୋଲିସ କହିଛି। ଜିତେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରଣାଳୟ ଅଧୀନ 'ଓଭରସିଜ୍ ଏମ୍ପ୍ଲୟମେଣ୍ଟସ୍ ଆଣ୍ଡ ପ୍ରୋଟେକ୍ଟୋରେଟ୍ ଜେନେରାଲ ଅଫ୍ ଇମିଗ୍ରାଣ୍ଟସ୍'ରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ।


## ଦ.ପୂ. ରେଳପଥ - ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଇଏନ୍ଏଲ/ଟିପି/୨୦୨୫/୦୭ ତାରିଖ: ୦୭।୦୩।୨୦୨୫**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍‌ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.inରେ ନିମ୍ନ ଅନୁଯାୟୀ ଅପ୍‌ଲୋଡ୍ କରାଯାଇଛି । ସମସ୍ତ ଟେଣ୍ଡରକୁ ୧୪.୦୦ ଘଟିକାରେ ବନ୍ଦ କରିଦିଆଯିବ: କ୍ର.ସଂ.; ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ; ଇଏମ୍‌ଡି ପରିମାଣ (ଟଙ୍କାରେ): (୧); ୬୫୨୪୫୦୭୦; ୦୮।୦୪।୨୫; ପିଟ୍ ଟ୍ରାଭର୍ସର୍ ୮ଓଟି ଇତ୍ୟାଦି (ପ୍ରାକ୍ ବିଡ୍ ବୈଠକ ତା୨୫।୦୩।୨୦୨୫ରିଖ ୧୨.୦୦ ଘଟିକାରେ, ପିସିଏମ୍ଏମ୍ ମିଟିଂ ରୁମ୍/ଏସ୍ଇଆର/ଜିଆର୍‌ସି/କୋଲ-୪୩ରେ; ୦୧ ଗୋଟି; ₹୩,୧୨,୦୦୦.୦୦; (୨); ୬୦୨୫୦୦୦୪; ୨୧।୦୩।୨୫; ଇଲାଷ୍ଟିକ୍ ରେଲ କ୍ଲିପ୍‌ସ (ଇଆର୍‌ସି-ଜେ) ଇତ୍ୟାଦିର ବିନିର୍ମାଣ ଓ ଯୋଗାଣ; ୫୦୦୦୦୦ ଗୋଟି; ₹୮,୯୬,୮୦୦.୦୦; (୩); ୮୧୨୫୧୮୮୫ଏ; ୨୫।୦୩।୨୫; ଇନୋକ୍ୟୁଲମ୍ (ଭାରତୀୟ ରେଳବାଇ କୋଚ୍‌ଗୁଡ଼ିକର ବାୟୋ ଟଏଲେଟ୍ ଟାଙ୍କିଗୁଡ଼ିକ ଲାଗି ଏନାରୋବିକ୍ ବ୍ୟାକ୍ଟେରିଆ) ଇତ୍ୟାଦି; ୭୪୬୬୦୦ ଲିଟର; ₹୮୧,୫୨,୮୭୨.୦୦; (୪); ୩୮୨୫୩୩୩୭; ୦୨।୦୪।୨୫; ଅପ୍-ଗ୍ରେଡେଡ୍ ଏଚ୍‌ଟିସିବିସି ଇତ୍ୟାଦି ପାଇଁ ନକଲ; ୫୭୦୦ ଗୋଟି; ₹୧୧,୭୯,୨୦୦.୦୦; (୫); ୩୮୨୫୩୮୬୭; ୦୯।୦୪।୨୫; କେଏନ୍‌ଓଆର୍‌ଆର ବିଆର୍‌ଇଏମ୍‌ଏସ୍‌ଇ ଡିଜାଇନ୍ ବିଏମ୍‌ବିଏସ୍ ନିମନ୍ତେ ବିଓଏକ୍ସଏନ୍‌ଏଚ୍‌ଏଲ ୱାଗନ୍ ନିମନ୍ତେ ଇଏଲ ୬୦ (ଏପିଏମ୍) ଲାଗି ପିଓଏଚ୍ କିଟ୍; ୪୯୦୦ ସେଟ୍; ₹୩,୪୬,୯୨୦.୦୦; (୬); ୭୫୨୪୧୭୮୮ବି; ୨୪।୦୩।୨୫; ଅଣ ଏସି କୋଚ୍‌ଗୁଡ଼ିକ ପାଇଁ ଭିନାଇଲ କୋଟେଡ୍ ଅପହୋଲ୍‌ଷ୍ଟ୍ରି ଫାବ୍ରିକ୍ (ଆର୍ଟିଫିସିଆଲ ଲେଦର) ଆଦି; ୭୭୫୫୩ ମିଟର; ₹୩,୦୦,୮୭୦.୦୦; (୭); ୨୯୨୪୪୬୩୮; ୧୯।୦୩।୨୫; ଡାୟାଫ୍ରାମ୍ ଏବଂ ଓ-ରିଙ୍ଗ ସେଟ୍; ୧୩୭ ସେଟ୍; ₹୧,୧୮,୭୨୦.୦୦; (୮); ୨୯୨୪୩୨୩୬ଏ; ୧୯।୦୩।୨୫; ଏମ୍ଏସ୍‌ଆଇ ପାର୍ଟ ନଂ. ଏଲ୍‌ଟିଏଚ୍‌ଏସ୍ ୧୭୦୦୨୫୪୦୦ ପାଇଁ ମେନ୍ କଣ୍ଟାକ୍ଟର; ୦୬ ଗୋଟି; ₹୧,୮୭,୦୧୦.୦୦; (୯); ୨୫୨୫୫୦୦୨; ୦୩।୦୪।୨୫; ସିଙ୍ଗଲ ଫେଜର ଯୋଗାଣ ଓ କମିଶନ୍; ୩୦ ଗୋଟି; ₹୨୦,୦୦,୦୦୦.୦୦ । ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ ।

(PR-1214) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଜିଆର୍‌ସି

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ


## ସ୍ତ୍ରୀଙ୍କ ନିର୍ଯାତନାରୁ ଆଉ ଜଣଙ୍କ ଆତ୍ମହତ୍ୟା

ମୁମ୍ବାଇ, ୭।୩

ମୁମ୍ବାଇର ଏକ ହୋଟେଲରେ ଜଣେ ଆନିମେଟର ନିଶାନ୍ତ ତ୍ରିପାଠୀ(୪୧) ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମହାରାଷ୍ଟ୍ର ପାଲଘର ଜିଲା ବିରାର ନିବାସୀ ନିଶାନ୍ତ ଗତ ୩ରୁ ମୁମ୍ବାଇର ସାହାରା ହୋଟେଲରେ ରହିଥିଲେ। ସେ ତାଙ୍କ ରୁମ୍ ବାହାରେ 'ଡୁ ନଟ୍ ଡିଷ୍ଟର୍ବ'ର ବୋର୍ଡ ଲଗାଇଥିଲେ। ତେବେ ଲମ୍ବା ସମୟ ଧରି ଉକ୍ତ ରୁମ୍‌ରୁ କୌଣସି ପ୍ରତିକ୍ରିୟା ନ ମିଳିବାରୁ ହୋଟେଲ କର୍ମଚାରୀ 'ମାଷ୍ଟର କି' ମାଧ୍ୟମରେ ରୁମ୍ ଖୋଲି ନିଶାନ୍ତ ଆତ୍ମହତ୍ୟା କରିଥିବାର ଜାଣିବାକୁ ପାଇଥିଲେ। ମୃତ୍ୟୁର ଠିକ୍ ପୂର୍ବରୁ ନିଶାନ୍ତ ନିଜ କମ୍ପାନୀର ୱେବ୍‌ସାଇଟରେ ଏକ ସୁଇସାଇଡ୍ ନୋଟ୍ ପୋଷ୍ଟ କରିଥିଲେ। ଏଥିରେ ସେ ତାଙ୍କ ଆତ୍ମହତ୍ୟା ପାଇଁ ସ୍ତ୍ରୀ ଅପୂର୍ବା ପାରିକ୍ ଓ ତାଙ୍କ ମାଉସୀ ପ୍ରାର୍ଥନା ମିଶ୍ରାଙ୍କୁ ଦାୟୀ କରିଥିବା ପୋଲିସ କହିଛି। ପୋଲିସ ଉଭୟ ଅପୂର୍ବା ଓ ପ୍ରାର୍ଥନାଙ୍କ ନାମରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗତ ଡିସେମ୍ବର ୯ରେ ସ୍ତ୍ରୀଙ୍କ ନିର୍ଯାତନାର ସମ୍ମୁଖୀନ ହୋଇ ବେଙ୍ଗାଲୁରୁର ଟେକ୍ନିକାଲ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା କରିଥିଲେ। ସେହିପରି ଗତ ମାସ ୨୮ରେ ଟିସିଏସ୍ କର୍ମଚାରୀ ମାନବ ଶର୍ମା ମଧ୍ୟ ସ୍ତ୍ରୀଙ୍କ ନିର୍ଯାତନାକୁ ଦାୟୀକରି ଆଗ୍ରାସ୍ଥିତ ନିଜ ବାସଭବନରେ ଆତ୍ମହତ୍ୟା କରିଥିଲେ।

## ରାମ୍‌କୋରେ ଦୁର୍ଘଟଣା: ଟ୍ରକ୍ ଚାପାରେ ନାବାଳକ ମୃତ

ଯାଜପୁର/କାଏମା, ୭।୩
(ହର୍ଷବର୍ଦ୍ଧନ ବେହେରା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ହରିଦାସପୁର ନିକଟରେ ଥିବା ରାମ୍‌କୋ ସିମେଣ୍ଟ କାରଖାନାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଜଣେ ନାବାଳକଙ୍କ ଉପରେ ଲୋଡିଂ ଗାଡି ଚଢ଼ିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଜେନାପୁର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଗୋପୀନାଥ ଦାସଙ୍କ ପୁଅ ମାଧବ ଦାସ(୧୭)। ଘଟଣା ପ୍ରଘଟ ହେବା ଆଶଙ୍କାରେ କମ୍ପାନୀ କର୍ତ୍ତୃପକ୍ଷ ମୃତଦେହକୁ ଲୁଚାଇ ଦେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ମାଧବ ସକାଳେ ନିଜ ବଡ଼ଭାଇଙ୍କ ଟ୍ରକ୍‌ରେ ପ୍ଲାଣ୍ଟ ଭିତରକୁ ଯାଇଥିଲେ। ତେବେ ଲୋଡିଂ ସାଇଡ୍‌ରେ ଅସାବଧାନତା ଯୋଗୁ ମାଧବଙ୍କ ଉପରେ ଗାଡ଼ି ଚଢ଼ିଯାଇଥିଲା। ତେବେ ମୃତଦେହ ଫେରାଇବା ସହ ଉପଯୁକ୍ତ ନ୍ୟାୟ ଦାବିରେ ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। କୌଣସି କାରଣରୁ ମାଧବଙ୍କୁ ପିଟି ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦିଆଯାଉଛି ସେମାନେ ଅଭିଯୋଗ କରିଛନ୍ତି। ଧର୍ମଶାଳା ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ପରେ କାରଖାନା ପରିସରରେ ମୃତକଙ୍କ ପରିବାରବର୍ଗ, ସ୍ଥାନୀୟ ଲୋକ, ଧର୍ମଶାଳା ଓ ଜେନାପୁର ଥାନାଧିକାରୀ ଏବଂ ରାମ୍‌କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ୨ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏଥିରେ ମୃତକଙ୍କ ବଡ଼ ଭାଇଙ୍କୁ କାରଖାନାରେ ନିଯୁକ୍ତି ସହ ଶବ ସଂସ୍କାର ପାଇଁ ୫୦ ହଜାର ଟଙ୍କା ସହାୟତା ପାଇଁ ନିଷ୍ପତ୍ତି ନିଆଯାଇଥିବା ଧର୍ମଶାଳା ଥାନାଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛୋଟୀ**
କୁଞ୍ଚାକ ଧାନକୁ ଓଳିଏ କୁଟିଲା
ପାହାରେ ପାହାରେ କୁଟୀ

ସାଧାରଣତଃ ଶାରୀରିକ ସ୍ତରରେ ଅକ୍ଷମ ଥିବା ବ୍ୟକ୍ତି କୌଣସି ଏକ କାର୍ଯ୍ୟ କଲାବେଳେ ନିଜକୁ ଅସହାୟ ମନେକରିଥାନ୍ତି। ଏପରିସ୍ଥଳେ ଅକ୍ଷମ ଲୋକର ଶକ୍ତି ସାମର୍ଥ୍ୟକୁ ଏଠାରେ ଉପହାସ ଶୈଳୀରେ ଉଲ୍ଲେଖ କରାଯାଇଛି।

**ଚିକିଛିକା**
କାଠିଆ କଦଳୀ ମୁହଁକୁ ପକା
ମୁହଁ ଯାକ ହେଲା ଛଉରେ,
ଷୋଳ ବରଷିକି ବାହାରେ ପକାଇ
ବୁଢ଼ୀକି ରସିଣ ଥାଉରେ।

ପରକୀୟା ପ୍ରୀତି ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବନାହିଁ। ନିଜ ଯୁବତୀ ସ୍ତ୍ରୀକୁ ହେୟଜ୍ଞାନ କରି ଜଣେ ବୟସ୍କା ନାରୀ ପ୍ରତି ଆସକ୍ତ ହୋଇପଡିଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


GOVERNMENT OF ODISHA
OFFICE OF THE SUPERINTENDING ENGINEER,
ANANDAPUR BARRAGE DIVISION, SALAPADA
(E-mail Id : eeabd.anandapur@gmail.com/loabp-eicwr.od@nic.in)

No.A-1156 e-Procurement Notice No. SE-ABD-08 of 2024-25

| Sl. No. | Name of Work | Bid Id No. | Tender Cost in Lakhs (Appx.) | Bid Security (Online) | Class of Contractor | Period of Completion | Cost of Bid Document (Online) | Availability of Tender From | Availability of Tender To | Date of Opening |
|---|---|---|---|---|---|---|---|---|---|---|
| 01 | Providing Security Personnel for watch and ward of Anandapur Barrage for the period From April-2025 to March - 2026 | ABP-ABD-08 of 2024-25 | 12.78 | 25,600/- | Service Provider | 12 (Twelve calendar Months) | 6,000/- | 10.03.2025 11.00 A.M. | 24.03.2025 05.00 P.M. | 25.03.2025 11.30 A.M. |

Further details can be seen from the Govt. website www.tenderorissa.gov.in/ www.dowrodisha.gov.in. Addendum/ Corrigendum/Cancellation if any required will be published in Govt. website only.

Sd./- Superintending Engineer,
Anandapur Barrage Division, Salapada

OIPR-32177/11/0012/2425



## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଅଂଶୀଦାର/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **କଟକ ମୁଖ୍ୟ ଶାଖା /** ଋଣଗ୍ରହୀତା: ମେସର୍ସ ଜ୍ଞାନେଶ୍ୱରୀ ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ୱାଇ. ସତୀଶ କୁମାର / ଗ୍ୟାରେଣ୍ଟିଦାତା: ଶ୍ରୀ ୱାଇ. ଶ୍ରୀନିବାସ ରାଓ, ପିତା: ଶ୍ରୀ ୱାଇ. ରାମା ରାଓ, ଉଭୟଙ୍କ ଠିକଣା- ସା: ବାଉଁଶଗଳି, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧ | ତା.୦୪.୦୩.୨୦୨୫ରିଖ ସୁଦ୍ଧା ଟ.୫,୯୮,୯୭୨.୨୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୩.୧୧.୨୦୨୪ / ୦୬.୦୩.୨୦୨୫ | ଶ୍ରୀ ୱାଇ. ଶ୍ରୀନିବାସ ରାଓ, ପିତା: ଶ୍ରୀ ୱାଇ. ରାମା ରାଓଙ୍କ ନାମରେ ଥିବା ଜମିର କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: ତରୋଳ, ଥାନା: ଟାଙ୍ଗି, ଥାନା ନଂ.: ୭୨, ତହସିଲ: ଟାଙ୍ଗି-ଚୌଦ୍ୱାର, ତହସିଲ ନଂ.: ୧୬୬, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୬୨୦/୩୭୦, ପ୍ଲଟ ନଂ.: ୨୦୪୯/୩୯୬୩, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର:୧୭୪୨ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ନିଜସ୍ୱ, ଦକ୍ଷିଣ: ପ୍ଲଟ ନଂ.: ୨୦୯୭, ପଶ୍ଚିମ: ଶ୍ରୀ ବଂଶୀଧର ସାହୁ |
| **ବକ୍ସିବଜାର ଶାଖା /** ଋଣଗ୍ରହୀତା: ମେସର୍ସ ସାଇ କୃପା ଫୁଏଲ୍ସ, ଅଂଶୀଦାରମାନେ: ୧) ଶ୍ରୀ ରଞ୍ଜିତ୍ ମହାପାତ୍ର, ପିତା: ଶ୍ରୀ ଦେବେନ୍ଦ୍ର ମହାପାତ୍ର, ୨) ଶ୍ରୀମତୀ ସୁନିତା ମହାପାତ୍ର, ସ୍ୱାମୀ: ଶ୍ରୀ ରଞ୍ଜିତ୍ ମହାପାତ୍ର, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୩୦୩, ବ୍ଲକ୍-ବି, ମେଟ୍ରୋ ଗ୍ରୀନ୍‌ଉଡ୍ସ, ତ୍ରିଶୁଳିଆ, ଜିଲ୍ଲା: କଟକ-୭୫୪୦୦୫ | ତା.୧୩.୧୨.୨୦୨୪ରିଖ ସୁଦ୍ଧା ଟ.୧,୦୦,୫୯,୨୩୪.୭୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୬.୧୨.୨୦୨୪ / ୦୩.୦୩.୨୦୨୫ | ଶ୍ରୀ ରଞ୍ଜିତ୍ ମହାପାତ୍ର ଏବଂ ଶ୍ରୀମତୀ ସୁନିତା ମହାପାତ୍ରଙ୍କ ନାମରେ "ହର୍ଷପ୍ରିୟା ରିଟ୍ରିଟ୍" ନାମକ ଆପାର୍ଟମେଣ୍ଟର ୨ୟ ମହଲାରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୪, ମୌଜା: ଅଣ୍ଡିଲୋ, ଥାନା: ବାଲିଅନ୍ତା ନଂ.: ୧୪, ତହସିଲ: ବାଲିଅନ୍ତା, ପ୍ଲଟ୍ ନଂ.: ୩୨୮, ମ୍ୟୁଟେସନ୍ ଖାତା ନଂ.: ୬୨୩/୧୯୫, ଜିଲ୍ଲା: ଖୋର୍ଦ୍ଧା, ପରିମିତ କ୍ଷେତ୍ର: ଏକର୦.୨୨୦ ଡ଼ିସିମିଲି, ଆନୁପାତିକ ଅବିଭକ୍ତ ହସ୍ତାନ୍ତରିତ ଜମିର ଅଂଶ ଏକର୦.୦୧୨ ଡିସିମିଲି ଯାହା ୫୨୨.୭୨ ବର୍ଗଫୁଟ ସହିତ ସୁପର ବିଲ୍ଟ ଅପ୍ ଏରିଆ: ୧୧୫୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଖୋଲା ସ୍ଥାନ, ପୂର୍ବ: ଖୋଲାସ୍ଥାନ, ଦକ୍ଷିଣ: ଖୋଲା ସ୍ଥାନ, ପଶ୍ଚିମ: କରିଡ଼ର ଏବଂ ଫ୍ଲାଟ୍ ନଂ.: ୨୦୩ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୭.୦୩.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ବିଜୁଙ୍କୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

- ନିଷ୍ପତ୍ତି ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ କିଛି ଶୁଣିବାର ନାହିଁ: ଅରୁଣ
- ବିଜୁବାବୁଙ୍କୁ ସମ୍ମାନ କଥା କହୁଥିବା ଦଳର କାର୍ଯ୍ୟାଳୟରେ ନାହିଁ ବିଜୁଙ୍କ ପ୍ରତିମୂର୍ତ୍ତି: ମନ୍ତ୍ରୀ ନାଏକ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)


ବିଧାନସଭା ପରିସର ଗାନ୍ଧୀମୂର୍ତ୍ତି ତଳେ ବିଜେଡି ବିଧାୟକମାନେ ଧାରଣା ଦେଇଛନ୍ତି।

ବିଧାନସଭାରେ ଦିନ ତମାମ ପଞ୍ଚାୟତିରାଜ ଦିବସ ପାଳନ ତାରିଖ ପରିବର୍ତ୍ତନ ବିଷୟକୁ ନେଇ ବିରୋଧୀ ବିଜେଡି ଏବଂ ଶାସକ ଦଳ ସଦସ୍ୟମାନେ ପରସ୍ପରକୁ ଆକ୍ଷେପ ପ୍ରତ୍ୟାକ୍ଷେପ ଜାରି ରଖିଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ ମାର୍ଚ୍ଚ ୫ରେ କରିବା ନେଇ ଯେପର୍ଯ୍ୟନ୍ତ ଘୋଷଣା ନ କରିଛନ୍ତି ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ଦାବି କରିଥିବା ବେଳେ ଶଙ୍ଖ ଭବନରେ କାହିଁକି ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନାହିଁ ବୋଲି ଶାସକ ଭାଜପା ପ୍ରଶ୍ନ ଉଠାଇଛି।

ଗୃହରୁ ବାହାରି ବିଧାନସଭା ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ସଦସ୍ୟମାନେ ଧାରଣାରେ ବସିଥିଲେ। ଏହି ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଭାଜପା ସରକାରଙ୍କ ବିଜୁ ବାବୁଙ୍କ ପ୍ରତି ଯେଉଁ ଚରମ ଅପମାନ ତାକୁ ରାଜ୍ୟବାସୀ ଗ୍ରହଣ କରୁନାହାନ୍ତି। ଏମାନେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନକୁ କାହିଁକି ଘୁଞ୍ଚାଇଲେ। ଏଭଳି ନିଷ୍ପତ୍ତିକୁ ସେମାନେ ତୁରନ୍ତ ପ୍ରତ୍ୟାହାର କରିବେ ବୋଲି ଘୋଷଣା କରନ୍ତୁ। ନ ହେଲେ ଏ ଭାଜପା ସରକାରକୁ ଛାଡ଼ିବାର ନାହିଁ।

ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏମାନେ ଆଧୁନିକ ଓଡ଼ିଶାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କୁ ଅପମାନିତ କରିଛନ୍ତି। ତାଙ୍କୁ ଅବମାନନା କରିବା ଅର୍ଥ ଓଡ଼ିଆ ଅସ୍ମିତାକୁ ଅସମ୍ମାନ କରିବା।

ଅନ୍ୟପଟେ ବିଜେଡିକୁ ଟାର୍ଗେଟକରି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି, ବିଜୁବାବୁ କେବଳ ବିଜେଡିର ନୁହନ୍ତି। ବିଜୁବାବୁଙ୍କୁ ବ୍ୟବହାରକରି ବିଜେଡି ରାଜନୀତି କରୁଛି। ବିଜୁବାବୁଙ୍କ ସମ୍ମାନ କଥା କହୁଥିବା ଦଳର କାର୍ଯ୍ୟାଳୟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନାହିଁ। ତାଙ୍କୁ ସମ୍ମାନ ଦେବା କଥା କହି ବିଜେଡି ବାରମ୍ବାର ଅସମ୍ମାନ କରୁଛି ବୋଲି ସେ କହିଛନ୍ତି।

ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ବିଜୁବାବୁ ଭାରତବର୍ଷର ଜଣେ ଗୌରବଶାଳୀ ମହାପୁରୁଷ। ଯେଉଁମାନେ ନିଜର ରାଜନୈତିକ ଫାଇଦା ଲାଗି ସଂକୀର୍ଣ୍ଣ ମନୋଭାବରେ ବିଜୁବାବୁଙ୍କୁ ବ୍ୟବହାର କରୁଛନ୍ତି ତାଙ୍କୁ ରାଜ୍ୟବାସୀ କ୍ଷମା ଦେବେ ନାହିଁ। ବିଜୁବାବୁଙ୍କ ଶେଷ ସମୟରେ ଯେତେବେଳେ ସେ ରୋଗଗ୍ରସ୍ତ ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତେବେଳେ କେଉଁଠି ଥିଲେ। କେତେଦିନ ତାଙ୍କ ସାଙ୍ଗରେ ଥିଲେ ଆଉ କେତେ ସେବା କରିଥିଲେ ବୋଲି ଟଙ୍କଧର ପ୍ରଶ୍ନ କରିଛନ୍ତି।

# ନକଲି ଭୋଟର କାର୍ଡ ନମ୍ବର: ସଂସଦରେ ବିତର୍କ ଦାବିକଲେ ବିରୋଧୀ

ନୂଆଦିଲ୍ଲୀ,୭।୩

ସଂସଦର ଆଗାମୀ ଅଧିବେଶନରେ ନକଲି ଭୋଟର କାର୍ଡ ନମ୍ବର ପ୍ରସଙ୍ଗରେ ବିତର୍କ ଦାବିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ଅନ୍ୟ ବିରୋଧୀ ଦଳ ଏମ୍‌ପିମାନେ ଶୁକ୍ରବାର ନୋଟିସ ଦେଇଛନ୍ତି। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏନେଇ ବିତର୍କ ଦାବିରେ ନୋଟିସ ଦାଖଲ କରାଯାଇଥିବା ସୂତ୍ରରୁ ପ୍ରକାଶ। ଗତ ସପ୍ତାହରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନକଲି ଭୋଟର କାର୍ଡ ନମ୍ବର ପ୍ରସଙ୍ଗ ଉଠାଇଥିଲେ। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତ ୧୩ରେ ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇ ଏପ୍ରିଲ ୪ରେ ସରିବ। ଅନ୍ୟପକ୍ଷେ ଏହି ଦଶନ୍ଧି ପୁରୁଣା ବିବାଦର ସମାଧାନ ଆସନ୍ତା ୩ ମାସ ମଧ୍ୟରେ ହେବ ବୋଲି ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି।

# ମହିଳା ହିଂସାର ତଦନ୍ତ ପାଇଁ ଦିଲ୍ଲୀରୁ ଆସିବ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

**ମହିଳା ଅତ୍ୟାଚାର ଅଭିଯୋଗ: ୧୦ରେ କଂଗ୍ରେସର ରାଜ୍ୟବ୍ୟାପୀ ବିକ୍ଷୋଭ**

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଅଭିଯୋଗ କରି ଏନେଇ କଂଗ୍ରେସ ଆସନ୍ତା ୧୦ରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ନୂଆଦିଲ୍ଲୀ ସ୍ଥିତ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଓଡ଼ିଶାରେ ବଢୁଥିବା ମହିଳା ହିଂସା ସମ୍ପର୍କରେ ସୁପ୍ରିମକୋର୍ଟ ନିଜ ତରଫରୁ ନୋଟିସ ଜାରି କରାନ୍ତୁ। କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ବଢୁଥିବାରୁ ଖୁବ୍‌ଶୀଘ୍ର ଦିଲ୍ଲୀରୁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଓଡ଼ିଶା ଆସିବେ। ମହିଳା ହିଂସା ସହିତ କିଟ୍ ଛାତ୍ରୀ ମୃତ୍ୟୁ ଘଟଣାର ଉକ୍ତ ଟିମ୍ ତଦନ୍ତ କରିବ ବୋଲି ଲଲ୍ଲୁ କହିଛନ୍ତି।

# ଗଠନ ହେଲା କଂଗ୍ରେସ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

କଂଗ୍ରେସ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ଶୁକ୍ରବାର ଗଠନ କରାଯାଇଛି। ସଙ୍ଗଠନର ସର୍ବଭାରତୀୟ ସଭାପତି ହର୍ଷବର୍ଦ୍ଧନ ସପକଲ୍‌ଙ୍କ ଅନୁମୋଦନ ଏବଂ ଓଡ଼ିଶା ପ୍ରଭାରୀ କୁନାଲ ବାନାର୍ଜୀଙ୍କ ସୁପାରିଶ କ୍ରମେ ୩୦ ଜଣିଆ କାର୍ଯ୍ୟକାରିଣୀ ଗଠିତ ହୋଇଛି। ସୁଦର୍ଶନ ଦାସଙ୍କୁ ଏହାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

**ପୁରୀ ସାଇବର ଥାନାର ଦ୍ୱାରସ୍ଥ ଭାଜପା ଯୁବମୋର୍ଚ୍ଚା**

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)


ପୁରୀ ସାଇବର ଥାନାରେ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ସୋସିଆଲ ମିଡିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିବା ଅଭିଯୋଗ କରି ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସାଇବର ଥାନାରେ ଏକ ଏତଲା ଦିଆଯାଇଛି। ଏହି ଲିଖିତ ଅଭିଯୋଗରେ ଦର୍ଶାଯାଇଛି ଯେ, ମନୋଜ ନାୟକ ନାମକ ବ୍ୟକ୍ତି ତାଙ୍କ ଫେସ୍‌ବୁକ୍ ଆଇଡିରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିବା ସହ ତାଙ୍କ ଫଟୋକୁ ଏଡିଟିଂ କରି ମୃତ ସଜାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି, ଯାହାକୁ ତାଙ୍କର ସହଯୋଗୀମାନେ ବହୁ ମାତ୍ରାରେ ଶେୟାର କରିଛନ୍ତି। ଏଥିଯୋଗୁ ଭାଜପା ସମେତ ରାଜ୍ୟର ସମ୍ମାନ ହାନି ଘଟିଛି। ତେଣୁ ତୁରନ୍ତ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ ଦାବି କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ବିଶ୍ୱଜିତ ମହାନ୍ତି, ମିଥୁନ ଜେନା, ସଂଗ୍ରାମ ପରିଡା, ବିଲ୍ଲୁ ରଥ, ପ୍ରଦୀପ ପରିଡ଼ା, ପ୍ରଦୀପ ନାୟକ, ଶିବ ପ୍ରସାଦ ସ୍ୱାଇଁ, ରାଜେଶ କୁମାର ପଣ୍ଡା, ଯୁଧିଷ୍ଠିର ବେହେରା, ଅନିକେତ କର, ସାତ୍ୟକୀ ଦାଶ, ସୁମନ୍ତ ମହାରଣା, ଗୁଡୁ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ମନୋଜ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଗଣତାନ୍ତ୍ରିକ ପଦ୍ଧତିରେ ଠିକ୍ କଲେ ରନ୍ଧାରୀ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

ବିଧାନସଭାରେ ଶୁକ୍ରବାର ଦିନତମାମ ବିଜୁ ପଟ୍ଟନାୟକଙ୍କୁ ନେଇ ହୋହଲ୍ଲା ଚାଲିଥିଲା। ଯେତେଥର ଗୃହ କାର୍ଯ୍ୟ ଆରମ୍ଭ ହେଉଥିଲା ସେତେଥର ବିଜେଡି ସଦସ୍ୟମାନେ ହୋହଲ୍ଲା ଏବଂ ନାରାବାଜି ଆରମ୍ଭ କରିଦେଉଥିଲେ। ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ହୋହଲ୍ଲା ଭିତରେ ଅପରାହ୍ନରେ ୨୬ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ୪ଟା ୯ରେ ବିଜେଡି ସଦସ୍ୟମାନେ ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ ବିଷୟରେ ପ୍ରତିବାଦକରି ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଗୃହରୁ ଚାଲିଯାଇଥିଲେ। ଏହି ସମୟରେ ୨୦୨୪-୨୫ ଆର୍ଥିକ ବର୍ଷର ୩୯ଟି ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ ହେଉଥାଏ। ହେଲେ ବିଜେଡି ସଦସ୍ୟମାନଙ୍କ ମଧ୍ୟରୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଗୃହ ଛାଡ଼ି ଯାଇ ନ ଥିଲେ। ସେ ୪ଟି ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହରେ ଉପସ୍ଥାପନ କରିବା ପରେ ୪ଟା ୨୧ରେ ଗୃହ ଛାଡ଼ିଯାଇଥିଲେ। ଗଣତାନ୍ତ୍ରିକ ପଦ୍ଧତିରେ ରନ୍ଧାରୀ ଠିକ୍ କରିଛନ୍ତି। ଅନେକ ସମୟରେ ସଂସଦରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଛି। ସଂସଦରେ ଯଦି କୌଣସି ବିଷୟକୁ ନେଇ ବିରୋଧୀ ଦଳ ହୋହଲ୍ଲା କରୁଥାଆନ୍ତି ସେହି ସମୟରେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ ହେଉଥିବ ତେବେ ଓଡ଼ିଶା ବିଧାନସଭାରେ ରନ୍ଧାରୀ ଯେପରି ଦାୟିତ୍ୱ ତୁଲାଇଛନ୍ତି ସମାନ ସ୍ଥିତି ଦେଖିବାକୁ ମିଳେ। ପ୍ରଥମେ ବିରୋଧୀ ସଦସ୍ୟ ବୁଝୁଥିବା କମିଟି ରିପୋର୍ଟ ଉପସ୍ଥାପନା କରିବା ପରେ ଗୃହ ଛାଡ଼ି ଯାଇଥାଆନ୍ତି। ତେବେ ରନ୍ଧାରୀ ଗୃହ ବିଳମ୍ବରେ ଛାଡିବା ନେଇ ଶାସକ ଦଳ ସଦସ୍ୟ ବିଜେଡି ଭିତରେ ଫାଟ ଥିବା ଇଙ୍ଗିତ କରିଥିବା ଘଟଣା ମଧ୍ୟ ଶୁକ୍ରବାର ଶୁଣିବାକୁ ମିଳିଥିଲା। ହେଲେ ଜଣେ ବିଧାନସଭାର ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଗଣତାନ୍ତ୍ରିକ ପଦ୍ଧତି ଅନୁଯାୟୀ ରନ୍ଧାରୀ ଠିକ୍ କଲେ।

## Business

# ନାଗପୁରରେ ଏସିଆର ସର୍ବବୃହତ୍ କମଳା ପ୍ରକ୍ରିୟାକରଣ ପ୍ଲାଣ୍ଟ: ବାଲକ୍ରିଷ୍ଣା

**୯ରେ ଉଦ୍‌ଘାଟନ ହେବ ପତଞ୍ଜଳି ମେଗା ଫୁଡ୍ ଆଣ୍ଡ୍ ହର୍ବାଲ ପାର୍କ**

ନୂଆଦିଲ୍ଲୀ,୭।୩



ଆଚାର୍ଯ୍ୟ ବାଲକ୍ରିଷ୍ଣା ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।

ପତଞ୍ଜଳିର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନାଗପୁର ମିହାନ୍ (ନାଗପୁରରେ ମଲ୍ଟି-ମୋଡାଲ୍ ଇଣ୍ଟରନ୍ୟାଶନାଲ କାର୍ଗୋ ହବ୍ ଏବଂ ବିମାନବନ୍ଦର) ଅଞ୍ଚଳରେ ପତଞ୍ଜଳି ମେଗା ଫୁଡ୍ ଆଣ୍ଡ ହର୍ବାଲ୍ ପାର୍କ ୨୦୨୫ ମାର୍ଚ୍ଚ ୯ ରେ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ଏପରିକି ପତଞ୍ଜଳିର ଏହି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ମିହାନ୍‌ରେ ସ୍ଥାପନ ପାଇଁ ୨୦୧୬ ସେପ୍ଟେମ୍ବରରେ ଭୂମି ପୂଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ନାଗପୁରର ମିହାନ୍‌ଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍‌ର ଏମ୍‌ଡି ଆଚାର୍ଯ୍ୟ ବାଲକ୍ରିଷ୍ଣା ଯୋଗଦେଇ ପାର୍କ ଉଦ୍‌ଘାଟନ ଓ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଏପରିକି ନାଗପୁରର ମିହାନ୍‌ଠାରେ ପତଞ୍ଜଳି ଦ୍ୱାରା ପ୍ରତିଷ୍ଠିତ 'ପତଞ୍ଜଳି ମେଗା ଫୁଡ୍ ଆଣ୍ଡ ହର୍ବାଲ ପାର୍କ'ରେ ଏସିଆର ସର୍ବବୃହତ୍ କମଳା ପ୍ରକ୍ରିୟାକରଣ ପ୍ଲାଣ୍ଟ ରହିବ ବୋଲି ଆଚାର୍ଯ୍ୟ କହିଛନ୍ତି। ଏହି ପ୍ଲାଣ୍ଟ ଖାଦ୍ୟ ପ୍ରକ୍ରିୟାକରଣର ଏକ ସିଙ୍ଗଲ ପଏଣ୍ଟ ଏବଂ ଏସିଆର ସର୍ବବୃହତ୍ ୟୁନିଟ ହେବ। ଏହାକୁ ପ୍ରତିଷ୍ଠା କରି ଆମେ ଗର୍ବିତ ଅନୁଭବ କରୁଛୁ, ଯଦିଓ ଏହି ପ୍ଲାଣ୍ଟ ଆରମ୍ଭ କରିବାରେ ଅନେକ ବାଧା ଆସିଥିଲା, ମଝିରେ କରୋନା ସମୟ ମଧ୍ୟ ଆସିଥିଲା, କିନ୍ତୁ ଶେଷରେ ସେହି ଦିନ ଆସିଗଲା ଯାହାକୁ ଅଞ୍ଚଳର ଚାଷୀମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥିଲେ। ଆଚାର୍ଯ୍ୟ କହିଛନ୍ତି, ଏହି ପ୍ଲାଣ୍ଟକୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ୨୦୨୫ ମାର୍ଚ୍ଚ୯ରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ସେ କହିଥିଲେ, ବିଦର୍ଭର ନାମ ନେବା ମାତ୍ରେ ଏଠାରେ କୃଷକମାନଙ୍କ ଆତ୍ମହତ୍ୟା ଏବଂ ନିର୍ଯାତିତ ଏବଂ ଦୁଃଖୀ ଚାଷୀଙ୍କ ଚିତ୍ର ଆପେ ଆପେ ପ୍ରକାଶିତ ହୋଇଯାଏ। ଆମର ପୂର୍ଣ୍ଣ ବିଶ୍ୱାସ ଯେ ଏହି ଚିତ୍ର ବଦଳାଇବାର କାମ ଖୁବ୍‌ଶୀଘ୍ର ମିହାନ୍‌ର ଏହି କମଳା ପ୍ରକ୍ରିୟାକରଣ ପ୍ଲାଣ୍ଟ ଦ୍ୱାରା କରାଯିବ। ଏଥିରେ ଆମକୁ ଆପଣଙ୍କ ସମର୍ଥନ ଏବଂ ସହଯୋଗ ଆବଶ୍ୟକ ରହିଛି। ଆମେ ଏହି ସମଗ୍ର ଅଞ୍ଚଳ, କୃଷକ ଏବଂ କୃଷି ବ୍ୟବସ୍ଥାର ଭୟଙ୍କର ଅବସ୍ଥାକୁ ବଦଳାଇ ଦେବୁ। ଏହା ଆମର ସଂକଳ୍ପ। ସେହିପରି ଆଚାର୍ଯ୍ୟ କହିଥିଲେ, ଉକ୍ତ ପ୍ଲାଣ୍ଟର ପ୍ରକ୍ରିୟାକରଣ କ୍ଷମତା ପ୍ରତିଦିନ ୮୦୦ ଟନ ରହିବ। ଯେଉଁଥିରେ ଏ ଗ୍ରେଡ୍ ବ୍ୟତୀତ, ଆମେ ବି ଏବଂ ସି ଗ୍ରେଡ୍ କମଳା, ଅକାଳରେ ପାଚିଥିବା ଉତ୍ପାଦନ ଏବଂ ଝଡ଼ ଯୋଗୁ ପଡ଼ିଯାଇଥିବା କମଳାକୁ ମଧ୍ୟ ପ୍ରକ୍ରିୟାକରଣ କରୁ। ଆମର କାରଖାନା ଶୂନ୍ୟ ଅପଚୟ ପ୍ରଣାଳୀରେ କାମ କରିଥାଏ।

# ଶେୟାର ବଜାର ନିବେଶକ ନିରୁତ୍ସାହିତ

ମୁମ୍ବାଇ,୭।୩

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୭ (୭.୫୧) ପଏଣ୍ଟ ହ୍ରାସ ଘଟି ୭୪,୩୩୩ (୭୪,୩୩୨.୫୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୮(୭.୮୦) ପଏଣ୍ଟ ବୃଦ୍ଧି ଘଟି ୨୨,୫୫୨ (୨୨,୫୫୨.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଏମ୍‌ଏସ୍‌ଆଇର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍


ଏମ୍‌ଏସ୍‌ଆଇର ବ୍ରାଣ୍ଡ ଷ୍ଟୋରକୁ ଲିଓନ ଚାଙ୍ଗ୍ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଉଭୟ କମ୍ପାନୀ ଏବଂ ଷ୍ଟୋର କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୭।୩ (ଅଭୟ ଦାଶ)

ଏମ୍‌ଏସ୍‌ଆଇର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ଭୁବନେଶ୍ୱରର ଶହୀଦନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଇ ମାର୍ଟ କମ୍ପ୍ୟୁଟର ଆନୁକୂଲ୍ୟରେ ଏହି ନୂତନ ବ୍ରାଣ୍ଡ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏମ୍‌ଏସ୍‌ଆଇର ସିଏଟ୍ ଏବଂ ଏନ୍‌ଏସ୍‌ଏମ୍ ଲିଓନ ଚାଙ୍ଗ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଆଇର ବାଣିଜ୍ୟ ମୁଖ୍ୟ ହର୍ଷ ପ୍ରଭୁ, ବିଡିଏମ୍ ଓଡ଼ିଶା ମଧୁସୂଦନ ଗୁପ୍ତା ଏବଂ ଇ ମାର୍ଟ କମ୍ପ୍ୟୁଟରର ଏମ୍‌ଡି ଦେବାଶିଷ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୩୦୦ ବର୍ଗ ଫୁଟ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ନୂତନ ବ୍ରାଣ୍ଡ୍ ଷ୍ଟୋରରେ ଏମ୍‌ଏସ୍‌ଆଇର ସମସ୍ତ ପ୍ରକାର ଲାପ୍‌ଟପ୍ ଓ ଏହାର ଅତ୍ୟାବଶ୍ୟକ ପାଟର୍ସ ଉପଲବ୍ଧ। ସେହିଭଳି ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ଓ ଗ୍ରାହକ କେନ୍ଦ୍ରିକ ସେବା ଯୋଗାଇବାକୁ ଷ୍ଟୋର ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ବୋଲି ଗୁପ୍ତା ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ବିର୍ଲା ଓପସ୍ ପେଣ୍ଟ ଷ୍ଟୁଡିଓର ଶୁଭାରମ୍ଭ

BIRLA opus PAINTS

ନୂଆଦିଲ୍ଲୀ,୭।୩

ବିର୍ଲା ଓପସ ପେଣ୍ଟସର ବହୁ ପ୍ରତୀକ୍ଷିତ ତଥା ପ୍ରଥମ ଧରଣର ସୁବିଧା କେନ୍ଦ୍ର 'ବିର୍ଲା ଓପସ ପେଣ୍ଟ ଷ୍ଟୁଡିଓ'ର ଶୁଭାରମ୍ଭ ଶୁକ୍ରବାର ଗୁରୁଗ୍ରାମଠାରେ ହୋଇଯାଇଛି। ଏପରିକି ଏହି କେନ୍ଦ୍ରରେ ୧୭୦ରୁ ଅଧିକ ଉତ୍ପାଦ ଉପଲବ୍ଧ ହେଉଥିଲାବେଳେ ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ବିକଳ୍ପ ସୁବିଧା ସାମିଲ ରହିଛି। ସମଗ୍ର ଭାରତରେ ଖୁଚୁରା ଉପସ୍ଥିତି ବିସ୍ତାର କରିବା ଉଦ୍ଦେଶ୍ୟରେ କମ୍ପାନୀର ଅଭିବୃଦ୍ଧି ରଣନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନ ଗ୍ରାସିମ ଇଣ୍ଡଷ୍ଟ୍ରିଜର ଅଂଶ ବିର୍ଲା ଓପସ ପେଣ୍ଟସର ପ୍ରଥମ ବିର୍ଲା ଓପସ ପେଣ୍ଟ ଷ୍ଟୁଡିଓ (କମ୍ପାନୀ ମାଲିକାନା ଓ କମ୍ପାନୀ ପରିଚାଳିତ ଷ୍ଟୋର)କୁ ନିକଟରେ ଉନ୍ମୋଚନ କରାଯାଇଛି। ସେହିଭଳି ଅଭିଜ୍ଞତାମୂଳକ ରିଟେଲ ଉପରେ ଧ୍ୟାନ ଦେଇ କମ୍ପାନୀ ଆଗାମୀ ମାସରେ ନୂଆଦିଲ୍ଲୀ, ମୁମ୍ବାଇ, ନଭି ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ, ଜୟପୁର, ଅହମ୍ମଦାବାଦ ଏବଂ ସୁରଟଠାରେ ମଧ୍ୟ ଅତିରିକ୍ତ ଅଭିଜ୍ଞତା କେନ୍ଦ୍ର ଖୋଲିବାକୁ ଯୋଜନା କରିଛି। ଏହା ସହ କମ୍ପାନୀ ଭାରତର ଦ୍ୱିତୀୟ ସର୍ବବୃହତ୍ ଡେକୋରେଟିଭ ପେଣ୍ଟସ ବ୍ରାଣ୍ଡ ହେବାର ଲକ୍ଷ୍ୟ ରଖିଛି । ଏ ସମ୍ପର୍କରେ ବିର୍ଲା ଓପସ ପେଣ୍ଟସର ସିଇଓ ରକ୍ଷିତ ହରଗାଭେ କହିଛନ୍ତି, ଗୁରୁଗ୍ରାମଠାରେ ଆମେ ଆମର ପ୍ରଥମ ଧରଣର ଅଭିଜ୍ଞତା କେନ୍ଦ୍ର 'ବିର୍ଲା ଓପସ ପେଣ୍ଟ ଷ୍ଟୁଡିଓ' କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭାରତର ରଙ୍ଗ ଅନୁଭବ ଶୈଳୀକୁ ପୁନଃ ନିର୍ଦ୍ଧାରଣ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଉଛୁ। ଭାରତରେ ଉପଭୋକ୍ତାମାନେ ଉତ୍ପାଦ କ୍ରୟ କରିବା କିମ୍ବା ସେବା ପାଇବା ସମୟରେ ନୂତନ ଏବଂ ଅଧିକ ଗଭୀର ବିକଳ୍ପ ଅନୁସନ୍ଧାନ କରିବାକୁ ଚାହୁଁଛନ୍ତି।

# ଆଜିଠାରୁ ୨ଦିନିଆ ଟ୍ୟାକ୍ସ କନ୍‌କ୍ଲେଭ

ଭୁବନେଶ୍ୱର, ୭।୩



ସାମ୍ବାଦିକ ସମ୍ମିଳନୀକୁ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ନିକଟରେ ଉପସ୍ଥିତ ଅଛନ୍ତି।

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ)ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଏକ ୨ଦିନିଆ ସମ୍ମିଳନୀ 'ଟ୍ୟାକ୍ସ କନ୍‌କ୍ଲେଭ' ଶନିବାରଠାରୁ ଭୁବନେଶ୍ୱରର ଆଇସିଏମ୍‌ଆର-ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରଠାରେ ଆରମ୍ଭ ହେବାକୁ ଯାଉଛି। ଏପରିକି ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟର ଏବଂ ଆଇସିଏମ୍‌ଏଆଇ-କୋଲକାତା ଟିକସ ଗବେଷଣା ବିଭାଗର ମିଳିତ ସହଯୋଗରେ ଏହି ୨ଦିନିଆ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଅପରପକ୍ଷରେ ଏହି ସମ୍ମିଳନୀ 'ଟିକସ ପରିଚାଳନା ଏବଂ ବିବାଦକୁ ଏଡ଼ାଇବା' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ସିଏମ୍‌ଏ ଭବନ ନୟାପଲ୍ଲୀରେ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର, ଚେୟାରମ୍ୟାନ୍, ଆଇସିଏମ୍‌ଏଆଇ-ଭୁବନେଶ୍ୱର ଚାପ୍ଟର, ସିଏମ୍‌ଏ ଦାମୋଦର ମିଶ୍ର, ସେକ୍ରେଟାରି, ଆଇସିଏମ୍‌ଏଆଇ-ଇଆଇଆର୍‌ସି, କୋଲକାତା, ସିଏମ୍‌ଏ ବରଦା ପ୍ରସନ୍ନ ନାୟକ, ସେକ୍ରେଟାରି ଆଇସିଏମ୍‌ଏଆଇ-ଭୁବନେଶ୍ୱର ଚାପ୍ଟର, ସିଏମ୍‌ଏ ସୌମ୍ୟରଞ୍ଜନ ଜେନା, ଚେୟାରମ୍ୟାନ୍, ପିଡି କମିଟି, ସିଏମ୍‌ଏ ଅବିନାଶ କୋଟ୍‌ନି, କୋଷାଧ୍ୟକ୍ଷ ଏବଂ ଚେୟାରମ୍ୟାନ୍, ସିସି ଆଣ୍ଡ ଏସ୍‌ଏଫ୍ କମିଟି, ଶୁଭାଶିଷ ସାହୁ, ସଦସ୍ୟ, ମ୍ୟାନେଜିଂ କମିଟି ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଏହି ସମ୍ମିଳନୀ କଷ୍ଟ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟ ଓ ଅଂଶୀଦାରମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ସହ ବର୍ତ୍ତମାନର ବ୍ୟବସାୟିକ ପରିପ୍ରେକ୍ଷୀରେ ପ୍ରତ୍ୟକ୍ଷ ଓ ପରୋକ୍ଷ କର ଉପରେ ବିଶେଷ ଧ୍ୟାନ ପ୍ରଦାନ କରିବ। ଏଥିରେ ଦୁଇଟି ଉଦ୍‌ଘାଟନୀ ଅଧିବେଶନ ଓ ୪ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ।

# ଫେବୃଆରୀରେ ୧୦,୪୯୩ ୟୁନିଟ୍ ଟ୍ରାକ୍ଟର ବିକ୍ରି

ନୂଆଦିଲ୍ଲୀ,୭।୩

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଚଳିତ ବର୍ଷ ଫେବୃଆରୀରେ ଚମତ୍କାର ବିକ୍ରି ପ୍ରଦର୍ଶନ ଜାରି ରଖିଛି। ୨୦୨୪-୨୫ ଆର୍ଥିକ ବର୍ଷର ଫେବୃଆରୀରେ ମୋଟ ୧୦,୪୯୩ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ଏଥିସହ କମ୍ପାନୀ ୨୦୨୫ ଫେବୃଆରୀରେ ମୋଟ ୧୧୩,୨୭୯ଟି ଟ୍ରାକ୍ଟର ବାର୍ଷିକ ଭିତ୍ତିରେ ପଞ୍ଜୀକରଣ ସହ ସର୍ବୋଚ୍ଚ ଘରୋଇ ୱାଇଟିଡି (ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା) ବିକ୍ରିରେ ପହଞ୍ଚିଛି ଏବଂ ଶିଳ୍ପର ୱାଇଟିଡିକୁ ଅତିକ୍ରମ କରିଛି। ଏହା ନିଜର ଉଲ୍ଲେଖନୀୟ ଯାତ୍ରାରେ ସମ୍ପୃକ୍ତ ସମସ୍ତ ହିତାଧିକାରୀଙ୍କ ପାଇଁ ଏକ ସମାବେଶୀ ବିକାଶର ଲକ୍ଷ୍ୟ ରଖିଛି। କମ୍ପାନୀ ନିରନ୍ତର ଭାବେ ଶକ୍ତିଶାଳୀ ଓ ଆଧୁନିକ ଟେକ୍ନୋଲୋଜିରେ ସୁସଜ୍ଜିତ ଟ୍ରାକ୍ଟରଗୁଡ଼ିକୁ ନିର୍ମାଣ କରୁଛି,ଯାହା କୃଷକଙ୍କୁ ଉତ୍ପାଦକତା ଓ ସ୍ଥାୟିତ୍ୱ ପ୍ରଦାନ କରୁଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ ୨୦୨୫ ଫେବୃଆରୀରେ ମୋଟ ୧୦,୪୯୩ ୟୁନିଟ୍ ଟ୍ରାକ୍ଟରର ଏକ ଉଲ୍ଲେଖନୀୟ ବିକ୍ରି ରେକର୍ଡ ହାସଲ କରିଛୁ। ଏପରିକି ସର୍ବକାଳୀନ ଘରୋଇ ୱାଇଟିଡି ୨୦୨୫ ଫେବୃଆରୀ ବିକ୍ରି ସଫଳତାରେ ପହଞ୍ଚି ବେଶ୍ ଉତ୍ସାହିତ ଅଛୁ। ଏଥିସହ ଆମେ ଶିଳ୍ପ ପ୍ରଦର୍ଶନକୁ ମଧ୍ୟ ପଛରେ ପକାଇଛୁ। ସୋନାଲିକା ସବୁବେଳେ ଅଧିକ ଫସଲ ଅମଳ ପାଇଁ ବିଭିନ୍ନ ଭୌଗୋଳିକ ସ୍ଥାନ ଓ ପ୍ରୟୋଗରେ ଆମର ଆଧୁନିକ କୃଷି ଟେକ୍ନୋଲୋଜିଗୁଡ଼ିକୁ ପ୍ରଦାନ କରିବା ସୁନିଶ୍ଚିତ କରିଥାଏ। ଆମେ କୃଷକଙ୍କ ନିମନ୍ତେ ଏଭଳି ଏକ ଭବିଷ୍ୟତ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛୁ, ଯାହା ଉଦ୍ଭାବନ ଓ ନିରବଚ୍ଛିନ୍ନ ବିକାଶ ସହ ଉନ୍ନତି କରୁଥିବ।

ପ୍ରଥମ ପୃଷ୍ଠାରୁ...



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ୟମାନଙ୍କ ଉପସ୍ଥିତିରେ ନୟାପଲ୍ଲୀ ଥାନାର ନବନିର୍ମିତ ଗୃହକୁ ଉଦ୍ଘାଟନ କରୁଛନ୍ତି।

## ଏଫ୍ଆଇଆର୍ ଗ୍ରହଣ...

କେନ୍ଦୁଝର ସଦର ଥାନାରେ ଦୁଇଥର ଆଇଆଇସିଙ୍କ ଏଭଳି ଆଚରଣର ଶିକାର ହୋଇଥିଲେ। ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରେ ଥିବା ୧୪ ଥାନାର ନୂତନ ଗୃହକୁ ଉଦ୍ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଅତୀତର ସେହି ପୁରୁଣା ମନୋଭାବ ପୋଲିସର ଏହି ମନୋଭାବ ଦୂର କରିବାକୁ ପରାମର୍ଶ ଦେଇଛନ୍ତି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ଏତଲା କପି(ଏଫ୍ଆଇଆର୍) ରଖିବାକୁ କହିଛନ୍ତି। ଏତଲା ନ ରଖିଲେ ତୁରନ୍ତ ଆଇଆଇସିଙ୍କୁ ନିଲମ୍ବନ କରାଯିବ ବୋଲି ତାଗିଦ କରିବା ସହ ଏନେଇ ପଦକ୍ଷେପ ନେବାକୁ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିରୋ ଏଫ୍ଆଇଆର୍‌କୁ ସେ ଗୁରୁତ୍ୱ ଦେଇଛନ୍ତି। ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଥାନାର ପ୍ରମୁଖ ଭୂମିକା ରହିଛି। ତେଣୁ ଥାନାକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଜନସାଧାରଣଙ୍କୁ ଉତ୍ତମ ତଥା ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସେହିଭଳି ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ନିରାକରଣ ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଆଗାମୀ ଦିନରେ ସମସ୍ତ ଥାନାରେ ଅତିରିକ୍ତ ଯାନ ଉପଲବ୍ଧ କରିବା ନିମନ୍ତେ ଉଚ୍ଚ ମାନର ଦ୍ରୁତଗାମୀ ମହିନ୍ଦ୍ରା ସ୍କର୍ପିଓ ଗାଡି ସହ ପ୍ରତ୍ୟେକ ଥାନାକୁ ୬ଟି ମୋଟର ସାଇକେଲ ମଧ୍ୟ ଦିଆଯିବାକୁ ପଦକ୍ଷେପ ନିଆଯାଇଛି। ଏହାସହ ଭୁବନେଶ୍ୱର ଭରତପୁର ଥାନା ଘଟଣାର ଆଉ ଯେପରି ପୁନରାବୃତ୍ତି ନ ହେବ, ସେଥିପ୍ରତି ସଜାଗ ରହିବା ପାଇଁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ନୟାପଲ୍ଲୀ ଥାନାର ନୂତନ ଗୃହକୁ ପ୍ରଥମେ ଉଦ୍ଘାଟନ କରିଥିଲେ। ପରେ ଏଠାରେ ଅନ୍ୟ ୧୩ ଥାନାର ନବନିର୍ମିତ ଗୃହକୁ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ସେହି ଥାନାଗୁଡ଼ିକ ହେଲା, ଅନୁଗୋଳର ସମାଲ ଓ ସଦର ଥାନା, ବରଗଡ଼ର ଭେଡେନ, କଳାହାଣ୍ଡିର ଭବାନୀପାଟଣା ଟାଉନ ଥାନା, କୋରାପୁଟର ସୁଙ୍କି ଓ କୋରାପୁଟ ଟାଉନ ଥାନା, ମାଲକାନଗିରିର କୋରୁକୁଣ୍ଡା, କନ୍ଧମାଳର ଫିରିଙ୍ଗିଆ, କଟକର ସିଆଇଡ଼ିଆଇଡି ଓ ଗଙ୍ଗାଳାବାଗ ଥାନା, ଜଗତ୍‌ସିଂହପୁରର ପାରାଦୀପ ଲକ୍ ଥାନା, ଯାଜପୁରର ଧର୍ମଶାଳା ଓ କୋରେଇ ଥାନା। ଏଥିପାଇଁ ମୋଟ ୪୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଠାରେ ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ ବ୍ୟବସ୍ଥା, ବିଲ୍ଡିଂ ଓ ବାରାକ, ସମ୍ମିଳନୀ କୋଠରି, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱେୟାରଲେସ୍ ଓ ଯୋଗାଯୋଗ କୋଠରି, ଆଧୁନିକ ମାଲଖାନା, ରିସେପ୍ଶନ ସେଣ୍ଟର ଏବଂ ମହିଳା ଓ ଶିଶୁ ହେଲ୍ପ ଡେସ୍କ ରହିଛି। ଏହାବ୍ୟତୀତ ଶିଶୁସଦନ, ଶିଶୁ ସ୍ତନ୍ୟପାନ କକ୍ଷ, ଯାନ ବାହନ ପାର୍କିଂ ବ୍ୟବସ୍ଥା, ତଥ୍ୟ ସଂରକ୍ଷଣ ସହିତ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର ଓ ଅଗ୍ନି ସତର୍କ ସୂଚନା ଘଣ୍ଟି ବ୍ୟବସ୍ଥା ଭଳି ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ନୟାପଲ୍ଲୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ଅନ୍ୟ ଜିଲାଗୁଡ଼ିକରେ ସାଂସଦ, ବିଧାୟକ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସ୍ୱାଗତ ଭାଷଣ ଓ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଧନ୍ୟବାଦ ଦେଇଥିଲେ।

## ଆଜି ସୁଭଦ୍ରାର ଦ୍ୱିତୀୟ ...

ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଦ୍ୱିତୀୟ କିସ୍ତିର ଶୁଭାରମ୍ଭ କରିବେ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ, ପ୍ରାଣୀ ସମ୍ପଦ ଉନ୍ନୟନ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ଏମ୍ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଏମ୍ପି ଅନିତା ଶୁଭଦର୍ଶିନୀଙ୍କ ସହ ଜିଲାର ସମସ୍ତ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମୋଟ୍ ସୁଭଦ୍ରା ଆବେଦନକାରୀଙ୍କ ସଂଖ୍ୟା ୧ କୋଟି ୮ଲକ୍ଷ ଥିବାବେଳେ ମାର୍ଚ୍ଚ ୩୧ ଯାଏ ଆବେଦନ କରିଥିବା ଅବଶିଷ୍ଟ ହିତାଧିକାରୀଙ୍କୁ ସର୍ଭେ କରି ସରକାର ସାମିଲ କରିବେ। ସେମାନଙ୍କୁ ରାକ୍ଷୀ ପୂର୍ଣ୍ଣିମାରେ ଏକାଥରେ ୩ଟି କିସ୍ତି ଅର୍ଥାତ୍ ୧୫ହଜାର ଟଙ୍କା ମିଳିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଶୁକ୍ରବାର ସନ୍ଧ୍ୟାରେ ପ୍ରତି ଘରେ ଦୀପ ଜାଳିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନୁରୋଧ କରିଥିଲେ। ଗୋଟିଏ ଘରେ ଯେତେ ଜଣ ସୁଭଦ୍ରା ହିତାଧିକାରୀ ଥିବେ ସମସ୍ତେ ଗୋଟିଏ ଗୋଟିଏ ଦୀପ ଜାଳିବାକୁ କହିଥିଲେ। ସେହି ଅନୁସାରେ ସୁଭଦ୍ରା ମହିଳାମାନେ ଦୀପ ଜାଳିବା ସୂଚନା ମିଳିଛି।

## ଡିଲିମିଟେସନ୍: ମୋହନ...

ଏବଂ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ପ୍ରସ୍ତାବକୁ ଦୃଢ଼ ବିରୋଧ କରୁଛନ୍ତି। ଏହି କ୍ରମରେ ସେ ଗତ ୫ ତାରିଖରେ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ୨୦୧୧ ପରଠୁ ଦେଶରେ ଜନଗଣନା ହୋଇ ନ ଥିବାବେଳେ କେନ୍ଦ୍ର ସରକାର ସେହି ଜନଗଣନା ଆଧାରରେ ଡିଲିମିଟେସନ୍ ଯୋଜନା କରିଛନ୍ତି। ଏହା ପରିବର୍ତ୍ତେ ୧୯୭୧ ଜନସଂଖ୍ୟା ଭିତ୍ତିରେ ଡିଲିମିଟେସନ୍ କରାଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଷ୍ଟାଲିନ୍‌ଙ୍କ ସଂକଳ୍ପନାମାକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ୧୫ଟି ରାଜନୈତିକ ଦଳ ସମର୍ଥନ ଜଣାଇଥିଲେ।

## ବିଜୁ, ମହିଳା ପ୍ରସଙ୍ଗ...

ଏବଂ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ବିରୋଧ ଆରମ୍ଭ କରିଦେଇଥିଲେ। ଏହି ସମୟରେ ବିଜେଡି ସଦସ୍ୟମାନଙ୍କ ହାତରେ ପ୍ଲାକାର୍ଡ ଥିବାବେଳେ କଂଗ୍ରେସ ସଦସ୍ୟମାନେ ନାରୀ ଅସୁରକ୍ଷିତ ବିଷୟ ଉଲ୍ଲେଖ ଥିବା ବ୍ୟାନର ପିନ୍ଧି ଗୃହରେ ହୋହଲ୍ଲା କରିଥିଲେ। ଗୃହକାର୍ଯ୍ୟ ୧୨ଟାରୁ ଆରମ୍ଭ ହୋଇ ଆଉ ୧୨ ମିନିଟ୍ ଚାଲିଥିଲା। ଏହି ହୋହଲ୍ଲା ଭିତରେ ବାଚସ୍ପତି ସୁରମା ପାଢ଼ୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାର ୪ଟି ଅର୍ଥନୈତିକ କମିଟି ଏବଂ ୧୦ଟି ବିଭାଗୀୟ ସ୍ଥାୟୀ କମିଟିର ସଦସ୍ୟ ନିର୍ବାଚନ ଲାଗି ନିର୍ବାଚନ ସାରଣୀ ଘୋଷଣା କରିଥିଲେ। ଏହାପରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ, ଅମର ନାୟକ ଏବଂ ପୂର୍ଣ୍ଣଚନ୍ଦ୍ର ସେଠୀ ନିଜର ବକ୍ତବ୍ୟ ରଖି ବିଜୁବାବୁଙ୍କୁ ନେଇ ବିଜେଡି ହୀନ ରାଜନୀତି କଥା ଉଠାଇ ବିଜେଡି ଉପରେ ପ୍ରବଳ ବର୍ଷିଥିଲେ। ଏହି ସମୟରେ ବିରୋଧୀ ଦଳର ସଦସ୍ୟମାନେ ତାଙ୍କର ହୋହଲ୍ଲା ଜାରି ରଖିଥାଆନ୍ତି। ବାଚସ୍ପତି ପ୍ରଥମେ କାଗଜ ଉପସ୍ଥାପନ କରିଥିଲେ। ଏହାପରେ ଇନ୍‌ଫର୍ମେଶନ କମିଶନ, ରାଜ୍ୟ ପଣ୍ୟାଗାର, ଓଡ଼ିଶା ହାଇଡ୍ରୋପାୱାର କର୍ପୋରେଶନ ଏବଂ ରେରା ସଂସ୍ଥାର ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏହାରି ଭିତରେ ୪ଟା ୯ ମିନିଟ୍ ସମୟରେ ବିଜେଡି ସଦସ୍ୟମାନେ ଗୃହ ଛାଡି ଚାଲିଯାଇଥିଲେ। ପଞ୍ଚାୟତିରାଜ ଦିବସର ତାରିଖ ପରିବର୍ତ୍ତନ ନେଇ ବିଜେଡି ସଦସ୍ୟମାନେ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏହାରି ଭିତରେ ବାଚସ୍ପତି ୨୦୨୪-୨୫ ଆର୍ଥିକ ବର୍ଷର ୩୯ଟି ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନା କରିଥିଲେ। ଏହାପରେ ବାଚସ୍ପତି ସୋମବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରିଥିଲେ।

## ସାମୁଦ୍ରିକ, ଆକାଶମାର୍ଗରେ...

ନାଗରିକଙ୍କୁ ଟାର୍ଗେଟ କରିବା ବନ୍ଦ କରୁ। ୟୁକ୍ରେନ୍ ଶକ୍ତି ମନ୍ତ୍ରୀ ହେରମାନ୍ ହାଲୁସ୍କଚେଙ୍କୋ ଏହାକୁ ଏକ ବଡ଼ ଆକ୍ରମଣ ବୋଲି ଫେସ୍‌ବୁକ୍ ପୋଷ୍ଟରେ ଅଭିହିତ କରିଛନ୍ତି। ସେପଟେ ତୁର୍କୀ ରାଷ୍ଟ୍ରପତି ରେସେପ୍ ଟୈୟିପ୍ ଏର୍ଡୋଗାନ୍ ମଧ୍ୟ ଯଥାଶୀଘ୍ର ସମ୍ଭବ ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇଛନ୍ତି। ଆଙ୍କାରା ଆକାଶମାର୍ଗ ଓ ସାମୁଦ୍ରିକ ପଥରେ ଆକ୍ରମଣକୁ ବିରୋଧ କରିଆସିଛି। ଏହାସହ ଜରୁରିକାଳୀନ ଭିତ୍ତିରେ ଅସ୍ତ୍ରବିରତି କରାଯିବା ଆବଶ୍ୟକ ବୋଲି ୟୁରୋପୀୟ ସଂଘ ପକ୍ଷରୁ ଆୟୋଜିତ ନେତାମାନଙ୍କ ଏକ ବୈଠକକୁ ଏର୍ଡୋଗାନ୍ ଭିଡିଓ ମେସେଜ୍‌ରେ ସମ୍ବୋଧିତ କରି କହିଛନ୍ତି। ଉଭୟ ରୁଷିଆ ଓ ୟୁକ୍ରେନ୍‌କୁ ଆଲୋଚନାର ଟେବୁଲକୁ ଆଣି କୂଟନୈତିକ ସ୍ତରରେ ଏହାର ସମାଧାନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟ ତୁର୍କୀର ଉଭୟ ରୁଷିଆ ଓ ୟୁକ୍ରେନ୍ ସହ ସୁସମ୍ପର୍କ ରହିଥିବାରୁ ଏର୍ଡୋଗାନ୍‌ଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି।

# ରାଜ୍ୟସ୍ତରୀୟ କମିଟି ତତ୍ତ୍ୱାବଧାନରେ ତଦନ୍ତ କରିବ ୨ ଟିମ୍

**ଡିଏମ୍ଏଫ୍ ଅନୁଦାନ ଦୁର୍ନୀତି ପ୍ରସଙ୍ଗ**

କେନ୍ଦୁଝର/ହାଟଡିହି,୭।୩ (ନରେଶ ଚନ୍ଦ୍ର ପଣ୍ଡାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍ଏଫ୍(ଜିଲା ଖଣିଜ ପାଣ୍ଠି) ଅନୁଦାନରେ ଦୁର୍ନୀତିର ତଦନ୍ତ ପାଇଁ ୨ ଟିମ୍ ଗଠନ ହୋଇଛି। ରାଜ୍ୟସ୍ତରୀୟ କମିଟି ତତ୍ତ୍ୱାବଧାନରେ ଗୋଟିଏ ଟିମ୍ ଡିଏମ୍ଏଫ୍ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିବାକୁ ଥିବାବେଳେ ଅନ୍ୟ ଟିମ୍ ଅନୁଦାନ ଗ୍ରହଣ କରିଥିବା ବିଭିନ୍ନ ବିଭାଗରେ ତଦନ୍ତ କରିବ। ଗତ ୪ରେ ପିଆଣ୍ଡସି(ପ୍ଲାନିଂ ଆଣ୍ଡ କନଭରଜେନ୍ସ) ବିଭାଗ ତରଫରୁ ଚିଠି (ନଂ. ୩୪୧୪ ଏବଂ ୩୪୧୭)ରେ ତଦନ୍ତ ନିର୍ଦ୍ଦେଶ ଜାରି ହୋଇଛି। ଡିଏମ୍ଏଫ୍ ଦୁର୍ନୀତି ନେଇ ହାଇକୋର୍ଟରେ ଏକ ପିଆଇଏଲ୍ ଦାଖଲ ହୋଇଥିଲା। କେନ୍ଦୁଝର ଜିଲାପାଳଙ୍କ ଜବାବ ତଲବ ପରେ ହାଇକୋର୍ଟ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟସ୍ତରୀୟ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ କମିଟି ବୈଠକ ଲୋକସେବା ଭବନରେ ଫେବୃଆରୀ ୨୧ରେ ହୋଇଥିଲା। ଅଧିକାରୀମାନେ ଅଭିଯୋଗକୁ ଅନୁଧ୍ୟାନ କରିବା ପରେ ତଦନ୍ତ ପାଇଁ କମିଟି ସହମତି ପ୍ରକାଶ କରିଥିଲା। ତଦନ୍ତ ନିମନ୍ତେ କମିଟି କେନ୍ଦୁଝର ଡିଏମ୍ଏଫ୍ କାର୍ଯ୍ୟାଳୟକୁ ଏକ ଟିମ୍ ପଠାଇବ। ଟିମ୍‌ରେ ସମ୍ବଲପୁର ଉତ୍ତରାଞ୍ଚଳ ଆରଡିସି ସବିନ ରାମଚନ୍ଦ୍ର ଯାଦବଙ୍କ ନେତୃତ୍ୱରେ ଫାଇନାନ୍ସ ସ୍ପେଶାଲ ସେକ୍ରେଟାରି ସନ୍ତୋଷ କୁମାର ଠାକୁର, ପିଆଣ୍ଡସି ଅତିରିକ୍ତ ସଚିବ ଅଛନ୍ତି। ବିଭିନ୍ନ ବିଭାଗର ଅନ୍ୟ ଏକ ୩ ଜଣିଆ ଟିମ୍ ଜଣେ ଅତିରିକ୍ତ ସଚିବଙ୍କ ନେତୃତ୍ୱରେ ଡିଏମ୍ଏଫ୍ ଅନୁଦାନ ଗ୍ରହଣ କରିଥିବା ବିଭିନ୍ନ ବିଭାଗରେ ତଦନ୍ତ କରିବ। ଅଭିଯୋଗ ଆଧାରରେ ୧୫ ଦିନରେ ରିପୋର୍ଟ ଦେବ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗୁରୁବାର ଶୁଣାଣି ହେବାକୁ ଥିବାବେଳେ ପିଆଣ୍ଡସି ବିଭାଗର ଅତିରିକ୍ତ ସଚିବ ସତ୍ୟପାଠ ଜରିଆରେ ରିପୋର୍ଟ ଦେଇଥିବା ଓକିଲ ପ୍ରଶାନ୍ତ କୁମାର ଶତପଥୀ କହିଛନ୍ତି।

# ୪୧.୭୫ ଲକ୍ଷ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିଛି ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର,୭।୩ (ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୧,୭୪,୯୧୫ ଜଣ ଛାତ୍ରୀଛାତ୍ର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନାରେ ଉପକୃତ ହେଉଛନ୍ତି। ଏନେଇ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ସୂଚନା ଦେଇଛନ୍ତି। ବାଲିଗୁଡ଼ା ବିଜେଡି ସଦସ୍ୟ ଚକ୍ରମଣି କହଁରଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରତି ଛାତ୍ରୀଛାତ୍ରଙ୍କ ଖାଦ୍ୟର ମୂଲ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଉଛି। ରାଜ୍ୟ ସରକାର ଖର୍ଚ୍ଚର ନିଜର ଅଂଶ ପ୍ରଦାନ କରୁଛନ୍ତି ଏବଂ ନିଜସ୍ୱ ବଜେଟରୁ ଅତିରିକ୍ତ ଖାଦ୍ୟ ଖର୍ଚ୍ଚ ଯୋଗାଉଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମୂଲ୍ୟ ପ୍ରାଥମିକ ଶ୍ରେଣୀ ପ୍ରଥମରୁ ପଞ୍ଚମ ପାଇଁ ୬.୭୪ ଟଙ୍କା ଏବଂ ଷଷ୍ଠରୁ ଅଷ୍ଟମ ପାଇଁ ୧୦.୧୪ ଟଙ୍କା ରହିଛି। ଯଦି ମଧ୍ୟାହ୍ନ ଭୋଜନ ଯୋଜନାକୁ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ସମ୍ପ୍ରସାରିତ କରାଯାଏ, ତେବେ ଅତିରିକ୍ତ ୧୦, ୮୦,୦୦୦ ପିଲା ଉପକୃତ ହେବେ ବୋଲି ସେ କହିଛନ୍ତି। ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟ ସରକାରଙ୍କ ବାର୍ଷିକ ୬୪୬.୩୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି।


# ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-140: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା**10.03.2025**ରିଖ ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ସ୍ୱା./- ଅତିରିକ୍ତ ମୁଖ୍ୟ ଶାସନ ସଚିବ

OIPR-09014/11/0072/2425 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

# ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୪ — ତା:୧୯।୦୨।୨୫

## ବିଜ୍ଞାପନ

No. CAD-2738: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ୍.ଆଇ.ଜି.-୨-୫୫/୧, କମ୍ପୋଜିଟ ହାଉସିଂ ପ୍ରକଳ୍ପ, ୧ମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରରେ ୧. କଳ୍ପନା ଷଡ଼ଙ୍ଗୀ, ସ୍ୱାମୀ: ୰କେ.ଏନ୍. ଷଡ଼ଙ୍ଗୀ, ପିତା: ୰ନାରାୟଣ ମିଶ୍ର, ୨. ସୁରେଶ ଚନ୍ଦ୍ର ମିଶ୍ର, ପିତା: ୰ନାରାୟଣ ମିଶ୍ର, ୩. ସୁବାଷ ଚନ୍ଦ୍ର ମିଶ୍ର, ପିତା: ୰ନାରାୟଣ ମିଶ୍ର, ୪. ସୁଶାନ୍ତ କୁମାର ମିଶ୍ର, ପିତା: ୰ନାରାୟଣ ମିଶ୍ର, ସା/ପୋ/ଥାନା: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉପରୋକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ୧. ସୌମ୍ୟ ଶାଶ୍ୱତ ମହାନ୍ତି, ପିତା: ସନ୍ତୋଷ କୁମାର ମହାନ୍ତି, ସା: ଫ୍ଲାଟ ନଂ. ୩୨୮୨/୬୪୪୨, ମହାବୀର ଲେନ, ଗୌରୀ ନଗର, ଥାନା: ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0468/2425

# MUNICIPAL OFFICE, JHARSUGUDA

No. 961/JM, Dt. 05.03.2025

## QUOTATION CALL NOTICE

No.C- : Sealed quotations are hereby invited from the intending supplier having Registration of Farm, MSME, Trade License, ISO Certification, PAN, GST and Experience (Work Order) for supply and installation of MS Pipe hoarding board as per specification mentioned in the table below in different places of Jharsuguda Municipality. Quotation in letter pad of Farm in proforma below with other relevant documents in sealed cover should reach to the undersigned on or before Dt. 17.03.2025 at 1 P.M. and will be opened on the same day at 3 P.M. The undersigned reserves the right to reject any or all the quotation without assigning any reason thereof.

| Sl. No. | Specification | Rate per piece including GST |
|---|---|---|
| 1 | MS Pipe Board made up of 40x40 mm frame, Leg 50x50 mm MS Pipe two support in frame with ACP Sheet, radium writing, one coat primer and two coat enable paint, transporting, fitting and fixing in different place of Jharsuguda Municipality, size of board - 3 feet x 5 feet, length of leg – 7 feet(2 Ft. Grouting) Total Length - 10 Feet. | |

Sd./- Executive Officer, Jharsuguda Municipality
OIPR-13165/11/0051/2425

# OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD., BOUDH

No.CAD-2756

(At/PO/Dist-Boudh, PIN-762014)
Dist. Website-www.boudh.nic.in

**Tender No.685/2025** — **Date:04.03.2025**

District Manager, Odisha State Civil Supplies Corporation Ltd., Boudh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Level-I** Transport Contractor for transportation of foodgrains from FSD, FCI to RRC's in boudh district of the State of Odisha. |
| 2 | Availability of bid document in the portal | **From dt.06.03.2025** |
| 3 | Last Date/ Time for receipt of bids in the portal | **Dt.17.03.2025 upto 5.30 PM** |
| 4 | Date / Time of opening of Technical Bid | **Dt.18.03.2025 at 11.00 AM** |
| 5 | Name and address of the Officer Inviting Tender | **District Manager, OSCSC Ltd., Boudh** |

Tender documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and district website www. boudh.nic.in Amendments / Corrigendum / Cancel action/ re-tenders etc. if any shall be published only in above websites.

OIPR-07042/11/0006/2425 — **Sd./- District Manager, OSCSC Ltd., Boudh**

# WATCO
## OFFICE OF THE MANAGING DIRECTOR

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: directorprojects@watcoodisha.in

No.C-1808

## INVITATION FOR BID (IFB)

**Bid Idenification No. WATCO (P)-02/2024-25, Dtd.04.03.2025**
**WATCO No.1613, Date:04.03.2025**

1. Name of the Work : 1. Replacement of Old House service Connections of Consumers at Ward No.31,32,33,34,35 & 36 of Sambalpur Municipal Corporation. 2. Replacement of Old House service Connections of Consumers at Ward No.11,12,14,15,16,17, 18 & 19 of Sambalpur Municipal Corporation. 3. Replacement of Old House service Connections of Consumers at Ward No.20,21,22,23,24,25,26,27 & 30 of Sambalpur Municipal Corporation. 4. Laying of Distribution Pipe Line in newly developed areas of different locations under WATCO Sub-Division, Old Town, Bhubaneswar. 5. Laying of Distribution water supply pipeline in newly developed area under different wards of Cuttack Municipal Corporation. 6. Upgradation of 8 MLD WTP to 11 MLD WTP including pump motor at Pratapnagari, Cuttack.
2.Estimated Cost : Rs.147.90 Lakh to Rs.394.44 Lakh
3.Period of Completion : 09 (Nine) to 18 (Eighteen) Months
4.Date & Time of availability of bid document in the portal: From 11.00 AM of Dt.13.03.2025 to 5.00 PM of 27.03.2025
5. Last date/time of receipt of bids in the portal: 5.00 PM of 27.03.2025
6. Date & Time of opening of technical bids: 12.30 PM of 28.03.2025
7. Name and address of the Officer Inviting Bid: DIRECTOR PROJECTS, WATCO, Telefax:-0674-2571444, E-Mail:directorprojects@watcoodisha.in
8. The bidders have to participate in ONLINE bidding only.
Further details can be seen from the website www.tendersodisha.gov.in

OIPR-13194/11/0042/2425 — Sd./- (Director Projects) WATCO

# ODISHA STATE AGRICULTURAL MARKETING BOARD

Plot No. 1800(P), Baramunda, Post: Khandagiri, Near Indian Oil Petrol Pump, Bhubaneswar, Ph. No.: 0674-2351311
Email: osamboard99@yahoo.com, Website: osamb.odisha@gov.in

TCN No. OS-01/23-24 — Date: 05.03.2025

**Tender Notice for the Empanelment of Manpower Agencies for providing services of Stenographer (Highly Skilled), Jr. Clerk (Skilled), Front Desk Personnel (Highly Skilled), Data Processing Assistant (Highly Skilled), Driver (Skilled), Electrician (Highly Skilled), Security Guard (Semi Skilled), Peon (Semi Skilled), Sweeper (Unskilled), Gardner (Semi Skilled) through Service Provider**

No. CAD-2748: Sealed tenders are invited from reputed & registered Manpower Agencies/Service Providers to provide the services for Stenographer (Highly Skilled), Jr. Clerk (Skilled), Front Desk Personnel (Highly Skilled), Data Processing Assistant (Highly Skilled), Driver (Skilled), Electrician (Highly Skilled), Security Guard (Semi Skilled), Peon (Semi Skilled), Sweeper (Unskilled), Gardner (Semi Skilled) for a period of Two years from the date of agreement for day to day official work.

The detailed information of this tender for outsourcing the service of aforesaid personnel have been given in the tender document which can be obtained in person from the Odisha State Agricultural Marketing Board, Plot No. 1800 (P), Baramunda, Near Indian Oil Petrol Pump, Bhubaneswar on payment of Rs.1,000/- (Rupees one thousand) + GST @ 18% (Non-refundable) on any working day **from Dt.06.03.2025 to 17.03.2025 between 11 A.M. to 3 P.M.** by deposit of D.D./Bankers' Cheque pledge to GENERAL MANAGER, OSAM Board. The bidder can also download the tender document from the website: **https://osamb.odisha@gov.in** and submit the same along with the above tender document fee in shape of D.D./Bankers' Cheque drawn on any Nationalized Bank in favour of GENERAL MANAGER, Odisha State Agricultural Marketing Board payable at Bhubaneswar. The hard copy of the proposal shall be sent through Registered/Speed Post/Courier service or can be dropped at Drop Box placed at the above mentioned address. The last date and time for submission of tender document is **Dt.26.03.2025 upto 4 P.M.,** OSAM Board reserves the right to add/ delete/modify any portion of this tender and/or cancel all bids without assigning any reason.

For Odisha State Agricultural Marketing Board
OIPR-01444/11/0005/2425 — Sd./- General Manager, OSAM Board

# ODISHA HYDRO POWER CORPORATION LTD.
## O/o. Sr. GENERAL MANAGER, HIRAKUD HYDRO ELECTRIC PROJECT

OHPC
POST BOX NO.5, BURLA-768017, DISTRICT:SAMBALPUR (ODISHA)
Phone:0663-2950721 (O), 2950765 (R), E-Mail:srgmhps_burla@yahoo.co.in

No.HHEP/Tech-W-202/3/1262 — Date: 04.03.2025

## e-TENDER CALL NOTICE NO. HHEP-08/2025

**No.CAD-2736:** Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price Bid) from the eligible class of contractor registered with the Govt. of Odisha and contractor of equivalent grade/ class registered with Central Govt./ MES/ Railway to be received **online mode only** for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender.

| Name of the Work | Approx. tender value of work (in Rs.) excluding GST, EPF & ESI | Cost of Tender Paper (Non- Re-fundable) | EMD in Rs. | Availability of bid online | Last date and time of receipt of bid online | Date & Time of Opening of tender | Class of Contractor |
|---|---|---|---|---|---|---|---|
| Construction of overhead signage (Portal type) at PH road near Central line HHEP, Burla | 9,44,676/- | Rs.4720/- (Rs.4000/- + GST 18%) | 9450/- | 10.03.25 (11.00 AM) to 21.03.25 upto 03.00 PM | 21.03.2025 upto 03.00 PM | 21.03.2025 at 04.30 PM | 'D & C' |

• The bidders shall have to participate in online only in the portal **https://tendersodisha.gov.in**
• Further details can be seen from the e-Procurement portal https://tendersodisha.gov.in / www.ohpcltd.com

OIPR-04007/11/0025/2425 — Sd./- Unit Head, HHEP, Burla

# ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
# OFFICE OF THE MUNICIPAL COUNCIL: BRAJRAJNAGAR

At/Po- Lamtibahal, Dist- Jharsuguda, Odisha, Phone No.-8457812260, Mail-eobrjnmpl@gmail.com

Letter No.639/ BM — Dt.05.03.2025

## EXPRESSION OF INTEREST

**No.C-1801:**Expression of interest is hereby invited from general public of Brajrajnagar Municipality area for grant of license of following market stalls of this municipality. Interested persons may submit application in requisite format along with requisite security deposit in shape of Bankers cheque/ Demand Draft in favour of Executive Officer, Brajrajnagar Municipality payable at Brajrajnagar for hire (License) shops Room No 4,5 & 7 Ground Floor, at Gandhi Chawk infront of Kunwar Complex.

| Sl.No. | Title of Project | Unit | Cost of Tender Paper | EMD |
|---|---|---|---|---|
| 1 | 2 | 3 | 4 | 5 |
| 1 | SHOP ROOM<br>Size- 3.05mx3.7om (Vitrified tile)<br>Ver- 2.2 m width- (Granite tile) | 1 (One) | Rs.4000/- | Rs.10,000/- |

The Bid documents will be available in the office during office hours i.e. 10.00 A.M. to 5.00 P.M. on payment of documents cost (Non-Refundable) mentioned in col.5 in cash/ in shape of demand draft/Banker's cheque only from any Nationalized Bank drawn in favour of Executive Officer, Brajrajnagar Municipality payable at Brajrajnagar. The Quotation can also be downloaded from the district website www.jharsuguda.odisha.gov.in & official Website of Brajrajnagar Municipality https://brajrajnagarmunicipality.in from **dt.10.03.2025** to **24.03.2025**. The Quotation shall be received on or before **dt.24.03.2025 up to 05.00 PM** in the Municipal office in specified tender box or by Speed post/Regd. Post. Brajrajnagar Municipality will in no way be responsible for any delay in receipt of the Bid documents. The Quotation will be opened at **11.00 AM** on i.e **dt.25.03.2025** in presence of the bidders or their authorized representatives, who may be present at the time of opening of the bids. Authority reserves all right to reject any or all quotations without assigning any reason thereof & shall bear no responsibility consequent upon such decision.

Sd./- Executive Officer
Brajrajnagar Municipality

OIPR-13099/11/0027/2425

## NOTICE INVITING BID
# Odisha State Medical Corporation Limited (OSMCL)

Infront of Ram Mandir, Convent Square, Unit - III, Bhubaneswar - 751 001
Tel. : (0674) 2380950, Website : www.osmcl.nic.in, Email : drugs-osmcl@gov.in

**Bid Ref. No. : OSMCL/2025-26/DRUGS-DHS-GEN-GR-I/01 Date : 07.03.2025**

**No.CAD-2752 : Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of Drugs & Medical Consumables (Group-I) as per the particulars mentioned below :**

| Sl. No. | Particulars | Date and Time | |
|---|---|---|---|
| 1. | Date & Time of relase of bid | **07/03/2025, 3 P.M.** | |
| 2. | Date & time for submission of queries by E-mail id : **drugsosmcl@gov.in** | **11/03/2025, up to 5:00 P.M.** | |
| 3. | Date & time of Online bid submission | Start Date & Time<br>**17/03/2025, 3 P.M.** | End Date & Time<br>**07/04/2025, 6.00 P.M.** |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>**08/04/2025, 10 A.M.** | End Date & Time<br>**16/04/2025, 11.00 A.M.** |
| 5. | Date & time of online Technical bid opening | **16/04/2025, 11:15 A.M.** | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR-10112/11/0019/2425 — Sd./- Managing Director, OSMC Ltd., Odisha

# ODISHA PUBLIC SERVICE COMMISSION, CUTTACK
## NOTICE

No.1630/P.S.C., Dt. 07.03.2025
(1E-53-2024/25) (DR-III)

**No.D-290** : In continuation to this Office Notice No. 1327/PSC, dt. 25.02.2025, it is for information of all concerned that the Written Examination for recruitment to the posts of **SDIPRO (OIS-II)**, Group-B of Odisha Information Service Cadre in Information and Public Relations Department, pursuant to **Advertisement No.05 of 2024-25** will be held in two days i.e. **29.03.2025** (Saturday) and **30.03.2025** (Sunday) as per the following programme :

| Date | Forenoon session 09.30 A.M. to 11.30 A.M. | Subject Code | Afternoon Session 01.30 P.M. to 03.30 P.M. | Subject Code |
|---|---|---|---|---|
| 29.03.2025 (Saturday) | Paper - I<br>Odia | 01 | Paper - II<br>General English | 02 |
| 30.03.2025 (Sunday) | Paper - III<br>General Awareness | 03 | Paper - IV<br>Journalism & Mass Communication | 04 |

The Written Examination will be held at Cuttack Zone in following Centres :

| Sl. No. | Name of the Examination Centre | No. of Candidates Allotted |
|---|---|---|
| 1 | Saraswati Sishu Vidya Mandira, College Square, Cuttack | 480 |
| 2 | Saraswati Shisu Vidya Mandir, Tulasipur, Cuttack | 537 |
| | Total | 1017 |

NB :- **I) All Papers are subjective type. Paper-III (General Awareness) and Paper-IV (Journalism & Mass Communication) shall be conducted in both Odia & English languages. The Candidates are required to write answers of Paper-III and Paper-IV either in Odia or English language.**
**II) The PWD Candidates will be given 40 minutes compensatory time in each sitting i.e. from 09.30 AM to 12.10 P.M. for 1st sitting and 01.30 P.M. to 4.10 P.M. for 2nd sitting.**
III) The concerned candidates are required to download their **"Admission Certificate"** and **"Instruction to Candidates"** from the website of Commission **(http://www.opsc.gov.in)** from **25.03.2025 onwards.**

OIPR-12002/11/0163/2425 — Sd./- Secretary

# ODISHA PUBLIC SERVICE COMMISSION
## NOTICE

No.1638/P.S.C., Dt. 07.03.25

**No.D-291** : It is for information of all concerned that, the Commission has decided to conduct the Odisha Civil Services Main (Written) Examination-2023 from **19.04.2025 to 27.04.2025**, pursuant to Advt. No. 20 of 2023-24 as per the Programme detailed below :

**PROGRAMME FOR ODISHA CIVIL SERVICES MAIN WRITTEN EXAMINATION, 2023**

| Date of Examination | Forenoon Session (9.00 A.M. to 12.00 P.M.) | Afternoon Session (2.00 P.M. to 5.00 P.M.) |
|---|---|---|
| (1) | (2) | (3) |
| 19.04.2025 (Saturday) | Paper-I : Odia Language | Paper-II : English Language |
| 20.04.2025 (Sunday) | Paper-I : Essay | |
| 22.04.2025 (Tuesday) | Paper-II : General Studies, Paper-I | Paper-III : General Studies, Paper-II |
| 24.04.2025 (Thursday) | Paper-IV : General Studies, Paper-III | Paper-V : General Studies, Paper-IV |
| 27.04.2025 (Sunday) | Paper-VI : Optional Subject, Paper-I (Agriculture / Agriculture Engineering / Animal Husbandry and Veterinary Science / Anthropology / Botany/Chemistry / Civil Engineering / Commerce and Accountancy / Economics/Education / Electrical Engineering / Fishery Science / Forestry / Geography / Geology / History / Home Science / Law / Management / Mathematics /Mechanical Engineering / Medical Science / Philosophy / Physics / Political Science and International Relations / Psychology / Public Administration / Sociology / Statistics / Zoology / Literature of any one of the following languages: English/Hindi/Odia) | Paper-VII: Optional Subject, Paper-II (Agriculture / Agriculture Engineering /Animal Husbandry and Veterinary Science / Anthropology / Botany / Chemistry / Civil Engineering / Commerce and Accountancy / Economics /Education / Electrical Engineering / Fishery Science / Forestry / Geography / Geology / History / Home Science / Law /Management / Mathematics / Mechanical Engineering / Medical Science / Philosophy / Physics / Political Science and International Relations / Psychology / Public Administration / Sociology / Statistics / Zoology / Literature of any one of the following languages : English/Hindi/Odia) |

**N.B :-** The PwD candidates will be given one hour extra time in each sitting i.e. from 9.00 A.M. to 1.00 P.M. & 2.00 P.M. to 6.00 P.M.
2. The **"Admission Certificates"** and **"Instruction of Candidates"** for the aforesaid Examination will be uploaded in the website of Commission shortly. The candidates are requried to download their **"Admission Certificates"** and **"Instruction of Candidates"** from the website of the Commission at http://opsc.gov.in for admission to the examination center.
3. The candidates are advised to visit the website of the Commission at http://opsc.gov.in for further information.

OIPR-12002/11/0164/2425 — Sd./- Secretary

# Classified Everyday

**0674-2580101, 9692975378**



## REAL ESTATE

## SALE

**Commercial Showroom for sale new 2nd-floor Showroom, 3,700sqft. at Jharapada, Bhubaneswar (Cuttack Road, opposite Reliance Fresh, near Satyanagar Flyover). Whatsapp- 6370787844.** D-76801

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ । **9090142564, 8018608500.** D-76243


**3BHK flat for sale in Gudiapokhari, Near Krupajal College, Uttara. Contact- 9692671608.** D-3198

Gated community triplex in Jaydurganagar, Bhubaneswar 2.30 cores. Call- 8917520527. D-3175

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125


Personal plot 60x80= 4800sqft. nearer to Phulanakhara, 11K.M. from Bhubaneswar @ 1500/- per sqft. with big compoundwall, beautiful road, touching to a building. 7809525452. D-76425

**1.25Acre land available for sale in sisolo, Near Balipatna (7kms from Uttara Square). Contact- 9692671608.** D-3199



## CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332.** D-3206




**1000sqft. Hall available on Lewis Main Road, in Samanatarapur for Commercial Purpose. Contact- 9692671608.** D-3208

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:— classifieddharitri@gmail.com

2BHK fully furnished house (Cup boards Bed Mattress Sofa Dining table AC Refrigerator TV Washing machine Aquaguard ) with open terrace of 500sqft on 2nd floor, Aryaa Village Complex, Cosmopolis Road, Bhubaneswar, available for rent with immediate effect. Contact- 9110189579. D-3207

**700sqft. Hall with Toilet available in Uttara Square for Commercial Purpose. Contact- 9692671608.** D-3197




Newly open Jyoti spa positively health benefits (Expert therapist). 8458067955. D-76200

Positively health benefited SPA by expert female therapist, Bapujinagar. 8018429809. D-76901

Full body massage by odia therapist in homely atmosphere. 9556498382. D-75363

## AFFIDAVIT

I, Kartikeswar Dalara, Ex.Army Service No.- JC696875H, Rank- Sub, S/o- Late Ladu Kishor Dalara, resident of Somanath Nagar, near Eng. Mediioum Primary School,Subham Vihar 3rd Lane, Berhampur, Dist.- Ganjam, PIN- 760002, have changed my name from Dalara Kartikeswar to Kartikeswar Dalara, vide Affidavit Dt-04.03.2025 before The Executive Magistrate, Berhampur, Ganjam,Odisha. D-3200

By virtue of an affidavit sworn before Executive Magistrate, Kanika, dated 04.03.2025, I, Sukanta Kumar Sahoo, Address: Village- Balarampur, P.O.- Olaver, P.S.- Rajkanika, Dist.- Kendrapara, PIN- 754227, declare that I have changed my daughter's name from (Biswalaxmi Sahoo) to (Suchismita Sahoo). Henceforth, she shall be known as new name for all purposes.

Sukanta Kumar Sahoo D-3193

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

By virtue of an affidavit sworn before the Executive Magistrate, Jagatsinghpur, dated- 03.03.2025 I, Gayatri Bhuyan, Address: Vill- Samantarapur, P.O.- Rahan, P.S.- Balikuda, Dist.- Jagatsinghpur, PIN.- 754159, declare that I have changed my son's name from Bibhudhandra Pradhan to Brahmadutta Bibudhendra Pradhan. Henceforth, he shall be known as Brahmadutta Bibudhendra Pradhan for all purposes.

Gayatri Bhuyan D-3191

I, Baikuntha Pradhan (61), S/o- Maharagi Pradhan, Vill- Kasikiari, P.O.- Mahulia, P.S.- Maniabandha, Dist.- Cuttack, declare that my other documents my name Baishnab Pani, S/o- Maharagi Pradhan But my Aadhaar Card and voter id card my name is Baikuntha Pradhan, S/o- Maharagi Pradhan, Village as above. Further I declare that Baikuntha Pradhan and Baishnab Pani, S/o Maharagi Pradhan same and one person. D-3190

I, Sujan Das, now will be known as Muhammad Saad, S/o- Sukadev Das, R/o- Laxmisagar, Bhubaneswar, Dist.- Khordha, declare that I have changed my religion due to which I have changed my name from sujan das to Muhammad Saad. Henceforth, I shall be known as Muhammad Saad for all purposes. D-3211

By an Affidavit No.- 955, dtd -25.7.2024 Executive Magistrate, Dasarathpur, Jajpur, I Shantilata Nayak (68), W/o-Late Bhaktabandhu Nayak, of village Ichhapur, P.O.- Kayan, P.S.-Mangalpur, Dist.- Jajpur. My actual name is Shantilata Nayak which has been recorded in Aadhaar Card No.-xxxx xxxx 4983, vi card and saving bank pass book. But in the LIC Policy bond of my Late husband Bhakta Bandhu Nayak my name is wrongly recorded Basanti lata Nayak as nominee. I made the declaration that Shantilata Nayak and Basanti lata Nayak as one and same person. D-3210

Jyotsnarani Nayak, Plot No.- 4613/2, Radhakrishna Nagar, Gadakana, Bhubaneswar, changed my name to Jyostna Rani Naik, D/o- Late Jhabar Behera via affidavit sworn before Jagyneswar Acharya. D-3212

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/— ରେ। ରଙ୍ଗୀନ ଟ୪୨୦/— ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

IR NO.-247, Date- 06.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଶ୍ରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା, (ଏସ୍.ଏସ୍), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା । ଓ.ଏସ୍.ଏସ୍.କେସ୍ ନମ୍ବର ୨୮୯/୨୦୨୩

ନୋଟିସ

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀମତୀ ପ୍ରଜ୍ଞା ପରମିତା ବେହେରା, ବ୪୬ର୍ଷ, ସ୍ୱାମୀ- ଶ୍ରୀ ସୁକାନ୍ତ କୁମାର ବେହେରା, ଗ୍ରାମ- ପ୍ଲଟ୍ ନଂ.- ଏଏ/୪, ସିଭିଲ୍ ଟାଉନ୍‌ସିପ୍, ପୋଷ୍ଟ- ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼

...ବାଦୀ

ବନାମ

ଓଡ଼ିଶା ସରକାରଙ୍କ ତରଫରୁ ସେଟଲ୍‌ମେଣ୍ଟ ଅଫିସର ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା

୩. କୁମର ବାରିକ, ୪. ରତନ ବାରିକ, ୫. ମଦନ ବାରିକ, ୬. ମୋହନ ବାରିକ

ପ୍ରତିବାଦୀ ନଂ.-୩ ଠାରୁ ୬ଙ୍କର ପିତା- ୰ଉଦି ଓରଫ ଭଜି ବାରିକ ଏବଂ ବାସସ୍ଥାନ- ଶଙ୍କରପୁର, ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା

....ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ମୃତ ଥିବାରୁ ନୋଟିସଗୁଡ଼ିକ ଫେରସ୍ତ ଆସିଛି। ବାଦୀଙ୍କୁ ଉପରୋକ୍ତ ପ୍ରତିବାଦୀମାନଙ୍କର ୱାରସମାନଙ୍କର ନାମ ଓ ଠିକଣା ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.-୩ଠାରୁ ୬ଙ୍କର ୱାରସମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ୍ କୋର୍ଟ ନଂ.୨ ସରକାରୀ ଅଫିସ ୟୁନିଟ୍-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୦୮।୦୪।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

ଜମିର ବିବରଣୀ

ଜିଲ୍ଲା-ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା-ଚନ୍ଦକା, ଥାନା ନଂ.- ୫୫, ମୌଜା-ଶଙ୍କରପୁର

ସାବକ

ଖାତା ନମ୍ବର ୪୦, ପ୍ଲଟ୍ ନମ୍ବର- ୭୭, କିସମ- ସାରଦ-୩, ରକବା- ଏ୦.୬୬୫ଡି., ସ୍ୱଧରୁ ଏସି.୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ

ହାଲ୍

ଖାତା ନମ୍ବର- ୨୫୮, ପ୍ଲଟ୍ ନମ୍ବର- ୧୯୮୫, କିସମ- ସାରଦ ଅଣ ଜଳସେଚିତ-୩, ରକବା- ଏ୦.୫୧୫ଡି., ସ୍ୱଧରୁ ଏ.୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନଙ୍କର ୱାରସମାନେ ସ୍ୱୟଂ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା ୦୬।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ସ୍ୱା./- କୋର୍ଟ ଅଫିସର

ଧ-୩୨୦୧

IR NO.-249, Date- 06.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଶ୍ରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା, (ଏସ୍.ଏସ୍), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଓ.ଏସ୍.ଏସ୍.କେସ୍ ନମ୍ବର ୨୯୧/୨୦୨୩

ନୋଟିସ

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କାଶୀନାଥ ରାଉତ, ବ୪୬ର୍ଷ, ପିତା- ମାୟାଧର ରାଉତ, ଗ୍ରାମ-ହଳଧରପୁର, ପୋଷ୍ଟ-ବନଖଣ୍ଡ, ହଳଧରପୁର, ଥାନା-ଘଟଗାଁ, ଜିଲ୍ଲା-କେନ୍ଦୁଝର

....ବାଦୀ

ବନାମ

ଓଡ଼ିଶା ସରକାରଙ୍କ ତରଫରୁ ସେଟଲ୍‌ମେଣ୍ଟ ଅଫିସର ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା

୩. କୁମର ବାରିକ, ୪. ରତନ ବାରିକ, ୫. ମଦନ ବାରିକ, ୬. ମୋହନ ବାରିକ

ପ୍ରତିବାଦୀ ନଂ. ୩ଠାରୁ ୬ଙ୍କର ପିତା- ଉଦି ଓରଫ ଭଜି ବାରିକ ଏବଂ ବାସସ୍ଥାନ- ଶଙ୍କରପୁର, ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା

....ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ମୃତ ଥିବାରୁ ନୋଟିସଗୁଡ଼ିକ ଫେରସ୍ତ ଆସିଛି। ବାଦୀଙ୍କୁ ଉପରୋକ୍ତ ପ୍ରତିବାଦୀମାନଙ୍କର ୱାରସମାନଙ୍କର ନାମ ଓ ଠିକଣା ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର ୩ଠାରୁ ୬ଙ୍କର ୱାରସମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର୍, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.୨, ସରକାରୀ ଅଫିସ୍ ୟୁନିଟ-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୮।୦୪।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ

ଜିଲ୍ଲା-ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା-ଚନ୍ଦକା, ଥାନା ନଂ. ୫୫, ମୌଜା-ଶଙ୍କରପୁର

ସାବକ

ଖାତା ନମ୍ବର-୪୦, ପ୍ଲଟ୍ ନଂ.-୭୭, କିସମ- ସାରଦ-୩, ରକବା- ଏ. ୦.୬୬୫ଡି., ସ୍ୱଧରୁ ଏ.ସି. ୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୨୫୮, ପ୍ଲଟ୍ ନମ୍ବର- ୧୯୮୫, କିସମ- ସାରଦ ଅଣ ଜଳସେଚିତ-୩, ରକବା- ଏ୦.୫୧୫ଡି., ସ୍ୱଧରୁ ଏ.୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନଙ୍କର ୱାରସମାନେ ସ୍ୱୟଂ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୦୬।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ସ୍ୱା./- କୋର୍ଟ ଅଫିସର

ଧ-୩୨୦୩

IR NO.-248, Date- 06.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଶ୍ରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା, (ଏସ୍.ଏସ୍), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଓ.ଏସ୍.ଏସ୍.କେସ୍ ନମ୍ବର ୨୯୦/୨୦୨୩

ନୋଟିସ

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ମିଷ୍ଟର ସୁକାନ୍ତ କୁମାର ବେହେରା, ବ୪୮ର୍ଷ, ପିତା- ମିଷ୍ଟର ଗୁରୁଚରଣ ବେହେରା, ଗ୍ରାମ-ପ୍ଲଟ୍ ନଂ. ଏଏ/୪ ସିଭିଲ ଟାଉନ୍‌ସିପ୍, ପୋଷ୍ଟ- ରାଉରକେଲା, ଜିଲ୍ଲା-ସୁନ୍ଦରଗଡ଼

....ବାଦୀ

ବନାମ

ଓଡ଼ିଶା ସରକାରଙ୍କ ତରଫରୁ ସେଟଲମେଣ୍ଟ ଅଫିସର ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା

୩. କୁମର ବାରିକ, ୪. ରତନ ବାରିକ, ୫. ମଦନ ବାରିକ, ୬. ମୋହନ ବାରିକ

ପ୍ରତିବାଦୀ ନଂ. ୩ ଠାରୁ ୬ଙ୍କର ପିତା- ଉଦି ଓରଫ ଭଜି ବାରିକ ଏବଂ ବାସସ୍ଥାନ-ଶଙ୍କରପୁର, ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା

.....ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ମୃତ ଥିବାରୁ ନୋଟିସଗୁଡ଼ିକ ଫେରସ୍ତ ଆସିଛି। ବାଦୀଙ୍କୁ ଉପରୋକ୍ତ ପ୍ରତିବାଦୀମାନଙ୍କର ୱାରସମାନଙ୍କର ନାମ ଓ ଠିକଣା ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର ୩ ଠାରୁ ୬ଙ୍କର ୱାରସମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର୍, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.୨, ସରକାରୀ ଅଫିସ୍ ୟୁନିଟ୍-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୦୮।୦୪।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.-୫୫, ମୌଜା- ଶଙ୍କରପୁର

ସାବକ

ଖାତା ନମ୍ବର- ୪୦, ପ୍ଲଟ୍ ନମ୍ବର- ୭୭, କିସମ- ସାରଦ-୩, ରକବା- ଏ ୦.୬୬୫ଡି., ସ୍ୱଧରୁ ଏ.ସି. ୦.୦୪୬ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୨୫୮, ପ୍ଲଟ୍ ନମ୍ବର- ୧୯୮୫, କିସମ- ସାରଦ ଅଣ ଜଳସେଚିତ-୩, ରକବା- ଏ୦.୫୧୫ଡି. ସ୍ୱଧରୁ ଏ. ୦.୦୪୬ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନଙ୍କର ୱାରସମାନେ ସ୍ୱୟଂ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୦୬।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ସ୍ୱା./- କୋର୍ଟ ଅଫିସର

ଧ-୩୨୦୨

## ମନେ ପଡ଼ନ୍ତି

~ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ~
(ଫାଲ୍‌ଗୁନ ଶୁକ୍ଳପକ୍ଷ ନବମୀ ତିଥି)



୰ କମଳକାନ୍ତି ପଣ୍ଡା (ରୁବି)

ସ୍ୱାମୀ-ଡାକ୍ତର ଶରତ ଚନ୍ଦ୍ର ପଣ୍ଡା
ଭଞ୍ଜପୁର, ବାରିପଦା, ମୟୂରଭଞ୍ଜ

ଆବିର୍ଭାବ: ୦୬.୦୪.୧୯୫୦
ତିରୋଧାନ: ୧୮.୦୩.୨୦୨୪

ଚାହିଁ ଚାହିଁ ବର୍ଷେ ହୋଇଗଲା। ତୁମେ ମୋତେ ଆଉ ଭୁଆମାନଙ୍କୁ ଛାଡ଼ିକି ଚାଲିଗଲ। ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ତୁମେ ମନେପଡ଼। ତୁମେ ଯେଉଁଠି ଅଛ, ଭଲରେ, ଖୁସିରେ ରୁହ। ରାଧାଗୋବିନ୍ଦଙ୍କ ପାଦ ତଳେ ସ୍ଥାନ ପାଅ। ପିଲାମାନଙ୍କୁ ସବୁବେଳେ ଆଶୀର୍ବାଦ କରୁଥାଅ।

ଶୋକସନ୍ତପ୍ତ: ପୁତ୍ର: ଦେବାଶିଷ, ବୋହୂ: ନିହାର ନଳିନୀ, ଝିଅ: ମୌସୁମୀ, ଜ୍ୱାଇଁ: ଧ୍ରୁବ, ନାତିନାତୁଣୀ: ଅମ୍ଳାନ, ଆଦ୍ୟାଶା, ଆଦିତ୍ୟ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୭୪୭୨୫

### ସପ୍ତମ ଶ୍ରାଦ୍ଧବାର୍ଷିକୀ



୰ଗୋପୀନାଥ ନନ୍ଦ

ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ,
Ex- President- OSS Association
Ex- Pre- Budheswari Colony Welfare Committee

ଜନ୍ମସ୍ଥାନ- ଖଣ୍ଡସାହି, ବାସସ୍ଥାନ- ୮୩, ବୁଦ୍ଧେଶ୍ୱରୀ କଲୋନୀ
(୧୩।୧୨।୧୯୨୮- ୨୪।୦୨।୨୦୧୮
ତିରୋଧାନ: ଫଗୁଣ ନବମୀ ତିଥି

ଆଦର୍ଶ, ତ୍ୟାଗ ଓ ପ୍ରେରଣାର ଉତ୍ସ ଏହି ଅମର ଆତ୍ମାକୁ କୋଟି କୋଟି ପ୍ରଣାମ। ବିନମ୍ର ଶ୍ରଦ୍ଧାଞ୍ଜଳି ସହ ବନ୍ଧୁ ଓ ପରିବାରବର୍ଗ ।

ଧ-୩୨୦୪

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ



୰ପ୍ରେମଲତା ଦାଶ

ସ୍ଥାନ: ମଳିପଡ଼ା, ଭୁବନେଶ୍ୱର
ତିରୋଧାନ: ୨୫/୦୨/୨୦୨୫

ଆପଣଙ୍କର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

-: ଶ୍ରଦ୍ଧାସୁମନ ସହ :-

ବିଶ୍ୱଜିତ୍ ଦାଶ, ରଞ୍ଜିତ୍ ଦାଶ, ଇନ୍ଦ୍ରଜିତ ଦାଶ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୭୧୫୯୭

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଡ୍ରାଇଭର

**ଗଳ୍ପ**

**ଦୀପକ କୁମାର ମହାନ୍ତି**

ଜୀବନକୁ ନେଇ ମଣିଷ ସ୍ୱପ୍ନ ଦେଖେ। ରଙ୍ଗିନ୍ ସ୍ୱପ୍ନ ତାକୁ ବିଭୋର କରିଦିଏ। ମନ ତା'ର ହୁଏ ଆନମନା। ସ୍ୱପ୍ନର ତାଳେ ତାଳେ ସେ ଝୁମେ, ନାଚେ, ଗାଏ। କିନ୍ତୁ କିଛି ମଣିଷ ସ୍ୱପ୍ନର ପରିଧି ଭିତରକୁ ଆସିପାରନ୍ତି ନାହିଁ। ସେମାନଙ୍କ ପାଇଁ ତାହା ଗୋଟେ ପ୍ରଳାପ, ବାଚାଳତା, ଆଇମା' କାହାଣୀ।

ବାହାଘର ଆଉ ଦିନକେଇଟା ରହିଲା। ତୁ' ଯାହା କରୁଛୁ, କ'ଣ ଠିକ୍ କରୁଛୁ? ପୁଅ ବାହାଘରରେ ବାପାର କ'ଣ କିଛି ଦାୟିତ୍ୱ ନାହିଁ? ଏମିତି ନିଜକୁ ନିଜେ ରାଜୁ ପ୍ରଶ୍ନ କଲାବେଳେ ଗାଡ଼ି ହେଲ୍‌ପର ସନିଆ ଡାକରେ ପ୍ରକୃତିସ୍ଥ ହେଲା।

: ରାଜୁ ଭାଇ, ମୁଁ ଦାନ୍ତ ଘଷିଲା ବେଳେ ରାସ୍ତାରୁ ଏ ବ୍ୟାଗ୍‌ଟି ପାଇଲି। ରଖିଥାଅ, ଯିଏ ଖୋଜିବ ତାକୁ ଦେଇଦେବ କହି ପାଖରେ ଥିବା ଦୋକାନକୁ ଚା' ପିଇବାକୁ ଚାଲିଗଲା ସେ। ରାଜୁ ବ୍ୟାଗ୍‌ଟିକୁ ଆଣି ଗାଡ଼ିରେ ରଖିଲାବେଳେ ସେଥିରେ ଏକ କାର୍ଡ ସହ କିଛି ଲୁଗାପଟା ଥିବାର ତାକୁ ଦୃଶ୍ୟମାନ ହେଲା। ଆଉ କ'ଣ ଅଛି ଦେଖିବା ପାଇଁ ରାଜୁର ଉତ୍କଣ୍ଠା ବଢ଼ିଲା।

ଆରେ! ଏସବୁ ତ ମଉଳା ନିମନ୍ତ୍ରଣ ସଜ ଭଳି ଲାଗୁଛି। ଲୁଗା ଯୋଡ଼ ସହ ନିମନ୍ତ୍ରଣ କାର୍ଡ, ଗୁଆ ଓ ମହାପ୍ରସାଦ ପୁଡ଼ିଆଟେ ବି ଅଛି। କାହାର ହୋଇଥିବ ଭାବି ନିମନ୍ତ୍ରଣ କାର୍ଡଟିକୁ କାଢ଼ିଲାବେଳେ ହଠାତ୍ ନିଜ ପୁଅ ନାଁ ପଢ଼ି ଚମକିପଡ଼ିଲା ସେ। କିଛି ସମୟ ଗୁମ୍ ମାରି ବସିପଡ଼ିଲା। ମନରେ କେତେ କଥା ଉଙ୍କିମାରିଲା ତା'ର। ପୁଅର ଶ୍ୱଶୁରଘର ବୋଧହୁଏ ଏଇ ଆଖପାଖରେ କେଉଁଠି। ନ ହେଲେ କାର୍ଡଟି ଏଠାରେ କେମିତି ମିଳିଥା'ନ୍ତା? ଏତିକିବେଳେ କିଏ ଆସୁଥିବାର ଶବ୍ଦ ଶୁଣି ରାଜୁ କାର୍ଡଟିକୁ ବ୍ୟାଗ୍ ଭିତରେ ରଖିଦେଇ ଗାଡ଼ି ଭିତରୁ ବାହାରି ଆସିଲା।

: ରାଜୁ ଭାଇ, ବ୍ୟାଗ୍‌ଟା ଦିଅ, ସେ ବାବୁଙ୍କର। ମୁଁ ଚା' ପିଇ ଫେରୁଥିବା ବେଳେ ବାବୁ ଜଣଙ୍କ ରାସ୍ତାରେ କ'ଣ ଗୋଟେ ଖୋଜୁଥିଲେ। ତାଙ୍କୁ ପଚାରିବାରୁ ସେ ବ୍ୟାଗ୍ କଥା କହିଲେ। ବ୍ୟାଗ୍ ଭିତରେ ତାଙ୍କ ଭଉଣୀର ମଉଳା ନିମନ୍ତ୍ରଣ ଜିନିଷ ଅଛି।

ରାଜୁ ବ୍ୟାଗ୍‌ଟି ଆଣି ଦେଲା ବେଳେ ପଚାରିଲା– ଆଜ୍ଞା, ଏ ବାହାଘର କେଉଁଠି ହେଉଚି? ଆପଣ ଝିଅର କ'ଣ ହେବେ?

: ମୁଁ ତା'ର ବଡ଼ଭାଇ। ସେ ଆମ କୁଟୁମ୍ବର ଏକମାତ୍ର ଗେହ୍ଲା ଝିଅ। କେନ୍ଦୁଝରରେ ଦାଦାଙ୍କ ପାଖରେ ରହି ପଢୁଥିଲା। ସେଠାରେ ଜଣେ ଟ୍ରକ ଡ୍ରାଇଭରଙ୍କ ପୁଅ ସହ ତା'ର ବାହାଘର ଠିକ୍ ହୋଇଚି। ଆମ ଘରେ କେହି ରାଜି ନ ଥିଲେ। କିନ୍ତୁ ଭଉଣୀର ଏକା ଜିଦ୍, ମୁଁ ତାକୁ ହିଁ ବାହା ହେବି। ତା'ରି ମଙ୍ଗଳ ପାଇଁ ବାଧ ହୋଇ ମା'ବାପା ଓ ପରିବାରର ସମସ୍ତେ ସହମତି ପ୍ରକାଶ କଲେ।

: ପୁଅ କ'ଣ କରୁଚି? ରାଜୁ ପଚାରିଲା।

: କେନ୍ଦୁଝର କଲେଜ ସାମ୍ନାରେ ଗୋଟେ ମୋବାଇଲ ଦୋକାନ କରିଛି। ତା' ସହ କିଛି ସାଇଡ୍ ବିଜ୍‌ନେସ କରୁଚି ବୋଲି ଘରେ କହୁଥିଲେ। ଡେରି ହେଲାଣି, ବାପା ବ୍ୟସ୍ତ ହେଉଥିବେ, ମୁଁ ଏବେ ଆସୁଚି କହି ବାବୁ ଜଣଙ୍କ ସେଠାରୁ ବିଦାୟ ନେଲେ।

ରାଜୁ ତାଙ୍କ ଯିବା ବାଟକୁ ଏକଲୟରେ ଚାହିଁ ରହିଥିଲା। ପୁଅ ବୋହୂଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଖୁସିରେ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଲା। 'ସନିଆ' ଡାକରେ ସଂବିତ୍ ଫେରିପାଇଲା ସେ।

: ରାଜୁଭାଇ, ଯାହା କ'ଲ କ'ଣ ଠିକ୍ କଲ? ନିଜ ପରିଚୟ ଗୋପନ ରଖିଲ କାହିଁକି?

: ସନିଆ! ତୁ ସେ ବାବୁଙ୍କ କଥାବାର୍ତ୍ତାରୁ କ'ଣ କିଛି ଠଉରେଇ ପାରିଲୁ ନାହିଁ? ଏ ଡ୍ରାଇଭର ଜାତିକୁ କେହି ଭଲପାଆନ୍ତି ନାହିଁ। ଆମ ଜୀବନ ଏକ ଅଭିଶପ୍ତ ଜୀବନ। ଆଜି ଏଠି ତ କାଲି ସେଠି, ଯାଯାବର ସଦୃଶ। ଘର କହିଲେ ଏ ଟ୍ରକ୍ ଡାଲା, ଖୋଲା ଆକାଶ ଓ ସୁଦୀର୍ଘ ରାସ୍ତା। ତେଣୁ ଦୁଇ ଜଣଙ୍କର ଯାହା ମଙ୍ଗଳ ହେବ ତାହା ମୁଁ କରିଛି। ପରିଚୟ ଗୋପନ ରଖି ମୁଁ କିଛି ଭୁଲ୍ କରିନାହିଁରେ ସନିଆ, କହିଲା ବେଳେ ରାଜୁର କଣ୍ଠ ବାଷ୍ପରୁଦ୍ଧ ହୋଇଗଲା।

: ହଉ ହେଲା, ପରିଚୟ ନ ଦେଲ ନାହିଁ। ପୁଅ ବାହାଘର ପାଇଁ କାଲି ସକାଳୁ ସକାଳୁ ଛୁଟି ନେଇ ଶୀଘ୍ର ବାହାରିପଡ଼। ଯା' ହେବ ମୁଁ ବୁଝିବି। ଗାଡ଼ି ତ ଏବେ ଅଧାବାଟରେ। ପାରାଦୀପରେ ପହଞ୍ଚିବାକୁ କିଛି ଦିନ ଲାଗିବ।

: କ'ଣ ବୁଝିବୁ? ମାଲିକ କଥା ତୁ କ'ଣ ଜାଣିନାହୁଁ? ଟିକିଏ ଏପଟସେପଟ ହେଲେ ଚାକିରିରୁ ବାହାର କରିଦେବ। ଗାଡ଼ିର ହାନି-ଲାଭ ସବୁ ମୋ' ଉପରେ ଛାଡ଼ିଦେଇଚି। ବାରମ୍ବାର ଫୋନ୍ କରି ସବୁ ବୁଝୁଚି। ମାଲ୍ ଖଲାସ ନ ହେବା ଯାଏଁ ମୋତେ ନିଦ ନାହିଁ। ମାଲିକ ସଙ୍ଗେ ଯାହା ଚୁକ୍ତି କରିଛି, ତାକୁ ତ ଆଗ ପୂରଣ କରିବାକୁ ପଡ଼ିବ। ପୁଅ ମୋବାଇଲ୍ ଦୋକାନ ପାଇଁ ମୁଁ ତାଙ୍କଠାରୁ ୧ ଲକ୍ଷ ଟଙ୍କା ଆଣିଚି। ଏ ପର୍ଯ୍ୟନ୍ତ ସେ ଟଙ୍କା ଶୁଝି ନାହିଁ। ଦିନ ରାତି ନ ଖଟିଲେ ସେ ଟଙ୍କା କେମିତି ଶୁଝିବି? ଘର ଚଳିବ କେମିତି?

ଏତିକିବେଳେ ରାଜୁର ସ୍ତ୍ରୀ ଫୋନ୍ କଲା। : ହ୍ୟାଲୋ, ମୁଁ କହୁଚି। ତୁମେ ରିଂ ସେରିମନିକୁ ଆସିଲ ନାହିଁ। ସମସ୍ତଙ୍କ ମନ ଦୁଃଖ। ବାହାଘର ଅଳ୍ପଦିନ ରହିଲା। ନିଶ୍ଚେ ଆସିବ।

: ମାଲିକ ତ ଛୁଟି ଦେଉନାହିଁ, ଦେଖିକି ଯାହା କରିବି। ବ୍ୟସ୍ତ ହେବନି।

: ତୁମେ ଯେମିତି ହେଲେ ଆସିବ, ଅପେକ୍ଷାରେ ରହିଲୁ କହି ସ୍ତ୍ରୀ ଫୋନ୍ ରଖିଦେଲା। ସ୍ତ୍ରୀ ସାଙ୍ଗରେ କଥା ହୋଇ ସାରିଲା ପରେ ରାଜୁ ମୁଣ୍ଡରେ ନାନା ଚିନ୍ତା ପଶିଲା। ସେଇ ଚିନ୍ତାରେ ରାତିରେ ଠିକ୍ ଭାବେ ଶୋଇପାରିଲା ନାହିଁ ସେ। ବଡ଼ିଭୋର୍‌ରୁ ମୋବାଇଲ ବାଜିବାକ୍ଷଣି ତା' ନିଦ ଭାଙ୍ଗିଗଲା। ମାଲିକର ଫୋନ୍! ଧଡ଼ପଡ଼ ହୋଇ ଉଠି ବସିଲା ରାଜୁ।

: ରାଜୁ, ଗାଡ଼ି ଏବେ କେଉଁଠି? ପାରାଦୀପରେ ପହଞ୍ଚିବାକୁ ଆଉ କେତେ ଦିନ ଲାଗିବ?

: ବାବୁ, ରାସ୍ତା କ୍ଲିୟର ହୋଇନାହିଁ। ପାରାଦୀପରେ ପହଞ୍ଚିବାକୁ ଆହୁରି ସପ୍ତାହେ ଖଣ୍ଡେ ଲାଗିବ।

: ଠିକ୍ ଅଛି। ରାଜୁ! ତୋ ପୁଅର ବାହାଘର ଅଥଚ ମୋତେ ଜଣାଇନାହୁଁ। ଆଜି ପୁଅ ଘରେ ଆସି କାର୍ଡଦେଲାରୁ ଜାଣିଲି। ଆରେ ବାହାଘର ତ ଗୋଟେ ଖୁସି ଖବର। ଏଥିରେ ଲୁଚାଇବାର କ'ଣ ଅଛି। ତା' ଛଡ଼ା ତୋ ପୁଅ କିଏ, ମୋ' ପୁଅ କିଏ? ତୋ' ଜାଗାରେ ଡିଉଟି କରିବାକୁ ମୁଁ ଆଉ ଜଣେ ଲୋକାଲ ଡ୍ରାଇଭର ଯୋଗାଡ଼ କରି ପଠେଇଛି। ସେ ଏବେ ଯାଇ ପହଞ୍ଚିବ। ତାକୁ ଗାଡ଼ିର ସମସ୍ତ ହିସାବପତ୍ର ବୁଝାଇ ଦେଇ ତୁ' ତୁରନ୍ତ କେନ୍ଦୁଝର ବାହାରିପଡ଼ିବୁ। ତୋ' ଆକାଉଣ୍ଟକୁ ଫୋନ୍ ପେ'ରେ କୋଡ଼ିଏ ହଜାର ଟଙ୍କା ପଠେଇଛି। ଆଉ ଦରକାର ହେଲେ କହିବୁ। ହେଲା!

ମାଲିକକୁ କି ଉତ୍ତର ଦେବ ରାଜୁ ଭାବିପାରିଲା ନାହିଁ। ମୂକ ପାଲଟି ଗଲା ଯେମିତି! ଅପଲକ ନୟନରେ ଚାହିଁ ରହିଥିଲା ଗାଡ଼ି ଭିତରେ ଥିବା କାଳିଆ ସାଆନ୍ତଙ୍କୁ। ହାତ ଯୋଡ଼ି କହି ଉଠିଲା– କାଳିଆରେ ସବୁ ତୋରି ଇଚ୍ଛା!

ମୋ: ୯୪୩୮୩୨୯୦୫୯



## ପୁସ୍ତକ ପରିଚୟ

### ପକ୍ଷୀ ଜନ୍ମରୁ ପାରିକର



**କବି :** ରଂଜନ କୁମାର ଦାସ
**ପ୍ରକାଶକ :** ପ୍ରବାହ, ଜାହାନପୁର, ଯାଜପୁର–୭
**ପ୍ରଥମ ପ୍ରକାଶ :** ୨୦୨୪, **ମୂଲ୍ୟ:** ଟ.୧୮୦/–

ମୋଟ ୪୧ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କବିତାଗୁଡ଼ିକର ଧାତୁ ଅଲଗା ଅଲଗା। ତେବେ ପ୍ରେମ ଓ ମାନବୀୟ ସଂବେଦନାର ସୂତାରେ ସଜ ଫୁଲପରି ଗୁନ୍ଥି ହେଇଥା'ନ୍ତି ବରାବର। ଅପରାଧ ଜର୍ଜରିତ ସମାଜ ପାଇଁ ତାଙ୍କର କାବ୍ୟଚେତନା ସଦୈବ ବ୍ୟଥିତ, ହେଲେ ସେ ଅପରାଧୀକୁ ଅଭିଶାପ ନ ଦେଇ ଦିଅନ୍ତି କ୍ଷମା। ଆଖି ଆଗରେ ଘଟିଯାଉଥିବା ଅଘଟଣ, ପାଶବିକତା, ହତ୍ୟା ଆଦି ପାଇଁ ତାଙ୍କ ମନ ବିଦ୍ରୋହ କରିଉଠେ, ଅଥଚ କରିବାର ଅନେକ ଥିଲେ ବି ସେ କିଛି କରିପାରନ୍ତି ନାହିଁ। ଖେଦ ଓ ଅବସୋସ ରଂଜନଙ୍କ କବିତାର କୋମଳ-ଆତ୍ମା ହୋଇଉଠେ। ତାଙ୍କ କବିତାରୁ ଦୁଇଟି ଉଦାହରଣ ନେବା: ୧. ''ଭୁଲିଯାଏ ଆତତାୟୀର ସବୁ ଷଡ଼ଯନ୍ତ୍ର/ କ୍ଷମା କରିଦେବାକୁ ଇଚ୍ଛାହୁଏ ସବୁ ଖଳନାୟକଙ୍କୁ/ ସେମାନଙ୍କ ଆଦିମ ଅଜ୍ଞତା ପାଇଁ।'' (କ୍ଷମା କରିଦେବି ଯାଉଛି– ପୃ:୧୩), ୨. ''ମୁଁ ତ ମରୁଚି ପ୍ରତିନିୟତ/ ଯେତେବେଳେ ମୁଁ ଦେଖୁଚି, ଶୁଣୁଚି ଓ ଜାଣୁଚି ସବୁ/ ଅଥଚ କିଛି କରିପାରୁ ନାହିଁ/ ନୀରବରେ ପଡ଼ି ରହିଚି ମୋ' ଶେଯ ଉପରେ/ ଅଥବା ପରଦା ଆଢୁଆଳରେ ଲୁଚି/ ଅପେକ୍ଷା କରୁଚି ନିରାପଦ ସମୟର ଆଗମନକୁ।'' (ମରିସାରିଛି କୋଉକାଳୁ– ପୃ:୪୭)। 'ବୋଉ' ଯେତେବେଳେ ପ୍ରସଙ୍ଗ ହେଇଉଠେ କବିଙ୍କ କବିତାରେ, ତାଙ୍କ ଭାବପ୍ରବଣତା କୂଳ ଲଂଘିଯାଏ। ବାପା ଲଗେଇଥିବା ଚମ୍ପାଗଛ ସହ ବୋଉକୁ ତୁଳନା କରି ବୋଉର ଅବର୍ତ୍ତମାନରେ ସେ ନିଜେ ଓ ଚମ୍ପାଗଛ– ଦୁହେଁ ଛେଉଣ୍ଡ ହେଇଯାଆନ୍ତି। ଉପରେ ଆପାତତଃ ଦମ୍ଭ ସତ୍ତ୍ୱେ ରଂଜନଙ୍କ କବିତାରେ ତୁହେ ଚୋରାକାନ୍ଦ ଲୁଚିଥାଏ ଭିତରେ କେଉଁଠି, ଯାହା ତାଙ୍କ କବିତାକୁ କାଳଜୟୀ କରେ।

### ପାପ ଓ ଅନ୍ୟାନ୍ୟ ଗଳ୍ପ



**ଲେଖକ :** ପ୍ରଦ୍ୟୁମ୍ନ ପଟ୍ଟନାୟକ
**ପ୍ରକାଶକ :** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ :** ୨୦୨୪, **ମୂଲ୍ୟ:** ଟ.୨୨୫/–

ମୋଟ ୧୭ଟି ଗପ ବହିଟିରେ। ପ୍ରଥମ ଗପ 'ପାପ' ଓ ଶେଷଗପ 'ଶୂନ୍ୟତା'। ପ୍ରକାଶକ କହନ୍ତି, ବହିଟି ଲେଖକଙ୍କର ୧୦ମ ବହି; କିନ୍ତୁ ଲେଖକ କହନ୍ତି ଏହା ତାଙ୍କର ନବମ ପ୍ରକାଶନ। ସେ ଯାହା ହେଉ ପ୍ରଚ୍ଛଦଲେଖରେ ତାଙ୍କ ଗଳ୍ପକାରିତା ସମ୍ପର୍କରେ ଯାହା କୁହାଯାଇଛି, ତାହା ଗୁରୁତ୍ୱପୂର୍ଣ୍ଣ। କୁହାଯାଇଛି– ''ଗାଳ୍ପିକଙ୍କ ପାଇଁ ଜୀବନ ଗଳ୍ପମୟ। x x ତାଙ୍କ ଗଳ୍ପ ଲାଗେ ଆମ ଜୀବନରେ ଅଙ୍ଗେନିଭା କେଉଁ ଘଟଣାର କଥାରୂପ। ଚରିତ୍ରମାନେ ବି ଲାଗନ୍ତି ଚିହ୍ନାଜଣା। କେଉଁ କଳ୍ପଲୋକର କଥା ନ କହି ସେ ଆମ ପରିଚିତ ଜଗତର କଥା ହିଁ କହନ୍ତି। କୌଣସି ପରୀକ୍ଷା ନିରୀକ୍ଷାରେ ନ ମାତି ସେ ଖାଣ୍ଟି ଓଡ଼ିଆ କାହାଣୀ ପରଶି ଚାଲିଥାନ୍ତି, ସବୁବେଳେ।'' ଗଳ୍ପର ଚରିତ୍ରମାନଙ୍କୁ ଲେଖକ ବହିଟିକୁ ଉତ୍ସର୍ଗ କରି 'କିଛିକଥା' ଶୀର୍ଷକ ଗଦ୍ୟଲେଖରେ କବୁଲ୍ କରନ୍ତି ଯେ ନୂତନ ଏଷଣା ହିଁ ଶାଣିତ କରେ ସୃଜନ ପ୍ରକ୍ରିୟାକୁ। ଭଲ ଗଳ୍ପ ଏକ ଅସରା ଅନ୍ୱେଷଣ ଓ ଏଇ ପ୍ରତ୍ୟୟ ନେଇ ସେ ଗଳ୍ପ ପରେ ଗଳ୍ପ ଲେଖିଚାଲନ୍ତି। ବହିରେ ସ୍ଥାନିତ 'ନିଃସଙ୍ଗ ଜୀବନ', 'ବିବାହବାର୍ଷିକୀ', 'ଶାଳଫୁଲ', 'ବନ୍ଦିନୀ', 'ସାୟାହ୍ନର ବର୍ଣ୍ଣବିଭା', 'ସିଏ ଆସିଥିଲେ' ଓ 'ରାଜକନ୍ୟା' ଆଦି ଗଳ୍ପ ଜୀବନର ନିତିଦେଖା ଛବିକୁ ଅକୃତ୍ରିମ ଭାଷାବିନ୍ୟାସରେ ଏପରି ଉଜାଗର କରେ ଯେ ଗଳ୍ପ ପଠନରେ କ୍ଳାନ୍ତି ଅନୁଭବ କରେନାହିଁ ପାଠକ। 'ଜନ୍ମାନ୍ତର' ଏକ ଭିନ୍ନ ସ୍ୱାଦର ଗପ। ଋଷିକେଶର ଜାତିସ୍ମର ସାଧୁବାବା ଓ ଗଳ୍ପର ନାୟକ ପ୍ରବୀର ଓ ନାୟିକା ପ୍ରଜ୍ଞା ତାଙ୍କର ପୂର୍ବଜନ୍ମର ବିବରଣ ଜାଣି କୃତାର୍ଥ ହୁଅନ୍ତି। ଜନ୍ମାନ୍ତରବାଦରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଗଳ୍ପଟି ଅଭୁଲା ଅନୁଭୂତି ଆଣିଦିଏ।

## କବିତା

### ମୁଁ ବି ହସେ

**ଚିନ୍ମୟୀ ପଣ୍ଡା**

ମୁଁ ବି ଖୋଲିକି ହସିବାକୁ ଚାହେଁ
ଖିଲିଖିଲି ହସିବାକୁ ଚାହେଁ।

ହେଃ! ଝିଅଟା, ଏମିତି ହସନ୍ତିନି,
ତୋ' ସ୍ୱର ଏଇଯାଏଁ ଶୁଭୁଛି ଯେ,
ଆସ୍ତେ ହସୁନୁ, ଆସ୍ତେ ଚାଲୁନୁ,
ତୁ ଲୁଚିଯା, ତୁ ହଜିଯା,
ତୁ ଆଖିରୁ ଦୂରେଇ ଯା।

ମୁଁ କାନ୍ଦେନି,
ଦୁଃଖରେ ତରଳିଯାଏନି,
ପଙ୍ଖାରେ ଲଟକିଯାଏନି।
ଅନ୍ଧାରରେ ମିଳେଇଯାଏନି।

ମୋ' ଗତି ଅଲଗା,
ନଦୀ ନୁହଁ ଯେ ଖୋଜିବି ସାଗର,
ଫୁଲ ନୁହଁ ମୁଁ ଖୋଜିବି ଭଅଁର,
ନା ମୁଁ ମନ୍ଦିରର ପଥର।

ଆଜିକାଲି ମୁଁ
କଥା କହୁକହୁ ଅଟକିଯାଏନି,
ମୋ' କଥା ରଖିବାକୁ ନେହୁରା ହୁଏନି,
ଭିଡ଼ରେ ନିଜକୁ ଜାବୁଡ଼ି ଧରେନି।

ମୁଁ କାଳେ ଅଣ୍ଡିରାଚଣ୍ଡୀ,
ଗାଡ଼ି ଚଲାଏ,
ମାତାଲ ହୁଏ, ଧୂଆଁରେ ଭିଜେ
ଭାଷା ଅଭାଷା କୁହେ।

ଭଗବାନ୍ ବି ଡରନ୍ତି ମୋତେ
କେହି ବି ସାହସ କରିପାରେନା
ହାତ ଧରି ଝିଙ୍କି ନେବାକୁ ମୋର
ବିଧା, ଚାପୁଡ଼ା ବସାଇବାକୁ
ମୋ' ଦେହରେ
ଛିଃ, ମାଇକିନା ବୋଲି ଯିଏ କହେ
ମୁଁ ତାକୁ ଅସ୍ୱୀକାର କରେ।

ଏବେ ମୁଁ ଖିଲିଖିଲି ହସେ,
ମନ ଖୋଲି ହସେ
ମୋର ହସିବା ହିଁ ମୋର ନାରୀ ହେବା।

ମୋ: ୯୮୬୧୧୯୧୯୬୯

### ତମେ ଏମିତି

**ପ୍ରିୟନାଥ ପାଣି**

ମନରେ ଟାଙ୍ଗି ରଖିଛି ତମକୁ
ତମ ଉପରୁ ଅଭିମାନର ଅଳନ୍ଧୁ ପୋଛିଦିଏ
କେବେକେବେ ଆଖିଏ ଲୁହରେ
ଭରସାର ଶ୍ୟାମଳ ପାଟଟେ
ପିନ୍ଧେଇଦିଏ
ଦେବୀ ପରି
ଦେବୀ ପରି କ'ଣ
ସାକ୍ଷାତ୍ ଦେବୀ ତ!

ତମ ଅଭୟ ମୁଦ୍ରାରୁ ସାଉଁଟେ
ଧନ, ଜନ, ଗୋପ, ଲକ୍ଷ୍ମୀ
ତମ ନିର୍ମଳ ହସରୁ
ଆଭାସପାଏ ଶ୍ୱେତଗଙ୍ଗା
ତମ ସୁମିଷ୍ଟ ବଚନରୁ
ହା' ହୁତାଶମୟ ଜୀବନ
ତ୍ରାହି ପାଉଥାଏ ଭସ୍ମମୟତାରୁ
ମୁଁ ସାଧକ ନା ପୂଜକ ନା ପ୍ରେମିକ
ନିଜକୁ ଯା' ପ୍ରଶ୍ନ କରେ
ଥରେ ନୁହେଁ, ହଜାରେ ଥର।

ହୃଦୟର ନାଟମଣ୍ଡପସାରା
ତମରି ରଙ୍ଗବୋଳା ପାଦ,
ଆଙ୍କିଥିବା ଦରଦ,
ଜାଳିଥିବା ଅଖଣ୍ଡ ବିଶ୍ୱାସର ଦୀପ
ରୁଣ୍ଡୁଝୁଣ୍ଡୁ ଶୁଣେଇଥିବା
ପ୍ରେମର ସ୍ତବକ,
ଝଲସି ଉଠୁଥିବା ସରାଗର ଝୋଟି,
ବାସ୍ନାୟିତ ବୟସର ବେଢ଼ା ବି।

ତମ ସ୍ପର୍ଶରେ ମୁଁ ତୃପ୍ତ
ତମ ବନ୍ଧନରୁ ମୁକୁଳି ପାରୁନଥିବା
ମୁଁ ମନ୍ମଥ ଉଦାତ୍ତ
ତମ ଅମୃତଟୋପାକୁ
ଆଁ କରି ବଞ୍ଚୁଥିବା ନିରୀହ ଚାତକ।

ମୋ: ୯୯୩୭୧୨୫୧୫୧

### ଖୋଜୁଛି

**ମୂଳ ରଚନା– ଥୋମାସ୍ ମୋରେ**
**ମର୍ମାନୁବାଦ– ଡ. ସୂଚନା ପାଢ଼ୀ**

ପ୍ରଭୁ! କାହିଁକି ବଞ୍ଚିବି
ସାୟାହ୍ନେ ଜୀବନ
ଖୋଜେ ଝଙ୍କାର
ନବୀନ ଆନନ୍ଦ ଦୂର ବହୁଦୂର।

ଉତ୍ତାଳ ସିନ୍ଧୁ ଊର୍ମିମୟ
ଢାଳି ଆଶ୍ୱାସନା ଦିଅନ୍ତି ସାନ୍ତ୍ୱନା
ସ୍ଥିତିହୀନ ପ୍ରାଣେ
ଅସୁମାରି ସ୍ୱପ୍ନ
ଖୋଜୁଛି ଖୋଜିବି
ଚିରକାଳ ଚିରଦିନ।

ମୋ: ୭୦୦୮୨୯୧୦୪୦

**ଗୀତି–କବିତା**

### ଦିଅନା ଲିଭେଇ

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଦିଅନା ଲିଭେଇ ଆଖିର ସପନ
ରାତି ଏବେ ସରିନାହିଁ
ଦିଗ୍‌ବଳୟ ଧାରେ ସୂରୁଯ ଦେବତା
ମା' କାନି ଛାଡ଼ିନାହିଁ।
ପାନ୍ଥ ମୁଁ ଏକ ଆସିଥିଲି ଧାଇଁ
ତୁମକୁ ଭେଟିବା ପାଇଁ
ପିଚ୍ଛିଳ ମୋ' ରାସ୍ତା ଦେଲା ମୋତେ ଧୋକା
ଭେଟ ମୁଁ ପାଇଲି ନାହିଁ,
ନନ୍ଦନବନ ମୋ' କାଳବୈଶାଖୀରେ
ଗଲା ଛାରଖାର ହୋଇ।

ଛାଡ଼ି ଆସିଲି ଯା' ସପନ ଶେଯରେ
ଆଉ ବି ଫେରିବ ନାହିଁ
ଛାତିର କୋହ ତ ଦାବିକରେ ଆଜି
ସେ ସପନ ମୂଲ ପାଇଁ
ହରାଇବା କ୍ଷତ ଦିଅଇ ଆଘାତ
ସାଜି ଗୋଧୂଳିର ଛାଇ
ପାନ୍ଥ ମୁଁ ଆଜି ଅଶ୍ରୁ ସମ୍ପାତେ
କହ ଆଉ କାହିଁ ପାଇଁ।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



**''ଯାହାଙ୍କ ପାଖେ ଈଶ୍ୱର ଅଛନ୍ତି ଓ ଭଲ ବହି ଅଛି, ସେ କଦାପି ବଂଧୁହୀନ ନୁହନ୍ତି।''**
**– ଏଲିଜାବେଥ୍ ବାରେଟ ବ୍ରାଉନିଂ**

**ଏଲିଜାବେଥ୍ ବାରେଟ ବ୍ରାଉନିଂଙ୍କ** ଜନ୍ମ ୬ ମାର୍ଚ୍ଚ ୧୮୦୬ରେ ଇଂଲଣ୍ଡରେ ଓ ପରଲୋକ ୨୯ ଜୁନ୍ ୧୮୬୧ରେ ଇଟାଲୀରେ। ଭିକ୍ଟୋରୀୟ ଯୁଗର ଏଇ ଇଂଲିଶ୍ କବୟିତ୍ରୀ ଇଂଲିଶ୍ ଭାଷାର ଲେଖିକାଙ୍କ ମଧ୍ୟରେ ସବୁଠୁଁ ଅଧିକ ମାନ୍ୟତାପ୍ରାପ୍ତ। ଏଲିଜାବେଥ୍ କବିତା ଲେଖନ୍ତି ୧୧ବର୍ଷ ବୟସରୁ। ଦାସତ୍ୱ ପ୍ରଥାର ବିଲୋପ ଓ ଶିଶୁ ଶ୍ରମିକ ଆଇନରେ ସଂସ୍କାର ଆଣିବା ଦିଗରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ଲେଖିକାଙ୍କ ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ମଧ୍ୟରେ "How Do I Love Thee?" (ସନେଟ୍, ୧୮୪୫) ଓ "Aurora Leigh"(୧୮୫୬) ବିଶ୍ୱ ବିଖ୍ୟାତ। ସେ କହନ୍ତି: ''ମୋ' ସୂର୍ଯ୍ୟ ବୁଡ଼ନ୍ତି ପୁଣି ଉଇଁବା ପାଇଁ''।

# ଡାମରା କାଉ

**ଲଘୁଗଳ୍ପ**

**ପ୍ରଫୁଲ୍ଲ ବାରିକ**

ମମତା ଏଣିକି ଘରକାମ ସହ ପଦାକୁ ପାଦ କାଢ଼ିଲାଣି। ପଦାକୁ ମାନେ ଏଇ ଘର ସାମ୍ନା ଅଗଣା ଓଳେଇବା, କୂଅରୁ ପାଣିକାଢ଼ି କୁଣ୍ଡ ଭରିବା, ବାଡ଼ିରୁ ପୂଜାପାଇଁ ଫୁଲ ତୋଳିବା ଇତ୍ୟାଦି। ଏସବୁ ଥିଲା ଶାଶୁଙ୍କ କାମ। କୁନିପୁଅକୁ ଦେଢ଼ବର୍ଷ ପୂରୁ ନ ପୂରୁଣୁ ହେଲାଣି ପକା ବଦମାସ୍। ହାତଗୋଡ଼ ପାଇଲାରୁ ଗୋଟିଏ ଜିନିଷ ରଖୁନି ସାମ୍ନାରେ। ସାରାଦିନ ଫିଙ୍ଗା ଫୋପଡ଼ା। ଅଧେ ମାଟିକୁ ତ ଅଧେ ପାଟିକୁ। ସେଇଠୁ କୁନିପୁଅ ଦାୟିତ୍ୱରେ ଶାଶୁ। ଜେଜୀ ନାତି ଦୁହେଁ ସାରାଦିନ ଯୋଡ଼ାଯୋଡ଼ି। କେହି କାହାକୁ ନ ଛାଡ଼ନ୍ତି। ଶାଶୁଙ୍କ କାମ ଏବେ ମମତାର। ହଉପଛେ କଷ୍ଟ, ପିଲାଟା ତ ରହିଲା ନିରାପଦରେ। ଚଳେଇ ନିଏ ମମତା।

ସକାଳୁ ଦାଣ୍ଡ ଅଗଣା ଝାଡୁ କରିବାବେଳେ ମମତା ଦେଖିଲା ଗେଟ୍ ରେଲିଂ ଉପରେ ଡାମରା କାଉଟିଏ କା କା ହଉଚି ବସି, ବିଶେଷକରି ତା' ଆଡ଼େ ଅନେଇ। ମମତା ତାକୁ ଅଣଦେଖା କରି ଲାଗିଥାଏ ତା' କାମରେ। କାଉର ରାବ କିନ୍ତୁ ବେଳକୁବେଳ ବଢୁଥାଏ। ଦି' ଥଣ୍ଟକୁ ମେଲେଇ ତା' ନାଲି ପାଟିକୁ ଦେଖେଇ ଚିଲଉଛି କର୍କଶରେ। ମମତା ଅନେଇଲା। କାଉଟା ତାକୁଇ ଅନେଇ ରଡୁଛି ନିରବଚ୍ଛିନ୍ନ। ଟିକିଏ ବି ଥମୁନି କି ଯାଉନି ଅନ୍ୟତ୍ର। ଯୋଉଠି ସେଇଠି।

ମମତା ଅନେଇଲା ଘରଆଡ଼େ। ଶାଶୁ ପିଣ୍ଡାରେ ବସି ଖେଳାଉଛନ୍ତି କୁନିପୁଅକୁ। ତାଙ୍କର ବୋଧେ ନିଘାନାଇଁ କାଉଆଡ଼େ। ମମତା କହିଲା– ବୋଉ, ଏ କାଉଟାକୁ ଦେଖୁଛନ୍ତିନା, କିମିତି ଚିଲଉଛି ମୋତେ ଶୁଣେଇ ଶୁଣେଇ? କେତେବେଳୁ ରାବୁଛି। ଶାଶୁ ଅନେଇଲେ।

ସତରେ କାଉଟା ରାବୁଛି ତଣ୍ଟି ଫଟେଇ! ପୁଣି ବୋହୂକୁ ଅନେଇ! କହିଲେ– ବୋହୂ, ସେ ଶୁଭକାଉ। ଖବର ଦଉଚି। ପୁଅ ଆସିନି ଡେର୍‌ଦିନ ହେବ। ଆଜି ଆସିବ କି କ'ଣ। ହଠାତ୍ ମମତାର ଦୃଷ୍ଟି କାଉ ପ୍ରତି ବଦଳିଗଲା। ଠିଆହେଇ ଦଣ୍ଡେ ଶୁଣିଲା ଭଲକି।

ମମତାର ପାଦ ଆଉ ମାଟି ଛୁଇଁଲାନି। ଯେମିତି ମହାକାଶଚାରୀ ମାଧ୍ୟାକର୍ଷଣ ବାହାରେ। ସତରେ ସିଏ ଆସିବେ! ଖବରତ ଦେଇପାରିଥା'ନ୍ତେ! ନା ସର୍‌ପ୍ରାଇଜ୍ ଦେବାକୁ? ଆଇନାରେ ଦେଖିଲା ଯାଇ ଆପଣାକୁ। ଚୁଟି ଉଲୁରି ମୁହଁ ଉପରେ ଝୁରୁ ଝୁରୁ ଝାଉଁପତ୍ର ପରି। ନେସି ପଡ଼ିଛି ମଥାରେ ସିନ୍ଦୂର। କପାଳ ଖାଲି। ସ୍ୱାଭାବିକ। କାହାପାଇଁ ସଜ ନିତି? ମମତା ବାସିକାମ ସାରି ସଅଳେ ସ୍ନାନ ସାରିଦେଲା। ଦର୍ପଣ ସାମ୍ନାରେ ବସି ସଜେଇଲା ନିଜକୁ। ଶାଶୁଙ୍କୁ ଜଳଖିଆ ଦେଇ ବସେଇଲା ଭାତପାଣି। କେତେବେଳେ ପହଁଚିବେ କିଜାଣି? ତେବେବି ବ୍ୟଞ୍ଜନରେ ତିନି ଚାରି ପ୍ରକାରେ କରିବ। ନାଇଁତ ଦି'ଟାରେ ଚଳେ ତାଙ୍କର।

ଦିନ ଯାଇ ସନ୍ଧ୍ୟା ହେଲା। ସନ୍ଧ୍ୟା ବଢ଼ି ଘନେଇଲା ରାତି। ଅପେକ୍ଷା ଦୀପରୁ ସରିସରି ଆସିଲା ତେଲ। ଧୈର୍ଯ୍ୟ ବାଲିବନ୍ଧରେ ଫିଟିଲା ଘଳିଆ। ବିଛଣାକୁ ଯିବା ପୂର୍ବରୁ ଶାଶୁ କହିଲେ, ଆଜି ଆସିଲାନି। ଆଉ ଅନେଇବା ଦର୍କାର ନାଇଁ। ଖାଇ ଶୋଇବୁ ଯା'। ଶୁଖିଲା ମନରେ ଅଖିଆ ଶୋଇଲା ମମତା।

ପରଦିନ ସେଇ ଏକା ଅବସ୍ଥା। ଅଗଣା ଝାଡୁ ଦେବାବେଳେ ସେଇ କାଉ, ସେଇ ରାବ। ମମତା ସିଧା ଆସି ପଚାରିଲା ଶାଶୁଙ୍କୁ, କାଉକୁ ଦେଖେଇ। ଶାଶୁ କହିଲେ, ପିଲାଟା ଗାଡ଼ି ଘୋଡ଼ା ଅସୁବିଧାରୁ ଆସି ପାରିନି କାଲି। ଆଜି ଆସିବ। କାଉ ଖବର ମିଛ ହୁଏନା। ମମତା ଝାଡୁ ସାରି ଫେରିଲା ଘରକୁ।

ଦିନଯାଇ ରାତି ହେଲା। ଅପେକ୍ଷାର ଦୀପକୁ ଫୁଁକରି ଫୁଙ୍କି ନିଭେଇ ମମତା ବିଛଣାରେ ପଡ଼ି ଆଖିବୁଜିଲା।

ପରଦିନ ସକାଳର ସମ ଦୃଶ୍ୟରେ ଶାଶୁ ବିରକ୍ତ ହେଇଗଲେ କାଉ ଉପରେ। ବୋହୂ ଯିବାପରେ ଡାଙ୍ଗଖଣ୍ଡେ ଧରି ଧାଇଁଲେ କାଉକୁ ଖେଦିବାକୁ। ଶୁଭ ନା ଫୁଟ? ଖାଲିଟାରେ ରଡୁଛି ନିଇତି ରାତି ପାହିଲା ବେଳକୁ। କାଉ ଉ...। କୁନିପୁଅ ଧରିଥିବା ମାଣରେ ମୁଢ଼ି ପୁଞ୍ଜେକୁ ଫିଙ୍ଗିଦେଲା ଦାଣ୍ଡକୁ। ଶାଶୁ କାଉକୁ ଖେଦି ଆସି ଦେଖନ୍ତିତ ଦାଣ୍ଡଯାକ ମୁଢ଼ି। ସେଇଠୁ ନାତିକୁ ଦି'ପଦ ଶୁଣେଇ ବସିଲେ ରାଗ ଗରଗରରେ। ଦେଖିଲେ କାଉଟା ଆସି ଥଣ୍ଟରେ ଖୁଣ୍ଟି ଥଣ୍ଟେ ମୁଢ଼ିଧରି ଉଡ଼ିଗଲା। ଦି'ମିନିଟ ଯାଇନି ପୁଣି ଆସି ନେଲା। ଶାଶୁଙ୍କ ମନରେ କୌତୂହଳ, ଅଣ୍ଟେଲେଖା ଧରି ଯାଉଛି କୁଆଡ଼େ? ପୁଣି ଆସି ନଉଚି। ସାରିଲାଣି ସବୁ ମୁଢ଼ିତକ। ଲକ୍ଷ୍ୟକଲେ। ବସୁଛି ଯାଇ ସାମ୍ନା ନଡ଼ିଆ ଗଛରେ। ବାହୁଙ୍ଗା ସନ୍ଧିରେ ଦେଇଚି ବସା। ବସୁଛି ଯାଇ ସେଇଠି। ଛୁଆଯୋଡ଼େ ଚିଁ ଚିଁ କରି ପାଟି ମେଲା କରି ଦେଉଛନ୍ତି। କାଉ ତାଙ୍କରି ପାଟିରେ ମୁଢ଼ିତକ ଦେଇ ଉଡ଼ି ଆସୁଛି ପୁଣି ନେବାକୁ। ଶାବକମାନେ ଶାନ୍ତ ହେବାପରେ କାଉ ଉଡ଼ିଗଲା ଅନ୍ୟତ୍ର। ଶାଶୁ ଭାବିଲେ ଦଣ୍ଡେ। ଡାକିଲେ ବୋହୂକୁ। ମମତା ପହଞ୍ଚିବାରୁ କହିଲେ, କାଉ ରାବିବାର କାରଣ କ'ଣ ଜାଣୁ ବୋହୂ? ନଡ଼ିଆ ଗଛରେ ଦେଇଚି ବସା। ବସାରେ ତା'ର ଛୁଆ ଦୁଇଟି। ଖାଇବାକୁ ସକାଳୁ ଆଁ କରି ରଡୁଛନ୍ତି ମାଆ ପାଖରେ। କୋଉଠୁ ପାଇବ ଏତେ ସକାଳୁ ଖାଦ୍ୟ ତାଙ୍କ ପାଇଁ? ବିଚାରି ଏଇଠି ଆସି ରାବୁଛି। କିଛି କିଛି ଦିଅ ମୋତେ। ମୋ' ପିଲେ ଖାଇବେ। କଥା କହୁଥିଲେ ବୁଝି ହଉଥାଆନ୍ତା। କହିବ କିମିତି? ତା' କର୍ମରୁ ବୁଝିବା କଥା। ମମତା ଶାଶୁଙ୍କ ମନକୁ ତାରିଫ୍ କଲା। ସେବେଠୁ ଅଗଣା ଝାଡୁପରେ ମୁଠେ ମୁଢ଼ି ଫିଙ୍ଗି ଫେରେ ଘରକୁ। ଦେଖେ ଯାଇ ସବୁ ସଫା ହେଇଯାଇଛି। ତାକୁ ଖୁବ୍ ଭଲଲାଗେ। ଶାଶୁଙ୍କ ପ୍ରତି ମମତା ଜାଗେ ଗୋଟେ ପ୍ରାଣୀର ମନକୁ ଠିକ୍ ଧରି ପାରିଥିବାରୁ।

ପାଖାପାଖି ଦି'ମାସ ବିତିଯାଇଛି ଏହା ମଧ୍ୟରେ। ଆଉ କାଉ ଆସୁନି କି ମୁଢ଼ି ପକେଇବାକୁ ପଡୁନି। ଏକ ପ୍ରକାରେ ବିସ୍ମୃତ ସମସ୍ତେ। ଦିନେ ହଠାତ୍ ପୁଣି କାଉର ଦର୍ଶନ ରାବ ସହ। ମମତା ଦେଖେଇଲା ଶାଶୁଙ୍କୁ ଡାକି। ଶାଶୁ ଆଗ ଅନେଇଲେ ନଡ଼ିଆ ଗଛକୁ। ବସା ଫସା କିଛି ପଡ଼ିଲାନି ଆଖିରେ। ଛୁଆ ଉଡ଼ିଯିବା ପରେ ଡେରା ଯାଇଛି ଭାଙ୍ଗି। ପକ୍ଷୀ ଜାତିର କର୍ମ ଇଏ। ପୁଣି ନୂଆ ଡେରାରେ ନୂଆ ସଂସାର। କିନ୍ତୁ ଆଜି କାଇଁକି ରା.. ରା..? ଶାଶୁ ମୁଢ଼ିମୁଠେ ଆଣି ପକେଇ କାଉକୁ କହିଲେ, ମୁଢ଼ିତକ ଖାଆ, ଯିଏ ଆସିବ ସେଇ ଦିଗକୁ ସଅଳେ ଉଡ଼ିଯାଆ। କାଉ ଖାଇବ କ'ଣ, ମୁଢ଼ିକୁ ନ ଚାହିଁ ଉଡ଼ିଗଲା ଗାଁ ଆଡ଼େ, ଯୋଉ ବାଟ ଦେଇ ଆସେ ପୁଅ। ଶାଶୁ କହିଲେ ମମତାକୁ, ମୋ ମନ କହୁଛି ଆଜି ଆସିବ ପୁଅମୋର। କାଉ କେବେ ମିଛ କହେନା। ସେବେ ରାବୁଥିଲା ପେଟ ପାଇଁ। ଏବେ ଖବର ଦେବାକୁ। ଖାଇଲାକି ଗୋଟିଏ ଖୁଣ୍ଟିକି ଦେଖିଲୁ? ଆଜି ଖବର ଦେଲା ପୁଅ ଆସିବାର। ଦେଖିବୁ ରହ ଆସିବ...।

ମମତା ମନ ଆକାଶକୁ ପୁଣି ଫେରିଲା ବିଦାୟୀ ମୌସୁମୀ। ଛାଇଗଲା ଶୂନ୍ୟ ଆକାଶଟା ମେଘ ବାଦଲରେ। ଯାଇ ଆଇନା ଦେଖୁଚି, ଦାଣ୍ଡରେ ଶୁଭିଲା ଟେମ୍ପୁ ଅଟକିବାର। ମମତା ଶାଢ଼ି ସଜକରି ଧାଇଁଲା। ଦୁଆରୁ ଦେଖିଲା ଟ୍ରଲି ବ୍ୟାଗ୍‌କୁ ଟାଣିଟାଣି ଗେଟ୍ ଖୋଲି ଆସୁଛନ୍ତି ସିଏ...।

ମୋ: ୯୨୩୮୯୨୦୪୦୫



# ସମୀର ଅବଶିଷ୍ଟ ଭାରତ ଏକାଦଶ ଅଧିନାୟକ



**ନୂଆଦିଲ୍ଲୀ, ୭।୩ (ପି.ଟି.)**

ମୋହାଲୀଠାରେ ଯୁଥ୍ 'ଇରାନୀ କପ୍'ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୯ରୁ ୧୨ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ସି.କେ ନାଇଡୁ (୨୩ ବର୍ଷରୁ କମ୍) ଚାମ୍ପିୟନ ପଞ୍ଜାବ ବିପକ୍ଷ ମ୍ୟାଚରେ ୨୩ ବର୍ଷରୁ କମ୍ ଅବଶିଷ୍ଟ ଭାରତ ଏକାଦଶ ଦଳର ନେତୃତ୍ୱ ନେବେ ଯୁବ ଆଇପିଏଲ୍ ଷ୍ଟାର ସମୀର ରିଜ୍‌ଭି। ସୂଚନାଯୋଗ୍ୟ, ସିନିୟର ସ୍ତରରେ ଇରାନୀ କପ୍ ପ୍ରତି ବର୍ଷ ରଣଜୀ ଟ୍ରଫି ଚାମ୍ପିୟନ ଓ ଅବଶିଷ୍ଟ ଭାରତ ଏକାଦଶ ଦଳ ମଧ୍ୟରେ ଖେଳାଯାଇଥାଏ। ଅବଶିଷ୍ଟ ଭାରତ ଏକାଦଶ ଦଳରେ ସିଜନର ଶ୍ରେଷ୍ଠ ପ୍ରଦର୍ଶନକାରୀ ଖେଳାଳିମାନେ ସ୍ଥାନ ପାଇଥାନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେହି ଢଙ୍ଗରେ ୨୩ ବର୍ଷରୁ କମ୍ ଜାତୀୟ ଚାମ୍ପିୟନ ଏବଂ ସି.କେ ନାଇଡୁର ଶ୍ରେଷ୍ଠ ପ୍ରଦର୍ଶନକାରୀ ଖେଳାଳିମାନଙ୍କୁ ନେଇ ଗଠିତ ଦଳ ସହିତ ଏକ ପ୍ରଥମ ଶ୍ରେଣୀ ମ୍ୟାଚ ଚଳିତବର୍ଷରୁ ପ୍ରଚଳିତ ହେବାକୁଯାଉଛି। ଖବର ଅନୁସାରେ ଅଧିନାୟକ ପଦବୀ ପାଇଁ ରିଜ୍‌ଭିଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବେଦାନ୍ତ ମୁର୍କାର। ମାତ୍ର ଅଲରାଉଣ୍ଡ ପ୍ରୋଫାଇଲ ପାଇଁ ରିଜ୍‌ଭି ତାଙ୍କୁ ପଛରେ ପକାଇ ଦେଇଥିଲେ। ରିଜ୍‌ଭି ଚେନ୍ନାଇ ସୁପର କିଙ୍ଗ୍ସ ବ୍ୟତୀତ ଉତ୍ତରପ୍ରଦେଶ ସିନିୟର ଦଳ ପାଇଁ ଖେଳିଛନ୍ତି।

# କଳାହାଣ୍ଡି କପ୍ ୧୮ରୁ, ଭାଗନେବେ ୩୮ ଦଳ

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନର ଟୁର୍ନାମେଣ୍ଟ କମିଟି ଏବଂ ଟୁର୍, ଫିକ୍ସଚର ଓ ଟେକ୍ନିକାଲ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମମାନଜନକ ସିନିୟର ପୁରୁଷ ଆନ୍ତଃ ଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୮ରୁ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତିଯୋଗିତାରେ ମୋଟ ୩୮ଟି ଦଳ ଅଂଶଗ୍ରହଣ କରିବେ। ଦଳ ଗୁଡ଼ିକୁ ୬ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ମ୍ୟାଚ ଗୁଡ଼ିକ ୫୦ ଓଭର ଦିନିକିଆ ଫର୍ମାଟରେ ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀ ଏବଂ ଭେନ୍ୟୁ ସମ୍ପର୍କରେ ପରେ ସୂଚନା ଦିଆଯିବ ବୋଲି ଓସିଏ ପକ୍ଷରୁ ପ୍ରକାଶ କରାଯାଇଛି। ରାଜ୍ୟ କ୍ରିକେଟରେ କଳାହାଣ୍ଡି କପ୍ ହେଉଛି



ଅନ୍ୟତମ ସମ୍ମାନଜନକ କ୍ରିକେଟ ଟୁର୍ନାମେଣ୍ଟ।

ଗ୍ରୁପ୍ 'ଏ': ଇକୋର୍ସା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, କନ୍ଧମାଳ, ଯାଜପୁର।

ଗ୍ରୁପ୍ 'ବି': କଟକ-ଏ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା।

ଗ୍ରୁପ୍ 'ସି': ନୟାଗଡ଼, ଭୁବନେଶ୍ୱର-ବି, ପାରାଦୀପ, ଗଜପତି, କଳାହାଣ୍ଡି, ସୁନ୍ଦରଗଡ଼।

ଗ୍ରୁପ୍ 'ଡି': ଭୁବନେଶ୍ୱର-ଏ, ଅନୁଗୋଳ, ପୁରୀ, ବଲାଙ୍ଗୀ, ଦେବଗଡ଼, ରାଉରକେଲା।

ଗ୍ରୁପ୍ 'ଇ': ବାଲେଶ୍ୱର, ବରଗଡ଼, କେନ୍ଦ୍ରାପଡ଼ା, ସୋନପୁର, ମାଲକାନଗିରି, ସମ୍ବଲପୁର-ଏ, ଝାରସୁଗୁଡ଼ା।

ଗ୍ରୁପ୍ 'ଏଫ୍': ଭଦ୍ରକ, କିଟ୍, ସମ୍ବଲପୁର-ବି, ଗଞ୍ଜାମ, ରାୟଗଡ଼ା, କଟକ-ବି, ଢେଙ୍କାନାଳ।

# ବିରଳ ରେକର୍ଡ ଅପେକ୍ଷାରେ ରୋହିତ



**ଦୁବାଇ, ୭।୩**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ଫଳରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଏକ ବିରଳ ରେକର୍ଡର ଅଧିକାରୀ ହେବେ। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନରଙ୍କ ସହ ଟସ୍ ପକାଇବା ସହିତ ରୋହିତ ପ୍ରଥମ ଅଧିନାୟକଭାବେ ସମସ୍ତ ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ନିଜ ଦଳର ନେତୃତ୍ୱ ନେବାର ସୌଭାଗ୍ୟ ଅର୍ଜନ କରିବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏବଂ ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲ ଖେଳିଥିଲା। ସେହିପରି ୨୦୨୪ ଟି୨୦ ବିଶ୍ୱକପ ଜିତିଥିବାବେଳେ ଏବେ ୨୦୨୫ ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଖେଳିବ। ଚାମ୍ପିୟନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ ବିଜୟ/ପରାଜୟ ରେକର୍ଡ ୧-୧ ରହିଛି। ୨୦୦୦ ଫାଇନାଲରେ ଭାରତକୁ ନ୍ୟୁଜିଲାଣ୍ଡ ହରାଇଥିବା ବେଳେ ଚଳିତ ସଂସ୍କରଣର ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି ଭାରତ।

# ଭେଙ୍କଟେଶ୍ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନ



ପ୍ରଣବ ଭେଙ୍କଟେଶ୍‌ଙ୍କ ସହ ସ୍ୱୟଂଶୁ ସତ୍ୟପ୍ରଜ୍ଞ।

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ଓଡ଼ିଶାର ଖ୍ୟାତିସମ୍ପନ୍ନ କୋଚ୍ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ ଆଉ ଏକ ବଡ଼ ସଫଳତା ମିଳିଛି। ମଣ୍ଟେଗ୍ରୋର ପେଟ୍ରୋଭାକଠାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚେସ୍‌ର ଓପନ ବିଭାଗରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଭେଙ୍କଟେଶ୍ ଚାମ୍ପିୟନ ହୋଇଛନ୍ତି। ସତ୍ୟପ୍ରଜ୍ଞ ଭାରତୀୟ ପ୍ରତିନିଧି ଦଳର

**ସତ୍ୟପ୍ରଜ୍ଞଙ୍କୁ ବଡ଼ ଉପଲବ୍ଧି**

ମୁଖ୍ୟ ଥିଲେ। ଅର୍ଥାତ୍ ତାଙ୍କ ଦିଗ୍‌ଦର୍ଶନରେ ଭେଙ୍କଟେଶ୍ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଗତବର୍ଷ ଭାରତର ଡି. ଗୁକେଶ ମାତ୍ର ୧୮ ବର୍ଷରେ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଏବେ ୧୮ ବର୍ଷୀୟ ଭେଙ୍କଟେଶ୍ ଜୁନିୟର ବର୍ଗରେ ଚାମ୍ପିୟନ ହୋଇ ଭାରତୀୟ ଚେସ୍‌କୁ ଏକ ନୂଆ ସୋପାନକୁ ନେଇ ଯାଇଛନ୍ତି। ଏ କ୍ଷେତ୍ରରେ ଭେଙ୍କଟେଶ୍ ଦୀର୍ଘ ୧୭ ବର୍ଷର ଟାଇଟଲ ଶୂନ୍ୟତାକୁ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ଭାରତର ଅଭିଜିତ ଗୁପ୍ତା ଶେଷଥରପାଇଁ ୨୦୦୮ରେ ଚାମ୍ପିୟନ ହୋଇଥିଲେ। ଏଥର ପ୍ରତିଯୋଗିତାରେ ୬୩ଟି ଦେଶରୁ ୧୨ ଗ୍ରାଣ୍ଡମାଷ୍ଟରଙ୍କୁ ମିଶାଇ ୧୫୭ ଖେଳାଳି ଅଂଶଗ୍ରହଣ କରିଥିଲେ। ମାତ୍ର ଶେଷରେ ଜଣେ ଭାରତୀୟ ହିଁ ବିଜୟ ମୁକୁଟ ପିନ୍ଧିଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଭେଙ୍କଟେଶ୍ ୯ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ୭ଟି ମ୍ୟାଚ ଜିତିଥିବାବେଳେ ଅନ୍ୟ ୪ଟି ମ୍ୟାଚ ଡ୍ର ରଖିଛନ୍ତି। ଅର୍ଥାତ୍ ସେ ଗୋଟିଏ ହେଲେ ମ୍ୟାଚ ନ ହାରି ଟାଇଟଲ ହାସଲ କରିଛନ୍ତି। ଗୁକେଶ ଓ ଆର. ପ୍ରଜ୍ଞାନନ୍ଦଙ୍କ ପରି ଭେଙ୍କଟେଶ୍ ମଧ୍ୟ ୱେଷ୍ଟବ୍ରିଜ୍ ଆନନ୍ଦ ଚେସ୍ ଏକାଡେମୀରେ ପ୍ରଶିକ୍ଷଣ ନେଇ ଏହି ସଫଳତା ପାଇଛନ୍ତି। ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କସହ ବିଭିନ୍ନ ମହଲରୁ ଭେଙ୍କଟେଶ୍‌ଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି।

# ଅରବିନ୍ଦ ଜିତିଲେ ପ୍ରାଗ୍ ମାଷ୍ଟର୍ସ ଚେସ୍

**ପ୍ରାଗ୍, ୭।୩ (ପି.ଟି.):** ଚେସ୍ ଖେଳରେ ଭାରତର ଆଧିପତ୍ୟ ଜାରି ରହିଛି। ଗ୍ରାଣ୍ଡମାଷ୍ଟର ଅରବିନ୍ଦ ଚିଦାମ୍ବରମ ନିଜ ଦେଶର ଆର. ପ୍ରଜ୍ଞାନନ୍ଦଙ୍କୁ ପଛରେ ପକାଇ ଏଠାରେ ଚାଲିଥିବା ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ୨୫ ବର୍ଷୀୟ ଅରବିନ୍ଦ ଶୁକ୍ରବାର ପ୍ରତିଯୋଗିତାର ୯ମ ତଥା ଅନ୍ତିମ ରାଉଣ୍ଡରେ ତୁର୍କୀର ଗୁରେଲ ଏଦିଜଙ୍କ ବିପକ୍ଷ ଗେମ୍ ଡ୍ର ରଖି ୬ ପଏଣ୍ଟ ସହ ତାଙ୍କର ଅଭିଯାନ ଶେଷ କରିବା ସହ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ପ୍ରଥମ ପ୍ରମୁଖ ଟାଇଟଲ। ଅନ୍ୟପକ୍ଷରେ ବିଶ୍ୱର ୮ ନମ୍ବର ପ୍ରଜ୍ଞାନନ୍ଦ ଡଚ୍ ଖେଳାଳି ଆନିଶ ଗିରିଙ୍କଠାରୁ ପରାଜିତ ହେବା ପରେ ୫ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାମିଲନାଡୁର ଅରବିନ୍ଦ ସମ୍ଭାବ୍ୟ ୯ ପଏଣ୍ଟରୁ ୬ ପଏଣ୍ଟ ଅର୍ଜନ କରିଥିଲେ। ଟୁର୍ନାମେଣ୍ଟରେ ସେ ୩ଟିଗେମ୍‌ରେ ବିଜୟ ଲାଭ କରିଥିବା ବେଳେ ୬ଟି ଡ୍ର ରଖିବାରେ ସମର୍ଥ ହୋଇଥିଲେ। ପ୍ରଜ୍ଞାନନ୍ଦ ୫ ପଏଣ୍ଟ ସହ ତାଙ୍କ ଅଭିଯାନ ଶେଷ କରିଥିଲେ। ଗିରି ଓ ଟପ୍ ସିଡ ତଥା ଚାଇନାର ୱି ୟି' ମଧ୍ୟ ୫ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ।

# ଜୟ ପ୍ରକାଶଙ୍କୁ ଡବଲ ଟାଇଟଲ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ୍ସ ଆଣ୍ଡ କଣ୍ଟ୍ରି କ୍ଲବ ପରିସରରେ ୨.୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ମେଜର ସନ୍ଦୀପ ସ୍ମାରକୀ ସର୍ବଭାରତୀୟ ପୁରୁଷ ର୍‍ୟାଙ୍କିଙ୍ଗ୍ ଟେନିସ ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଛି। ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଏମ୍ଓଏସ୍ଏଫ୍), ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଏବଂ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି

**ସନ୍ଦୀପ ସ୍ମାରକୀ ସର୍ବଭାରତୀୟ ଟେନିସ**

ପ୍ରତିଯୋଗିତାରେ ତାମିଲନାଡୁର ଓଗେସ ଥ୍ୟୋଜୋ ଜୟ ପ୍ରକାଶ ଡବଲ ଟାଇଟଲ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ସେ ଟପ୍ ସିଡ୍ ହରିୟାଣାର ଉଦିତ କାମ୍ବୋଜଙ୍କୁ ୬-୨, ୩-୬, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସ ଫାଇନାଲରେ ତାମିଲନାଡୁର କେଭିନ କାର୍ତ୍ତିକ କେ.ଏସ. ଓ ଓଡ଼ିଶାର ଚିନ୍ମୟ ପ୍ରଧାନ ଯୋଡ଼ି ଆହତ ସମସ୍ୟା ଯୋଗୁ ଓହରି ଯିବାରୁ ଜୟ ପ୍ରକାଶ ଓ କର୍ଣ୍ଣାଟକର ଶେଖ ମହମ୍ମଦ ଇଫତିକାରଙ୍କ ଯୋଡ଼ି ଚାମ୍ପିୟନ ହୋଇଥିଲେ। ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ପ୍ରବୋଧ ମହାନ୍ତି, ସ୍ୱର୍ଗତ ସନ୍ଦିପ ମହାପାତ୍ରଙ୍କ ଭାଇ ସଞ୍ଜୀବ ମହାପାତ୍ର, ଗୁରୁକୁଳ ରିସର୍ଟ୍ସ ଆଣ୍ଡ କଣ୍ଟ୍ରି କ୍ଲବର ପ୍ରତିଷ୍ଠାତା ପ୍ରତାପ କୁମାର ପ୍ରଧାନ, ନିର୍ଦ୍ଦେଶକ ପ୍ରଦୀପ କୁମାର ପ୍ରଧାନ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପୁଷ୍ପିତା ପଣ୍ଡା ପ୍ରଧାନ ଓ ଏଆଇଟିଏ ସୁପରଭାଇଜର ପ୍ରବୀଣ କୁମାର ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ମହିଳା ଟେନିସ ଖେଳାଳିଙ୍କୁ ମିଳିବ ପ୍ରସୂତିକାଳୀନ ଆର୍ଥିକ ସହାୟତା

**ୱାଶିଂଟନ, ୭।୩ (ଏପି):** ମହିଳା ଟେନିସ ଟୁର୍‌ରେ ଏଣିକି ଗର୍ଭବତୀ ଖେଳାଳିମାନେ ୧୨ ମାସ ପ୍ରସୂତିକାଳୀନ ଛୁଟି ସହ ଆର୍ଥିକ ସହାୟତା ପାଇପାରିବେ। ଅନ୍ୟପକ୍ଷରେ ଯେଉଁ ପିତାମାତାମାନେ ସରୋଗାସି ପଦ୍ଧତି ଜରିଆରେ ସନ୍ତାନ ଲାଭ କରିବେ ଅବା ପୋଷ୍ୟ ସନ୍ତାନ ଗ୍ରହଣ କରିବେ। ସେମାନଙ୍କୁ ୨ ମାସ ଛୁଟି ସହ ଆର୍ଥିକ ସହାୟତ ନେଇ ପାରିବେ। ପବ୍ଲିକ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ୍ ଅଫ୍ ଆଉଦି ଆରବ ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ରହିଥିବା ଓମେନ୍ସ ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ତରଫରୁ ଗୁରୁବାର ଏ ବିଷୟ ଘୋଷଣା କରାଯାଇଛି। ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ପାଣ୍ଠି ପାଇଁ ଯୋଗ୍ୟ, ଯାହା ପିଛିଲା ଜାନୁଆରୀ ୧ରୁ ଲାଗି ହେବ। ହେଲେ ଏହି ପ୍ରୋଗ୍ରାମ ଅଧୀନରେ ଜଣେ ଖେଳାଳିଙ୍କୁ କେତେ ପରିମାଣରେ ଆର୍ଥିକ ସହାୟତା ମିଳିବ ଡବ୍ଲ୍ୟୁଟିଏ ତରଫରୁ ତାହା ସ୍ପଷ୍ଟ କରାଯାଇ ନାହିଁ।

# ଚୟନ ଟ୍ରାଏଲ୍ସ ପାଇଁ ଓଡ଼ିଶାରୁ ୩ ମନୋନୀତ

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ୪ର୍ଥ ବିଏଫ୍ଏ ଏସିଆ କପ୍ ମହିଳା ବେସ୍‌ବଲ ଟୁର୍ନାମେଣ୍ଟ ଏପ୍ରିଲ ୨୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ମହିଳା ବେସ୍‌ବଲ ଦଳର ଚୟନ ଟ୍ରାଏଲ୍ସ ଚଳିତ ମାସ ୮ ଓ ୯ ତାରିଖ ଦୁଇଦିନଧରି ପଞ୍ଜାବର ସଙ୍ଗ୍ରୁରଠାରେ ହେବ।

**ଏସିଆ କପ୍ ମହିଳା ବେସ୍‌ବଲ୍**

ଏହି ଟ୍ରାଏଲ୍ସ ପାଇଁ ଓଡ଼ିଶାର ୩ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଦୀପା ମାଝି, ଧରିତ୍ରୀ ସିଂ ଓ ମମତା ସିଂ। ଏହି ୩ ଖେଳାଳି କିଟ୍ ଓ କିସ୍‌ରେ ଅଧ୍ୟୟନରତ। ବେସ୍‌ବଲ୍ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ଶିବାନନ୍ଦ ପ୍ରଧାନ, ବରିଷ୍ଠ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମନୋନୀତ ୩ ଖେଳାଳି।

# ହରମନପ୍ରୀତ୍‌ଙ୍କୁ ଜରିମାନା

**ଲକ୍ଷ୍ନୌ, ୭।୩ (ପି.ଟି.):** ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହରମନପ୍ରୀତ୍ କୌରଙ୍କୁ ଶୁକ୍ରବାର ତାଙ୍କ ମ୍ୟାଚ୍ ଫିର ୧୦ ପ୍ରତିଶତ ଜରିମାନା ହୋଇଛି। ଗୁରୁବାର ସ୍ଥାନୀୟ ଏକ୍‌ନା କ୍ରିକେଟ ଷ୍ଟାଡିୟମରେ ୟୁପି ୱାରିଅର୍ଜ ବିପକ୍ଷ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିର ଅସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ସେ ଆଚରଣ ସଂହିତାର ଉଲ୍ଲଂଘନ କରିଥିଲେ। ଉତ୍ତରପ୍ରଦେଶ ୱାରିୟର୍ଜ ଇନିଂସର ୧୯ତମ ଓଭର ଶେଷରେ ଏହି ଘଟଣା ଘଟିଥିଲା। ଏକ ସ୍ଲୋ ଓଭର ରେଟ୍ ପାଇଁ ଫାଇନାଲ ଓଭରରେ ସର୍କଲ ବାହାରେ କେବଳ ୩ଜଣ ଫିଲ୍ଡରଙ୍କୁ ମୁତୟନ କରିବା ଲାଗି ହରମନପ୍ରୀତ୍‌ଙ୍କୁ ଅମ୍ପାୟର ଅଜିତେଶ ଅର୍ଗାଲ କହିଥିଲେ। ମାତ୍ର ଅମ୍ପାୟରଙ୍କ ଏହି ରୁଲିଂରେ ହରମନପ୍ରୀତ ଖୁସ ନ ଥିବା ଦେଖିବାକୁ ମିଳିଥିଲା। ସେ ଏବିଷୟ ନେଇ ଅମ୍ପାୟରଙ୍କ ସହିତ କିଛି ସମୟ ଯୁକ୍ତିତର୍କ କରିଥିଲେ। ସାଥୀ ଖେଳାଳି ଆମେଲିଆ କେର୍ ଆସି ତାଙ୍କ ସହିତ ଆଲୋଚନାରେ ଯୋଗଦେଇଥିଲେ। ହରମନପ୍ରୀତ୍ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଆଚରଣବିଧି ଅନୁଚ୍ଛେଦ-୧ର ଧାରା ୨.୮ର ଉଲ୍ଲଂଘନ କରିଥିବା ସ୍ୱୀକାର କରିଥିଲେ। ଅନୁଚ୍ଛେଦ-୧ର ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ। ମ୍ୟାଚ ବେଳେ ହରମନପ୍ରୀତ୍‌ଙ୍କ ଆହୁରି ମଧ୍ୟ ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ ଛିଡ଼ା ହୋଇଥିବା ଉତ୍ତର ପ୍ରଦେଶ ୱାରିଅର୍ଜର ସୋଫି ଏକ୍ଲେଷ୍ଟୋନ୍‌ଙ୍କ ସହିତ ଏକ ବଚସା ହୋଇଥିଲା। ଏହି ପ୍ରସଙ୍ଗରେ ଇଂଲିଶ କ୍ରିକେଟର ଅମ୍ପାୟରଙ୍କ ନିକଟକୁ ଯାଇ କିଛି କହୁଥିବା ଲକ୍ଷ୍ୟ କରାଯାଇଥିଲା। ଜବାବରେ ହରମନପ୍ରୀତ ପ୍ରତିକ୍ରିୟାଶୀଳ ହୋଇ ଏକ୍ଲେଷ୍ଟୋନ୍‌ଙ୍କ ନିକଟକୁ ଯାଇ ତାଙ୍କୁ ବିରତ ରହିବା ଲାଗି କହୁଥିବା ଦେଖିବାକୁ ମିଳିଥିଲା। ଫଳତଃ ସ୍କୋୟାର ଲେଗ୍ ଅମ୍ପାୟର ଏନ୍ ଜନନୀ ଓ ଉତ୍ତର ପ୍ରଦେଶ ୱାରିଅର୍ଜ ଅଧିନାୟିକା ଦୀପ୍ତି ଶର୍ମା ସେଠାରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଶାନ୍ତ କରାଇଥିଲେ।

# ପ୍ରଗତି-ପାରାମାଉଣ୍ଟ ଫାଇନାଲ

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଶେଷ ହୋଇଛି। ରବିବାର ପାରାମାଉଣ୍ଟ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ

**ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ**

ପାରାମାଉଣ୍ଟ ଫାଇନାଲରେ ପ୍ରବେଶ କରିଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ୩୨ ରନରେ ଆୟୋଜକ ଟାଉନ୍ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପ୍ରଗତି ୩୫ ଓଭରରେ ୮ ଉଇକେଟ ହରାଇ ୧୮୧ ରନ କରିଥିଲା। ରଘୁନାଥ ମଲ୍ଲ ସର୍ବାଧିକ ୫୯ ଓ ଅଂଶୁମାନ ବେଜ୍ ୨୩ ରନ କରିଥିଲେ। ବିପକ୍ଷ ଦଳର ବାଦଲ ଭୋଳ, ଶୁଭ ସଙ୍କେତ ଧଳ ଓ ଦୀପକ ମାଝି ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୨ ରନର ବିଜୟ ଲକ୍ଷ୍ୟରେ ଟାଉନ୍ କ୍ଲବ ୨୯



ରଘୁନାଥ ମଲ୍ଲଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଓଭରରେ ୧୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରାକେଶ କୁମାର ବାରିକ ସର୍ବାଧିକ ୩୩ ରନ କରିଥିଲେ। ବିଜୟୀ ଦଳର ରଘୁନାଥ ମଲ୍ଲ ହ୍ୟାଟ୍ରିକ ଅର୍ଜନ ସହ ୫ ଓଭରରେ ମାତ୍ର ୧୪ ରନ ଦେଇ ୫ ଉଇକେଟ ହାସଲ କରିଥିଲେ। ଅମିତ ରଞ୍ଜନ କର ୨ଟି ଉଇକେଟ ନେଇଥିଲେ। ଉଦ୍ୟୋଗପତି ଦିଲୀପ କୁମାର ଜେନା ଓ କର୍ପୋରେଟର ଶିବ ପ୍ରସାଦ ବେହେରା ଅତିଥିଭାବେ ଯୋଗଦେଇ ରଘୁନାଥ ମଲ୍ଲଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶୀଲ ପରିଡ଼ା ଓ ଅଜୟ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ଶନିବାର ଟାଉନ୍ କ୍ଲବ ଭେଟେରାନ୍ସ ଓ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଓସ୍‌ଜା) ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ହେବ।

# ଦୁଇଦିନିଆ ଚିନ୍ତନ ଶିବିର ଆରମ୍ଭ

**ନୂଆଦିଲ୍ଲୀ,୭।୩ (ପି.ଟି.)**

ଲସଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ଲାଗି ଭାରତର ପ୍ରସ୍ତୁତିକୁ ମୂଲ୍ୟାୟନ କରିବା ଲାଗି ଦୁଇ ଦିନିଆ ଚିନ୍ତନ ଶିବିର ଆୟୋଜନ କରାଯାଇଛି। ଏଥିରେ ଯୋଗଦାନ କରି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶିବିରର ପ୍ରଥମ ଦିବସ ଶୁକ୍ରବାର ପ୍ରତିଭା ଚିହ୍ନଟ, ଆଧୁନୀକ କୋଚିଂ ପ୍ରଣାଳୀ, ଭିତ୍ତିଭୂମିର ବିକାଶ ଓ କ୍ରୀଡ଼ାର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ୨୦୩୬ ଅଲିମ୍ପିକ ଗେମ୍ସ ଆୟୋଜନ ଲାଗି ଭାରତର ବିଡ୍‌କୁ ମଜଭୁତ କରିବା ଏହି ଚିନ୍ତନ ଶିବିରର ଲକ୍ଷ୍ୟ। ଏହି ଶିବିରରେ ଅନେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କ୍ରୀଡ଼ା ମନ୍ତ୍ରୀ, ସିନିୟର କ୍ରୀଡ଼ା ପ୍ରଶାସକ, ସରକାରୀ ଅଧିକାରୀ ଓ ବିଭିନ୍ନ କ୍ରୀଡ଼ା ବିଶେଷଜ୍ଞ ଯୋଗ ଦେଇଥିଲେ। କ୍ରୀଡ଼ା କ୍ଷେତ୍ରରେ ମହାଶକ୍ତି ଭାବେ ଭାରତର ଉଦୟ କରିବା

**ଲସଏଞ୍ଜେଲ୍ସ ଅଲିମ୍ପିକ୍ସ ପ୍ରସ୍ତୁତି**

**ପ୍ରତିଭା ଚିହ୍ନଟ, କୋଚିଂ, ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ**

ପାଇଁ ରୋଡ-ମ୍ୟାପ ପ୍ରସ୍ତୁତ କରାଯାଉଛି।

ଚିନ୍ତନ ଶିବିର ଏକ ଫୋରମ ଯାହାକି ଆମକୁ ଅଲିମ୍ପିକ୍ସ ଆୟୋଜନ କରିବାର ସ୍ୱପ୍ନ ପୂରଣ କରିବା ଦିଗରେ ସହଯୋଗ କରୁଛି ବୋଲି କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ କହିଛନ୍ତି। ଏହି ଶିବିରରେ ଜମ୍ମୁ-କଶ୍ମୀର, ଓଡ଼ିଶା, ହରିୟାଣା, ବିହାର, କେରଳ, ଉତ୍ତରାଖଣ୍ଡ, ଗୁଜରାଟ ଓ ଉତ୍ତର ପ୍ରଦେଶର ପ୍ରତିନିଧି ଯୋଗ ଦେଇଥିଲେ। କ୍ରୀଡ଼ାରେ ଭାରତକୁ ମହାଶକ୍ତି କରିବାକୁ ହେଲେ ଏକତ୍ରିତ ପ୍ରୟାସ ଜରୁରୀ। ବୈଜ୍ଞାନିକ ଉପାୟରେ ଆମକୁ ପ୍ରତିଭା ଚିହ୍ନଟ ଓ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଖେଲୋ ଇଣ୍ଡିଆ ଅଧୀନରେ ବିଚ୍ ଗେମ୍ସ, ୱାଟର ସ୍ପୋର୍ଟ୍ସ ଓ ସ୍ୱଦେଶୀ ଖେଳକୁଦ ଭଳି ନୂଆ ପ୍ରତିଯୋଗିତା ସାମିଲ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଉପସ୍ଥିତ ପ୍ରତିନିଧିମାନେ ନିରପେକ୍ଷ ଚୟନ ପ୍ରକ୍ରିୟା ଲାଗି ଜାତୀୟ କ୍ରୀଡ଼ା ଫେଡେରେଶନ(ଏନ୍ଏସ୍ଏଫ)ରେ ଅଧିକ ସ୍ୱଚ୍ଛତାର ଆବଶ୍ୟକା ଥିବା କହିଥିଲେ। ଆଲୋଚନାର ବିଷୟ ବସ୍ତୁରେ ଭିତ୍ତିଭୂମି ବିକାଶକୁ ମଧ୍ୟ ସାମିଲ କରାଯାଇଥିଲା। ଏଥିରେ ଆହୁରି ମଧ୍ୟ ତୃଣ ମୂଳ ସ୍ତରରେ ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣ ପ୍ରଦାନ କରିବା ଲାଗି ବର୍ତ୍ତମାନ ଥିବା ସ୍କୁଲଗୁଡ଼ିକୁ ଜିଲା ସ୍ତରୀୟ ସ୍ପୋର୍ଟ୍ସ ସ୍କୁଲ୍ସ (ଡିଏଲଏସଏସ) ଭାବେ ବିକଶିତ କରାଯିବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ